# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 3/2025 | Page 16 | ₹ 7.00

୫୧ଶ ଭାଗ ୨୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 249 | ମୂଲ୍ୟ₹୭/-






KP GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
No Tobacco, No Nicotine
• Not recommended for minors
• Chewing of pan masala is injurious to health



**ଭାରତୀୟ ପର୍ଯ୍ୟଟକଙ୍କୁ କଙ୍ଗନାଙ୍କ ସମାଲୋଚନା**

ଭାରତୀୟ ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥଳର ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉ ନ ଥିବା କହି ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାୱତ୍ ଅସନ୍ତୋଷ ପ୍ରକାଶ କରିଛନ୍ତି।

୧୦

୧୪

**ଜୟସ୍ୱାଲଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ୫ମ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ।





ଶନିବାର ସକାଳେ ଲଗାତର ଦ୍ୱିତୀୟ ଦିନ ପାଇଁ ଇଣ୍ଡୋନେସିଆର ସବୁଠାରୁ ସକ୍ରିୟ ଆଗ୍ନେୟଗିରି ମାଉଣ୍ଟ ଲେୱୋଟୋବି ଲାକି-ଲାକିରେ ଉଦ୍‌ଗିରଣ ହୋଇଛି। ୧୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ଆକାଶରେ ନିଆଁ ସହ ପାଉଁଶ ଉଡୁଥିବା ଦେଖିବାକୁ ମିଳିଥିଲା।

# ଆପୋସ ସମାଧାନ ମୁହାଁ ମହାନଦୀ ଜଳ ବିବାଦ

## ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୨।୮ (ରାମ ଚନ୍ଦ୍ର ନାଥ)



ମହାନଦୀ ଜଳ ବିବାଦର ସମାଧାନ ନେଇ ଓଡ଼ିଶା ଓ ଛତିଶଗଡ଼ ଆପୋସ ଆଲୋଚନା ମାଧ୍ୟମରେ ନେଉଥିବା ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ଶନିବାର ଦୁଇ ରାଜ୍ୟର ପ୍ରତିନିଧି ଟ୍ରିବ୍ୟୁନାଲକୁ ଜଣାଇଛନ୍ତି। ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ, ବିଚାରପତି ରବି ରଞ୍ଜନ ଏବଂ ବିଚାରପତି ଇନ୍ଦ୍ରମିତ କୌର କୋଚରଙ୍କୁ ନେଇ ଗଠିତ ପୀଠରେ ଶୁଣାଣି ସମୟରେ ଓଡ଼ିଶା ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଏବଂ ଅନ୍ୟ ୧୩ ଜଣ ଓକିଲଙ୍କୁ ନେଇ ଏକ ଟିମ୍ ଉପସ୍ଥିତ ରହିଥିଲେ। ଟ୍ରିବ୍ୟୁନାଲରେ ଏଜି ଆଚାର୍ଯ୍ୟ କହିଥିଲେ ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ମାସ ୨୫ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ କରି ମହାନଦୀ ଜଳ ବିବାଦର ଆପୋସ ସମାଧାନ ନିମନ୍ତେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବ ପଠାଇଥିଲେ। ଓଡ଼ିଶାର ଏହି ପ୍ରସ୍ତାବକୁ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଜଳ ବିବାଦର ଆପୋସ ସମାଧାନ ଉପରେ ଚିନ୍ତା କରାଯାଉଛି ବୋଲି ଅଗଷ୍ଟ ୧ ତାରିଖରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ସାଇ ଜଣାଇଛନ୍ତି। ଏଥିସହିତ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ରାଜନୈତିକସ୍ତରରେ ଆଲୋଚନା କରି ଆପୋସ ବୁଝାମଣା ଦିଗରେ କଥା ଆଗକୁ ବଢ଼ିଥିବାରୁ ସମାଧାନ ପାଇଁ ଉଭୟ ପକ୍ଷ ରାଜିଥିବା ଶୁଣାଣି ସମୟରେ ଏଜି ଆଚାର୍ଯ୍ୟ କହିଥିଲେ। ଓଡ଼ିଶା ଏଜିଙ୍କ ଏହି ତଥ୍ୟକୁ ଛତିଶଗଡ଼ ପକ୍ଷରୁ ମାମଲା ପରିଚାଳନା କରୁଥିବା ସିନିୟର ଆଡଭୋକେଟ ଏ.କେ. ଗାଙ୍ଗୁଲି ମଧ୍ୟ ସହମତ ହୋଇଥିଲେ। ଟ୍ରିବ୍ୟୁନାଲ କହିଥିଲେ ଯେ, ଯେହେତୁ ଉଭୟ ପକ୍ଷ ଆପୋସ ସମାଧାନ କରିବାକୁ ଅଗ୍ରସର ହେଉଛନ୍ତି, ତେଣୁ ସେପ୍ଟେମ୍ବର ୬ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ସେହି ଦିନ ଉଭୟ ରାଜ୍ୟର ମୁଖ୍ୟଶାସନ ସଚିବ ଉପସ୍ଥିତ ରହିବାକୁ ଟ୍ରିବ୍ୟୁନାଲ୍ କହିଛନ୍ତି। ଟ୍ରିବ୍ୟୁନାଲ ବାହାରେ ଆଡଭୋକେଟ ଜେନେରାଲ ଆଚାର୍ଯ୍ୟ ଖବରଦାତାଙ୍କୁ କହିଥିଲେ, ପୂର୍ବ ବିଜେଡି ସରକାର ମହାନଦୀ ପ୍ରସଙ୍ଗକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିବାକୁ ଯାଇ ପ୍ରାୟ ୩୦ କୋଟି ଟଙ୍କା ରାଜ୍ୟ ରାଜସ୍ୱରୁ ଅଯଥା ବ୍ୟୟ କରିସାରିଛନ୍ତି। ଏପର୍ଯ୍ୟନ୍ତ କୋର୍ଟ ମାଧ୍ୟମରେ କୌଣସି ଜଳ ବିବାଦର ତ୍ୱରିତ ସମାଧାନ ହେବା ଦେଖାଯାଇ ନାହିଁ। ଅଦାଲତ ବାହାନାରେ ରାଜ୍ୟର ଅର୍ଥକୁ ଅଯଥା ଅପବ୍ୟୟ କରିବାକୁ ଆମେ ଚାହୁଁ ନାହୁଁ। ଏହି ବିବାଦ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଦ୍ୱାରା ସମାଧାନ ହୋଇଯିବା ନେଇ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଆଖିବୁଜିଲେ ବଳଙ୍ଗା ପୀଡ଼ିତା

ଜୁଲାଇ ୧୯ରେ ପୋଡ଼ିହୋଇ ଗୁରୁତର ହୋଇଥିବା ପୁରୀ ଜିଲା ବଳଙ୍ଗା ଥାନା ବାୟାବର (ନୂଆ ଗୋପାଳପୁର) ଗ୍ରାମର ୧୫ ବର୍ଷୀୟା ନାବାଳିକା ସମିଦା ଖାତୁନଙ୍କ ଶନିବାର ନୂଆଦିଲ୍ଲୀ ଏମ୍‌ସରେ ମୃତ୍ୟୁ ଘଟିଛି। ତାଙ୍କ ଦେହରେ ୩ଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ସେହି ସମୟରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ତାଙ୍କ ମୃତ୍ୟୁର କିଛି ସମୟ ପରେ ଏହି ଘଟଣା ଭିନ୍ନ ମୋଡ଼ ନେଇଛି। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରୁଥିବାବେଳେ ଏଥିରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ଓଡ଼ିଶା ପୋଲିସ 'X'ରେ ସୂଚନା ଦେଇଛି। ଏହାପରେ ସମିଦାଙ୍କ ବାପା ହିମତ ଅଲ୍ଲୀ ଏକ ଭିଡିଓ ବାର୍ତ୍ତାରେ ତାଙ୍କ ଝିଅ ମାନସିକ ଦୁଶ୍ଚିନ୍ତା ଯୋଗୁ ନିଜ ଜୀବନ ହାରିଥିବା କହିଛନ୍ତି। ଏହାସହ ସରକାରଙ୍କ ତରଫରୁ ସମସ୍ତ ସହଯୋଗ ମିଳିଥିବା କହିବା ସହ ତାଙ୍କ ଝିଅର ମୃତ୍ୟୁକୁ ନେଇ ରାଜନୀତି ନ କରିବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକବର୍ଦ୍ଧନ ସିଂଦେଓ ଶୋକପ୍ରକାଶ କରିଛନ୍ତି। ହେଲେ ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ୭ ଦିନ ମଧ୍ୟରେ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଧରାଯାଇ ନ ଥିଲେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି।



ସମିଦା ଖାତୁନ

- ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନାହିଁ: ପୋଲିସ
- ଝିଅ ମାନସିକ ଦୁଶ୍ଚିନ୍ତାରେ ଜୀବନ ହାରିଛି: ବାପା

ଭୁବନେଶ୍ୱର/ବଳଙ୍ଗା,୨।୮ (ସୁନିତ୍ ମିଶ୍ର/କେଦାରେଶ୍ୱର ନନ୍ଦ)

**ଦୋଷୀଙ୍କୁ ୭ ଦିନରେ ନ ଧରିଲେ ଆନ୍ଦୋଳନ: ବିଜେଡି, କଂଗ୍ରେସ**

ଜୁଲାଇ ୧୯ ଶନିବାର ବଳଙ୍ଗା ନାବାଳିକା ସମିଦା ଖାତୁନ ପୋଡ଼ି ହୋଇ ଗୁରୁତର ହୋଇପଡ଼ିବା ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। କାରଣ ଏହାର ୭ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୧୨ ଶନିବାର ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜଣେ ଅଧ୍ୟାପକଙ୍କ ଦ୍ୱାରା ଯୌନ ନିର୍ଯାତନାରେ ଅତିଷ୍ଠ ହୋଇ ଆତ୍ମାହୁତି ଉଦ୍ୟମ କରିଥିଲେ। ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ରାଜ୍ୟ ସରକାରଙ୍କୁ ବିରୋଧୀ ବିଜେଡି ଓ କଂଗ୍ରେସ ଘେରିଥିଲେ। ଲୋକଙ୍କ ମଧ୍ୟରେ ଏହି ଘଟଣା ତାଜା ଥିବାବେଳେ ବଳଙ୍ଗା ଅଞ୍ଚଳର ଏହି ନାବାଳିକା ସମିଦାଙ୍କୁ ୩ଜଣ ଦୁର୍ବୃତ୍ତ କିରୋସିନ ଢାଳି ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ରାଜ୍ୟରେ ନାରୀ ସୁରକ୍ଷା ଏବଂ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଅଭିଯୋଗ କରିବା ସହ ସରକାରଙ୍କୁ ଘେରିବା ଜାରି ରଖିଛନ୍ତି।

ଘଟଣା ଦିନ ଅର୍ଥାତ୍ ଜୁଲାଇ ୧୯ରେ ବଳଙ୍ଗା ଥାନାରେ ନାବାଳିକା ସମିଦାଙ୍କ ମା' କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଉକ୍ତଦିନ ସକାଳ ୮ଟାରେ ବହିଦେବା ପାଇଁ ବଡ଼ବାପାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ସମିଦାଙ୍କୁ ଅପହରଣ କରି ତେରହଳ ନିକଟସ୍ଥ ଭାର୍ଗବୀ ନଦୀବନ୍ଧ ତଳକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ପୋଡ଼ି ମାରବାକୁ ଦୁର୍ବୃତ୍ତମାନେ ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସମିଦା ଦୁର୍ବୃତ୍ତଙ୍କ କବଳରୁ ଖସି ଆସି ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଚିତ୍କାର କରି ରକ୍ଷା କର ବୋଲି କହିଥିଲେ। ଦୁଃଖିଶ୍ୟାମ ତତ୍‌କ୍ଷଣାତ ତାଙ୍କୁ ଉଦ୍ଧାର କରି ଆଉ ଏକ ଡ୍ରେସ୍ ପିନ୍ଧାଇବା ସହିତ ପାଣି ପିଇବାକୁ ଦେଇଥିଲେ। ଏହାସହ ୩ଜଣ ଦୁର୍ବୃତ୍ତ ସମିଦାଙ୍କୁ ଅପହରଣ କରି ମାରିଦେବାକୁ ☞ପୃଷ୍ଠା-୨

**ଓଡ଼ିଶାର ୩୫ ଲକ୍ଷ କୃଷକଙ୍କୁ ମିଳିଲା ୬୯୭ କୋଟି (ପିଏମ୍‌କିଷାନ) ସହାୟତା**

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

**ଆମେ ପାଇଛୁ କ'ଣ**

# ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନ ଥିବା ପିଲାଙ୍କୁ ମିଳିବ ଫଳ

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

ସ୍କୁଲ ମଧ୍ୟାହ୍ନଭୋଜନରେ ଏଣିକି ଫଳ ମିଳିବ। ପିଏମ୍ ପୋଷଣ ଯୋଜନାରେ ଆମିଷ ଖାଉ ନ ଥିବା ଛାତ୍ରୀଛାତ୍ରଙ୍କୁ ଅଣ୍ଡା ବଦଳରେ ଫଳ ଦିଆଯିବ। ଭୋଜନରେ ଋତୁକାଳୀନ ଫଳ ଯୋଗାଇ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କୁ ପିଏମ୍ ପୋଷଣ ନୋଡାଲ ଅଫିସର ଚିଠି ଲେଖିଛନ୍ତି। ତେଣୁ ଅଣ୍ଡା ଖାଉ ନ ଥିବା ପିଲାଙ୍କ ଖାଦ୍ୟରେ କଦଳୀ, ସେଓ ଆଦି ସାମିଲ କରାଯିବ। ଶିଶୁବାଟିକାରୁ ଦଶମ ଶ୍ରେଣୀ ଯାଏ ପିଲାଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେବ। ଏହି ପରିବର୍ତ୍ତନ ଛାତ୍ରୀଛାତ୍ର ଏବଂ ମାତାପିତାଙ୍କ ମଧ୍ୟରେ ସ୍କୁଲରେ ଉପସ୍ଥାନ ବଢାଇବାରେ ସହାୟକ ହେବ। ଫଳରେ ଥିବା ଭିଟାମିନ, ଖଣିଜ ଓ ଫାଇବର ପିଲାଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ସହାୟକ ହେବ। ଅନ୍ୟପଟେ ଭାତ ସହ ପିଲା କିପରି କେବଳ ଫଳ ଖାଇବେ ବୋଲି ଅନେକ ଅଭିଭାବକ ପ୍ରଶ୍ନ କରିଛନ୍ତି।

# ବଳାତ୍କାର ମାମଲାରେ ପ୍ରଜ୍ୱଳ ରେଭନ୍ନାଙ୍କୁ ଆଜୀବନ ଜେଲ



ବେଙ୍ଗାଲୁରୁ,୨।୮ (ପି.ଟି.)

ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ପୂର୍ବତନ ଏମ୍‌ପି ତଥା ଜେଡିଏସ୍‌ର ନିଲମ୍ବିତ ନେତା ପ୍ରଜ୍ୱଳ ରେଭନ୍ନାଙ୍କୁ ସ୍ୱତନ୍ତ୍ର ଅଦାଲତ ଶନିବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟର ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ ତାଙ୍କ ଉପରେ ମୋଟ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ୩୪ ବର୍ଷୀୟ ପ୍ରଜ୍ୱଳଙ୍କ ନାମରେ ୪ଟି ଯୌନ ନିର୍ଯାତନା ଓ ବଳାତ୍କାର ମାମଲା ରହିଥିବାବେଳେ ସେଥିରୁ ଗୋଟିଏ ମାମଲାରେ ଶୁକ୍ରବାର ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ପ୍ରଜ୍ୱଳଙ୍କ ପରିବାରର ଫାର୍ମ ହାଉସ୍‌ରେ କାର୍ଯ୍ୟ କରୁଥିବା ୪୮ ବର୍ଷୀୟ ସହାୟିକାଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ☞ପୃଷ୍ଠା-୨

# ଆତ୍ମାହୁତି: ମହିଳା ମୃତ, ପୁରୁଷବନ୍ଧୁ ଗୁରୁତର

## ପରକୀୟା ପ୍ରୀତିରୁ ଚରମ ନିଷ୍ପତ୍ତି ନେଇଥିବା ସନ୍ଦେହ

ବାରିପଦା,୨।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭିନ୍ନ ଭିନ୍ନ କାରଣକୁ ନେଇ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଆତ୍ମାହୁତି ଘଟଣା ଘଟିଚାଲିଥିବା ବେଳେ ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଞ୍ଚଳରେ ଜଣେ ମହିଳା ଓ ତାଙ୍କ ପୁରୁଷ ବନ୍ଧୁ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ପରକୀୟା ପ୍ରୀତିରୁ ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ମହିଳା ଜଣକ ୯୦% ପୋଡ଼ିଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଛି। ପୁରୁଷବନ୍ଧୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କରଞ୍ଜିଆ ଏସ୍‌ଡିପିଓ ନବକୃଷ୍ଣ ନାଏକ ଓ ଥାନାଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପେଟ୍ରୋଲ ଅଣାଯାଇଥିବା ଏକ ପାଣି ବୋତଲ ଜବତ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୨୫) ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ଡାକ୍ତରଖାନା ପଠାଇଛି। ମୃତ ମହିଳା ହେଲେ ରରୁଆଁ ଥାନା ଅଧୀନ ଖିଚିଂ ପଣସି ଅଞ୍ଚଳର ଭାରତୀ ପାତ୍ର(୩୪) ଓ ଗୁରୁତର ପୁରୁଷବନ୍ଧୁ ହେଲେ ରାଇରଙ୍ଗପୁର ଥାନା ଛନପାଳ ଗ୍ରାମର ହରିଶଙ୍କର ଆଚାର୍ଯ୍ୟ(୩୮)।

ଖିଚିଂସ୍ଥିତ ପଣସି ଗ୍ରାମରେ ଭାରତୀ ନିଜ ପରିବାର ସହ ରହୁଥିଲେ। ସେହି ଗ୍ରାମରେ ବିବାହ କରିଥିବା ରାଇରଙ୍ଗପୁର ଛନପାଳ ଅଞ୍ଚଳର ହରିଶଙ୍କର ☞ପୃଷ୍ଠା-୨

# ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ, ଡିଜେଲ ବିକିଲେ କାର୍ଯ୍ୟାନୁଷ୍ଠାନ

**ସବୁ ଜିଲାପାଳଙ୍କୁ ଯୋଗାଣ ସଚିବଙ୍କ ଚିଠି**

ଭୁବନେଶ୍ୱର,୨।୮ (ସୁନିତ୍ ମିଶ୍ର)

ପ୍ଲାଷ୍ଟିକ୍ ବୋତଲ ତଥା ନିଷିଦ୍ଧ କଣ୍ଟେନରରେ ପେଟ୍ରୋଲିୟମ ସାମଗ୍ରୀ ବିକ୍ରି, ଯୋଗାଣ, ସଂରକ୍ଷଣ ଓ ପରିବହନକୁ ରାଜ୍ୟ ସରକାର ନିଷିଦ୍ଧ କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ସଚିବ ସଞ୍ଜୟ କୁମାର ସିଂହ ରାଜ୍ୟର ସବୁ ଜିଲାପାଳଙ୍କୁ ଶୁକ୍ରବାର ପତ୍ର ଲେଖିଛନ୍ତି। ଉକ୍ତ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା ଲାଗି ସେ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ - ପ୍ଲାଷ୍ଟିକ୍ ବୋତଲ ଏବଂ ଅନୁମୋଦିତ ନ ଥିବା ପାତ୍ରରେ ବିକ୍ରି ଏବଂ ପରିବହନ କରାଯାଉଥିବା ସରକାରଙ୍କ ଦୃଷ୍ଟିଗୋଚର ☞ପୃଷ୍ଠା-୨

# ୩୦ ବର୍ଷର ପୁରୁଣା ଭ୍ରୂଣରୁ ଜନ୍ମନେଲା ଶିଶୁ

ୱାଶିଂଟନ,୨।୮

ଆମେରିକାର ଓହିଓଠାରେ ୩୦ ବର୍ଷ ତଳର ଏକ ଭ୍ରୂଣରୁ ଶିଶୁ ଜନ୍ମ ନେଇଛି। ତାହାର ନାମ ଥାଡିୟସ ଡାନିଏଲ ପିୟର୍ସ ରଖାଯାଇଛି। ୧୯୯୪ରେ ଏକ ଭ୍ରୂଣକୁ ବିକଶିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟବହାର କରିବା ଉଦ୍ଦେଶ୍ୟରେ ଏହାକୁ ଫ୍ରିଜରରେ ସଂରକ୍ଷିତ କରି ରଖାଯାଇଥିଲା। ଦୀର୍ଘ ୩୦ ବର୍ଷ ଧରି ସଂରକ୍ଷିତ ହୋଇ ରହିବା ପରେ ଉକ୍ତ ଭ୍ରୂଣରୁ ଥାଡିୟସ୍ ଜନ୍ମ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଓହିଓ ନିବାସୀ ଲିଣ୍ଡସେ (୩୪) ଏବଂ ଟିମ୍ ପିୟର୍ସ (୩୫) ହେଉଛନ୍ତି ଥାଡିୟସଙ୍କ ମାତାପିତା। ଗତ ଜୁଲାଇ ୨୬ରେ ଜନ୍ମ ହୋଇଥିବା ଥାଡିୟସ୍‌ଙ୍କ ଭ୍ରୂଣକୁ ୩୦ ବର୍ଷ ତଳେ ଏକ ସ୍ଥାନୀୟ ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍) କେନ୍ଦ୍ରରେ ବିକଶିତ କରାଯାଇଥିଲା। ସେବେଠାରୁ ଗତବର୍ଷ ନଭେମ୍ବର ପର୍ଯ୍ୟନ୍ତ ଉକ୍ତ ଭ୍ରୂଣ ଫ୍ରିଜରରେ ସଂରକ୍ଷିତ ହୋଇ ରହିଥିଲା।



ଜନ୍ମ ପରେ ଥାଡିୟସ୍ ସବୁଠୁ ବୟସ୍କ ଶିଶୁର ରେକର୍ଡ କରିଛନ୍ତି। ତାଙ୍କ ମା' ଲିଣ୍ଡସେ କହିଛନ୍ତି, ଯେତେବେଳେ ଭ୍ରୂଣର ବୟସ ସମ୍ପର୍କରେ ତାଙ୍କୁ କୁହାଯାଇଥିଲା, ତାହା ତାଙ୍କୁ ଅଜବ ଲାଗିଥିଲା। ସେ ଏବଂ ତାଙ୍କ ସ୍ୱାମୀ ଟିମ୍ କେବଳ ଏକ ଶିଶୁ ଚାହୁଁଥିଲେ। କୌଣସି ରେକର୍ଡ କରିବା ତାଙ୍କର ଲକ୍ଷ୍ୟ ନ ଥିଲା। ୭ ବର୍ଷ ଧରି ଗର୍ଭଧାରଣ ପାଇଁ ସଂଘର୍ଷ ପରେ ଉଭୟଙ୍କୁ ଥାଡିୟସ୍‌ଙ୍କ ଭ୍ରୂଣ ମିଳିଥିଲା। ଥାଡିୟସ୍‌ଙ୍କ ଭ୍ରୂଣ ବିକଶିତ ହେବା ବେଳକୁ ଲିଣ୍ଡସେଙ୍କ ବୟସ ମାତ୍ର ୩ରୁ ୪ ବର୍ଷର ହୋଇଥିବା ସେ କହିଛନ୍ତି। ୧୯୯୪ରେ ଲିଣ୍ଡା ଆର୍ଚାର୍ଡ ନାମ୍ନୀ ଜଣେ ମହିଳା ଏବଂ ତାଙ୍କ ପୂର୍ବ ସ୍ୱାମୀଙ୍କ ଆଇଭିଏଫ୍ ଚିକିତ୍ସା ସମୟରେ ଥାଡିୟସ୍‌ଙ୍କ ଭ୍ରୂଣକୁ ଅନ୍ୟ ୩ଟି ଭ୍ରୂଣ ସହ ବିକଶିତ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଭ୍ରୂଣକୁ ଲିଣ୍ଡାଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା, ଯାହାର ୯ ମାସ ପରେ ଲିଣ୍ଡା ଏକ ସୁସ୍ଥ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ତେବେ ୧୯୯୪ରେ ଶିଶୁକନ୍ୟାକୁ ଜନ୍ମଦେବା ପରେ ଲିଣ୍ଡା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯାଇଥିଲା। ଫଳରେ ସ୍ଥାନୀୟ ଆଇଭିଏଫ୍ କେନ୍ଦ୍ରରେ ଥିବା ଅନ୍ୟ ୩ଟି ଭ୍ରୂଣକୁ ଦାନ କରିବା ପାଇଁ ଲିଣ୍ଡା ନିଷ୍ପତ୍ତି ନେଇଥିଲେ। ୨୦୨୪ ନଭେମ୍ବରରେ ସଂରକ୍ଷିତ ଥିବା ଉକ୍ତ ଭ୍ରୂଣକୁ ଲିଣ୍ଡସେ ଏବଂ ଟିମ୍‌ଙ୍କୁ ଦିଆଯାଇଥିଲା।







No.T-61

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.04.08.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0178/2526

**ଆଜିର ମନ୍ତବ୍ୟ**

"ଦେଶର ସମ୍ବିଧାନ ଏବେ ଅବରୁଦ୍ଧ। ଗଣତାନ୍ତ୍ରିକ ସାଧାରଣତନ୍ତ୍ର ସ୍ଥାନରେ ଈଶ୍ୱରଙ୍କ ନାମରେ ଧର୍ମୀୟ ନେତାଙ୍କ ଦ୍ୱାରା ଶାସିତ ରାଷ୍ଟ୍ର ସ୍ଥାପନ ପାଇଁ 'ବୈଚାରିକ ବିଦ୍ରୋହ' ଆଣିବାକୁ ଭାଜପା ଚାହୁଁଛି।

–ସୋନିଆ ଗାନ୍ଧୀ, କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ, ସ୍ଥାନ: ଭୁବନେଶ୍ୱରୀ ମନ୍ଦିର, ଡି.ଏଲ୍ କଲୋନୀ, ଭି.ଏସ୍.ଏସ୍ ନଗର, ସମୟ: ଅପରାହ୍ନ ୪ଟା ୩୦।
- ତୃତୀୟ ଏନ୍‌ଭିଏସ୍ ଭୋପାଲ୍ ରିଜିଅନ୍ ଆଲୁମ୍ନି ମିଟ୍ ଏବଂ ଅଷ୍ଟମ ଏନ୍‌ଏଓ ଆନୁଆଲ୍ ମିଟ୍, ସ୍ଥାନ: ରେଲ୍ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଆର୍ଥ୍ରାଇଟିସ୍ ଓ ର୍ୟୁମାଟୋଲୋଜି ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଏକ ଦିନିକିଆ ଜାତୀୟ ସମ୍ମିଳନୀ, ସ୍ଥାନ : ହୋଟେଲ୍ ମେଫେୟାର୍, ସମୟ: ସକାଳ ୯ଟା ୩୦।
- ଏମ୍ ଡି କ୍ରିଏଶନ୍ ଏବଂ ଗ୍ରୁପ୍ ପକ୍ଷରୁ ଏକ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ପୂର୍ବତନ ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜନ୍ମଦିବସ ଉପଲକ୍ଷେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ ପାଇଁ ସମୂହ ଦୀପଦାନ ଏବଂ ସ୍ତୁତିସଭା, ସ୍ଥାନ: ଲିଙ୍ଗରାଜ ମନ୍ଦିର ସମୟ:ସକାଳ ୮ଟା।

### କଟକ
- ଆୟକର ବିଭାଗ ପକ୍ଷରୁ ଆୟକର ଦିବସ-୨୦୨୫ ପାଳନ, ସ୍ଥାନ: ଆୟକର ଭବନ, ସେଲଟର ଛକ, ସମୟ: ସକାଳ ୬ଟା ୩୦।
- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠର ତୃତୀୟ ଦିବସ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ୬୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବିଦ୍ୟାଧରପୁର, ସମୟ: ପୂର୍ବାହ୍ନ ୧୧ଟା।
- ଚୌଦ୍ୱାର ଗୋଡିପାଟଣାସ୍ଥିତ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀୟୁ ସେବା ସମିତିର ବୋଲବମ୍ ଭକ୍ତ ସେବା, ସ୍ଥାନ: ଚଷାପଡ଼ା ଘାଟ ଛକ, ସମୟ: ଅପରାହ୍ନ ୩ଟା।
- ଦରଜୀ ମହାସଂଘ (ଚାନ୍ଦୁଆ ଶିଳ୍ପୀ) ପକ୍ଷରୁ କାଉଡ଼ିଆମାନଙ୍କୁ ପାନୀୟ ଜଳ, ଚା, ଜଳଖିଆ ସେବା, ସ୍ଥାନ: ବାଲିଯାତ୍ରା ତଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

### ପୁରୀ
- ନିମାପଡ଼ା ସେଲ୍ଫ ଏମ୍ପ୍ଲୟମେଣ୍ଟ ଅଗ୍ରାନାଇଜେଶନର ଚତୁର୍ଥ ବାର୍ଷିକ ଉତ୍ସବ ଓ ବନ୍ଧୁତ୍ୱ ଦିବସ ସମାରୋହ, ସ୍ଥାନ: ବିଷ୍ଣୁପୁର ସିଦ୍ଧେଶ୍ୱର ମହାଦେବଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଦି ମୋମେଣ୍ଟ ପକ୍ଷରୁ ବନ୍ଧୁତା ଦିବସ, ସ୍ଥାନ: କୁଳମଣି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍ସବ ପକ୍ଷରୁ ହାଣ୍ଡଲୁମ ହାରମୋନି, ସ୍ଥାନ: ବୋର୍ଡିଂ ଛକ, ହେରାଗୋହରି ସାହି, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ରାଜ୍ୟପାଳଙ୍କ ଜନ୍ମଦିନ ଅବସରରେ ସମୂହ ଦୀପଦାନ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୫ଟା।
- ପୂର୍ବତନ ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜନ୍ମ ଦିବସ ଉପଲକ୍ଷେ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ ପାଇଁ ସମୂହ ଦୀପଦାନ ଏବଂ ସ୍ତୁତି ସଭା, ସ୍ଥାନ: ପୁରୀ ଜଗନ୍ନାଥ ମନ୍ଦିର, ସମୟ: ସଂନ୍ଧ୍ୟା ୬ଟା।

### ବାଲେଶ୍ୱର
- ଓଡିଶା ରାଜସ୍ୱ ଅମଲା ସଂଘର ସାଧାରଣ ସଭା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ବ୍ରାହ୍ମଣ ସମିତିର ସାଙ୍ଗଠନିକ ବୈଠକ, ସ୍ଥାନ: ଖଇରା ସତସଙ୍ଗ କେନ୍ଦ୍ର, ସମୟ: ଅପରାହ୍ନ ୨ଟା ୩୦ମିନିଟ୍।
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଫାଲ୍ଗୁନୀ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

### ଭଦ୍ରକ
- ସ୍ମୃତିସଭା, ସ୍ଥାନ: ସରିଫପୁର, ବାରିକପୁର, ସମୟ: ପୂର୍ବାହ୍ନ ୧୧ଟା।
- ରମାକାନ୍ତ ଫାଉଣ୍ଡେଶନ ପକ୍ଷରୁ ଚିକିତ୍ସା ସହାୟତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଇଟୁଆ, ନାଳଗୁଣ୍ଡା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦୁଝର
- ସାହାଣୀ କପ୍ ଫାଇନାଲ, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଏକଲ ଶ୍ରୀ ହରି ମନ୍ଦିର ରଥ ଶୁଭାରମ୍ଭ, ସ୍ଥାନ: କେନ୍ଦୁଝର ମାଇନିଂ ରୋଡ୍, ସମୟ: ଅପରାହ୍ନ ୩ଟା।

### ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡ଼ିଆ, ବାରିପଦା ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା, ସ୍ଥାନ: ସାଇ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବର୍ଷାକାଳୀନ ବାଣିଜ୍ୟ ମେଳା ଉଦ୍‌ଘାଟନୀ, ସ୍ଥାନ: ଉଦଳା ହାଇସ୍କୁଲ ଛକ, ସମୟ: ସନ୍ଧ୍ୟା ୬ଟା ୩୦।

### ଗଞ୍ଜାମ
- ସବିତା ଆରୋଗ୍ୟ କୁଟିର ଉଦ୍‌ଘାଟନ, ସ୍ଥାନ: ଶ୍ରୀ ଭେଙ୍କଟେ ମହାଲକ୍ଷ୍ମୀ କୋଠଘର, ସମୟ: ଅପରାହ୍ନ ୫ ଟା।

### ଜଗତ୍‌ସିଂହପୁର
- ଦାଗ୍ରବ୍ରହ୍ମ କ୍ଲବ ପକ୍ଷରୁ ସମୂହ କାଉଡ଼ିଆ ଯାତ୍ରା ଆରମ୍ଭ, ସ୍ଥାନ: ଶିବ ମନ୍ଦିର, ବୃନ୍ଦାବନ କଲୋନୀ, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ସମୂହ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ସକାଳ ୭ଟା।
- ବ୍ୟାସ ଫାଉଣ୍ଡେଶନ ତରଫରୁ ପରିବେଶ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶିଶୁ ଅନନ୍ତ ଆଶ୍ରମ ପରିସର, ଅରିଲୋ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ନିଶାରୁ ମୁକ୍ତି ପାଇଁ ସଚେତନତା, ସ୍ଥାନ: ମଣ୍ଡାସାହି, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୩ଟା।

### କେନ୍ଦ୍ରାପଡ଼ା
- ଜୁଏଲ ଇଲେଭେନ କ୍ଲବ ପକ୍ଷରୁ ଇଶାଣେଶ୍ୱର ପର୍ଯ୍ୟନ୍ତ ବୋଲବମ ପଦଯାତ୍ରା, ସ୍ଥାନ:ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।

### ନୟାଗଡ଼
- ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆଲୋଚନା ଚକ୍ର, ସ୍ଥାନ:ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ର ନୀଳମାଧବ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ଶାଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ରାୟଗଡ଼ା
- ବିଜ୍ଞାନ ମେଳା, ସ୍ଥାନ: ମୁନିଗୁଡ଼ା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା
- ଉତ୍କଳ ସମ୍ମିଳନୀର ପ୍ରଥମ ବୈଠକ, ସ୍ଥାନ: ରାୟଗଡ଼ା ଆଜାଦ୍ ହିନ୍ଦ ୟୁଥ୍ ଆସୋସିଏଶନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ମାଲକାନଗିରି
- ଓଡିଶା ରାଜସ୍ୱ ଅମଲା ସଂଘ ମାଲକାନଗିରି ଜିଲା ଶାଖାର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ:ସମୟ:ମଧ୍ୟାହ୍ନ ୧୨ଟା ୩୦।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ଛକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସାଓଲିନ କୁଙ୍ଗ୍‌ଫୁ ଉସୁ ଏସୋସିଏଶନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା ୪୫।
- ଦଲେଇପଡା ଗଣେଷ ପୂଜା କମିଟି ଓ ଅନନ୍ତରାମ ବ୍ଲକ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ: ରିଂରୋଡ ସ୍ଥିତ ଦଲେଇପଡା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

### ବଲାଙ୍ଗୀର
- କୋଶଳାଞ୍ଚଳରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ ଖବରଦାତା ସମ୍ମିଳନୀ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଏକ୍ସିଟ ଜୁହାର ଅଫିସ ଉଦ୍‌ଘାଟନ, ସ୍ଥାନ: ହାପିଭ୍ୟାଲି, ଧୁମାମରା, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା ୩୦।

### ରାଉରକେଲା
- ରୋଟାରୀ ଲିଡରଶିପ୍, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ସକାଳ ୯ଟା ୩୦।
- ଗାନ୍ଧୀୟାନ ବସ୍ତି ପକ୍ଷରୁ କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ:ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା
- ଅଲ ଇଣ୍ଡିଆ ଅଭିଭାବକ ଆସୋସିଏଶନ ବୈଠକ, ସ୍ଥାନ: ଉଦିତନଗର ଆଇଟିଡିଏ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଏକତ୍ର ପକ୍ଷରୁ ଏକକ ଅଭିନୟ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୩ଟା।

### କଳାହାଣ୍ଡି
- ଇନ୍ଦ୍ରପୂଜା ଉପଲକ୍ଷେ ରଶ୍ୟ ଶୃଙ୍ଗ ଋଷିଙ୍କ ଡଙ୍ଗାରେ ଜଳକ୍ରୀଡା ଓ ଇନ୍ଦ୍ରଙ୍କୁ ଆବାହନ, ପୁରାଣ ପଠନ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା।

### ବୌଦ୍ଧ
- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ରାଙ୍କି ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୯ଟା।

### ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ସୋନପୁର-ମନମୁଣ୍ଡା ସ୍ୱଚ୍ଛଭାରତ ସଂଗଠନ ପକ୍ଷରୁ ସୁବର୍ଣ୍ଣମେରୁ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣମେରୁ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ସମାଜସେବୀ ଶଙ୍କନିଧି ରାୟଗୁରୁଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର, ସ୍ଥାନ: ବୃନ୍ଦାବନ ବିହାରୀ ମନ୍ଦିର, ସମୟ: ସକାଳ ୯ଟା।

### ନୂଆପଡ଼ା
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଦ୍ୱିତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ଉପନୟନ ଓ ବେଦାରମ୍ଭ ସଂସ୍କାର ତଥା ୧୬ତମ ଚତୁର୍ବେଦ ଯଜ୍ଞ ଆରମ୍ଭ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରିଦେଇପାରେ। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ** ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ବନ୍ଧୁଙ୍କ ନିକଟରୁ ପାଇପାରନ୍ତି।

**ମିଥୁନ** ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଛୋଟ କଥାକୁ କେନ୍ଦ୍ର କରି ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକଙ୍କ ଶୁଭ କାମନାରୁ ଖୁସି ରହିବେ। ବ୍ୟବସାୟୀ ପରିଶ୍ରମ ତୁଳନାରେ ଫଳ ଲାଭ କରି ଆନନ୍ଦ ଅନୁଭବ କରିପାରନ୍ତି।

**କର୍କଟ** କର୍ମଚାରୀଙ୍କ ସହଯୋଗ କ୍ରମେ କାମଟିକୁ ସୁରୁଖୁରୁରେ କରି ପାରିବାରୁ ଟେନ୍‌ସନ୍ କମିଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କ ବୃଦ୍ଧି କାରଣରୁ ଆଲୋଚନା ଅମୀମାଂସିତ ରହିପାରେ। ପ୍ରତିକୂଳ ପରିସ୍ଥିତି ଯୋଗୁ ନିର୍ମାଣ କିମ୍ବା ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ସମସ୍ୟା ସମାଧାନରେ ସାହାଯ୍ୟ କରିବ। ପରିବାରରେ ପାରସ୍ପରିକ ସହଯୋଗ ମାନସିକ ଶାନ୍ତି ଆଣିବାରେ ସହାୟକ ହେବ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହି ବିବାଦରେ ପଡ଼ିପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, କଳାକ୍ଷେତ୍ରରୁ ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

**କନ୍ୟା** ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା କୌଣସି ଗୁଜବ ମନକୁ ଚହଲାଇ ଦେଇପାରେ। ଏହା ସାଙ୍ଗକୁ ଆତ୍ମୀୟଙ୍କ ଅସହଯୋଗ, ଅସମ୍ମାନ ଦୁଃଖର ମାତ୍ରାକୁ ଦ୍ୱିଗୁଣିତ କରିବ। ପାରିବାରିକ ସ୍ତରରେ ଅର୍ଥ କିମ୍ବା ଅଳଙ୍କାର ଦେବାନେବାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଖର୍ଚ୍ଚ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** ଆଜି କୌଣସି ବନ୍ଧୁମିଳନ ଅବସରରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମନକୁ ଉତ୍ସାହିତ କରିବ। ପରିବାରରେ ପିଲାଙ୍କ ଆଚରଣର ପରିବର୍ତ୍ତନ କାରଣରୁ ବିରକ୍ତି ଅନୁଭବ କରିପାରନ୍ତି। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ।

**ବିଛା** ପରିବର୍ତ୍ତିତ ପରିସ୍ଥିତି ଆପଣଙ୍କ କାମକୁ ସଂଯମ ଓ ଶୃଙ୍ଖଳିତ କରିବାର ଆଶା ରହିଛି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହୋଇପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ଯେଉଁ ବିଷୟକୁ ନେଇ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଭଲରୂପେ ବିଚାର ନ କରି ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପରିଜନଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ। ଆଲୋଚନା ପରିସରରେ ସତ କହିବା କାରଣରୁ ଆତ୍ମୀୟମାନେ ପାଖ ମାଡ଼ିବେ ନାହିଁ।

**ମକର** ଘରର ଅସଜଡ଼ା ପରିସ୍ଥିତି କଥା ଚିନ୍ତା କରି ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିନପାରନ୍ତି। ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** ସ୍ଥଗିତ ରହିଯାଇଥିବା କାମଟି ବନ୍ଧୁଙ୍କ ସହଯୋଗରେ ପୂର୍ଣ୍ଣାଙ୍ଗ କରିପାରିବେ। ପରିବାରର ଆବଶ୍ୟକତା ଅନୁଭବ କରି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ପରିସ୍ଥିତିକୁ ବଦଳାଇ ଦେଇପାରେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିବା ଠିକ୍ ହେବ ନାହିଁ।

**ମୀନ** ଆଜିର କର୍ମକ୍ଷେତ୍ରକୁ ସ୍ୱାଭାବିକ କରିବାରେ ବନ୍ଧୁମାନଙ୍କର ଭୂମିକା ଅବିସ୍ମରଣୀୟ ରହିବ। ଉପରିସ୍ଥଙ୍କ ପରାମର୍ଶକ୍ରମେ ଆଗାମୀକାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି।

ଆଜି ଅଗଷ୍ଟ ୩ ତାରିଖ, ରାଷ୍ଟ୍ରୀୟ ବନ୍ଧୁତା ଦିବସ (ଅଗଷ୍ଟ ପ୍ରଥମ ରବିବାର), ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ। ରାଶିନକ୍ଷତ୍ର- ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୬ ଗତେ ଘ.୦୯।୪୪ ମଧ୍ୟେ, ଘ.୦୧।୨୯ ଗତେ ଘ.୦୨/୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୨ ଗତେ ଘ.୦୬/୧୮ ମଧ୍ୟେ ରାହୁକାଳ।

## ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ

ମୋହନା,୨।୮(ମନ୍ମଥ ମିଶ୍ର)

ପୋଖରୀକୁ ଶୌଚ ହେବାକୁ ଯାଇ ବୁଡିଯାଇ ଦୁଇଜଣ ନାବାଳକ ଶିଶୁଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଥାନା ଅନ୍ତର୍ଗତ ବିରିକୋଟ ପଞ୍ଚାୟତ ଅଧୀନ କେନ୍ଦୁଗଣ୍ଡା ଗ୍ରାମରେ ଏପରି ଘଟିଛି। ଉଭୟେ ସମ୍ପର୍କୀୟ ଭାଇ ବୋଲି ଜଣାପଡିଛି। ମୋହନା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡିଛି, ଶନିବାର ମଧ୍ୟାହ୍ନରେ ଗ୍ରାମର ଆକାଶ ନାୟକଙ୍କ ପୁଅ ଆଦିତ୍ୟ (୧୨) ଓ ଅଜୟ ନାୟକଙ୍କ ପୁଅ ଆଇଜାୟା (୧୨) ଦୁହେଁମିଶି ଗାଁ ନିକଟରେ ନୂତନ ଭାବେ ନିର୍ମିତ ହୋଇଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ମାତ୍ର ସେମାନେ ପୋଖରୀର ଗଭୀରତା ଜାଣି ନ ଥିଲେ। ଶୌଚବେଳେ ଗୋଡ ଖସିଯିବାରୁ ଉଭୟେ ଗଭୀର ପାଣି ଭିତରକୁ ଚାଲିଯାଇ ବୁଡ଼ି ଯାଇଥିଲେ। ଆଦିତ୍ୟ ଓ ଆଇଜାୟା ଘରକୁ ଫେରିବାର ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀକୁ ଆସି ଖୋଜିଥିଲେ। ଏହି ସମୟରେ ଉଭୟଙ୍କ ପ୍ୟାଣ୍ଟ ଓ ଶାର୍ଟ ସେଠାରେ ଥିବା ଦେଖି ପରିବାର ଲୋକେ ସନ୍ଦେହ କରିଥିଲେ। ପରେ ସେମାନେ ପୋଖରୀରେ ପଶି ଖୋଜାଖୋଜି କରି ଉଭୟଙ୍କୁ ପାଣି ଭିତରୁ ଉଦ୍ଧାର କରି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ନିରୁପମା ପାଢ଼ୀ ଉଭୟ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ଅଡ଼ବା ଥାନାରେ କୌଣସି ସୂଚନା ନ ଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଖେ ମଧୁ ମଧୁ
ପେଟେ ଛୁରି।**

ମୁହଁରେ ଚାଟୁ ବଚନ, ପ୍ରଶଂସା। କିନ୍ତୁ ଭିତରେ ଶତ୍ରୁତା ଆଚରଣ। କିଛି ବ୍ୟକ୍ତି ମୁହଁରେ ଭଲେଇ ହୋଇ ଚିକ୍କଣିଆ କଥା କହି ବିଶ୍ୱାସ ଜନ୍ମାଇଥାନ୍ତି। କିନ୍ତୁ ପଛରେ ଗାତ ଖୋଳି ଖାଲରେ ପକାଇବାକୁ ଚେଷ୍ଟା ଚଳାଇଥାନ୍ତି। ମୁହଁରେ ହସ, ପେଟରେ ବିଷ ଭରି ରହିଥିବା ଏପରି କପଟାଚାରୀ ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଳି ଠକ ଠକ ଭଜନ ଟାଣ,
ଭୋକ କଲେ ଭାତ ପାଖକୁ ଆଣ।**

ନାମକୁ ମାତ୍ର ଈଶ୍ୱର ଆରାଧନା ଅଥଚ ମନ ଯାଇ ଖାଦ୍ୟ ପାଖରେ। ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ପ୍ରକାରର କାମନା, ବାସନା ତଥା ଲାଳସା ଗ୍ରହଣୀୟ ହୋଇ ନ ଥାଏ। ଖାଦ୍ୟଲୋଭୀ ବ୍ୟକ୍ତିଙ୍କ ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସ୍କୁଲରେ ପାଠ ପଢ଼ାଇବେ ୬୩୮୭ ଅବସରପ୍ରାପ୍ତ ଶିକ୍ଷକ

**ଅତିଥି ଶିକ୍ଷକ ଭାବେ ମିଳିବ ନିଯୁକ୍ତି**

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)

ରାଜ୍ୟରେ ଲାଗି ରହିଥିବା ଶିକ୍ଷକ ଅଭାବଜନିତ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ୬୩୮୭ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବେ। ଏମାନେ ଅତିଥି ଶିକ୍ଷକ ଭାବେ ଅନୁଦାନପ୍ରାପ୍ତ, ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲ ଓ ସଂସ୍କୃତ ଟୋଲ୍ ସ୍କୁଲ୍‌ରେ ପାଠ ପଢ଼ାଇବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ନୂଆ ଟିଜିଟି ନିଯୁକ୍ତ ହେବା ଯାଏ ଏମାନେ ଶିକ୍ଷକତା କରିବେ। ନିଜ ଅଞ୍ଚଳରେ ଫାଙ୍କା ଥିବା ପଦବୀ ବିଷୟରେ ଜିଲା ଶିକ୍ଷାଧିକାରୀ (ଡିଇଓ) ଅବଗତ କରାଇବେ। ଖାଲିପଦ ଅନୁଯାୟୀ ଅତିଥି ଶିକ୍ଷକଙ୍କ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ। ଖାଲିପଦର ସ୍ଥିତି ଏବଂ ଅତିଥି ଶିକ୍ଷକଙ୍କ ନିଯୁକ୍ତି ଜିଲାପାଳଙ୍କ ଅନୁମୋଦନ ପରେ କରାଯିବ। ଅତିଥି ଶିକ୍ଷକଙ୍କ କାର୍ଯ୍ୟକାଳ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ରହିବ କିମ୍ବା ଖାଲି ପଦବୀରେ ଟିଜିଟି ନିଯୁକ୍ତ ହେଲେ ଅତିଥି ଶିକ୍ଷକ ଅପସାରିତ ହେବେ। ତେବେ ସେମାନଙ୍କୁ ଅନ୍ୟ ସ୍କୁଲରେ ଖାଲିପଦ ଥିବା ସ୍ଥଳେ ପୁନଃ ନିଯୁକ୍ତ କରାଯାଇପାରିବ, ଯାହା ଡିଇଓଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ଖାଲିପଦ ମଧ୍ୟରେ ସୀମିତ ରହିବ। ସଂସ୍କୃତ ଟୋଲ୍ ସ୍କୁଲରେ ଅତିଥି ଶିକ୍ଷକଙ୍କ ନିଯୁକ୍ତି ପାଇଁ ଅବସରପ୍ରାପ୍ତ ଆଇଏସିଟି ଏବଂ ମାଟ୍ରିକ-ସିଟି ସଂସ୍କୃତ ଟୋଲ ଶିକ୍ଷକମାନଙ୍କୁ ବିଚାରକୁ ନିଆଯାଇପାରିବ। ଅତିଥି ଶିକ୍ଷକଙ୍କ ନିଯୁକ୍ତି ସମ୍ବନ୍ଧୀୟ ରିପୋର୍ଟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

ପ୍ରଥମ ପୃଷ୍ଠାରୁ...

## ଆଖିବୁଜିଲେ ବଳଙ୍ଗା...

ଉଦ୍ୟମ କରିଥିବା ବିଷୟରେ ଗଣମାଧ୍ୟମ ଆଗରେ ପ୍ରଥମ କରି ଦୁଃଖିଶ୍ୟାମ ହିଁ କହିଥିଲେ। ଏହାଭିତରେ ସେ ସମିଦାଙ୍କଠାରୁ ଘରର ଠିକଣା ବୁଝି ପରିବାର ଲୋକଙ୍କୁ ଖବର ଦେଇଥିଲେ। କେତେଜଣ ଲୋକ ତତ୍କ୍ଷଣାତ ସେଠାରେ ପହଞ୍ଚି ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଡକାଇଥିଲେ। ସମିଦାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ନାରୀ ନିର୍ଯାତନା ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ ଏହି ଘଟଣା ବିରୋଧୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଥିଲା। ଏଭଳି ଘଟଣା ସରକାରଙ୍କ ପାଇଁ ଅଧିକ ଚିନ୍ତାର ପରିସ୍ଥିତି ସୃଷ୍ଟି କରିଥିବାବେଳେ ତୁରନ୍ତ ପୀଡ଼ିତାଙ୍କ ଚିକିତ୍ସା ପାଇଁ ସରକାରୀ କଳ ସବୁ ପ୍ରକାର ବ୍ୟବସ୍ଥା ଆରମ୍ଭ କରିଦେଇଥିଲା। ଶରୀରର ୭୫% ପୋଡ଼ିଯାଇଥିବା ସମିଦାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଉଚ୍ଚତର ଚିକିତ୍ସା ପାଇଁ ସରକାର ତାଙ୍କୁ ଜୁଲାଇ ୨୦ରେ ଏୟାରଲିଫ୍ଟ ଯୋଗେ ନୂଆଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରିଥିଲେ। ସେଠାରେ ବର୍ନ ୟୁନିଟ୍‌ରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଦ୍ୱାରା ତାଙ୍କର ଚିକିତ୍ସା ଚାଲିଥିଲା। ୧୫ ଦିନ ଧରି ସମିଦା ମୃତ୍ୟୁ ସହ ସଂଗ୍ରାମ ଚଳାଇଥିବାବେଳେ ତାଙ୍କୁ ବଞ୍ଚାଇବାରେ ଡାକ୍ତରୀ ଦଳ ସକ୍ଷମ ହୋଇପାରି ନାହାନ୍ତି।

ସମିଦାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକପ୍ରକାଶ କରି କହିଛନ୍ତି, 'ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଟିର ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ। ସରକାରଙ୍କ ସମସ୍ତ ପ୍ରୟାସ ଏବଂ ଏମ୍‌ସ ଦିଲ୍ଲୀରେ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅହୋରାତ୍ର ଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ। ମୁଁ ଝିଅଟିର ଅମର ଆତ୍ମାର ସଦ୍‌ଗତି କାମନା କରୁଛି ଏବଂ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ତାଙ୍କ ପରିବାରକୁ ଶକ୍ତି ମିଳୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।' ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଶୋକପ୍ରକାଶ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ଶୋକପ୍ରକାଶ କରି କହିଛନ୍ତି, ୭ ଦିନ ଭିତରେ ଅଭିଯୁକ୍ତ ଧରା ନ ପଡ଼ିଲେ ବିଜେପି ଅଫିସ ଘେରିବୁ। ଓଡ଼ିଶାରେ ବଡ଼ ଆନ୍ଦୋଳନ କରିବୁ ସେ ଚେତାବନୀ ଦେଇଛନ୍ତି। ବିଜେଡି ପକ୍ଷରୁ ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ଖବରଦାତା ସମ୍ମିଳନୀରେ କହିଛନ୍ତି, ମୃତକଙ୍କ ପରିବାରକୁ ୨ କୋଟି ଟଙ୍କା ଦିଆ ନ ଗଲେ ଏବଂ ୭ ଦିନ ମଧ୍ୟରେ ଦୋଷୀ ଧରା ନ ପଡ଼ିଲେ, ଆନ୍ଦୋଳନ ହେବ।

ଅନ୍ୟପକ୍ଷରେ ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ ଓଡ଼ିଶା ପୋଲିସ ପକ୍ଷରୁ 'X'ରେ ସୂଚନା ଦିଆଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, 'ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ। ଏହି ଘଟଣାରେ ପୋଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଯେ, ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ।'

ନୂଆଦିଲ୍ଲୀରୁ ସମିଦାଙ୍କ ବାପା ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ, 'ମୋ ପାଖରେ ଝିଅ ଆଜି ନାହିଁ। ମାନସିକ ଚିନ୍ତା ଯୋଗୁ ସେ ତା'ର ଜୀବନ ନେଇଛି। ତା'ର ମୃତ୍ୟୁକୁ ନେଇ ରାଜନୀତି କରା ନ ଯାଇ ତା' ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ। ସରକାର ଯାହା ସହଯୋଗ କରିବା କଥା ତାହା କରିଛନ୍ତି ବୋଲି ସେ କହିଛନ୍ତି।

## ଆତ୍ମାହୁତି: ମହିଳା ମୃତ...

ଶ୍ୱଶୁର ଘରକୁ ଯିବାଆସିବା କରିଥାନ୍ତି। ହରିଶଙ୍କରଙ୍କ ସ୍ତ୍ରୀ ଓ ଭାରତୀ ଦୁଇ ସାଙ୍ଗ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇଥିଲା। ତେବେ ଶନିବାର ସକାଳେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଉଭୟେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଭାରତୀ ଓ ହରିଶଙ୍କର ପାତାସାହି ନିକଟସ୍ଥ ଏକ ଖୋଲା ପଡ଼ିଆରେ ପହଞ୍ଚି ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିବା ପରେ ଉଭୟେ ଦୌଡ଼ି ଯାଇ ଏକ ବିଲ ମଧ୍ୟରେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଶୁକ୍ଳି ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭାରତୀଙ୍କ ମୃତ୍ୟୁ ହୋଇଥିବା ବେଳେ ହରିଶଙ୍କରଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ହରିଶଙ୍କର ୮୦% ପୋଡ଼ିଯାଇଥିବା ଜଣାପଡ଼ିଛି। ଉଭୟଙ୍କ ପରିବାର ସଦସ୍ୟ ଡାକ୍ତରଖାନାରେ ପହଞ୍ଚିଥିବାବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

## ବଳାତ୍କାର ମାମଲାରେ...

୨୦୨୧ରେ ପ୍ରଜ୍ୱଳ ତାଙ୍କୁ ହାସନସ୍ଥିତ ଫାର୍ମ ହାଉସ୍ ଏବଂ ବେଙ୍ଗାଲୁରୁ ବାସଭବନରେ ୨ ଥର ବଳାତ୍କାର କରିବା ସହ ଏହି ଦୃଶ୍ୟକୁ ନିଜ ମୋବାଇଲ୍ ଫୋନ୍‌ରେ ରେକର୍ଡ କରିଥିବା ଅଭିଯୋଗ ହୋଇଥିଲା। ଶନିବାର ଅଦାଲତରେ ସରକାରୀ ଓକିଲ ଦୋଷୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେବାକୁ ନିବେଦନ କରିବା ବେଳେ ଦଣ୍ଡ କୋହଳ କରିବାକୁ ପ୍ରଜ୍ୱଳ ଅନୁରୋଧ କରିଥିଲେ। ସେ କୌଣସି ଭୁଲ୍ କରିନାହାନ୍ତି, କେବଳ ତାଙ୍କର ଭୁଲ୍ ହେଲା ରାଜନୀତିରେ ଦ୍ରୁତ ଉତ୍ଥାନ ବୋଲି ଦାବି କରିଥିଲେ। ଦଣ୍ଡ କୋହଳ କରିବାକୁ କହିବା ବେଳେ ପ୍ରଜ୍ୱଳ କାନ୍ଦୁଥିବା ଦେଖାଯାଇଥିଲା।

## ପ୍ଲାଷ୍ଟିକ୍ ବୋତଲରେ...

ହୋଇଛି। ଏହି ଅସୁରକ୍ଷିତ ଅଭ୍ୟାସ କେବଳ ବିଭିନ୍ନ ଆଇନ ଏବଂ ନିୟମ ଅନୁଯାୟୀ ବୈଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନ କରେ ନାହିଁ ବରଂ ଜନସାଧାରଣଙ୍କ ସୁରକ୍ଷା ଏବଂ ପରିବେଶ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଏବଂ ପେଟ୍ରୋଲିୟମ ଆଇନ ୧୯୩୪, ପେଟ୍ରୋଲିୟମ ନିୟମ ୨୦୦୨, ବିସ୍ଫୋରକ ଆଇନ ୧୮୮୪, ମୋଟର ସ୍ପିରିଟ୍ ଏବଂ ହାଇ-ସ୍ପିଡ୍ ଡିଜେଲ (ଯୋଗାଣ, ବଣ୍ଟନ ଏବଂ ତ୍ରୁଟି ନିବାରଣ ନିୟନ୍ତ୍ରଣ) ଆଦେଶ, ୨୦୦୫, ପରିବେଶ(ସୁରକ୍ଷା) ଆଇନ, ୧୯୮୬ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆଇନଗତ ଢାଞ୍ଚା ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାରକରି ସରକାର ଜନସାଧାରଣଙ୍କ ସୁରକ୍ଷା ସ୍ୱାର୍ଥରେ ସମସ୍ତ ଜିଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ କଡ଼ା ପ୍ରବର୍ତ୍ତନ ପାଇଁ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ଲାଷ୍ଟିକ୍ ବୋତଲ କିମ୍ବା ସେଭଳି କିଛି ପାତ୍ରରେ ପେଟ୍ରୋଲିୟମ ଉତ୍ପାଦର ବିକ୍ରୟ, ଯୋଗାଣ ଏବଂ ପରିବହନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଖୁଚୁରା ଦୋକାନ, ଇନ୍ଧନ ଷ୍ଟେଶନ ଓ ଖୁଚୁରା ଦୋକାନଗୁଡ଼ିକରେ ସ୍ପଟ୍ ଯାଞ୍ଚ ଏବଂ ଅଚାନକ ଯାଞ୍ଚ କରିବାକୁ ସିଭିଲ୍ ସପ୍ଲାଏ ଇନ୍ସପେକ୍ଟର, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ପୋଲିସ, ତହସିଲଦାର ଏବଂ ଅନ୍ୟ ଏନ୍‌ଫୋର୍ସମେଣ୍ଟ କର୍ମଚାରୀଙ୍କ ସମେତ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକ୍ ପାତ୍ର କିମ୍ବା ଅନୁମୋଦିତ ନ ଥିବା ପ୍ୟାକେଜିଂରେ ପେଟ୍ରୋଲିୟମ ଯୋଗାଣ କରୁଥିବା ଉଲ୍ଲଂଘନକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ବ୍ୟତୀତ ସମସ୍ତ ଇନ୍ଧନ ଯୋଗାଣ କେନ୍ଦ୍ର ଏବଂ ପେଟ୍ରୋଲିୟମ ଡିଲରମାନଙ୍କୁ ପ୍ଲାଷ୍ଟିକ୍ ବୋତଲ କିମ୍ବା ଅନଧିକୃତ ପାତ୍ରରେ ପେଟ୍ରୋଲିୟମ ଉତ୍ପାଦ ଯୋଗାଣରୁ କଡ଼ାକଡ଼ି ନିବୃତ୍ତ ରହିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ସେମାନଙ୍କ ପରିସରର ପ୍ରମୁଖ ସ୍ଥାନରେ ଦୃଶ୍ୟମାନ ବୋର୍ଡ ଲଗାଇ ସତର୍କତା ପ୍ରଦର୍ଶନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଲେଖାଯିବ। ଏହି ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ନିଶ୍ଚିତ କରନ୍ତୁ ଏବଂ ପ୍ରବର୍ତ୍ତନର ସ୍ଥିତି ଉପରେ ଏକ ସଂକ୍ଷିପ୍ତ ମାସିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରନ୍ତୁ। ଯେଉଁଥିରେ ଅନ୍ତର୍ଭୁକ୍ତ କରାଯାଇଥିବା ଯାଞ୍ଚ ସଂଖ୍ୟା, ଉଲ୍ଲଂଘନ ମିଳିଥିବା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉଲ୍ଲେଖ ରହିବ ବୋଲି ଚିଠିରେ କୁହାଯାଇଛି।



ଭୁବନେଶ୍ୱର ସିଫାଠାରେ ଶନିବାର ଆୟୋଜିତ ପିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ବିଧାୟକ ଓ ଅଧିକାରୀମାନେ।

# ଏନ୍ଆଇଏ ଏସ୍‌ପି ହେଲେ ସାଗରିକା ନାଥ

**ଭୁବନେଶ୍ୱର,୨।୮ (ସୁନିତ୍ ମିଶ୍ର)**

## ତୁରନ୍ତ ରିଲିଭ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ



କେନ୍ଦ୍ରୀୟ ଡେପୁଟେଶନରେ ଯିବେ ୨୦୧୬ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସାଗରିକା ନାଥ। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସାଗରିକା ବର୍ତ୍ତମାନ ଖୋର୍ଦ୍ଧା ଏସ୍‌ପି ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ। ତେବେ ସାଗରିକାଙ୍କୁ ଏନ୍ଆଇଏ ଏସ୍‌ପି ଭାବେ ନିଯୁକ୍ତି ମିଳିବା ନେଇ କାର୍ମିକ ଏବଂ ତାଲିମ ବିଭାଗ (ଡିଓପିଟି) ଦ୍ୱାରା ଜୁଲାଇ ୩୧ରେ ନିର୍ଦ୍ଦେଶ ଜାରି କରାଯାଇଥିବାବେଳେ କେନ୍ଦ୍ରୀୟ ଡେପୁଟେଶନ ପଦବୀରେ ଯୋଗଦେବା ପାଇଁ ତାଙ୍କୁ ତୁରନ୍ତ ରିଲିଭ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




# ଓଡ଼ିଶାର ୩୪ ଲକ୍ଷ କୃଷକଙ୍କୁ ମିଳିଲା ୬୯୭ କୋଟି ସହାୟତା

## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନର ୨୦ ତମ କିସ୍ତିର ଶୁଭାରମ୍ଭ

### ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ସାମିଲ କରାଯିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୮ (ସୁନିତ୍ ମିଶ୍ର)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ୍ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଚାଷୀମାନଙ୍କୁ ପିଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ବାରାଣସୀଠାରେ ଉପସ୍ଥିତ ରହି ପିଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏ ହିସାବରେ ସମୁଦାୟ ୨୦ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଉପକଣ୍ଠସ୍ଥିତ ସିଫାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୨,୦୦୦ ଟଙ୍କା ଲେଖାଏ ମୋଟ ୬୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଲୋକଙ୍କ ସରକାର କାମ କରୁଛି। ସରକାର ମାତ୍ର ବର୍ଷକରେ ସମସ୍ତଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସମସ୍ତେ ଏହାର ସୁଫଳ ମଧ୍ୟ ପାଉଛନ୍ତି। ସିଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏ ସହାୟତା ପାଉଛନ୍ତି। ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପାଉଛନ୍ତି। ପିଏମ୍ କିଷାନ ଯୋଜନାର ୨୦ତମ କିସ୍ତି ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ଅବଧି ପାଇଁ ପ୍ରଦାନ କରାଯାଉଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି। ଉକ୍ତ ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତିର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି। ଏଥିରେ ସମସ୍ତ ଚାଷୀ– ସେ କ୍ଷୁଦ୍ରଚାଷୀ ହୁଅନ୍ତୁ ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତଙ୍କୁ ଏହାର ସୁଫଳ ମିଳୁଛି। ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଜିର ଏହି ଦିନକୁ ଆମେ ପିଏମ୍ କିଷାନ ଦିବସ ଭାବରେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ। ପିଏମ୍ କିଷାନ ଯୋଜନାରେ ସବୁ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚାଷ କ୍ଷେତ୍ରରେ ଆପଣମାନଙ୍କ ରୋଜଗାର ଦ୍ୱିଗୁଣିତ ନୁହେଁ, ବରଂ ବହୁଗୁଣିତ ବୃଦ୍ଧି ହେବ। ଏହି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାହା ପୂରଣ ହେବ। ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଛୁ। ଗତବର୍ଷ ଖରିଫରେ ପ୍ରାୟ ୧୭ ଲକ୍ଷ ଚାଷୀଙ୍କୁ ପାଖାପାଖି ୬ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ରବିଋତୁରେ ମଧ୍ୟ ୩ ଲକ୍ଷରୁ ଅଧିକ ଚାଷୀଙ୍କୁ ୧ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ଦିଆଯାଇଛି। କେବଳ ଧାନଚାଷ ନ କରି ବିଭିନ୍ନ ଚାଷକରି ଅର୍ଥ ଉପାର୍ଜନ ସହ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଜୈବିକ ଉପାୟରେ ଚାଷକରିବା ଆବଶ୍ୟକ ବୋଲି ସିଂଦେଓ କହିଛନ୍ତି। ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର–ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବୋର୍ଡ ସଭାପତି, ଉପସଭାପତିଙ୍କୁ କ୍ରାଇମବ୍ରାଞ୍ଚର ପଚରାଉଚରା

**କଟକ,୨।୮ (କାର୍ତ୍ତିକ ସାହୁ)**

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚଳାଇଛି। ଓଟିଇଟି ପରୀକ୍ଷା ସହ ସମ୍ପୃକ୍ତ ବୋର୍ଡର କର୍ମଚାରୀ, ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରି ଗୁମର ଖୋଲିବାକୁ ଉଦ୍ୟମ କରୁଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଓ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ଶନିବାର ଦୀର୍ଘ ସମୟ ପଚରାଉଚୁରା କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ହେବାରେ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ମୁଖ୍ୟ କାର୍ଯ୍ୟଦାର ବୋଲି କ୍ରାଇମବ୍ରାଞ୍ଚ ତଥ୍ୟ ଉନ୍ମୋଚନ କରିଥିବା ବେଳେ ଏସବୁ କିପରି ସମ୍ଭବ ହେଲା ତାକୁ ନେଇ ଖୋଳତାଡ଼ ଚାଲିଛି। ରାଜ୍ୟର ବିଭିନ୍ନ ଜିଲାକୁ ଏହି କାରନାମାର ଚେର ଲମ୍ବିଥିବା ଓ ଏ ବାବଦରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରାଯାଇଥିବା କ୍ରାଇମବ୍ରାଞ୍ଚ ଜାଣିବା ପରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଖୋଜିବାରେ ଲାଗିଛି। ଯଦିଓ ଅଦ୍ୟାବଧି ୭ଜଣଙ୍କୁ ଗିରଫ କରିଥିବା କ୍ରାଇମବ୍ରାଞ୍ଚ ତଥ୍ୟ ପ୍ରଦାନ କରିଛି, ଗିରଫଦାରି ସଂଖ୍ୟା ଆଗକୁ ଆହୁରି ବଢ଼ିବ ବୋଲି କ୍ରାଇମବ୍ରାଞ୍ଚର ଜଣେ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି।

# ଆପୋସ ସମାଧାନ ବିଷୟ ନେଇ ରାଜନୈତିକ ଚର୍ଚ୍ଚା

## ମହାନଦୀ ଜଳ ବିବାଦ

- ସମାଧାନର ବାଟ ଖୁବ୍‌ଶୀଘ୍ର ବାହାରିବ: ମନମୋହନ
- ଟ୍ରିପଲ ଇଞ୍ଜିନ ଭାଜପା ସରକାରର ଆନ୍ତରିକତା ନାହିଁ: ଦେବୀପ୍ରସାଦ ମିଶ୍ର
- କେବଳ ସମୟ ଗଡ଼ାଇବାକୁ ଚାହୁଁଛନ୍ତି ସରକାର: ଜୟଦେବ

**ଭୁବନେଶ୍ୱର, ୨।୮ (ସୁନିତ୍ ମିଶ୍ର)**


विष्णु देव साय
मुख्यमंत्री
Vishnu Deo Sai
CHIEF MINISTER

Mantralaya, Mahanadi Bhawan,
Nava Raipur Atal Nagar,
Raipur, 492002, Chhattisgarh
Ph.: +91 (771) 2221000, 2221001
E-mail : cmcg@nic.in

Do. No. 77
Date 01.08.25

Dear Shri Mohan Charan Majhi Ji,

I am in the receipt of your D.O. letter No. 405/CM/2025, dated 25th of July 2025 regarding the proposal for an amicable settlement of the Mahanadi water disputes between our states and the same is under consideration.

With regards,

Yours sincerely,
(Vishnu Deo Sai)

Shri Mohan Charan Majhi
Hon'ble Chief Minister of Odisha,
Lok Seva Bhawan,
Sachivalaya Marg,
Bhubaneswar,
Odisha 751001

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠିର ଉତ୍ତର ଦେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଲେଖିଥିବା ପତ୍ର।

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଶନିବାର ଟ୍ରିବ୍ୟୁନାଲରେ ହେବାକୁ ଥିବା ଶୁଣାଣି ସେପ୍ଟେମ୍ବର ୬ ତାରିଖକୁ ଘୁଞ୍ଚିଛି। ତେବେ ମହାନଦୀ ଜଳବିବାଦ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବ ବୋଲି କୁହାଯିବା ପରେ ରାଜ୍ୟରେ ରାଜନୈତିକ ଚର୍ଚ୍ଚା ବଢ଼ିଛି। ଗତ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାନଦୀ ବିବାଦର ସମାଧାନ ଲାଗି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇଙ୍କୁ ଚିଠି ଲେଖିଥିଲେ। ଅଗଷ୍ଟ ୧ରେ ବିଷ୍ଣୁଦେଓ ପ୍ରତ୍ୟୁତ୍ତରରେ ମୋହନଙ୍କୁ ପତ୍ର ଲେଖି ସେହି କଥାରେ ଗୋଟିଏ ପ୍ରକାର ସହମତି ଥିବା କୁହାଯାଉଛି।

ଏହି ପ୍ରସଙ୍ଗରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶନିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମହାନଦୀ ଜଳ ବିବାଦର ସମାଧାନର ବାଟ ଖୁବ୍‌ଶୀଘ୍ର ବାହାରିବ। ଏନେଇ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି। ଟ୍ରିବ୍ୟୁନାଲ ତାରିଖ ବନ୍ଦ ହେବ, ଆପୋସ ଆଲୋଚନାରେ ସବୁ ସମାଧାନ ହେବ। ଛତିଶଗଡ଼ର ଏହାକୁ ନେଇ ବିଶେଷ କିଛି ସମସ୍ୟା ଥିଲା ପରି ମନେହେଉନାହିଁ। ଛତିଶଗଡ଼ ଓ କେନ୍ଦ୍ର ସହ ଆପୋସ ସମାଧାନ ନେଇ ଆମେ ଆଶାବାଦୀ। ଗତ ସରକାର ସେ ଦିଗରେ ଚିନ୍ତା କଲେ ନାହିଁ, ଯେଉଁଥିଲାଗି ଓଡ଼ିଶା ଆଜି ଏଭଳି ସ୍ଥିତିରେ ବୋଲି ମନମୋହନ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ନେତା ତଥା ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀର ଉପରମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ କରିବା ପରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଥିଲା । ହେଲେ ସେହି ସମୟର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ନେତୃତ୍ୱାଧୀନ ଭାଜପା ସରକାର କର୍ଣ୍ଣପାତ କରି ନ ଥିଲେ । ପରେ ୨୦୧୬ରେ ତତ୍କାଳୀନ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଉମା ଭାରତୀଙ୍କ ମଧ୍ୟସ୍ଥତାରେ ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଓ ଛତିଶଗଡ଼ ସରକାରଙ୍କ ସହଯୋଗ ନ ମିଳିବାରୁ ଏହି ଜଳ ବିବାଦର ସମାଧାନ ଦିଗରେ ବିଶେଷ ଅଗ୍ରଗତି ହୋଇ ନ ଥିଲା । ଏହାପରେ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବ୍ୟୁନାଲ ଗଠନ ହୋଇଥିଲା । ସେବେଠାରୁ ଏହି ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି । ଏବେ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ଆପୋସ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ସମ୍ଭବ ବୋଲି କୁହାଯାଉଛି। କିନ୍ତୁ ଏହି ଆପୋସ ଆଲୋଚନା ପ୍ରସ୍ତାବକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ପଷ୍ଟୋକ୍ତି କରିନାହାନ୍ତି। ତେଣୁ ଏ ବିଷୟରେ ପ୍ରଥମେ ସ୍ପଷ୍ଟୋକ୍ତି ଆସିବା ଦରକାର ଓ ଏହାଛଡ଼ା ଓଡ଼ିଶା ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗଗୁଡିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟହେବା ଦରକାର ବୋଲି ଦେବୀ କହିଛନ୍ତି।

କଂଗ୍ରେସ ପକ୍ଷରୁ ଏ ନେଇ ପ୍ରତିକ୍ରିୟା ରଖି ପିସିସିର ପୂର୍ବତନ ସଭାପତି ଜୟଦେବ ଜେନା କହିଛନ୍ତି, ଭାଜପା ସରକାର ଏ ଘଟଣାର ସମାଧାନ କରିବାକୁ ଚାହୁଁ ନାହାନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଆପୋସ ସମାଧାନ କଥା ଲେଖିନାହାନ୍ତି। ଟ୍ରିପଲ ଇଞ୍ଜିନ ସରକାରରେ ସଙ୍ଗେ ସଙ୍ଗେ ମହାନଦୀ ପ୍ରସଙ୍ଗରେ ସମାଧାନ ହେବା କଥା। କେବଳ ଆପୋସ ସମାଧାନ ନାମରେ ସମୟ ଗଡ଼ାଇବାକୁ ରାଜ୍ୟ ସରକାର ଚାହୁଁଛନ୍ତି। ସମାଧାନ କରିବାକୁ ପ୍ରଧାନମନ୍ତ୍ରୀଙ୍କର ଆନ୍ତରିକତା ନାହିଁ ବୋଲି ଜୟଦେବ କହିଛନ୍ତି।



ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଜ୍ଜ ହୋଇଥାଅ– ସେଥିରେ ଦୁଃଖ କରନାହିଁ। କାରଣ– ସେହିଠାରେ ହିଁ ତୁମ ନିକଟକୁ ଉତ୍ତର ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା। –ଶ୍ରୀମା



# ଆମେ ପାଇଛୁ କ'ଣ



ଆକାର ପଟେଲ

ଆମେରିକାର ଜନସଂଖ୍ୟା ୩୪ କୋଟି। ବିଶ୍ୱ ଜନସଂଖ୍ୟାର ୪% ହେଉଛନ୍ତି ଆମେରିକୀୟ ଏବଂ ତଥାକଥିତ ରୁଲ୍ସ ବେସ୍ଡ ଅର୍ଡର ବା ନିୟମ ଆଧାରିତ (ବୈଶ୍ୱିକ) ବ୍ୟବସ୍ଥାର ସେମାନେ ସବୁଠୁ ବଡ଼ ହିତାଧିକାରୀ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ବ୍ୟବସ୍ଥା ଆମେରିକା ଓ ଏହାର ୟୁରୋପୀୟ ମିତ୍ରଙ୍କ ଦ୍ୱାରା ଲାଗୁ କରାଯାଇଥିଲା। ଏହି ବ୍ୟବସ୍ଥା ଚାହେଁ ଜାତିସଂଘ ଓ ବିଶ୍ୱ ବାଣିଜ୍ୟ ସଙ୍ଗଠନ(ଡବ୍ଲ୍ୟୁଟିଓ) ଭଳି ସଂସ୍ଥାଗୁଡ଼ିକର ମାଧ୍ୟମରେ ବୈଶ୍ୱିକ ସହଯୋଗ। କିନ୍ତୁ ବିଡ଼ମ୍ବନାର ବିଷୟ, ଆମେରିକୀୟମାନେ ସେମାନଙ୍କ ରାଷ୍ଟ୍ରପତିଙ୍କୁ ମୁକ୍ତ ବିଶ୍ୱର ନେତା ଭାବେ ଅଭିହିତ କରନ୍ତି। ନିୟମ ଆଧାରିତ ବ୍ୟବସ୍ଥାର ସଂସ୍ଥା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍) ଅନୁଯାୟୀ, ଆମେରିକାର ବାର୍ଷିକ ମୁଣ୍ଡ ପିଛା ଆୟ ୯୦,୦୦୦ ଡଲାର। ଭାରତର ମୁଣ୍ଡ ପିଛା ଆୟ ଏହାର ୩୦ ଭାଗରୁ ୧ଭାଗ ଅର୍ଥାତ୍ ୩,୦୦୦ ଡଲାରରୁ କମ୍। ଗତ କିଛି ଦଶନ୍ଧି ମଧ୍ୟରେ ଆମେରିକାର ଅର୍ଥ ବ୍ୟବସ୍ଥା ବୃଦ୍ଧି ପାଇଛି, କାରଣ ଏହାର କମ୍ପାନୀଗୁଡ଼ିକ ବିମାନ, ଫୋନ୍ ଓ କମ୍ପ୍ୟୁଟର ଭଳି ଉତ୍ପାଦ ରପ୍ତାନି କରୁଛନ୍ତି। ସାରା ବିଶ୍ୱରେ ଏହାର ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ସେବା ଯୋଗାଉଥିବା ସେହି ପ୍ରଭାବ ବିସ୍ତାରକରି ରହିଛନ୍ତି। ଏପରିକି ନିକଟରେ ଚାକିରି ସଂଖ୍ୟା ହ୍ରାସ କରିଥିଲେ ମଧ୍ୟ ଆମେରିକାକୁ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରଦାନକାରୀ ଦେଶ ବୋଲି କୁହାଯାଉଛି। ସେଠାରେ ବେରୋଜଗାରୀ ପାଖାପାଖି ୪%, ଯାହା ଏକ ଭଲ ସ୍ଥିତି। ଏଥିରୁ ବୁଝାପଡୁଛି, ଆୟ ଓ ନିଯୁକ୍ତି ଦୃଷ୍ଟିକୋଣରୁ ଦାରିଦ୍ର୍ୟ ତଥା ବେରୋଜଗାରୀ ଭଳି ଗମ୍ଭୀର ସମସ୍ୟାରେ ଜଡ଼ିତ ଭାରତ ଭଳି ଦେଶଗୁଡ଼ିକ ତୁଳନାରେ ଆମେରିକା ଅତ୍ୟନ୍ତ ଭଲ ସ୍ଥିତିରେ ଅଛି। ତଥାପି ଆମେରିକା ଅସନ୍ତୁଷ୍ଟ। ଏହା ବିଶ୍ୱସ୍ତରରେ ଠକାମିର ଶିକାର ହେଉଛି ଓ ତାହାକୁ ରୋକିବା ଲାଗି ପଦକ୍ଷେପ ନେଉଛନ୍ତି ବୋଲି ଏହାର ରାଷ୍ଟ୍ରପତି କହୁଛନ୍ତି। ମୁଖ୍ୟତଃ, ଅନ୍ୟ ଦେଶଗୁଡ଼ିକର ଉତ୍ପାଦ ରପ୍ତାନି (ଆମେରିକାକୁ)ରେ ସେ ଅତ୍ୟନ୍ତ କଠିନ ସ୍ଥିତି ଉପୁଜାଉଛନ୍ତି। ଭାରତର ସବୁଠୁ ବଡ଼ ରପ୍ତାନି ବଜାର ହେଉଛି ଆମେରିକା ଏବଂ ଆମ ସାମଗ୍ରୀ ଉପରେ ୨୫% ଟାରିଫ୍ ଆମ ରପ୍ତାନିକୁ କ୍ଷତି ପହଞ୍ଚାଇବ। ଯଦି ଏହି ଟାରିଫ୍ ଜାରି ରହେ ଆମ ସ୍ୱାର୍ଥରେ ଘୋର ବାଧା ଆସିବ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନେଉଥିବା ପଦକ୍ଷେପ ରୁଲ୍ସ ବେସ୍ଡ ଅର୍ଡରକୁ ଏବଂ ତାହାର ମିତ୍ର ଦେଶ ଓ ମେଣ୍ଟ ତଥା ଗରିବ ଦେଶଗୁଡ଼ିକର କ୍ଷତି କରିବ ନା ନାହିଁ, ସେ ସମ୍ପର୍କରେ ଆମେରିକାରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିତର୍କ ହେଉନାହିଁ। ଡବ୍ଲ୍ୟୁଟିଓର ନିୟମ ଓ ନିୟାମକ ଅଧୀନରେ ଥିବା ଏବଂ ଉପଯୋଗ ହେଉଥିବା ଟାରିଫ୍ ବ୍ୟବସ୍ଥାକୁ ଆମେରିକା ଭାଙ୍ଗିଦେବା ପାଇଁ ପଦକ୍ଷେପ ନେଇଛି। ଆମେରିକା ତାହାକୁ ଅମାନ୍ୟ ବା ଉପେକ୍ଷା କରିଛି ଏବଂ ଯେଉଁ ବ୍ୟବସ୍ଥାକୁ ଅନେକ ଦଶନ୍ଧି ଧରି ଭଲ ଭାବେ ଚଳାଇ ଆସିଥିଲା ତାହାକୁ ଏବେ ଦୁର୍ବଳ କରିଛି। ଫଳରେ ଆମେରିକା ସାରା ବିଶ୍ୱର କ୍ଷତି କରୁଛି।

ନିୟମ ଆଧାରିତ ବୈଶ୍ୱିକ ବ୍ୟବସ୍ଥାକୁ ଅଣଦେଖା କରିବାର ଦ୍ୱିତୀୟ ଉଦାହରଣ ରହିଛି। ଗାଜାରେ ଗଣହତ୍ୟା ପାଇଁ ଇସ୍ରାଏଲକୁ ଆମେରିକା ସାହାଯ୍ୟ ସହଯୋଗ କରିଆସୁଛି। ଆମେରିକା ଅନେକ ହଜାର ପାଲେଷ୍ଟନୀୟଙ୍କୁ ଭୋକିଲା ରଖିବା ସହ ଗଣହତ୍ୟାରେ ଜଡ଼ିତ ଇସ୍ରାଏଲକୁ ସୁରକ୍ଷା ଦେଇଆସୁଛି। ଏହା ସହ ଇରାନ ଉପରେ ବେଆଇନ ଭାବେ ଆକ୍ରମଣ କରିଛି। ବିଶ୍ୱର ଅଧିକାଂଶ ଦେଶ ଗାଜାରେ ଆତଙ୍କର ଅନ୍ତ ସକାଶେ ଜାତିସଂଘ ସାଧାରଣ ସଭାରେ ଭୋଟ ମାଧ୍ୟମରେ ଜଣାଇଛନ୍ତି। କିନ୍ତୁ ଆମେରିକା ତାହାର ଭିଟୋ ପ୍ରୟୋଗକରି ଏକବିଂଶ ଶତାବ୍ଦୀରେ ଗଣହତ୍ୟା ଜାରି ରଖିବା ପାଇଁ ଅନୁମତି ଦେଇଛି। ସେହିଭଳି ଟାରିଫ୍ ବିଷୟରେ ଆମେରିକା ବିଶ୍ୱକୁ ଜଣାଇ ଦେବାକୁ ଚାହୁଁଛି ଯେ, ତାହା ମଧ୍ୟ ନିୟମ ଆଧାରିତ ବୈଶ୍ୱିକ ବ୍ୟବସ୍ଥାରୁ ଦୂରେଇଯାଇ ଶକ୍ତି ବଳରେ ଧମକଚମକ ଦେଇ ତାହାକୁ ହଟାଇଦେବାକୁ ଚାହୁଁଛି। ଏହିସବୁ ପଦକ୍ଷେପରୁ ଆଉ କିଛି ବିଷୟ ଆମେ ଆକଳନ କରିପାରିବା। ପ୍ରଥମରେ, ଆମେରିକା ଏବେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଆଗକୁ ଯେଉଁ ଦେଶ କ୍ଷମତାଶାଳୀ ହେବ ତାହା ମଧ୍ୟ ଆମେରିକା ଭଳି ଦୁର୍ବଳ ଦେଶଗୁଡ଼ିକୁ ବ୍ୟବହାର କରିବ। 'ଜୋର ଯାର ମୁଲକ ତାର' ବୈଧ ହୋଇଯିବ। ବିଶ୍ୱର ଧନୀ ଦେଶଗୁଡ଼ିକ ପକ୍ଷରୁ ଏହାକୁ ଦୃଢ଼ ବିରୋଧ କରାଯାଉନାହିଁ ଏବଂ ବ୍ରିକ୍ସରେ ଦେଖାଯାଇଥିବା ବିଭେଦ ମଧ୍ୟ ଆମେରିକାର ବଦମାସିକୁ ଖୋରାକ ଯୋଗାଉଛି। ଦ୍ୱିତୀୟରେ, ଆମ ବ୍ୟକ୍ତିକେନ୍ଦ୍ରିକ କୂଟନୀତିର କ'ଣ ଲାଭ ହୋଇଛି ସେ ବିଷୟରେ ବିଚାର କରାଯିବା ଦରକାର। ଇସ୍ରାଏଲ ନେତାଙ୍କୁ କୋଳେଇନେବା ଯୋଗୁ ଆମେ ଦଶନ୍ଧି ବ୍ୟାପୀ ଚାଲିଆସିଥିବା ସଂସ୍ଥାଗତ ସହମତିକୁ ଅଣଦେଖା କରିଛୁ। ଭାରତରେ ହେଉ କିମ୍ବା ଆମେରିକାରେ, ସବୁ ସମ୍ମାନ ଆମେ ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଅଜାଡ଼ି ଦେଇଛୁ ଏବଂ ତାଙ୍କୁ ଭୋଟଦେବା ପାଇଁ ଭାରତୀୟ–ଆମେରିକୀୟଙ୍କୁ ଉତ୍ସାହିତ କରିଛୁ। ହେଲେ ତା'ବଦଳରେ ଆମେ କୌଣସି ଲାଭ କିମ୍ବା ଅନୁକମ୍ପା ପାଇନାହୁଁ।

ଶେଷକଥା ହେଉଛି, ଏଭଳି ସ୍ଥିତିରେ ଏହି ସମୟରେ ଆମେରିକାକୁ ଏହା କରିବା ପାଇଁ କେଉଁସବୁ ବିଷୟ ଉସୁକାଉଛି, ସେ ସମ୍ପର୍କରେ ବିଚାରକରିବା ଉଚିତ। ଆମେରିକାର କ୍ଷମତା, ଧନ ଓ ଭଲ ଆର୍ଥିକ ସ୍ଥିତିକୁ ଦେଖିଲେ ଏହା କାହିଁକି ହେଉଛି ? ଆମେରିକା ଏବେ ବାତାଳାମି ବା ପାଗଳାମି ଦେଇ ଗତିକରୁଛି କି ? ଏହାର ଉତ୍ତର ହେଉଛି, ବିକାଶଶୀଳ ଦେଶଗୁଡ଼ିକ ବିଶେଷକରି ଚାଇନାର ଉତ୍‌ଥାନ। ବିଗତ ୩୦ ବର୍ଷ ମଧ୍ୟରେ ସେମାନଙ୍କର ଯେଭଳି ଉତ୍‌ଥାନ ହେଉଛି ଓ ତାହା ଯଦି ଜାରି ରହେ, ତେବେ ଗୋଟିଏ କିମ୍ବା ଦୁଇ ଦଶନ୍ଧି ମଧ୍ୟରେ ଆମେରିକା ବିଶ୍ୱର ବୃହତ୍ତମ ଅର୍ଥ ବ୍ୟବସ୍ଥା ହୋଇ ରହିବ ନାହିଁ, ଯାହା ପ୍ରଥମ ଥର ପାଇଁ ଘଟିବ। ଏହା ପାଶ୍ଚାତ୍ୟ ପାଇଁ ଗ୍ରହଣୀୟ ହେଉନାହିଁ। ଅନେକ ଶତାବ୍ଦୀ ଧରି ଉତ୍ତର ଆମେରିକା, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା କିମ୍ବା ଏବେ ଯାହା ପାଲେଷ୍ଟାଇନ୍‌ରେ କରୁଛି, ତାହା କରିବାକୁ ଏହା ସକ୍ଷମ ହେବ ନାହିଁ। ପାଶ୍ଚାତ୍ୟ ଭଳି ବିଶ୍ୱର ଅନ୍ୟ ସବୁ ଦେଶର ବିକାଶ ହେଉଥିବାରୁ ପାଶ୍ଚାତ୍ୟର ଏମାନଙ୍କ ଉପରେ ନିୟନ୍ତ୍ରଣ ଓ ପ୍ରାଧାନ୍ୟ ହ୍ରାସ ପାଉଛି। ଏହି କାରଣରୁ ଆମେରିକା ନିୟମ ଆଧାରିତ ବ୍ୟବସ୍ଥାଠାରୁ ଦୂରେଇ ଯାଉଛି ଓ ତା' ଶକ୍ତିର ସାହାରା ନେଉଛି। ବିଶ୍ୱ ପାଇଁ ବିଶେଷକରି ସ୍ଥାୟିତ୍ୱ ଓ ଦାରିଦ୍ର୍ୟରୁ ମୁକୁଳିବା ସକାଶେ ଆଉ କିଛି ବର୍ଷ ବୈଶ୍ୱିକ ସହଯୋଗ ଚାହୁଁଥିବା ଦେଶଗୁଡ଼ିକ ପାଇଁ ଏହି ସମୟ ସବୁଠୁ ବିପଜ୍ଜନକ।

Email:aakar.patel@gmail.com

# ଭାରତର ଜନସାଂଖ୍ୟକୀୟ ଲାଭାଂଶ



ବିଦ୍ୟାଧର ମହାରଣା

ଭାରତର ଜନସଂଖ୍ୟା ଏବେ ୧୪୬ କୋଟିରେ ପହଞ୍ଚିଲାଣି ଏବଂ ଦେଶ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ହାସଲ କରି ଚତୁର୍ଥ ଆଡ଼କୁ ମୁହାଁଇଲାଣି। ଦେଶରେ କାର୍ଯ୍ୟକ୍ଷମ ଜନସଂଖ୍ୟା (୧୫–୬୪ ବର୍ଷ) ପ୍ରାୟ ୬୩%। ଏମାନଙ୍କ ହାରାହାରି ବୟସ ୨୮ ହୋଇଥିବାରୁ ଏହି ଶ୍ରେଣୀର ଅଧିକ ହେଉଛନ୍ତି ଯୁବ ଗୋଷ୍ଠୀ । ଏଣୁ ଆମ ଦେଶରେ ଜନସାଂଖ୍ୟକୀୟ ଲାଭାଂଶ (ଡେମୋଗ୍ରାଫିକ ଡିଭିଡେଣ୍ଡ) ଉଠାଇବାର ଏକ ଅପୂର୍ବ ସୁଯୋଗ ରହିଛି। କାରଣ ଦେଶର କାର୍ଯ୍ୟକ୍ଷମ ଲୋକବଳ ଯେତେବେଳେ କାର୍ଯ୍ୟହୀନ ଲୋକ (ଶିଶୁ ଓ ବୟସ୍କ)ଙ୍କ ତୁଳନାରେ ଅଧିକ ଥାଏ, ସେତେବେଳେ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭାବନା ଅଧିକ ହୁଏ। ଏହାକୁ ଜନସାଂଖ୍ୟକୀୟ ଲାଭାଂଶ କୁହଯାଏ। ଡେଭିଡ୍ ବ୍ଲୁମ ଜନସାଂଖ୍ୟକୀୟ ଲାଭାଂଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହାର ଉପାଦେୟତା ପ୍ରଥମେ ପ୍ରକାଶ କରିଥିଲେ।

ଜନସାଂଖ୍ୟକୀୟ ଲାଭାଂଶ ସେତିକିବେଳେ ଦେଖାଯାଏ, ଯେତେବେଳେ ମୋଟ ଜନସଂଖ୍ୟାର ବଡ଼ ଭାଗ କାର୍ଯ୍ୟବଳ ହିସାବରେ ସମ୍ଭାବ୍ୟ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ କରିପାରିବେ। ଏହାକୁ ଜନସଂଖ୍ୟାର ଉପହାର ମଧ୍ୟ କୁହଯାଏ। ତେବେ ଏପରି ଯୁବକ ଶକ୍ତି ଅଧିକ ଶିକ୍ଷିତ ଓ ସ୍ୱାସ୍ଥ୍ୟବାନ୍ ହେବା ଆବଶ୍ୟକ। ଏହାର ଏକ କାରଣ ହୋଇପାରେ, ଭାରତର ମୋଟ ପ୍ରଜନନ ହାର ହ୍ରାସ ; ଯାହାକି ମହିଳାମାନଙ୍କ ସନ୍ତାନ ଜନ୍ମ ହାରକୁ ବୁଝାଏ। ବିଶ୍ୱରେ ଏହି ହାର ୨.୪ ଥିବାବେଳେ ଭାରତରେ ଏହା ୨.୨। ଯଦିଓ ଏହା ହ୍ରାସ ପାଇଛି, ଏହାର ହାର ବିଭିନ୍ନ ରାଜ୍ୟରେ ଅଲଗା ରହିଛି। ବିହାର, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ଏହି ହାର ୨.୫ ଥିବାବେଳେ ଦିଲ୍ଲୀ, ମହାରାଷ୍ଟ୍ର ଓ ତାମିଲନାଡୁରେ ଏହି ହାର ୧.୫। ଏହା ଅଧିକ ପ୍ରଜନନକ୍ଷମ ଗ୍ରାମ୍ୟ ଅର୍ଥନୀତିରୁ ନ୍ୟୂନ ପ୍ରଜନନ ଓ ନିମ୍ନ ମୃତ୍ୟୁହାର ଥିବା ସହରାଞ୍ଚଳର ଶିଳ୍ପ ଅର୍ଥନୀତିକୁ ପରିବର୍ତ୍ତନ ଯୋଗୁ ସମ୍ଭବ ହୋଇଥାଏ। ଏପରି କାର୍ଯ୍ୟକ୍ଷମ ଲୋକବଳ ଯେତେ ଅଧିକ ହେବ, ଦେଶରେ ତ୍ୱରାନ୍ୱିତ ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି ହେବ। ତେବେ ଏହା ସୁଯୋଗ ସୃଷ୍ଟି କରିବା ସହିତ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ମଧ୍ୟ ହୋଇଥାଏ। ଅଧିକ କାର୍ଯ୍ୟକ୍ଷମ ଲୋକଶକ୍ତି ଦେଶରେ ଉତ୍ପାଦନ, ଉପଭୋଗ ଓ ନିବେଶ କ୍ଷେତ୍ରରେ ବେଶି ଯୋଗଦାନ କରିପାରନ୍ତି। ଅଧିକ ଶ୍ରମବଳ ଅଧିକ ଉତ୍ପାଦକତା ଏବଂ ନବସୃଜନ ବା ନବୋନ୍ମେଷ ସହାୟକ ମଧ୍ୟ ହୋଇପାରନ୍ତି। ଏମାନଙ୍କ ମାନବୀୟ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୌଶଳ ବିକାଶ ହେଲେ ଜନସାଂଖ୍ୟକୀୟ ଲାଭାଂଶ ଦେଶର ନିରନ୍ତର ବିକାଶ ଆଡ଼କୁ ରୂପାନ୍ତରିତ ହେବା ନିଶ୍ଚିତ।

ଏପରି ଲାଭାଂଶର ସଦୁପଯୋଗ କରିବାକୁ ହେଲେ ପ୍ରଥମେ ଆମ ଆଗରେ ଥିବା ସମସ୍ୟାଗୁଡ଼ିକ ଅନୁଧ୍ୟାନ କରି ସଠିକ ରଣନୀତି ସ୍ଥିର କରିବାକୁ ହେବ। ହାରାହାରି ୪୫% କାର୍ଯ୍ୟବଳ କୃଷି କ୍ଷେତ୍ରରେ ନିୟୋଜିତ



ହେଲେହେଁ ସାମଗ୍ରିକ ଘରୋଇ ଉତ୍ପାଦର ମାତ୍ର ୧୮% କୃଷିରୁ ଆସେ। ପ୍ରାୟ ୧୯% କାର୍ଯ୍ୟବଳ ଅସଂଗଠିତ ଓ ଏମାନେ କୃଷି କ୍ଷେତ୍ରରେ କାର୍ଯ୍ୟରତ। ଦେଶରେ ମୁଖ୍ୟ ସମସ୍ୟାଗୁଡ଼ିକ ହେଲା ବେରୋଜଗାରି, ଶିକ୍ଷା ଓ କୌଶଳ ଅଭାବ ଏବଂ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର ଅଭାବ। ଏପରି ଜନସାଂଖ୍ୟକୀୟ ଲାଭାଂଶ ଆମ ଦେଶରେ ୨୦୪୦ ପର୍ଯ୍ୟନ୍ତ ରହିପାରେ ଏବଂ ଏହା ପରେ ବରିଷ୍ଠଙ୍କ ସଂଖ୍ୟା ବୃଦ୍ଧି ପାଇବ।

ଏପରି ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ସରକାର କେତେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୦୧୫ ମସିହାରେ ଆରମ୍ଭ କରାଗଲା କୌଶଳ ଭାରତ ମିଶନ। ଯୁବକମାନଙ୍କୁ କୌଶଳ ବିକାଶ ତାଲିମ ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି କରିବା ଏହାର ଲକ୍ଷ୍ୟ। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ବିନିର୍ମାଣ ଓ କର୍ମସଂସ୍ଥାନ ଏହାର ଉଦ୍ଦେଶ୍ୟ। ୨୦୨୦ରେ ଦେଶରେ ନୂତନ ଶିକ୍ଷାନୀତି ପ୍ରଣୟନ କରାଯାଇଛି। ସାମ୍ପ୍ରତିକ ଶିକ୍ଷା ପ୍ରଣାଳୀରେ ସଂସ୍କାର ଆଣି ଉତ୍ତମ ଓ ଆବଶ୍ୟକୀୟ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଆୟୁଷ୍ମାନ୍ ଭାରତ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଡିଜିଟାଲ ସାକ୍ଷରତା ବିକାଶ କରାଯାଇ ବିଭିନ୍ନ ସୁଯୋଗ ସହିତ ଯୋଡ଼ି ହେବା ପାଇଁ ପ୍ରୟାସ କରାଯାଉଛି। ସୁତରାଂ ଦେଶର ଜନସାଂଖ୍ୟକୀୟ ଲାଭାଂଶ ହାସଲ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, କୌଶଳ ବିକାଶ ଓ ଆତ୍ମନିଯୁକ୍ତି ପାଇଁ ବ୍ୟାପକ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି। ଦେଶର ଚିରନ୍ତନ ବିକାଶ ପାଇଁ ରଣକୌଶଳ ଓ ନୀତି ଅନୁପାଳନ ମାଧ୍ୟମରେ ଏପରି ଲାଭାଂଶକୁ ବିନିଯୋଗ କରାଯାଇ ପାରିବ।

ଆଲୋଚନା କରିବା ଆଗକୁ କ'ଣସବୁ ରାସ୍ତା ରହିଛି। ରାଜ୍ୟଗୁଡ଼ିକ ଅଦରକାରୀ ଖର୍ଚ୍ଚ ହ୍ରାସ କରି ଏକ ପୁଞ୍ଜି ନିବେଶ ବାତାବରଣ ସୃଷ୍ଟି କରିବା ଆବଶ୍ୟକ। ଏହାଦ୍ୱାରା ବହୁ ଶ୍ରମ ଦିବସ ସୃଷ୍ଟି ହୋଇପାରିବ। କୃଷି ସହିତ ଶ୍ରମପ୍ରଧାନ ଶିଳ୍ପ ବିକାଶ ପାଇଁ ପ୍ରୋତ୍ସାହନ ଯୋଗାଇବା ମଧ୍ୟ ଜରୁରୀ। ଔପଚାରିକ ଶିକ୍ଷା ଓ ବ୍ୟବସାୟିକ ପ୍ରଶିକ୍ଷଣ ଦ୍ୱାରା ଶିଳ୍ପ ସଂକ୍ରାନ୍ତ କୌଶଳ ବିକାଶକୁ ଏକୀକରଣ କରିବା ପାଇଁ ସରକାରୀ–ବେସରକାରୀ ଭାଗୀଦାରିକୁ ଉତ୍ସାହିତ କରାଗଲେ ଅଧିକ ସୁଫଳ ମିଳିପାରିବ। କୃତ୍ରିମ ମେଧା ଓ ମେଶିନ ଲର୍ଣ୍ଣିଂ (ଏ. ଆଇ/ ଏମ୍.ଏଲ) ମଧ୍ୟରେ ଶ୍ରମିକମାନଙ୍କର କୌଶଳ ବିକାଶ କରାଗଲେ ଅଧିକ ଦକ୍ଷ ଶ୍ରମିକ ବାହାରିବେ। ବିଭିନ୍ନ କମ୍ପାନୀ ସହାୟତାରେ ପ୍ରତିଭାସମ୍ପନ୍ନ ଶ୍ରମିକ ସମ୍ବଳ ବାହାର କରାଯିବା ଆବଶ୍ୟକ।

ମଧ୍ୟମ ଓ କ୍ଷୁଦ୍ରଶିଳ୍ପ ବୃଦ୍ଧି କରିବା ପାଇଁ ପ୍ରୋତ୍ସାହନ ଯୋଗାଇଦେଲେ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ। ଏଥିପାଇଁ ସହଜରେ ଅଧିକ ଋଣ ମଧ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଗୁରୁତ୍ୱପୂର୍ଣ୍ଣ। ଅଣକୁଶଳୀ ଶ୍ରମିକଙ୍କ ପାଇଁ ଖେଳଣା, ପୋଷାକ ଓ ପର୍ଯ୍ୟଟନ ପରି କର୍ମନିଯୁକ୍ତି କ୍ଷେତ୍ରର ବିକାଶ କରାଗଲେ ବେକାରି ସମସ୍ୟା ସମାଧାନ ହୋଇପାରିବ। ଶ୍ରମିକମାନଙ୍କ କୌଶଳ ବୃଦ୍ଧି ପରେ ଉତ୍ପାଦଗୁଡ଼ିକର ମୂଲ୍ୟ ଶୃଙ୍ଖଳାରେ ଉନ୍ନତି କରାଗଲେ ଶ୍ରମିକମାନେ ଅଧିକ ପାରିଶ୍ରମିକ ପାଇବେ। ପ୍ରଧାନମନ୍ତ୍ରୀ ଗତିଶକ୍ତି ପରି ଯୋଜନାଗୁଡ଼ିକର କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ମିଳିତ ସହଯୋଗ ଆବଶ୍ୟକ।

ଜନସାଂଖ୍ୟକୀୟ ଲାଭାଂଶ ପାଇଁ ଭାରତ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାର ଆବଶ୍ୟକତା ଅଛି। ପ୍ରଥମରେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଅଧିକ ନିବେଶ କରିପାରିଲେ କାର୍ଯ୍ୟବଳ କର୍ମନିଯୁକ୍ତି ପାଇପାରିବେ। ଦ୍ୱିତୀୟରେ ନିର୍ମାଣ ବା ମାନୁଫାକ୍‌ଚରିଂ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ କଲେ ଅଧିକ ସଂଖ୍ୟକ କର୍ମଯୋଗାଣ ସୃଷ୍ଟି ହେବ। ତୃତୀୟରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଯୁବଗୋଷ୍ଠୀ ପାଇଁ ଅଧିକ ସମ୍ଭାବନା ସୃଷ୍ଟି କରିପାରିବେ। ରାଜ୍ୟଗୁଡ଼ିକ ମଧ୍ୟରେ ସହଯୋଗ ଆବଶ୍ୟକ। ଚତୁର୍ଥରେ ମାନବୀୟ ବିକାଶ ପାଇଁ ଭାରତରେ ଅଧିକ ଅର୍ଥ ବିନିଯୋଗ କରାଯିବା ଦରକାର। ଅର୍ଥନୈତିକ ଉତ୍ପାଦକତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସଶକ୍ତୀକରଣ ପାଇଁ ଏହି ବିନିଯୋଗ ଆବଶ୍ୟକ। ଶିକ୍ଷା କ୍ଷେତ୍ରରେ ଅନ୍ୟୂନ ସାମଗ୍ରିକ ଘରୋଇ ଉତ୍ପାଦର ୬% ବ୍ୟୟ ହେବା ଜରୁରୀ। ପଞ୍ଚମରେ ନିରନ୍ତର ବିକାଶ ଲକ୍ଷ୍ୟରେ ସ୍ଥାନିତ ୧୭ଟି ଲକ୍ଷ୍ୟ ପୂରଣ କରିବା ପାଇଁ ବିଧିବଦ୍ଧ ଉଦ୍ୟମ ଆବଶ୍ୟକ। ସର୍ବୋପରି ମାନବୀୟ ବିକାଶ ସୂଚକାଙ୍କରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନକୁ ଉନ୍ନତ କରିବାକୁ ହେବ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କର୍ମନିଯୁକ୍ତି ମାଧ୍ୟମରେ ରୋଜଗାର ବୃଦ୍ଧି ଏବଂ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ଆବଶ୍ୟକ।

ଜନସାଂଖ୍ୟକୀୟ ଲାଭାଂଶର ଫାଇଦା ମଧ୍ୟରେ ପ୍ରଥମ ହେଲା ଅର୍ଥନୈତିକ ଅଭିବୃଦ୍ଧି। ଏପରି ଲାଭାଂଶ ମାଧ୍ୟମରେ ସାମଗ୍ରିକ ଘରୋଇ ଉତ୍ପାଦ କ୍ଷେତ୍ରରେ ବାର୍ଷିକ ୨–୩% ଅଭିବୃଦ୍ଧି ସମ୍ଭବପର। ଦେଶରେ ଅଧିକ ଉପଭୋକ୍ତା ଥିବାରୁ ଅଧିକ ପୁଞ୍ଜି ନିବେଶ ସୁଯୋଗ ମିଳିପାରିବ। ଉପଯୁକ୍ତ ଶିକ୍ଷା ଓ କୌଶଳ ବିକାଶ କରାଗଲେ ଯୁବକମାନେ ନୂତନ ଅଭିନବକରଣରେ ଅଂଶଗ୍ରହଣ କରିପାରିବେ ; ଫଳରେ ଏହାଦ୍ୱାରା ଉତ୍ପାଦନ ଅଧିକ ହୋଇପାରିବ। ଆମ ଦେଶରେ ଜନସାଂଖ୍ୟକୀୟ ଲାଭାଂଶ ୨୦୪୦ ପର୍ଯ୍ୟନ୍ତ ରହୁଥିବାରୁ ଏହାର ଲାଭ ନିମନ୍ତେ ସମସ୍ତ ଯୋଜନା ଆଗାମୀ ୧୫ ବର୍ଷ ମଧ୍ୟରେ ନିଷ୍ଠାର ସହିତ କାର୍ଯ୍ୟାନୁଷ୍ଠାନ କରାଯିବା ଆବଶ୍ୟକ ମନେହୁଏ।

**କଳିଙ୍ଗନଗର, ୭/୪୫୨, ଭୁବନେଶ୍ୱର**
**ମୋ: ୯୪୩୭୦୭୧୧୯୦**

# ସମନ୍ୱିତ ପ୍ରୟାସ ଲୋଡ଼ା



ବରେଣ୍ୟ ଦାସ

ଜଳବାୟୁ ପରିବର୍ତ୍ତନ ସମଗ୍ର ପୃଥିବୀରେ ଗଭୀର ପ୍ରଭାବ ପକାଇଛି। ଏହା ପରିବେଶ, ଅର୍ଥନୀତି, କୃଷି, ସ୍ୱାସ୍ଥ୍ୟ ଓ ଜୀବ ବୈଚିତ୍ର୍ୟ ଉପରେ ମାରାତ୍ମକ ପ୍ରତିକ୍ରିୟା ସୃଷ୍ଟିକରୁଛି। ବିଶ୍ୱର ହାରାହାରି ତାପମାତ୍ରା ୨୦୧୧ରୁ ୨୦୨୦ ମସିହା ପର୍ଯ୍ୟନ୍ତ ପ୍ରାୟ୧.୧ଡିଗ୍ରୀ ସେଲ୍‌ସିଅସ୍ ବୃଦ୍ଧିପାଇଛି, ଯାହା ମୁଖ୍ୟତଃ ମାନବ କାର୍ଯ୍ୟକଳାପ ଯେପରିକି ଜୀବାଶ୍ମ ଇନ୍ଧନ (କୋଇଲା, ତୈଳ ଓ ଗ୍ୟାସ୍) ଜାଳିବା ଓ ବନସଂହାର ଯୋଗୁ ଘଟିଛି। ଏହି ତାପମାତ୍ରା ବୃଦ୍ଧି ଯୋଗୁ ସମୁଦ୍ରସ୍ତର ୧୯୦୧ରୁ ୨୦୧୮ମସିହା ମଧ୍ୟରେ ପ୍ରାୟ୨୦ସେଣ୍ଟିମିଟର (୮ଇଞ୍ଚ) ବୃଦ୍ଧିପାଇଛି। ଗତ ୨ ଦଶନ୍ଧିରେ ଏହାର ହାର ପୂର୍ବଶତାବ୍ଦୀ ତୁଳନାରେ ଦ୍ୱିଗୁଣିତ ହୋଇଛି। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଯଥା ପୁରୀ, ବାଲେଶ୍ୱର ଓ ଗଞ୍ଜାମରେ ଏହା ବନ୍ୟା ଓ ଜମି କ୍ଷୟର ବିପଦ ହୋଇଛି, ଯାହା ସ୍ଥାନୀୟ ଜନଜୀବନ ଓ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଛି।

ଜଳବାୟୁ ପରିବର୍ତ୍ତନ ଚରମ ପାଗଘଟଣାକୁ ତୀବ୍ର କରୁଛି। ୨୦୧୮ରେ ଉତ୍ତର ୟୁରୋପରେ ଘଟିଥିବା ଗ୍ରୀଷ୍ମଲହରି ଜଳବାୟୁ ପରିବର୍ତ୍ତନ ଯୋଗୁ ଦ୍ୱିଗୁଣ ବୃଦ୍ଧିପାଇଥିଲା। ଓଡ଼ିଶାରେ ଘୂର୍ଣ୍ଣିଝଡ଼ ଯେପରିକି ଫନୀ ଓ ଅମ୍ଫନର ତୀବ୍ରତା ମଧ୍ୟ ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ, ଯେଉଁଥିରେ ସମୁଦ୍ର ତାପମାତ୍ରା ବୃଦ୍ଧି ଏହି ଝଡ଼ଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିଛି। ଏହି ସବୁ ଝଡ଼ ଓଡ଼ିଶାରେ ଅର୍ଥନୈତିକ ଓ ସାମାଜିକ ସ୍ଥିରତାକୁ ପ୍ରଭାବିତ କରିଥିଲା।

ମାନବ ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅତ୍ୟନ୍ତ ଚିନ୍ତାଜନକ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଅନୁଯାୟୀ, ୨୦୩୦ରୁ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଅପପୁଷ୍ଟି, ମ୍ୟାଲେରିଆ, ଝାଡ଼ାବାନ୍ତି ଓ ଗ୍ରୀଷ୍ମଲହରି ଯୋଗୁ ପ୍ରତି ବର୍ଷ ଅତିରିକ୍ତ୨,୫୦,୦୦୦ମୃତ୍ୟୁ ହୋଇପାରେ। ଓଡ଼ିଶାରେ ଗ୍ରୀଷ୍ମଲହରି ଯୋଗୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇଛି। ଜଳବାୟୁ ପରିବର୍ତ୍ତନ ସାମାଜିକ ଓ ଅର୍ଥନୈତିକ ଅସମାନତାକୁ ଆହୁରି ବୃଦ୍ଧିକରୁଛି। କାରଣ ଗରିବ ଓ ଅସୁରକ୍ଷିତ ଜନଗୋଷ୍ଠୀ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି।

ଜୈବବିବିଧତା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ଗଭୀର। ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ତଥ୍ୟ(୨୦୨୦) ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଜୈବବିବିଧତା ହ୍ରାସର ମୁଖ୍ୟ କାରଣ। ୧୯୭୦ରୁ୨୦୧୬ମଧ୍ୟରେ ବିଶ୍ୱବ୍ୟାପୀ ମେରୁଦଣ୍ଡୀପ୍ରାଣୀଙ୍କ ସଂଖ୍ୟାରେ ୬୮% ହ୍ରାସ ଘଟିଛି। ଅନେକ ଅଞ୍ଚଳରେ୨୦୫୦ମସିହା ସୁଦ୍ଧା ବହୁ ପ୍ରଜାତି ଜଳବାୟୁ ପରିବର୍ତ୍ତନ ଯୋଗୁ ବିଲୁପ୍ତିର ବିପଦରେ ରହିଛନ୍ତି। ଓଡ଼ିଶାର ଚିଲିକା ହ୍ରଦ ଓ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ଜୈବବିବିଧତା ସମୁଦ୍ରସ୍ତର ବୃଦ୍ଧି ଓ ତାପମାତ୍ରା ପରିବର୍ତ୍ତନ ଯୋଗୁ ବିପଦରେ ଅଛି।



ଏହି ସଙ୍କଟର ମୁକାବିଲା ପାଇଁ ବିଶ୍ୱବ୍ୟାପୀ ଓ ସ୍ଥାନୀୟସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ୨୦୧୫ରେ ପ୍ୟାରିସ୍ ଚୁକ୍ତି ଜରିଆରେ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ଡିଗ୍ରୀ ସେଲ୍‌ସିଅସ୍‌ରେ ସୀମିତ ରଖିବାକୁ ଲକ୍ଷ୍ୟ ରଖଯାଇଛି। ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହନ ଦେବା ଏକ ମୁଖ୍ୟ ସମାଧାନ। ୨୦୨୨ମସିହାରେ ବିଶ୍ୱବ୍ୟାପୀ ନବୀକରଣୀୟ ଶକ୍ତିରେ ୫୦୦ବିଲିୟନ ଡଲାର ନିବେଶ କରାଯାଇଥିଲା। ଓଡ଼ିଶାରେ ସୌରଶକ୍ତି ପ୍ରକଳ୍ପରେ ୨୦୨୪ ସୁଦ୍ଧା ୫୦୦ ମେଗାୱାଟ ଉତ୍ପାଦନ କ୍ଷମତା ଯୋଗକରାଯାଇଛି, ଯାହା ରାଜ୍ୟର କାର୍ବନଫୁଟ୍ ପ୍ରିଣ୍ଟ ହ୍ରାସକରିଛି।

ଅନୁକୂଳନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଡ଼ିଶାରେ ବନ୍ୟା ଓ ଝଡ଼ବାତ୍ୟାର ମୁକାବିଲା ପାଇଁ ଉନ୍ନତ ପୂର୍ବ ଚେତାବନୀ ବ୍ୟବସ୍ଥା ଓ ସ୍ଥିତିସ୍ଥାପକ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଉପକୂଳ ଅଞ୍ଚଳରେ ସମୁଦ୍ରଜଳ ପ୍ରବେଶରୁ ଗ୍ରାମଗୁଡ଼ିକୁ ରକ୍ଷାକରିବା ପାଇଁ ବନ୍ଧ ନିର୍ମାଣ କରାଯାଉଛି, ଯାହା ବନ୍ୟା ଓ ଝଡ଼ବାତ୍ୟାର ମୁକାବିଲାରେ ସହାୟକ। ଏହାସହ ପ୍ରକୃତି ଆଧାରିତ ସମାଧାନ, ଯେପରିକି ଜଳାଶୟ ଓ ସବୁଜ ଛାତ, ବନ୍ୟା ଏବଂ ଗ୍ରୀଷ୍ମଲହରି ମୁକାବିଲା କରିବାରେ ସହାୟକ ଭୂମିକା ପାଳନକରେ। କାର୍ବନଟ୍ୟାକ୍ସ ଓ ନିର୍ଗମନ ବାଣିଜ୍ୟ ପ୍ରଣାଳୀ ଭଳି ବଜାର ଆଧାରିତ ପଦ୍ଧତି ମଧ୍ୟ କାର୍ବନ ନିର୍ଗମନ ହ୍ରାସକରୁଛି। ୨୦୨୪ସୁଦ୍ଧା ୭୫ଟି କାର୍ବନ ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀ ବିଶ୍ୱବ୍ୟାପୀ କାର୍ଯ୍ୟକାରୀ ହୋଇସାରିଛି। ଆଇପିସିସି(୨୦୨୨)ର ତଥ୍ୟ ଅନୁଯାୟୀ, ୧୭୦ରୁ ଅଧିକ ଦେଶ ଓ ଅନେକ ସହର ନିଜର ଜଳବାୟୁନୀତି ଓ ଯୋଜନା ପ୍ରକ୍ରିୟାରେ ଅନୁକୂଳନ ଅନ୍ତର୍ଭୁକ୍ତକରିଛନ୍ତି। ଫସଲ ସୁଧାର, ଜଳ ପରିଚାଳନା ଓ ସଂରକ୍ଷଣ, ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ, ଜଳସେଚନ ଇତ୍ୟାଦି ପ୍ରଭାବୀ ଅନୁକୂଳନ ବିକଳ୍ପ ହିସାବରେ ପ୍ରମାଣିତ ହୋଇଛି।

ଜନସାଧାରଣଙ୍କୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନ କରାଇବା ମଧ୍ୟ ଅତ୍ୟନ୍ତ ଜରୁରୀ। ଓଡ଼ିଶାରେ ସ୍କୁଲ ଓ ଗୋଷ୍ଠୀ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଜୀବନଶୈଳୀ ପରିବର୍ତ୍ତନ ଓ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସରେ ସହାୟକ ହେବ।

ବର୍ତ୍ତମାନର ଆବଶ୍ୟକତା ହେଉଛି ଏକ ବ୍ୟାପକ ଓ ସମନ୍ୱିତ ଉପାୟ ଯାହା ଅନୁକୂଳନ ଦିଗକୁ ଏକା ସାଙ୍ଗରେ ସମାଧାନ କରିପାରିବ। ବିଜ୍ଞାନ ଓ ପ୍ରଯୁକ୍ତିର ଅଗ୍ରଗତି ସହ ଅନ୍ତର୍ଜାତୀୟ ସହଯୋଗ ଏବଂ ଆର୍ଥିକ ସହାୟତା ବୃଦ୍ଧି ହେଲେ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇପାରିବ। ନବୀକରଣୀୟ ଶକ୍ତିର ଦ୍ରୁତ ଅଗ୍ରଗତି ଓ ମୂଲ୍ୟହ୍ରାସ ସହ ଅନୁକୂଳନ ପ୍ରଯୁକ୍ତିର ବିକାଶ ଏକ ସୁସ୍ଥ ପୃଥିବୀ ପାଇଁ ଆଶା ଜଗାଇଛି। ଏହି ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମସ୍ତ ଦେଶ, ସମୁଦାୟ ଓ ବ୍ୟକ୍ତିର ସମନ୍ୱିତ ପ୍ରୟାସ ଆବଶ୍ୟକ, ଯାହାକି ଆଗାମୀ ପିଢ଼ି ପାଇଁ ଏକ ବାସଯୋଗ୍ୟ ପୃଥିବୀ ନିଶ୍ଚିତ କରିପାରିବ।

**ଆଇଆଇଏମ୍, କଲିକତା**
**ମୋ: ୮୩୩୫୯୪୯୪୭୭**

## ଏଇ ଭାରତରେ

ଏବେ ସିଙ୍ଗଲ ୟୁଜଡ୍ ପ୍ଲାଷ୍ଟିକ ବ୍ୟବହାର ବଢ଼ିଚାଲିଛି। ଯିଏ ବାହାରକୁ ଯାଉଛନ୍ତି ଶୋଷ ହେଲେ ପ୍ଲାଷ୍ଟିକ ପାଣି ବୋତଲ କିଣି ପିଉଛନ୍ତି ଓ ପରେ ତାହାକୁ ପିଙ୍ଗି ଦେଉଛନ୍ତି। ଏହା ଅନେକ ବର୍ଷ ଧରି ପଡ଼ିରହି ମାଟି, ପାଣି ଓ ପବନ ସର୍ବୋପରି ପରିବେଶକୁ କ୍ଷତି କରିଚାଲିଛି। ଏଣୁ ଏଭଳି ସମସ୍ୟା ଦୂର କରିବା ଲାଗି ଆଗକୁ ଆସିଛନ୍ତି କେରଳର ପ୍ରଦୀପ କୋକାଟ ଏବଂ ଅଲି ଅସ୍‌ଗର । ସେମାନେ ଅବିକଳ ପ୍ଲାଷ୍ଟିକ ଭଳି ଦେଖାଯାଉଥିବା ଏକ ପ୍ରକାର ବୋତଲ ତିଆରି କରୁଛନ୍ତି। ମକା ଓ ଆଖୁ ବର୍ଜ୍ୟରୁ ଏକ ପ୍ରକାର ପଲିଲାକଟାଇଡ (ଏକ ପ୍ରକାର ଜୈବିକ ପଦାର୍ଥ) ପ୍ରସ୍ତୁତ କରି ସେଥିରୁ ବାୟୋ ପ୍ଲାଷ୍ଟିକ ତିଆରି କରୁଛନ୍ତି। ସେମାନେ ୧୦୦ ମିଲିଲିଟରରୁ ୧ ଲିଟର ପାଣି ରହୁଥିବା ବୋତଲ ତିଆରି କରୁଛନ୍ତି। ପ୍ରଦୀପ ଓ ଅଲି 'ବାୟୋ ଗ୍ରିନ୍' ଷ୍ଟାର୍ଟଅପ ମାଧ୍ୟମରେ ଏହା କରୁଛନ୍ତି। ଏହି ବାୟୋ ପ୍ଲାଷ୍ଟିକ ବୋତଲଗୁଡ଼ିକ ୩ ମାସ ମଧ୍ୟରେ ମାଟିରେ ମିଶିଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୩ ଅଗଷ୍ଟ ୧୯୭୬**

- ମହାରାଷ୍ଟ୍ରର ପୂର୍ବତନ ଉପମନ୍ତ୍ରୀ ଗୁଣ୍ଡୁ ଦେଶରଥା ପାଟିଲଙ୍କ ୫୫ ବର୍ଷ ବୟସରେ ପରଲୋକ।
- ପ୍ରେଗଠାରେ ଭାରତ ଓ ଚେକୋସ୍ଲୋଭାକିଆ ମଧ୍ୟରେ ସାଂସ୍କୃତିକ ବିନିମୟ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଶୀତଳ ନିଶା ବିରହ ଖେଦ
ପାରଇ ନାହିଁ ସହି ତ
ବିକଳି ତାର ଦୟିନି ଶୁଣ
ନିଖିଳ ଜନ ଦୟିତ !
ବିଶ୍ୱବାସୀ ପରାଣ ମନ
ରଞ୍ଜନ ହେ ରଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 6 | | 1 | 2 |
| | | | | | | | | 9 |
| | | 5 | | | | | | 3 |
| | | | 7 | | | | | 6 |
| | 9 | | 2 | | 3 | 5 | | |
| | | | | 1 | | | 8 | |
| | | | | | 1 | | 6 | 8 |
| 5 | 2 | 8 | | 9 | | | | |
| | | 6 | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 8 | 6 | 4 | 7 | 2 | 3 | 5 |
| 2 | 7 | 6 | 8 | 3 | 5 | 1 | 4 | 9 |
| 4 | 5 | 3 | 1 | 2 | 9 | 8 | 7 | 6 |
| 3 | 6 | 7 | 5 | 8 | 1 | 4 | 9 | 2 |
| 5 | 8 | 4 | 2 | 9 | 3 | 7 | 6 | 1 |
| 1 | 9 | 2 | 7 | 6 | 4 | 5 | 8 | 3 |
| 6 | 2 | 9 | 4 | 5 | 8 | 3 | 1 | 7 |
| 7 | 4 | 5 | 3 | 1 | 6 | 9 | 2 | 8 |
| 8 | 3 | 1 | 9 | 7 | 2 | 6 | 5 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଳକାରଖାନାର ପୁନରୁଦ୍ଧାର ଜରୁରୀ

ମହାଶୟ,

ଓଡ଼ିଶାକୁ ଭାରତର ବୟନ ଶିଳ୍ପର ରାଜଧାନୀରେ ପରିଣତ କରିବା ଲକ୍ଷ୍ୟ ନେଇ ଓଡ଼ିଶାଟେକ୍ସ–୨୦୨୫ କନ୍‌କ୍ଲେଭ ଆୟୋଜନ କରାଯାଇ ଶିଳ୍ପୋଦ୍ୟୋଗୀଙ୍କ ପୁଞ୍ଜିନିବେଶର ଚୁକ୍ତିନାମା ଇତ୍ୟାଦି ସ୍ୱାଗତଯୋଗ୍ୟ । ଓଡ଼ିଶା ସରକାର ଯଦି ଶିଳ୍ପ ପ୍ରଗତିରେ ନିଷ୍ଠା ଓ ଆନ୍ତରିକତା ରଖିନ୍ତି, ତେବେ ରାଜ୍ୟରେ ଆତ୍ମନିଯୁକ୍ତ ବୃଦ୍ଧି ପାଇବା ସହ ବେକାର ସମସ୍ୟା ଦୂର ହେବ। ରାଜନୈତିକ କ୍ଷେତ୍ରରେ ସରକାରଙ୍କ ଇଚ୍ଛାଶକ୍ତି ଓ ଦୂରଦର୍ଶିତା ଅଭାବରୁ ଯେଉଁସବୁ ଛୋଟବଡ଼ ଶିଳ୍ପ କଳକାରଖାନା ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡ଼ିଛି ସେସବୁକୁ ପୁନରୁଦ୍ଧାର କରିବାରେ ଚେଷ୍ଟା କରାଯିବା ଆବଶ୍ୟକ। ସୂଚନାଯୋଗ୍ୟ, ଓଡ଼ିଶାରେ କଳ କାରଖାନା ଚଳାଇବା ନିମିତ୍ତ ପ୍ରଚୁର ମୂଲ୍ୟବାନ ଖଣିଜସମ୍ପଦ ଗଚ୍ଛିତ ଅଛି, ଯାହାର ଠିକ୍ ବିନିଯୋଗ ହେବା ଦରକାର। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରଥମ ଓଡ଼ିଆ ଶିଳ୍ପପତି ଭାବରେ କଟକର ଚୌଦ୍ୱାରରେ କଳିଙ୍ଗ ଟ୍ୟୁବସ, ଓଟିଏମ୍–ଓଡ଼ିଶା ଟେକ୍ସଟାଇଲ ମିଲ ଏବଂ ଏକ କାଗଜକଳ ପ୍ରତିଷ୍ଠା କରିଥିଲେ। ଓଡ଼ିଶା ଏକଦା ଥିଲା ସିମେଣ୍ଟ, ସୂତାକଳ, ଚିନିକଳ, ଫେରୋକ୍ରୋମ, ଆଜବେଷ୍ଟସ, ଚମଡ଼ା ଆଦି ବିଭିନ୍ନ ଶିଳ୍ପ ସମୃଦ୍ଧର ରାଜ୍ୟ। ତେଣୁ ଶିଳ୍ପକୁ ସକ୍ରିୟ କରିବା ପାଇଁ ସରକାରଙ୍କ ଉଦ୍ୟମ ଲୋଡ଼ା।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ମଧ୍ୟାହ୍ନଭୋଜନରେ ଝିଟିପିଟି
# ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

ବଲାଙ୍ଗୀର/ଟିଟିଲାଗଡ/ମୁରିବାହାଲ,୨।୮ (ବୀରେନ୍ଦ୍ର କୁମାର ଝାଙ୍କର/ ଶରତ ମିଶ୍ର/ ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ବଡତେନ୍ତୁଲିଖୁଣ୍ଟି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନ ଭୋଜନ ଖାଇ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ଏହି ଘଟଣା ଜଣାପଡିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ସମସ୍ତ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଟିଟିଲାଗଡ ଉପଖଣ୍ଡସ୍ତରୀୟ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଛି। କେତେଜଣ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ପରେ ଛାଡି ଦିଆ ଯାଇଥିବା ବେଳେ ଆଉ କେତେକଙ୍କୁ ଅବ୍‌ଜରଭେଶନ୍‌ରେ ରଖାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ବଡତେନ୍ତୁଲିଖୁଣ୍ଟି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ କରୁଥିଲେ। ଏହି ସମୟରେ ଜଣେ ଛାତ୍ରୀଙ୍କ ଖାଦ୍ୟରୁ ଏକ ମଲା ଝିଟିପିଟି ବାହାରିଥିଲା। ଖାଦ୍ୟରେ ଝିଟିପିଟି ଦେଖିବା ପରେ ଛାତ୍ରୀ ଜଣକ ବାନ୍ତି କରିଥିଲେ। ଏହାପରେ ଭୋଜନ କରି ସାରିଥିବା ବହୁ ଛାତ୍ରୀଛାତ୍ର ବାନ୍ତି କରିଥିଲେ। ଅନେକ ଛାତ୍ରୀଛାତ୍ରଙ୍କ ବାନ୍ତି ହେବା ସହ ମୁଣ୍ଡ ବୁଲାଇବାରୁ ଅସୁସ୍ଥ ହୋଇ ପଡିଥିଲେ। ଘଟଣା ସମ୍ପର୍କରେ ଅଭିଭାବକମାନେ ଜାଣିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। କିଭଳି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡିଲା ଓ ଛାତ୍ରୀଛାତ୍ର ଅସୁସ୍ଥ ହେଲେ ବୋଲି ପ୍ରଶ୍ନ କରିଥିଲେ। ସେଠାରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ଦେଖାଯାଇଥିଲା। ତେବେ ସ୍କୁଲ ଶିକ୍ଷକ ଏବଂ ଅଭିଭାବକଙ୍କ ଠାରୁ ଫୋନ କଲ୍ ପାଇ ଆମ୍ବୁଲାନ୍ସ ଆସିବା ପରେ ଗୁରୁତର ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଟିଟିଲାଗଡ ହସ୍ପିଟାଲକୁ ପଠାଯାଇଥିଲା। ତେବେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିବାରୁ ବହୁ ସଂଖ୍ୟକ ଆମ୍ବୁଲାନ୍ସ ଆବଶ୍ୟକ ପଡିଥିଲା। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବା ଦେଖି କେତେଜଣ ଅଭିଭାବକ ନିଜ ପିଲାଙ୍କୁ ବାଇକ୍‌ରେ ହସ୍ପିଟାଲ ନେଇଥିବା ଦେଖିବାକୁ ମିଳିଥିଲା। ପରେ ଏକ ଡାକ୍ତରୀ ଟିମ୍ ଗାଁକୁ ଆସି ଛାତ୍ରୀଛାତ୍ରଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଚିକିତ୍ସା କରାଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। କିଭଳି ପରିସ୍ଥିତିରେ ଛାତ୍ରୀଛାତ୍ର ଅସୁସ୍ଥ ହେଲେ ତା'ର ତଦନ୍ତ କରାଯିବ ବୋଲି ସେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚରାଯିବାରେ ଖାଦ୍ୟରେ ମଲା ଝିଟିପିଟିର ଏକ ଲାଞ୍ଜ ଦେଖିବା ପରେ ଜଣେ ଛାତ୍ରୀ ବାନ୍ତି କରିଥିଲେ। ଏହାପରେ ଅନ୍ୟ ଛାତ୍ରୀଛାତ୍ର ବାନ୍ତି କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଚିକିତ୍ସା କରାଯାଇଛି। ସମସ୍ତେ ସୁସ୍ଥ ଅଛନ୍ତି ବୋଲି ସେ କହିଛନ୍ତି।


ମଧ୍ୟାହ୍ନଭୋଜନ ଖାଇ ଅସୁସ୍ଥ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଟିଟିଲାଗଡ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

# ଖବରଦାତାଙ୍କୁ ଆକ୍ରମଣ ଘଟଣା, ଥାନାରେ ମାମଲା

■ଏସ୍‌ପିଙ୍କୁ ଭେଟିଲା ସଂଘ, କାର୍ଯ୍ୟାନୁଷ୍ଠାନ ଦାବି
■ଜଏଣ୍ଟ ଇନ୍‌କ୍ୱାରି କରାଯିବ : ଏସ୍‌ପି
■ବିଭିନ୍ନ ମହଲରେ ନିନ୍ଦା, ରାଜରାସ୍ତାକୁ ଓହ୍ଲାଇବାକୁ କଂଗ୍ରେସର ଧମକ

ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଏବଂ ବାଣପୁର ବ୍ଲକ ଗମ୍ଭାରିମୁଣ୍ଡା ଖଜୁରିଆ ଗ୍ରାମରେ ପୂର୍ବ ଶତ୍ରୁତାରୁ ଗାଁ ଦାଣ୍ଡରେ ୩ ଯୁବକଙ୍କୁ ଆକ୍ରମଣ ଘଟଣାର ଖବର ପରିବେଷଣ କରିବାରୁ ବାଣପୁର ବ୍ଲକ ଧରିତ୍ରୀ ପ୍ରତିନିଧି ଦିଲୀପ ସ୍ୱାଇଁ ଆକ୍ରୋଶର ଶିକାର ହୋଇଛନ୍ତି। ଶୁକ୍ରବାର ରାତିରେ ଗମ୍ଭାରିମୁଣ୍ଡା ଛକରେ ଉଭୟ ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଏବଂ ସହଯୋଗୀ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏକାଠି ହୋଇ ତାଙ୍କୁ ଗୋଇଠା ମାରିବା ସହ ତଳେ ପକାଇ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଦିଲୀପଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଣପୁର ଏବଂ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଦିଲୀପ ଏନେଇ ନାରୁଣୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ଏକ ମାମଲା(ନଂ.୨୨୮/୨୫) ରୁଜୁ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଖୋଦ୍ ଆଇନ୍ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଜଣେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଘଟଣାକୁ ବିଭିନ୍ନ ସାମ୍ବାଦିକ ସଂଘ ଯଥା ଉତ୍କଳ ସାମ୍ବାଦିକ ସଂଘ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ, ଓଡ଼ିଶା ଜର୍ନାଲିଷ୍ଟ ୟୁନିୟନ ରାଜ୍ୟ ଶାଖା, ଆଇନଜୀବୀ, ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନ, ବିରୋଧୀ ବିଜେଡି ଏବଂ କଂଗ୍ରେସ ଏହି ଘଟଣାକୁ ନିନ୍ଦା କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଭିନ୍ନ ଓ୍ୱାର୍କିଂ ଜର୍ନାଲିଷ୍ଟ ବ୍ଲକ ଏବଂ ଜିଲାରେ କାର୍ଯ୍ୟରତ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପୃଥକ ଭାବେ ଦାବିପତ୍ର ଦେଇଛନ୍ତି।

ଦିଲୀପଙ୍କ ଅଭିଯୋଗ ଅନୁଯାୟୀ, ଗତ ମେ ମାସରେ ନାରୁଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣାରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସେହି ସମୟରେ ଖଜୁରିଆ ଗ୍ରାମର ସୌମ୍ୟରଞ୍ଜନ ସାମନ୍ତରାୟ ଓରଫ ଗୁଟୁ ଉକ୍ତ ଖବର ପରିବେଷଣ ନ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଗମ୍ଭାରିମୁଣ୍ଡା ବଜାରରେ ଥିବା ଦୋକାନ ବନ୍ଦ କରି ଦିଲୀପ ଘରକୁ ଫେରୁଥିବା ବେଳେ ହଠାତ୍ ସୌମ୍ୟ ପହଞ୍ଚି ବେଶି ସାମ୍ବାଦିକ ଦେଖାଇ ହେଉଛି, ଜୀବନରେ ମାରିଦେବି, କିଏ ତୋ ପିଠିରେ ପଡ଼ିବେନି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଦିଲୀପ ଏହାର ପ୍ରତିବାଦ କରିବାବେଳେ ପୂର୍ବ ପ୍ରସ୍ତୁତିକ୍ରମେ ସୌମ୍ୟଙ୍କଠାରୁ ଖବରପାଇ ଖଜୁରିଆ ଗ୍ରାମର ଗାଣ୍ଡୁ ପାଇକରାୟ, ବାପି ପାଇକରାୟ, ପପୁନି ଦାଶ, ପଠାଣି ପ୍ରଧାନଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ଘେରିଯାଇ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁହଁ, ଛାତି, ପେଟ, ଶରୀରର ଅନ୍ୟ ସ୍ଥାନକୁ ବିଧା, ଗୋଇଠା, ମୁଥ ମାରିଲେ। ଏପରି କି ଜୀବନରେ ମାରିଦେବାକୁ ଉଦ୍ୟମ କରି ସୌମ୍ୟ ଦୁଇ ହାତରେ ଦିଲୀପଙ୍କ ତଣ୍ଟି ଚିପି ଦେଇଥିଲେ। ସୌମ୍ୟ ତାଙ୍କ ବେକରୁ ୩ଭରି ଓଜନର ସୁନାଚେନ ଛିଡ଼ି ନେଇଥିଲେ ବୋଲି ଦିଲୀପ ଅଭିଯୋଗରେ ଦର୍ଶାଇଛନ୍ତି। ଦିଲୀପଙ୍କ ଉପରେ ଆକ୍ରମଣ ଘଟଣାରେ ପ୍ରତିକ୍ରିୟା ରଖି ଏସପି ସାଗରିକା ନାଥ କହିଛନ୍ତି, ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବାଲୁଗାଁ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ପୂର୍ବରୁ ନାରୁଣୀ ଥାନା ପରିସରରେ ଗିରଫ ଅଭିଯୁକ୍ତମାନେ ଦିଲୀପଙ୍କୁ ଧମକ ଦେଇଥିବା ନେଇ ଆଣିଥିବା ଅଭିଯୋଗର ମଧ୍ୟ ଥାନାର ସିସିଟିଭି ଯାଞ୍ଚ କରାଯାଇ ପ୍ରାଇମ ଏଭିଡେନ୍ସ ଭାବେ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଏସପି ନାଥ କହିଛନ୍ତି।

# ବୋଲ୍‌ବମ୍ ଭ୍ୟାନ୍ ସହ ବାଇକ୍ ଧକ୍କା: ଜଳିଗଲେ ବାପପୁଅ

କୋରାପୁଟ,୨।୮ (ଅମିତାଭ ବେହେରା)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ପୋଡ଼ାଗଡ଼ ପଞ୍ଚାୟତ ଅଧୀନ ୩୨୬ ନଂ. ଜାତୀୟ ରାଜପଥସ୍ଥିତ ବାଳିକା ସେବାଶ୍ରମ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ବୋଲ୍‌ବମ ଭ୍ୟାନ୍ ଓ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ବାପପୁଅ ଜଳିଯାଇଥିବା ବେଳେ ଜଣେ ଗୁରୁତର ରହିଛନ୍ତି। ମୃତକ ହେଲେ କୋରାପୁଟସ୍ଥିତ ଟିକିରାସାହିର କୈଳାସ ଖରା(୪୫) ଓ ତାଙ୍କ ୫ ବର୍ଷର ପୁଅ। ଗୁରୁତର ହେଲେ ଅମନ ରେଡ୍ଡୀ(୨୦)।

ସୂଚନା ଅନୁଯାୟୀ, କୈଳାସ ପୁଅ ଓ ଅମନଙ୍କ ସହ ବାଇକ୍(ଓଡି-୧୦ଏବି୦୪୩୧) ଯୋଗେ କୋରାପୁଟରୁ ଦଶମନ୍ତପୁର ବ୍ଲକ୍ ଚଣାବାଡ଼ ପଞ୍ଚାୟତସ୍ଥିତ ଏକ ମନ୍ଦିର ଅଭିମୁଖେ ଯାଉଥିଲେ। ଗୁପ୍ତେଶ୍ୱର ପୀଠକୁ ଯିବା ପାଇଁ ବୋଲ୍‌ବମ୍ ଶ୍ରଦ୍ଧାଳୁଙ୍କୁ ନେଇ ବିପରୀତ ଦିଗରୁ ଆସୁଥିବା ଭ୍ୟାନ୍(ଓଡି୧୦-ୱାଇ-୪୪୮୯) ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ପରେ ବାଇକ୍‌ରେ ନିଆଁ ଲାଗିଯିବାରୁ ଘଟଣାସ୍ଥଳରେ କୈଳାସ ଓ ତାଙ୍କ ପୁଅ ଜଳିଯାଇଥିଲେ। ଅମନଙ୍କୁ ଗୁରୁତର ଅବସ୍ଥାରେ ପୋଡ଼ାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କୋରାପୁଟ ସଦର ପୋଲିସ ଭ୍ୟାନ୍‌କୁ ଜବତକରି ଡ୍ରାଇଭରଙ୍କୁ ଅଟକ ରଖିଛି। ଭ୍ୟାନ୍‌ରେ ଥିବା ସମସ୍ତ ବୋଲ୍‌ବମ୍ ଶ୍ରଦ୍ଧାଳୁ ସୁରକ୍ଷିତ ଥିବା ଜଣାପଡ଼ିଛି। ଏ ନେଇ ସଦର ଥାନାରେ କେସ୍ ନଂ. ୧୩୨/୨୫ରେ ମାମଲା ରୁଜୁହୋଇଛି। ସଦର ଥାନା ଏଏସ୍‌ଆଇ ସୁଧାଂଶୁ ନାୟକ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି। ୨ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି।

# ସାପ କାମୁଡ଼ାରେ ୨ ମହିଳାଙ୍କ ଜୀବନ ଗଲା

ଉଦଳା, ୨।୮ (ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା କପ୍ତିପଦା ଓ ଉଦଳା ଥାନା ଅଞ୍ଚଳରେ ବିଷାକ୍ତ ସାପ କାମୁଡ଼ାରେ ୨ ମହିଳାଙ୍କ ଜୀବନ ଯାଇଛି। ମୃତ ୨ ମହିଳା ହେଲେ କପ୍ତିପଦା ଥାନା ଅଧୀନ ଗୋଳାଗଡିଆ ଗ୍ରାମର ଜୟନ୍ତୀ ବେହେରା(୪୫) ଓ ଉଦଳା ଥାନା ମଉଦା ଗ୍ରାମର ସୁକାନ୍ତି ବାସ୍କେ(୪୨)। ଉଭୟଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଦୁଇ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।




# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିଗଲେ ଯୁବକ

ଶେରଗଡ଼,୨।୮ (ସୂର୍ଯ୍ୟ ନାରାୟଣ ଦାଶ)

ଆଉ କିଛି ସମୟ ପରେ ବସ୍ ଆସିଥିଲେ ଗାଁରେ ପରିବାର ଲୋକଙ୍କ ନିକଟରେ ପହଞ୍ଚିଥାନ୍ତେ। ସୁରଟରୁ ଆସି ଶେରଗଡ଼ ଚାରିଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଅଥଚ ସେଠାରେ ଛକି ବସିଥିଲା ମୃତ୍ୟୁ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳି ଯାଇଥିଲେ ସେ। ଏପରି ଅଭାବନୀୟ ଘଟଣା ଶନିବାର ଅପରାହ୍ନରେ ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ଶେରଗଡ଼ର ଚାରିଛକରେ। ଖବରରୁ ଜଣାପଡିଛି, ଶେରଗଡ଼ ବ୍ଲକ ଦଶମୁଣ୍ଡଳୀ ଗ୍ରାମର ବୃନ୍ଦାବନ ଜେନାଙ୍କ ପୁଅ ଅଶୋକ (୩୫) ସୁରଟରେ କାମ କରନ୍ତି। ସେ ଗାଁକୁ ଆସିବାକୁ ଶନିବାର ଟ୍ରେନରେ ବ୍ରହ୍ମପୁର ଓ ପରେ ସେଠାରୁ ବସ୍‌ରେ ଆସି ଶେରଗଡ଼ ଚାରିଛକରେ ଅପରାହ୍ନ ସାଢେ ୩ଟାରେ ଓହ୍ଲାଇଥିଲେ। ଗାଁ ଦଶମୁଣ୍ଡଳୀ ଯିବାକୁ ସେ ସେଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଆଉଜି ଛିଡା ହୋଇ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଶର୍ଟ ସର୍କିଟ ହୋଇଯିବାରୁ ବିଦ୍ୟୁତ୍ ଖୁଣ୍ଟରେ ବିଦ୍ୟୁତ୍ ପ୍ରବାହିତ ହୋଇଥିଲା। ଏହା ସଂସ୍ପର୍ଶରେ ଆସି ଅଶୋକ ଜଳିଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ଶେରଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃନ୍ଦାବନ ଏନେଇ ଶେରଗଡ଼ ପୋଲିସକୁ ଜଣାଇବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

## ADMISSION NOTIFICATION
### L.R. LAW COLLEGE, SAMBALPUR

Forms & Prospectus for admission into 3yr. LL.B, 5yr. BBA LL.B(H) & 2yr. MA in Industrial Relation & Personnel Management courses against vacant seats for Academic Session 2025-26 will be available as details below in college office. Visit www.suniv.ac.in for other details.

Vacant Seats

| Sl. No. | Name of Course | Vacancy for which Category | Period of sale & Submission |
|---|---|---|---|
| 1. | 3yr. LL.B | ST & PH | 04th to 11th August 2025 |
| 2. | 5yr. BBA LL.B | ST, SEBC, PH & Ex-Servicemen | 04th to 11th August 2025 |
| 3. | 2 Year MA IRPM | All Category | 04th to 18th August 2025 |

Sd./- (Prof. Bijayananda Behera)
Principal

# ଟ୍ରକ୍‌କୁ ଧକ୍କାଦେଲା ଟ୍ରାଭେଲର, ୭ ଯବାନ ଗୁରୁତର
## ଏସ୍‌ଓଜି ଟ୍ରେନିଂ ପାଇଁ ଝାରସୁଗୁଡ଼ାରୁ ଭୁବନେଶ୍ୱର ଆସୁଥିଲେ ୧୪ ଯବାନ


ଟ୍ରକ୍ ପଛରେ ପିଟି ହୋଇଥିବା ଟ୍ରାଭେଲର।

ଛେଣ୍ଡିପଦା,୨।୮ (ଅଜିତ ଧଳ)

କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ଜରପଡ଼ା ଥାନା ମୁଣ୍ଡାସାହି ଛକଠାରେ ଶନିବାର ଭୋର୍ ସମୟରେ ଏକ ଟ୍ରକ୍ ପଛରେ ଟ୍ରାଭେଲର ପିଟି ହେବାରୁ ଓଏସ୍‌ଏପି ୨ୟ ବାଟାଲିୟନର ୭ ଜଣ ଯବାନ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋକେଶ ବାହାଦୁର ଖଦରୀ, ଦୟା ପରାଦୁଲି, ବିକ୍ରମ କାର୍ତ୍ତି ମୁଗର, ବିଜୟ ଥାପା ମୁଗୁର, ସନ୍ଦୀପ ଖଦରୀ, ପ୍ରେମ ଅଧିକାରୀ ଓ ଗଣେଶ ଶ୍ରେଷ୍ଠ। ଆଉ ୭ ଜଣ ଆହତ ହୋଇଛନ୍ତି। ସମସ୍ତ ୧୪ଜଣଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସାମାନ୍ୟ ଆହତଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଗୁରୁତରଙ୍କ ମଧ୍ୟରୁ ୪ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ବିଜୟ ଥାପା ମୁଗୁର, ସନ୍ଦୀପ ଖଦରୀ, ପ୍ରେମ ଅଧିକାରୀ ଅନୁଗୋଳରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ଗାଡ଼ିରେ ଥିବା ଟ୍ରାଭେଲର ମାଲିକ ବିଶ୍ୱଜିତ ରାୟ ଗୁରୁତର ଓ ଚାଳକ ଆହତ ହୋଇଛନ୍ତି। ବିଶ୍ୱଜିତଙ୍କ ଗୋଟିଏ ହାତ ଛିଣ୍ଡିଯାଇଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଓଏସ୍‌ଏପି ୨ୟ ବାଟାଲିୟନର ୧୪ ଜଣ ଯବାନ ଏସ୍‌ଓଜି ଟ୍ରେନିଂ ପାଇଁ ଶୁକ୍ରବାର ରାତିରେ ଏକ ଟ୍ରାଭେଲର (ନଂ. ଓଡି୧୫ଏଏ-୯୩୬୪)ରେ ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଭୋର୍ ପ୍ରାୟ ୪ଟା ବେଳେ ଉକ୍ତ ଟ୍ରାଭେଲରଟି ଜରପଡ଼ା ଥାନା ମୁଣ୍ଡାସାହି ନିକଟ ରାଜପଥ ଉପରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ଯାଇଥିଲା। ଫଳରେ ଟ୍ରାଭେଲରରେ ଥିବା ୧୪ ଜଣ ଯବାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଓ ୭ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ଜରପଡ଼ା ପୋଲିସ ଯବାନମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜରପଡ଼ା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

## ଚିକିତ୍ସା ତଦାରଖ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଅନୁଗୋଳ ଗସ୍ତରେ ଶନିବାର ଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦୁର୍ଘଟଣା ସମ୍ପର୍କରେ ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ଚିକିତ୍ସାଧୀନ ଯବାନମାନଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ତାହା ଯବାନମାନଙ୍କଠାରୁ ବୁଝିବା ସହ ଚିକିତ୍ସା ସମ୍ପର୍କରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର ପ୍ରମୁଖ ଉପସ୍ଥିତ ଥିଲେ।


ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଯବାନଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରୁଛନ୍ତି।

## ODISHA POWER GENERATION CORPORATION LIMITED
OPGC Power for Progress
CIN: U40104OR1984SGC001429
Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India
Phone: +91-674-2303765-66, Fax: +91-674-2303755-56, Website: www.opgc.co.in

### POWER YOUR CAREER WITH OPGC

**Odisha Power Generation Corporation Ltd. (OPGC)**, a Government of Odisha Company, having its state of the art thermal power plant at Ib Thermal Power Station (ITPS), Banharpalli, Jharsuguda, with a total generation capacity of 1740 MW (2x210 MW in first phase and 2x660MW in second phase), is looking for dynamic and result oriented professionals for the following positions under **Market Based Salary (MBS) structure and performance-based service conditions** on the regular rolls of the Corporation.

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Assistant Manager (Operations) | E1 | 06# |
| 2 | Assistant Manager (Mechanical Maint.) | E1 | 08** |
| 3 | Assistant Manager (Electrical) | E1 | 01 |
| 4 | Assistant Manager (WTP) | E1 | 02 |
| 5 | Assistant Manager (Civil) | E1 | 02 |
| 6 | Assistant Manager (Quality) | E1 | 02 |
| 7 | Assistant Manager (HR-CSR) | E1 | 01 |
| 8 | Assistant Manager (HR-R&R) | E1 | 01 |
| 9 | Assistant Manager (Finance) | E1 | 10 |
| 10 | Assistant Manager (IT) | E1 | 01 |
| 11 | Deputy Manager (Civil) | E3 | 01 |

#One (1) post of Special Technical Assistant for which candidates well conversant with Power Station monitoring and MIS preparation will be given preference.
**One (1) post is for Assistant Manager (Mechanical)-CHP

Extended reservation guidelines for SC/ST/SEBC/PwD etc. as notified by Govt. of Odisha will be applicable.

For detailed advertisement, please logon to our website: www.opgc.co.in/careers. The last date for online application is **17.08.2025** and to receive the hardcopy of application is **26.08.2025**. Candidates are advised to go through the detailed advertisement carefully before applying. Corrigendum, if any will be published in our official website.

No. OPGC/CO/HR/01/2025 Dated: 03/08/2025

## ସଂକ୍ଷେପରେ

## ୬ରୁ ଆନ୍ଦୋଳନକୁ ଓହ୍ଲାଇବ ୬୬୨ବର୍ଗ କଲେଜ ସଂଘ

ଭୁବନେଶ୍ୱର,୨।୮(ସୁଚିସ୍ମିତା ସାହୁ)

ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଉଥିବା ଅଧ୍ୟାପକ ଏବଂ କର୍ମଚାରୀମାନେ ଖାଲି ହାତରେ ଅବସର ନେଉଛନ୍ତି। ସେମାନେ ପେନସନ, ଗ୍ରାଚ୍ୟୁଇଟି ଏବଂ ଅବସରକାଳୀନ ସୁବିଧାରୁ ବଞ୍ଚିତ ହୋଉଛନ୍ତି। ଏହାଦ୍ୱାରା ସେମାନେ ପରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଆନ୍ଦୋଳନ କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବାବେଳେ ଏବେ ନୂଆ ସରକାର ମଧ୍ୟ ଏଯାଏ କୌଣସି ଆଲୋଚନା କରିନାହାନ୍ତି। ଯଦି ସରକାର କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆସନ୍ତା ୬ ତାରିଖରେ ରାଜ୍ୟର ୩୦ ଜିଲାର କର୍ମଚାରୀ ଇଚ୍ଛାଧୀନ ଛୁଟି ନେଇ ପ୍ରତିବାଦ କରିବେ ବୋଲି ନିଖିଳ ଓଡିଶା ୬୬୨(+୨ ଓ +୩) ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଏହାସତ୍ତ୍ୱେ ଯଦି ସରକାର ସଂଘ ସହିତ ଆଲୋଚନା କରି ଆଶୁ ସମାଧାନର ବାଟ ବାହାର ନ କରନ୍ତି ତେବେ ୧୬ ତାରିଖ ଦିନ ଲୋୟର ପିଏମ୍‌ଜିରେ ବିଶାଳ ଶୋଭାଯାତ୍ରା କରାଯିବ। ରାଜ୍ୟର ସମସ୍ତ କଲେଜ ବନ୍ଦ କରି ଅଧ୍ୟାପକ, କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀମାନେ ସମାବେଶରେ ଯୋଗଦେବେ। ଆବଶ୍ୟକ ହେଲେ ଏହାକୁ ଗଣ ଆନ୍ଦୋଳନରେ ପରିଣତ କରି ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଅନ୍ଦୋଳନ କରାଯିବ ବୋଲି ସଂଘର ସଭାପତି ଗୋଲକ ନାୟକ, ଦୁଇ ସାଧାରଣ ସମ୍ପାଦକ ସତ୍ତାପ ଉଦ୍ଦିନ ଅହମ୍ମଦ, ଡ. ଗଗନ ବେଉରା, କୋଷାଧ୍ୟକ୍ଷ ରଞ୍ଜନ ପ୍ରଧାନ, ଡ. ତପନ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ୩ ୱାର୍ଡକୁ ମିଳିବ 'ଶ୍ରେଷ୍ଠ ସ୍ୱଚ୍ଛ ୱାର୍ଡ' ପୁରସ୍କାର




## ସ୍ୱାୟତ୍ତ ଶାସନ ଦିବସ ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ

■ଶେଷ ହୋଇଥିବା ପ୍ରକଳ୍ପ ଉଦ୍‌ଘାଟନ ହେବ

ଭୁବନେଶ୍ୱର, ୨।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ସ୍ୱାୟତ୍ତ ଶାସନ ଦିବସକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ସ୍ୱାୟତ୍ତ ଶାସନ ଦିବସ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ବିଭିନ୍ନ ପଦକ୍ଷେପ ନିଆଯିବ। ମେୟର ଏକାଦଶ ଓ କମିଶନର ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହାବ୍ୟତୀତ ଫୁଟବଲ୍, ଚେସ୍, କ୍ୟାରମ୍, ବ୍ୟାଡମିଣ୍ଟନ, ମ୍ୟୁଜିକ୍ ଚେୟାର ଆଦି ବିଭିନ୍ନ ଇନ୍‌ଡୋର ଓ ଆଉଟଡୋର୍ ଗେମ୍ସ, ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରତିଯୋଗିତା କରାଯିବ। ଏଥିରେ ବିଏମ୍‌ସିର କର୍ପୋରେଟର, ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିବେ। ଏହି ସମସ୍ତ କାର୍ଯ୍ୟ ବିଏମ୍‌ସିର ରିକ୍ରିଏସନ କ୍ଲବ ପରିଚାଳନା କରିବ। ସେପ୍ଟେମ୍ବର ୨ରେ କ୍ଲବ୍ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାବ୍ୟତୀତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା, ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହେବ। ସେହିପରି ବିଏମ୍‌ସିର ୩ ଜୋନରୁ ୩ଜଣଙ୍କୁ ସମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ 'ନଗର ବନ୍ଧୁ' ପୁରସ୍କାର ପ୍ରଦାନ କରାଯିବ। ଏଥିସହ ୩ଟି ଜୋନର ୩ଟି ୱାର୍ଡକୁ 'ଶ୍ରେଷ୍ଠ ସ୍ୱଚ୍ଛ ୱାର୍ଡ' ଘୋଷଣା କରାଯିବ। ବିଏମ୍‌ସି ଅଞ୍ଚଳର ମାଟ୍ରିକ ଓ ଯୁକ୍ତଦୁଇ ଟପ୍ପରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ।

ସ୍ୱାୟତ୍ତ ଶାସନ ଦିବସରେ ସକାଳ ୮ଟାରେ ବିଏମ୍‌ସି ମୁଖ୍ୟାଳୟରେ ପତାକା ଉତ୍ତୋଳନ କରାଯିବ। ପରେ ବିଭିନ୍ନ ଆଶ୍ରୟସ୍ଥଳରେ ରହିଥିବା ବୃଦ୍ଧ, ବୃଦ୍ଧାଙ୍କୁ ଫଳ, ମିଷ୍ଟାନ୍ନ ଇତ୍ୟାଦି ବଣ୍ଟନ କରାଯିବ। ପୂର୍ବାହ୍ନରେ ବିଏମସି ପକ୍ଷରୁ କାର୍ଯ୍ୟ ଶେଷ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରାଯିବ। ସନ୍ଧ୍ୟାରେ ସୂଚନା ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହିତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ପାଇଁ ମଧ୍ୟ ଏହି ବୈଠକରେ ଆଲୋଚନା କରାଯାଇ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ମେୟର ସୁଲୋଚନା ଦାସ ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଶନିବାର ନାଟ୍ୟଧାରାରେ ପରିବେଷିତ ନାଟକ 'ଛିନ୍ନ କଳିକା'ର ଏକ ଦୃଶ୍ୟ।

## ଏସ୍‌ସିବି ମେଡିକାଲରେ ଖାଦ୍ୟ ମାନ ଯାଞ୍ଚ କଲା ହାଇକୋର୍ଟ କମିଟି

କଟକ,୨।୮(ଶିଳ୍ପା ପ୍ରିୟଦର୍ଶିନୀ)

ହାଇକୋର୍ଟ ଆଡ୍‌ଭୋକେଟ କମିଟି ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିଦର୍ଶନ କରି ସ୍ଥିତି ଯାଞ୍ଚ କରିଛି। କମିଟି ଏସ୍‌ସିବି ମେଡିକାଲରେ ପହଞ୍ଚି ରୋଗୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେଉଥିବା ରୋଷଘର କାର୍ଯ୍ୟର ଯାଞ୍ଚ କରିଥିଲା। ଏହା ପୂର୍ବ ଗସ୍ତ ସମୟରେ ରୋଷଘର ସ୍ଥିତି ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲା କମିଟି। ପରେ ମେଡିକାଲ କର୍ତ୍ତୃପକ୍ଷ ଏହାର କାର୍ଯ୍ୟ କରିବା ସହ ରୁଟି ମେଶିନ ଅଣାଯାଇ ରୋଗୀଙ୍କ ପାଇଁ ସେଥିରେ ରୁଟି ତିଆରି କରାଯାଉଛି। ଏହାସହ ରୋଷଘରେ ପ୍ରସ୍ତୁତ ହେଉଥିବା ସମସ୍ତ ଖାଦ୍ୟର ମାନ ଯାଞ୍ଚ କରିଛି କମିଟି। କମିଟି ମେଡିକାଲର ହେମାଟୋଲୋଜି ବିଭାଗ ପରିଦର୍ଶନ କରିଥିବାବେଳେ ବୋନ ମ୍ୟାରୋ ପ୍ରତିରୋପଣ ପାଇଁ ଥିବା ରୋଗୀ ଚଟାଣରେ ଶୋଇବା, ଆବଶ୍ୟକ ବେଡ୍ ନ ଥିବା ବେଳେ ଭିତ୍ତିଭୂମି ଅଭାବ ଦେଖି କମିଟି ଅସନ୍ତୋଷ ପ୍ରକାଶ କରିଥିଲା। ପରିଦର୍ଶନ ବେଳେ ଆଇନଜୀବୀ ତଥା ଆମିକସ୍‌କ୍ୟୁରି ବିଭୟ କୁମାର ଦାସ, ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ସଭାରେ ଖବରଦାତାଙ୍କୁ ମାଡ଼ରୁ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଅନୁମେୟ: ଭକ୍ତ

ଭୁବନେଶ୍ୱର,୨।୮( ସୁନିତ ମିଶ୍ର)

ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଭାଜପା ସରକାରଙ୍କ ଅମଳରେ ଖବରଦାତାମାନେ ମଧ୍ୟ ଅସୁରକ୍ଷିତ ହେଲେଣି। ଏହାର ସଦ୍ୟତମ ଉଦାହରଣ ପିପିଲିରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଛି । ପିଏମ୍ କିଷାନ ଭଳି ଏକ ସରକାରୀ କାର୍ଯ୍ୟକ୍ରମରେ ଖବରଦାତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ସେକ୍ ଅବଦୁଲଙ୍କ ଉପରେ ଭାଜପା କର୍ମୀଙ୍କ ମରଣାନ୍ତକ ଆକ୍ରମଣକୁ ପ୍ରଦେଶ କଂଗ୍ରେସ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ଖୋଦ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ତାଙ୍କ ଦଳର କର୍ମୀମାନେ କିପରି ଖବରଦାତାଙ୍କୁ ମାଡ଼ ମାରିପାରିଲେ ? ଯଦି ମୁଖ୍ୟମନ୍ତ୍ରୀଙ୍କ ସଭାରେ ଖବରଦାତା ଅସୁରକ୍ଷିତ ହେବେ, ରାଜ୍ୟରେ କି ପ୍ରକାର ଶାସନ ଚାଲିଛି ତାହା ଅନୁମେୟ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ପ୍ରଶ୍ନ କରିଛନ୍ତି।

## ସିଦ୍ଧାନ୍ତ ମହାପାତ୍ରଙ୍କ ମା' କନକଙ୍କ ପରଲୋକ

### ଶେଷ ଦର୍ଶନ ସହ ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୮(ବନ୍ଦନା ସେଠୀ)



ଅଭିନେତା ତଥା ଭାଜପାର ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମା' କନକ ମହାପାତ୍ରଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ହେବ ଅସୁସ୍ଥ ଥିବାରୁ ଚିକିତ୍ସାଧୀନ ଥିଲେ। କନକଙ୍କ ସ୍ୱାମୀ ଡା. ମନମୋହନ ମହାପାତ୍ର ଜଣେ ସଫଳ ଚିକିତ୍ସକ। କନକଙ୍କ ବିୟୋଗରେ ତାଙ୍କ ପରିବାର ଏବଂ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ପରଲୋକ ଖବର ଶୁଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବହୁ ନେତା ଓ ମନ୍ତ୍ରୀଙ୍କ ସହ ବିଶିଷ୍ଟ ବ୍ୟକ୍ତିମାନେ ବିଧାୟକ ସିଦ୍ଧାନ୍ତଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ଯାଇ ମା' କନକଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ କନକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ 'X' ହ୍ୟାଣ୍ଡଲରେ ଶୋକ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃ ବିୟୋଗ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ଭୁବନେଶ୍ୱର ସ୍ଥିତ ବାସଭବନରେ ପାର୍ଥିବ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କଲି ଓ ଶୋକାକୁଳ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଲି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ଦିବଙ୍ଗତ ଆତ୍ମାଙ୍କୁ ଶାନ୍ତି ପ୍ରଦାନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ଏହି ଦୁଃଖ ସହିବାର ଶକ୍ତି ପ୍ରଦାନ କରନ୍ତୁ।



ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମା' କନକ ମହାପାତ୍ରଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଶେଷ ଦର୍ଶନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ମଣିପାଲ୍ ହସ୍ପିଟାଲରେ ଆଧୁନିକ ଇମେଜିଂ ପ୍ରଯୁକ୍ତି କର୍ମଶାଳା

ଭୁବନେଶ୍ୱର, ୨।୮ (ବନ୍ଦନା ସେଠୀ)

ମଣିପାଲ୍ ହସ୍ପିଟାଲ୍‌ରେ ଜଟିଳ ହୃଦ୍‌ରୋଗ ଚିକିତ୍ସା ବିଶେଷକରି ଆଞ୍ଜିଓପ୍ଲାଷ୍ଟି ଓ ଆଧୁନିକ ଇମେଜିଂ ପ୍ରଯୁକ୍ତି ବିଷୟରେ ଏକ ଶିକ୍ଷାମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ଅନେକ ହୃଦ୍‌ରୋଗ ବିଶେଷଜ୍ଞ, ଇଣ୍ଟରଭେନସନାଲ୍ କାର୍ଡିଓଲୋଜି ଡାକ୍ତରୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଡିଓଲୋଜିଷ୍ଟ ଡା. ଦେବଦତ୍ତ ଭଟ୍ଟାଚାର୍ଯ୍ୟ ଓ ଡା. ପଙ୍କଜ ମନୋରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏହି କର୍ମଶାଳା ଜଟିଳ ଆଞ୍ଜିଓପ୍ଲାଷ୍ଟିରେ ଇମେଜିଂ ଟେକ୍ନୋଲୋଜିର ଦକ୍ଷ ବ୍ୟବହାର ଦ୍ୱାରା ରୋଗୀଙ୍କ ସଫଳ ଚିକିତ୍ସା କ୍ଷେତ୍ରରେ ଓଡିଶା ତଥା ଦେଶର ଡାକ୍ତରମାନଙ୍କୁ ନୂତନ ତଥ୍ୟ ଓ ଅତ୍ୟାଧୁନିକ ଚିକିତ୍ସା ସମ୍ପର୍କରେ ସହଯୋଗ କରିବ। ଏନେଇ ଆୟୋଜକ ଡା. ଲିଙ୍ଗରାଜ ନାଥ କହିଲେ, ଏହି କର୍ମଶାଳା ମଣିପାଲ ହସ୍ପିଟାଲ୍‌ର ଆଧୁନିକ ହୃଦ୍‌ରୋଗ ବିଭାଗର ଡାକ୍ତରଙ୍କ ଦକ୍ଷତା ବୃଦ୍ଧି କରିବା ପ୍ରତି ଆମର ଅତୁଟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରିଛି। ଏହା ସାହାଯ୍ୟରେ ଚିକିତ୍ସାର ମାନ ବୃଦ୍ଧି କରିବା ସହିତ ଏକ ଶକ୍ତିଶାଳୀ ଶିକ୍ଷାଗତ ପରିବେଶ ତିଆରି କରିବା ଆମ ଲକ୍ଷ୍ୟ। ହସ୍ପିଟାଲ୍ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଡା. ଦେବଦତ୍ତ ଭଟ୍ଟାଚାର୍ଯ୍ୟ ଜଟିଳ ପିସିଆଇରେ ଇମେଜିଂର ଭୂମିକା ବିଷୟରେ ଉପସ୍ଥାପନା କରିଥିଲେ। ଡା. ଜେ.କେ.ପାଢୀ, ଡା. ଦିବ୍ୟରଞ୍ଜନ ବେହେରା, ଡା. ମହେଶ ଅଗ୍ରୱାଲ, ଡା. ପ୍ରଦୀପ କୁମାର ଦାଶ, ଡା. ଜିତେନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପେନ୍‌ସନ୍‌ରୁ ୩୪ ଅବସରପ୍ରାପ୍ତ କର୍ମଚାରୀ ବଞ୍ଚିତ

ଭୁବନେଶ୍ୱର,୨।୮(ସୁଚିସ୍ମିତା ସାହୁ)

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗରେ ଓଡ଼ିଶା ସ୍ପେସ ଆପ୍ଲିକେସନ ସେଣ୍ଟର (ଓରସାକ)ରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ୩୪ଜଣ ଅବସରପ୍ରାପ୍ତ କର୍ମଚାରୀ ପେନ୍‌ସନ୍‌ରୁ ପାଇବାରୁ ବଞ୍ଚିତ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଅନୁମତି ମିଳିଲେ ସେମାନଙ୍କୁ ପେନ୍‌ସନ୍ ଯୋଜନାରେ ସାମିଲ କରାଯାଇ ପାରିବେ। ଏ ନେଇ ଅବସରପ୍ରାପ୍ତ କର୍ମଚାରୀମାନେ ବାରମ୍ବାର ବିଭାଗ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ମଧ୍ୟ ଅଭିଯୋଗ କରିଛନ୍ତି। ହେଲେ ଆଜିଯାଏ କୌଣସି ସୁଫଳ ମିଳିପାରି ନାହିଁ। ତେଣୁ ରାଜ୍ୟ ସରକାର ଗୁହାରି ନ ଶୁଣିଲେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଅବସରପ୍ରାପ୍ତ କର୍ମଚାରୀ ମଞ୍ଜୁଲତା ପ୍ରଧାନଙ୍କ ସହ ଅନ୍ୟମାନେ କହିଛନ୍ତି।

ସୂଚନା ଅନୁଯାୟୀ, ଓରସାକରେ ପୂର୍ବରୁ ପେନ୍‌ସନ୍ ଯୋଜନା ନ ଥିଲା। କର୍ମଚାରୀଙ୍କୁ କେବଳ ଇପିଏଫ ଟଙ୍କା ମିଳୁଥିଲା। ହେଲେ ୨୦୧୭ରେ ଓରସାକ ତା'ର ନିଜସ୍ୱ ପେନ୍‌ସନ୍ ସ୍କିମ୍ ଆଣିଥିଲା। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ସ୍ୱୀକୃତି ମିଳିବା ପରେ ଓରସାକ ଏଥିପାଇଁ ଏଲ୍‌ଆଇସି ସହ ଅନୁବନ୍ଧିତ ହୋଇଥିଲା। ଏହି ଯୋଜନା ଅନୁସାରେ, କର୍ମଚାରୀମାନେ ନିଜ ପାଣ୍ଠିର ଅର୍ଥ ଓରସାକକୁ ଦେବେ ଏବଂ ବାକି ଅର୍ଥ ଓରସାକ ବହନ କରିବ। ସେହି ଅନୁସାରେ କର୍ମଚାରୀମାନେ ଲକ୍ଷ ଲକ୍ଷ ଟଙ୍କା ଅଫିସ ଆକାଉଣ୍ଟରେ ଜମା କରିଥିଲେ। ୨୦୨୧ ପର୍ଯ୍ୟନ୍ତ ୨୨୬୦୦ ଟଙ୍କା ପେନ୍‌ସନ୍ ମିଳୁଥିବାରୁ ବେଶୀ କିଛି ଲାଭ ମିଳିବ ନାହିଁ ବୋଲି ଭାବି କେତେଜଣ କର୍ମଚାରୀ ଇପିଏଫ ଟଙ୍କା ଦେବାକୁ ଆଗ୍ରହୀ ନ ଥିଲେ। ହେଲେ ୨୦୨୧ର ଶେଷ ବେଳକୁ ଏହି ପେନ୍‌ସନ୍ ପରିବର୍ତ୍ତିତ ହୋଇ ୫୯୮୦୦ ଟଙ୍କାରେ ପହଞ୍ଚିଥିଲା। ସେତେବେଳେ କର୍ମଚାରୀମାନେ ପୁନଶ୍ଚ ଆଗ୍ରହ ଦେଖାଇ ଥିଲେ ସୁଦ୍ଧା ସେମାନଙ୍କ ଆବେଦନକୁ ବିଭାଗ ଗ୍ରହଣ କରି ନ ଥିଲେ। ଫଳରେ ସ୍କିମ୍‌ରୁ ବଞ୍ଚିତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି ବୋଲି ଅବସରପ୍ରାପ୍ତ କର୍ମଚାରୀ ନଳିନୀକାନ୍ତ ଜେନା, ବିଜୟ କୁମାର ରାୟ, ସୁଧାଂଶୁ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

## ମା' କ୍ଷୀର ଖାଉଥିବା ଶିଶୁର ବୁଦ୍ଧିମତ୍ତା ଅଧିକ ହୋଇଥାଏ

### ଅଙ୍କୁରା ହସ୍ପିଟାଲ ପକ୍ଷରୁ ସ୍ତନ୍ୟପାନ ସପ୍ତାହ

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)

ବିଶ୍ୱସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱରର ଅଙ୍କୁରା ହସ୍ପିଟାଲ ପକ୍ଷରୁ ସଚେତନା କାର୍ଯ୍ୟକ୍ରମ କରାଯାଉଛି। ଶନିବାର ଚନ୍ଦ୍ରଶେଖରପୁରସ୍ଥିତ ନୀଳମାଧବ ନିବାସ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ସଚେତନାମୂଳକ କାର୍ଯ୍ୟକ୍ରମରେ ଅଙ୍କୁରା ହସ୍ପିଟାଲ ଲାକ୍ଟେଶନ କନ୍‌ସଲ୍‌ଟାଣ୍ଟ ଡା. ବିଷ୍ଣୁପ୍ରିୟା ଶିଶୁଙ୍କ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ନୀଳମାଧବ ନିବାସର ଶତାଧିକ ମହିଳା ସ୍ତନ୍ୟପାନକୁ ନେଇ ସେମାନଙ୍କ ମନରେ



ଥିବା ଦ୍ୱନ୍ଦ୍ୱ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଡା. ବିଷ୍ଣୁପ୍ରିୟା କହିଛନ୍ତି, ମା କ୍ଷୀର ଖାଉଥିବା ଶିଶୁର ବୁଦ୍ଧିମତ୍ତା ଅନ୍ୟ ଶିଶୁଠାରୁ ଅଧିକ ହୋଇଥାଏ। ନବଜାତ ଶିଶୁ ପାଇଁ ମା'ର ହଳଦିଆ ତଥା ଗାଢ଼ କ୍ଷୀର ଏକ ସମ୍ପୂର୍ଣ୍ଣ ଖାଦ୍ୟ। ଶିଶୁ ଜନ୍ମର ୧ ଘଣ୍ଟା ମଧ୍ୟରେ ଶିଶୁକୁ ଏହି କ୍ଷୀର ସ୍ତନ୍ୟପାନ ଜରିଆରେ କରାଇବା ନିହାତି ଦରକାର। ସାଧାରଣତଃ ଶିଶୁକୁ ୬ ମାସ ବୟସ ପର୍ଯ୍ୟନ୍ତ ସ୍ତନ୍ୟପାନ ଏବଂ ୬ ମାସରୁ ୨ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ସ୍ତନ୍ୟପାନ ସହିତ ପୌଷ୍ଟିକ ଆହାର ଖୁଆଇବା ପାଇଁ ଡା. ବିଷ୍ଣୁପ୍ରିୟା ପରାମର୍ଶ ଦେଇଥିଲେ। ସ୍ତନ୍ୟପାନ ଉଭୟ ମା ଏବଂ ଶିଶୁକୁ ଲାଭ ଦିଏ। ଶିଶୁ ପାଇଁ ଏକ ଭଲ ଏବଂ ସମ୍ପୂର୍ଣ୍ଣ ଖାଦ୍ୟ ହେଉଛି ମା' କ୍ଷୀର। ଏଥିରେ ମିଳୁଥିବା କୋଲଷ୍ଟ୍ରମ ଶିଶୁକୁ ପ୍ରତିରୋଧକ ଶକ୍ତି ପ୍ରଦାନ କରିଥାଏ। ଏହା ଶିଶୁକୁ ରୋଗରୁ ରକ୍ଷା କରିଥାଏ ଏବଂ ଶିଶୁର ଠିକ୍ ବୃଦ୍ଧି ହୋଇଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅଙ୍କୁରା ହସ୍ପିଟାଲ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ।

## ଫଟୋରେ ଖବର





ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଅନୁଷ୍ଠିତ ଜ୍ଞାନବିଜ୍ଞାନ ମେଳାରେ ପିଲାମାନେ ମାଟିରେ ମୂର୍ତ୍ତି ଗଢୁଛନ୍ତି ଓ ଛାତ୍ରୀଛାତ୍ର ପ୍ରକଳ୍ପ ବୁଲି ଦେଖୁଛନ୍ତି।




ସ୍ୱର ସାଧନା ପକ୍ଷରୁ ସୂଚନା ଭବନରେ ଶନିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ବନ୍ଦେ ମାତରମ୍'ରେ ଦୁଇଜଣ ଶିଳ୍ପୀ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଖଜୁରିପଦା ଗ୍ରାମରେ ଚୋରି

ବାଙ୍କୀ, ୨।୮(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଉପଖଣ୍ଡ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ଖଜୁରିପଦା ଗ୍ରାମର ମମତା ନାୟକଙ୍କ ଘରୁ ଚୋରି ହୋଇଛି। ଏନେଇ ମମତା ଶନିବାର ବୈଦ୍ୟେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରେ ପଶି ବିଭିନ୍ନ ଆସବାବପତ୍ର ଚୋରି କରିନେଇଛନ୍ତି। ଏସଂକ୍ରାନ୍ତରେ ଥାନାରେ ମାମଲା (ନଂ-୧୩୧।୨୫ ) ରୁଜୁ କରି ତଦନ୍ତ ଜାରି ରଖିଛି ପୋଲିସ। ଯଥା ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଆଇଆଇସି ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି।

### ବଜ୍ରପାତ ସତର୍କତା ସଚେତନତା

ଟିଗିରିଆ,୨।୮(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଶନିବାର ବଜ୍ରପାତ ସତର୍କତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଆ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ମନମୋହନ ସାହୁ, ଚୈତନ୍ୟ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପଦ୍ମନାଭ ଶତପଥୀ, ଅବସରପ୍ରାପ୍ତ ସେନା ଅଧିକାରୀ ଜମ୍ମେଶ୍ୱର ସାହୁ, ଅବସରପ୍ରାପ୍ତ ବଡ଼ମ୍ବା ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂ,ଅବସରପ୍ରାପ୍ତ ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ସାମଲ ଯୋଗଦେଇଥିଲେ। ଏହି ଅବସରରେ ବଜ୍ରପାତର କାରଣ, ସତର୍କତା, ପୂର୍ବାନୁମାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବଜ୍ରପାତ ସତର୍କତା ବିଷୟବସ୍ତୁ ଉପରେ ଆଧାରିତ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହାକୁ ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର ସଂଯୋଜନା କରିଥିଲେ।

### ଶିକ୍ଷକମାନେ ଅଧିକ ଶିଖନ୍ତୁ, ଶିଖାନ୍ତୁ

ଟିଗିରିଆ, ୨।୮(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାସ୍ଥିତ ବିନ୍ଧାଣିମା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଶିକ୍ଷକମାନେ ଅଧିକ ଶିକ୍ଷନ୍ତୁ ଓ ପିଲାମାନଙ୍କୁ ଶିଖାନ୍ତୁ ବୋଲି ଉପସ୍ଥିତ ଅତିଥିମାନେ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଟିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିନ୍ଧାଣିମା ସରପଞ୍ଚ ସୁଜାତା ଜେନା, ନିମନ୍ତ୍ରିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ଜେନା, ମୋ ସ୍କୁଲ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ମାନସ ଜେନା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୁଳମଣି ରାଉତ ଯୋଗଦେଇ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଧାରା ଓ ବିଦ୍ୟାଳୟ ପ୍ରତି ତାଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଟିଗିରିଆ ବ୍ଲକର ସମସ୍ତ ବିଦ୍ୟାଳୟ ତରଫରୁ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାରିଦବରଣ ମହାପାତ୍ର, ସାଧନ କେନ୍ଦ୍ର ସଂଯୋଜକ ମହେଶ୍ୱର ସେଠୀଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅଭିଲିପ୍ସା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାସ୍ଥ୍ୟକର୍ମୀଙ୍କ ବିୟୋଗରେ ଶୋକ

ଆଠଗଡ଼,୨।୮(ସତ୍ୟ ପ୍ରସାଦ ରଥ): ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଯୋରନ୍ଦା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ରହ୍ମପୁର ଅଧିବେଶନ ଗୃହଠାରେ ଶନିବାର ବେଣ୍ଟପଦା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟ କର୍ମୀ ସୁରେଖା ପ୍ରଧାନଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡ. ସ୍ୱାଗତ ଦାସ ସଭାପତିତ୍ୱ କରିଥିଲେ। ଉକ୍ତ ଶୋକସଭାରେ ଯୋରନ୍ଦା ଡାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀ ଡ. ସିଦ୍ଧାର୍ଥ ବେହେରା, ଆୟୁଷ ଡ. ଚିରନ୍ତନ ମହାନ୍ତି, ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ସିଏଚଓ, ଡାକ୍ତରଖାନାର ସମସ୍ତ କର୍ମଚାରୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ଜନସାଧାରଣ ଯୋଗଦେଇଥିଲେ।

# ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

## ଆତ୍ମା କମିଟିରେ ଅନିୟମିତତା ଅଭିଯୋଗ

ସାଲେପୁର,୨।୮(ଅରବିନ୍ଦ ଭୂୟାଁ):

ସାଲେପୁର ବ୍ଲକ ଆତ୍ମା କମିଟି ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଚାଷୀ ଓ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କ ପକ୍ଷରୁ ଗଣଧାରଣା ଦିଆଯାଇଛି। ପୂର୍ବତନ ଆତ୍ମା କମିଟି ସଭାପତି ଦିଲୀପ କୁମାର ଦାସ, ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ସାଲେପୁର ବ୍ଲକର ୩୫ ପଞ୍ଚାୟତର ଚାଷୀ ଏବଂ ପଞ୍ଚାୟତ ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ସାଲେପୁର ଏକ କୃଷିପ୍ରଧାନ ଅଞ୍ଚଳ। କୃଷକ ଓ କୃଷି ଅଧିକାରୀଙ୍କ ଭିତରେ ସମନ୍ୱୟ ରକ୍ଷା କରିବା ସହ କୃଷକଙ୍କ ହିତ ସାଧନ ପାଇଁ ଆତ୍ମା କମିଟି ଗଠନ ହୋଇଛି। ମାତ୍ର ଏବେ ଯେଉଁ ଆତ୍ମା କମିଟି ଗଠନ ହୋଇଛି ସେଥିରେ ବ୍ୟାପକ ଅନିୟମିତତା ହୋଇଛି।

ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ପଞ୍ଚାୟତରୁ ୫ ଜଣ ସଦସ୍ୟ ନିଆଯାଇଛି। ଅଣଚାଷୀଙ୍କୁ ସଦସ୍ୟ ଭାବେ ରଖାଯାଇଛି। ପଞ୍ଚାୟତ ସମିତିରୁ ନେଇଥିବା ଦୁଇଜଣଙ୍କୁ ସମିତି ଅଗୋଚରରେ ସାମିଲ କରାଯାଇଛି। ପଞ୍ଜୀକୃତ ହୋଇ ନ ଥିବା ଯୁବକ ସଂଘରୁ ସଦସ୍ୟ କରାଯାଇଛି। ଫଳରେ ଚାଷୀଙ୍କୁ କୌଣସି ସୁଫଳ ମିଳିପାରୁନାହିଁ ବୋଲି ଧାରଣାରେ ବସିଥିବା ପୂର୍ବତନ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି।

ଶେଷରେ ବ୍ଲକ କୃଷି ଅଧିକାରୀ ପହଞ୍ଚି ଗଠନ କରାଯାଇଥିବା କମିଟି ଉପରେ ପୁନର୍ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ଦାଶ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ମଧ୍ୟକଚ୍ଛ ସରପଞ୍ଚ ସଞ୍ଜୟ କୁମାର ବେହୁରା, ଅଶ୍ୱିନୀ ଦାସ, ବିରଞ୍ଚି ନାରାୟଣ କର, ଲୁଲୁ ସ୍ୱାଇଁ, ପ୍ରକାଶଦୀପ ନାୟକ, ସୁଧୀର ପ୍ରଧାନ, ପ୍ରୀତିରଞ୍ଜନ ମହାନ୍ତି, ସୁଧାଂଶୁବାଳା ଜେନା, ଦମୟନ୍ତୀ ମହାନ୍ତି, କୈଳାସ ବେହେରା, ମିଠୁ ମଲ୍ଲଙ୍କ ସମେତ ବହୁ ଜନପ୍ରତିନିଧି ଓ ଚାଷୀ ଉପସ୍ଥିତ ଥିଲେ।



ଧାରଣାରେ ବସିଥିବା ଚାଷୀ ଓ ଲୋକ ପ୍ରତିନିଧି।

# ୨୪୧୫ ଲିଟର ଦେଶୀ ରନ୍ଧାମଦ ଜବତ

## ୨୨,୬୪୫ ଲିଟର ଗୁଡପୋଚ ନଷ୍ଟ

ଆଠଗଡ,୨।୮(ସତ୍ୟ ପ୍ରସାଦ ରଥ): ଢେଙ୍କାନାଳ-ଆଠଗଡ଼ର ସୀମାନ୍ତ କୋରଙ୍ଗା ଗ୍ରାମରେ ଶନିବାର ମିଳିତ ଚଢ଼ାଉ କରାଯାଇ ୨୪୧୫ ଲିଟର ମଦ, ମୂଲ୍ୟବାନ୍ କାଠ ଜବତ କରାଯିବା ସହ ୨୨,୬୪୫ ଲିଟର ଗୁଡ଼ପୋଚ ନଷ୍ଟ କରାଯାଇଛି। କଟକ ଜିଲା ପ୍ରଶାସନ ଓ ଅବକାରୀ ବିଭାଗର ନିର୍ଦ୍ଦେଶକ୍ରମେ ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ନେତୃତ୍ୱରେ ପ୍ରଶାସନ, ପୋଲିସ, ଜଙ୍ଗଲ ବିଭାଗ, ଅବକାରୀ ବିଭାଗ, ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ ମିଳିତଭାବେ ଏହି ଚଢ଼ାଉ ହୋଇଯାଇଛି। ଉପଜିଲାପାଳ ଶର୍ମାଙ୍କ ଉପସ୍ଥିତିରେ ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରୁ ୨୦ରୁ ଅଧିକ ମଦଭାଟିକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦିଆଯାଇଛି। ମଦ ରନ୍ଧା ପାଇଁ ରଖାଯାଇଥିବା ମୂଲ୍ୟବାନ୍ କାଠକୁ ମଧ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ୬ଟି ମାମଲା ରୁଜୁ କରାଯାଇଛି। ମାତ୍ର କୌଣସି ଅଭିଯୁକ୍ତଙ୍କୁ ଧରିବାରେ ମିଳିତ ଟିମ୍ ସଫଳ ହୋଇନାହିଁ।

ଏହି ଚଢ଼ାଉରେ ଆଠଗଡ଼ ଆରକ୍ଷୀ ଉପାଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, ଅବକାରୀ ଉପାଧ୍ୟକ୍ଷ ସିଏଚ୍ ତିରୁପତି, ଆଠଗଡ଼ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ, ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି, ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଅବକାରୀ ଉପନିରୀକ୍ଷକ ଆଠଗଡ଼, ବାଙ୍କୀ ନରସିଂହପୁର, ଚୌଦ୍ୱାର ସମେତ ଫରେଷ୍ଟର ଆଶିଷ ନାଏକ, ସୁଶୀଳ ଜେନାଙ୍କ ସମେତ ଏକ ପ୍ଲାଟୁନ ସୁରକ୍ଷାକର୍ମୀ ଉପସ୍ଥିତ ଥିଲେ।


ଜବତ ହୋଇଥିବା ଦେଶୀ ମଦ।

# ଜାଲ୍ କବଲା ବଳରେ ମିଳିଥିଲା ସରକାରୀ ମଞ୍ଜୁରୀ

## ସରକାରୀ ବିଦ୍ୟାଳୟ ଜମିଜମା ରେକର୍ଡ ପ୍ରସଙ୍ଗ

■ ବିସ୍ତୃତ ସୂଚନା ଦେବାକୁ ନାରାଜ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ

କଟକ ସଦର,୨।୮(ସୁଶାନ୍ତ କୁମାର ଜେନା)

ଭୂମିହୀନ ସରକାରୀ ବିଦ୍ୟାଳୟକୁ ଜାଗା ଦେବା ପାଇଁ ରାଜସ୍ୱ ବିଭାଗ ନିଷ୍ପତ୍ତି ନେବା ପରେ ସର୍ଭେ ଆରମ୍ଭ ହୋଇଯାଇଛି। ବିଦ୍ୟାଳୟର କେତେ ପରିମାଣରେ ନିଜସ୍ୱ ଜାଗା ରହିଛି, ତା'ର ସବିଶେଷ ତଥ୍ୟ ରାଜସ୍ୱ ନୀରିକ୍ଷକ ଓ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମିଳିତ ଭାବେ ଏହି ସର୍ଭେ କରି ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରି ସାରିଛନ୍ତି। ବିଶେଷ କରି କଟକ ସଦର ବ୍ଲକ ଅଞ୍ଚଳରେ ଥିବା ଅଧିକାଂଶ ବିଦ୍ୟାଳୟର ନିଜସ୍ୱ ଜାଗା ନାହିଁ। ଅନ୍ୟ ଯେଉଁ ବିଦ୍ୟାଳୟର କିଛି ଜମି ରହିଛି, ତାହା ଅଳ୍ପ। ସମ୍ପୃକ୍ତ ବିଦ୍ୟାଳୟକୁ ସରକାରୀ ମଞ୍ଜୁରୀ ସହ ଅନୁଦାନ ପ୍ରଦାନ ସମୟରେ ପରିଚାଳନା କମିଟି ଯେଉଁ କବଲା ତତ୍କାଳୀନ ଶିକ୍ଷା ବିଭାଗ ଓ ଜିଲା ଶିକ୍ଷା ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ, ସେଗୁଡ଼ିକ ଜାଲ ବୋଲି ଏବେ ଜଣାପଡୁଛି। ବିଦ୍ୟାଳୟ ପ୍ରତିଷ୍ଠା ହୋଇ ସୁବର୍ଣ୍ଣ ଜୟନ୍ତୀ ପାଳନ କରିସାରିଥିଲେ ସୁଦ୍ଧା ଜମିର ଦାଖଲ ଖାରଜ ହୋଇ ପାରୁନାହିଁ। କାରଣ ସେହିଭଳି ଜମି କଟକ ସଦର ଓ କିଶନନଗର ତହସିଲ ଅଞ୍ଚଳରେ ନାହିଁ। ଭୁଲ ଖତିୟାନ ନମ୍ବର ଦିଆଯାଇ ଜମି ପଞ୍ଜୀକରଣ କରାଯାଇଛି। ପରେ ତାକୁ ସରକାରୀ ମଞ୍ଜୁରୀ ଓ ଅନୁଦାନ ପାଇବା ପାଇଁ ସରକାରଙ୍କ ନିକଟରେ ଦାଖଲ କରାଯାଇଛି। କେତେ ସଂଖ୍ୟାରେ ସରକାରୀ ବିଦ୍ୟାଳୟ ଭୂମିହୀନ ଅଟନ୍ତି, ତାର ସୂଚନା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଖରେ ନାହିଁ ବୋଲି ବିଭାଗୀୟ ଜନ ସୂଚନା ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶିନୀ ପତ୍ର ସଂଖ୍ୟା।୨୦୦୨୬/୨୩।୭।୨୦୨୫ରେ ସୂଚନା ଦେଇଛନ୍ତି। କଟକ ଜିଲାରେ କେତେ ସଂଖ୍ୟକ ସ୍କୁଲ ଭୂମିହୀନ ଅବସ୍ଥାରେ ରହି ବ୍ୟକ୍ତିଗତ କିମ୍ବା ଗୋଚର ଜମି ଉପରେ ରହୁଛନ୍ତି, ତାର ବିସ୍ତୃତ ସୂଚନା ଜିଲା ଶିକ୍ଷା ଅଧିକାରୀଙ୍କୁ ୩ ମାସ ହେବ ମଗାଯାଇଥିଲା ସୁଦ୍ଧା ଉତ୍ତର ମିଳିପାରି ନାହିଁ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଗଦାଧର ବାରିକଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେବା ପାଇଁ ରାଜି ହୋଇ ନ ଥିଲେ।

### ମହିଳା ଶୋଷଣ ନିରାକରଣ ନେଇ ସଚେତନତା

ସାଲେପୁର,୨।୮(ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ ଅନ୍ତର୍ଗତ ବହୁଗ୍ରାମ ଯୁକ୍ତ୨ ମହାବିଦ୍ୟାଳୟରେ ଶନିବାର ଛାତ୍ରୀମାନଙ୍କ ଲାଗି ଉଦ୍ଦିଷ୍ଟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷା ତଥା ପ୍ରାଧ୍ୟାପିକା ନିରୂପମା ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କର୍ମଶାଳାରେ କର୍ମସ୍ଥଳ ଓ ଶିକ୍ଷାନୁଷ୍ଠାନରେ ମହିଳା ଓ ଛାତ୍ରୀମାନଙ୍କ ପ୍ରତି ହେଉଥିବା ଆଶାଳୀନ ବ୍ୟବହାର ଏବଂ ଶୋଷଣ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଏହାର ନିରାକରଣ ଓ ଏହା ବିରୋଧରେ ପ୍ରତିବାଦ ତଥା ଏହାର ପ୍ରତିହତ ସମ୍ପର୍କରେ କମିଟିର ସଦସ୍ୟମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କମିଟିର ଇନ୍ଦ୍ରମଣି ସାହୁ, ମିର ଅସରଫ ଅଲ୍ଲୀ, ନମିତା ମହାନ୍ତି, ମୋନାଲିସା ମିଶ୍ର, ତପସ୍ୱିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ଉପଖଣ୍ଡସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ବାଙ୍କୀ,୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଉପଖଣ୍ଡସ୍ତରୀୟ ଯୁକ୍ତ୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ଯୁକ୍ତ୩ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଶନିବାର ଉପଜିଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୁପ୍ରିୟା ପଣ୍ଡା ପ୍ରଥମ, ଡମପଡ଼ା ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଗାୟତ୍ରୀ ରାଉତ ଦ୍ୱିତୀୟ ଓ ବୈଦ୍ୟେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଞ୍ଜଳି ପ୍ରିୟା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ସ୍ୱାଧୀନତା ଦିବସ ପାଳନ ଅବସରରେ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ଟ୍ରଫି ଓ ଆର୍ଥିକ ପୁରସ୍କାର ସ୍ୱର୍ଗତା ମାଳତୀ ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯିବ ବୋଲି ତାଙ୍କ ପୁତ୍ର ସୁଶାନ୍ତ କୁମାର ମିଶ୍ର କହିଛନ୍ତି। ସେହିପରି ଯୁକ୍ତ ୩ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇପ୍ସିତା ପ୍ରିୟଦର୍ଶିନୀ ପ୍ରଥମ, ଲକ୍ଷ୍ମୀପ୍ରିୟା ଜେନା ଦ୍ୱିତୀୟ ଓ ସନ୍ଧ୍ୟାରାଣୀ କର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି କୃତୀ ଛାତ୍ରୀଛାତ୍ରମାନଙ୍କୁ ଉପଖଣ୍ଡ ପ୍ରଶାସନ ତରଫରୁ ପ୍ରମାଣପତ୍ର ଓ ଟ୍ରଫି ସହ ସ୍ୱର୍ଗତ ପ୍ରସନ୍ନ କୁମାର ମିଶ୍ର ମେମୋରିଆଲ ବାଙ୍କୀ ପକ୍ଷରୁ ତାଙ୍କ କନ୍ୟା ସାନ୍ତା ମିଶ୍ରଙ୍କ ପ୍ରଦତ୍ତ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ।

# ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କଲେ ୧୨୬ ପ୍ରକଳ୍ପ


ବିଜ୍ଞାନ ମେଳାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

କଟକ ସଦର,୨।୮(ସୁଶାନ୍ତ କୁମାର ଜେନା) କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ୧୨୬ଟି ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରଦର୍ଶିତ କରିଥିଲେ। ସେମାନଙ୍କ ମଧ୍ୟରେ ଆୟୁଷ୍ମାନ ରାୟ, ଅନ୍ୱେଷା ଜେନା, ସମୀକ୍ଷା ତରାଇ, ଅଂଶୁମାନ ମହାପାତ୍ର, ପ୍ରୟାସ ହାତୀ, ଅର୍ଚ୍ଚିତା ମହାପାତ୍ର, ସୌମ୍ୟ ଭୂୟାଁ, ସୌମ୍ୟାଶ୍ରୀ ଦାଶ ପ୍ରମୁଖଙ୍କ ପ୍ରକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରି ସଙ୍କୁଳସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛି। ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ସାଧୁ ଜେନା ମେଳ ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟାପିକା ପ୍ରତ୍ୟାସା ଶତପଥୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ମେଳା ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସଂଯୁକ୍ତା ମହାରଣା, ରାଧାକୃଷ୍ଣ ସ୍ୱାଇଁ, ପ୍ରଭାତ ମଲ୍ଲିକ, ହୃଷୀକେଶ ଜେନା, ନବଘନ ରାଉତ, ଗୌରାଙ୍ଗ ଚରଣ ତରାଇ, ନମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଇପିଏଫ୍ ପେନ୍‌ସନଭୋଗୀ ବିଧାୟିକାଙ୍କୁ ଜଣାଇଲେ ସମସ୍ୟା

କଟକ,୨।୮(କାର୍ତ୍ତିକ ସାହୁ)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ଏକ ପ୍ରତିନିଧି ମଣ୍ଡଳୀ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ସାକ୍ଷାତ କରି ଇପିଏଫ୍ ପେନ୍‌ସନଭୋଗୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଭଗତ ସିଂ ଖୋସିୟାରୀ କମିଟି ଏବଂ କେନ୍ଦ୍ର ଶ୍ରମ ଷ୍ଟାଣ୍ଡିଂ କମିଟି ଦୀର୍ଘଦିନରୁ ପେନ୍‌ସନ ବୃଦ୍ଧି ଲାଗି ସବୁଜ ସଂକେତ ଦେଇ ସୁପାରିସ କରିଥିଲେ ମଧ ଅର୍ଥ ଅଭାବର ଆଳ ଦେଖାଇ ୧୧ ବର୍ଷ ହେବ କେନ୍ଦ୍ର ସରକାର ପେନ୍‌ସନ ବୃଦ୍ଧି କରୁନାହାନ୍ତି। ପରିଣାମ ସ୍ୱରୂପ ଇପିଏଫ୍ ପେନସନସ୍‌ଭୋଗୀ ବରିଷ୍ଠ ନାଗରିକମାନେ ଅକଥନୀୟ ନିର୍ଯାତନାର ଶିକାର ହେଉଛନ୍ତି। ବିଧାୟିକା ଏ ବାବଦରେ ଏଆଇସିସି ସଭାପତି ତଥା ରାଜ୍ୟ ସଭାର ବିରୋଧୀ ଦଳର ନେତା ମଲିକାର୍ଜୁନ ଖାର୍ଗେ ଏବଂ ଲୋକ ସଭାର ବିରୋଧ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଚିଠି ଲେଖି ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନରେ ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ସମେତ ଧୀରେନ୍ଦ୍ର ପ୍ରତାପ, ଅଗାଧୁ ଚରଣ ପ୍ରଧାନ, ବୁଲେଇ ବେହେରା, ସୁକାନ୍ତ ସ୍ୱାଇଁ, ଦେବେନ୍ଦ୍ର ସାହୁ, ଅଲେଖ ଚନ୍ଦ୍ର ରାଉତ, ସୁରେନ୍ଦ୍ର ନାଥ ସାହୁ ଓ ବନମାଳୀ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ, ଛାତ୍ରୀଛାତ୍ର


ବିଦ୍ୟାଳୟ ଆଗରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ।

## ଇଂଲିଶ ଶିକ୍ଷକଙ୍କ ବଦଳିକୁ ବିରୋଧ

ବାଙ୍କୀ,୨।୮(ଶୁଭେନ୍ଦୁ ମହାପାତ୍ର) :

କଟକ ଜିଲା ବାଙ୍କୀ ଉପଖଣ୍ଡରେ ଶିକ୍ଷକ ବଦଳିକୁ ନେଇ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ତାଲା ପକାଇବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଶିକ୍ଷକଙ୍କ ବଦଳି ପ୍ରସଙ୍ଗକୁ ନେଇ ଡମପଡ଼ା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରେ ଛାତ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ମଧ ଏହି ଘଟଣାର ପୁନରାବୃତ୍ତି ଘଟିଛି। ଏହି ବ୍ଲକ ଅନ୍ତର୍ଗତ ଭଗିପୁର ପଞ୍ଚାୟତସ୍ଥିତ ଗୟଲବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଇଂଲିଶ ଶିକ୍ଷକଙ୍କ ବଦଳିକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲାପକାଇ ପ୍ରତିବାଦ କରିଥିଲେ। ଶିକ୍ଷକ ନିଯୁକ୍ତି ନ ଦେଇ ଜଣେ ଇଂଲିଶ ଶିକ୍ଷକଙ୍କୁ ହଠାତ୍ ବଦଳି କରିବାକୁ ସେମାନେ ବିରୋଧ କରିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଆଣ ଅବା ନୂତନ ଇଂଲିଶ ଶିକ୍ଷକଙ୍କୁ ବିଦ୍ୟାଳୟରେ ନିଯୁକ୍ତି ଦେବାକୁ ସେମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

## ଫଟୋରେ ଖବର


ଛାତ୍ରୀ ଓ ନାରୀଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଶନିବାର ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ବିଡ଼ାନାସୀ ଥାନା ଅଧିକାରୀଙ୍କୁ ଭେଟି ଡିଜିପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଉଛନ୍ତି।


ଆଗକୁ ଆସୁଛି ପାର୍ବଣ ଋତୁ: କଟକ କୁମ୍ଭାରସାହି ଅଞ୍ଚଳରେ ଗଣେଶଙ୍କ ମୃଣ୍ମୟ ପ୍ରତିମା ଗଢ଼ିବାରେ ନିମଗ୍ନ ଶିଳ୍ପୀ। (ଫଟୋ: ରାଜକିଶୋର ମହାନ୍ତି)

# ଖବରଦାତା ଅସୁରକ୍ଷିତ, ସୁରକ୍ଷା ଦାବି ତେଜିଲା


ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମ୍ବାଦିକ ସଂଘ ପକ୍ଷରୁ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)**

ନିର୍ଦ୍ଦିଷ୍ଟ ଖବର ପରିବେଷଣକୁ କେନ୍ଦ୍ରକରି ଧରିତ୍ରୀର ବାଣପୁର ଖବରଦାତା ଦିଲୀପ କୁମାର ସ୍ୱାଇଁଙ୍କୁ ଶୁକ୍ରବାର ରାତିରେ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହି ଘଟଣା ଆଇନମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ହୋଇଥିବାରୁ ଖବରଦାତାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ଉଠିଛି। ତୁରନ୍ତ ଘଟଣାର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଖବରଦାତାଙ୍କୁ ସୁରକ୍ଷା ପ୍ରଦାନ କରାଯିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।


“ଗଣତନ୍ତ୍ରରେ ସାମ୍ବାଦିକମାନଙ୍କୁ ୪ର୍ଥ ସ୍ତମ୍ଭର ମାନ୍ୟତା ରହିଛି। କୋଣ ଅନୁକୋଣର ଖବର, ଲୋକଙ୍କ ସମସ୍ୟା ଲୋକଲୋଚନକୁ ଆଣୁଛନ୍ତି। ସରକାରଙ୍କ ଦୋଷ ଦୁର୍ବଳତା ପ୍ରକାଶ କରୁଛନ୍ତି। ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ମୁଁ ଏହାକୁ ଦୃଢ଼ ନିନ୍ଦା କରୁଛି। ରାଜ୍ୟ ସରକାର ସାମ୍ବାଦିକମାନଙ୍କ ସୁରକ୍ଷା ସୁନିଶ୍ଚିତ ପାଇଁ ଦାବି କରୁଛି। ଆଗାମୀ ଅଧିବେଶନରେ ସାମ୍ବାଦିକଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇବି।

- ପ୍ରଦୀପ ସାହୁ, ବେଗୁନିଆ ବିଧାୟକ


“ଧରିତ୍ରୀର ବାଣପୁର ଖବରଦାତାଙ୍କୁ ଆକ୍ରମଣ ଘଟଣା ଜାଣିବା ପରେ ତୁରନ୍ତ ଏସ୍‌ପିଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଥିଲି। ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ। ଯଦି ଆଇନମନ୍ତ୍ରୀ ନିଜ ଅଞ୍ଚଳରେ ସାମ୍ବାଦିକଙ୍କୁ ସୁରକ୍ଷା ଦେଇ ପାରୁନାହାନ୍ତି ରାଜ୍ୟରେ ମହିଳା, ଛାତ୍ରୀଙ୍କୁ କିଭଳି ସୁରକ୍ଷା ଦେବେ ତାହା ଏବେ ପ୍ରଶ୍ନବାଚୀ।

- ରାଜୀବ ପଟ୍ଟନାୟକ,ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି


“ବାଣପୁର ବ୍ଲକ ସାମ୍ବାଦିକ ଦିଲୀପ ସ୍ୱାଇଁଙ୍କୁ ବର୍ବରୋଚିତ ଆକ୍ରମଣ ଘଟଣାରେ ଜିଲା ପ୍ରେସ୍ କ୍ଲବ ମର୍ମାହତ। ଏହାକୁ ଦୃଢ଼ ନିନ୍ଦା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

- ଶୁଭ୍ରାଂଶୁ ସାମନ୍ତରାୟ, ଜିଲା ପ୍ରେସ୍ କ୍ଲବ ସଭାପତି।


“ଖବରଦାତାଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଖବର ପରିବେଷଣକୁ ନେଇ ସାମ୍ବାଦିକମାନେ ଆକ୍ରୋଶର ଶିକାର ହେଉଛନ୍ତି। ସାମ୍ବାଦିକଙ୍କ ସୁରକ୍ଷା ଦାବି କରି ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସରକାର ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରନ୍ତୁ।

- ଅବ୍ୟକ୍ତ ହରିହର ଖାଡଙ୍ଗା, ଉତ୍କଳ ସାମ୍ବାଦିକ ସଂଘ ଜିଲା ସଭାପତି


“ସାଧାରଣ ଲୋକଙ୍କଠାରୁ ରାଜନୈତିକ ବ୍ୟକ୍ତି ବିଶେଷ, ଏପରି କି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ଯାହାର କିଛି ଅସୁବିଧା ହେଲେ ସାମ୍ବାଦିକଙ୍କୁ ଖୋଜା ପଡୁଛି। ପ୍ରତିକୂଳ ପରିସ୍ଥିତିରେ ସାମ୍ବାଦିକ ଖବର ପରିବେଷଣ କରିବାକୁ ଯାଇ ଆକ୍ରୋଶର ଶିକାର ହେଉଛନ୍ତି। ନିଜେ ମାଡ଼ ଖାଇ କାଉଣ୍ଟର ଅଭିଯୋଗର ଶିକାର ହୋଇ ଗିରଫ ହେବା ମଧ ନଜିର ରହିଛି। ଏହି ଘଟଣାର ପୋଲିସ ନିରପେକ୍ଷ ତଦନ୍ତ ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ।

- ପ୍ରକାଶ ହାତୀ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଜିଲା ସଭାପତି


“ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା ନିନ୍ଦନୀୟ। ଗଣମାଧ୍ୟମକୁ ୪ର୍ଥ ସ୍ତମ୍ଭ କୁହାଯାଏ। ଏହା ସୁରକ୍ଷିତ ନ ରହିଲେ, ସମାଜରେ ଅସ୍ଥିରତା ସୃଷ୍ଟି ହେବ। ସରକାର ଏଥିପ୍ରତି ସଜାଗ ହୁଅନ୍ତୁ। ଦୋଷୀଙ୍କ ବିରୋଧରେ ଉଚିତ ଦଣ୍ଡ ଦିଆଯାଉ।

- ପବିତ୍ର ମୋହନ ରାଜଗୁରୁ, ଅଧିବକ୍ତା ଜିଲା ସଂଘ ସଭାପତି

## ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନମେଳା


ବିଜ୍ଞାନମେଳାରେ ଅତିଥିମାନେ ପିଲାଙ୍କ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ବେଗୁନିଆ,୨।୮ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱ ଓ ଆଚାର୍ଯ୍ୟା ସ୍ୱାଗତିକା ପଣ୍ଡାଙ୍କ ଆବାହକତ୍ୱରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠବର୍ଗରୁ ୨୬ଟି, ଶିଶୁବର୍ଗରୁ୨୩ଟି ଓ ବାଲବର୍ଗରୁ ୨୦ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୌଡ, ଭୋଗଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ପାଲଟାସିଂହ ଓ ବଡ଼ବେରଣା ଡିକେଏସ୍ଏନ୍ ବିଦ୍ୟାପୀଠର ବରିଷ୍ଠ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ମହାରଣା ବିଚାରକ ଭାବେ ଯୋଗଦେଇଥିଲେ। ମେଳାରେ ମନୋନୀତ ପ୍ରକଳ୍ପଗୁଡ଼ିକ ଜିଲା ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବ। ସଭା ପ୍ରାରମ୍ଭରେ ଖୋର୍ଦ୍ଧା ଜିଲା ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ଓ ଜିଲା ସଙ୍କୁଳ ପ୍ରମୁଖ ତଥା ବରିଷ୍ଠ ଖବରଦାତା ନଳିନୀକାନ୍ତ ପଣ୍ଡା ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ବିଜ୍ଞାନ ବଳରେ ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ତଥା ଖବରଦାତା ଶ୍ରୀକାନ୍ତ କୁମାର ବାହିନୀପତି ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ଓ ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ ଛଡ଼ାଇ ନେଲେ ଦୁର୍ବୃତ୍ତ

**ବେଗୁନିଆ,୨।୮ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ଅନ୍ତର୍ଗତ ପରିଛଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶନିବାର ମଧ୍ୟାହ୍ନରେ ବିଦ୍ୟାଳୟରୁ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ବେକରୁ ସୁନାଚେନ ଛଡାଇ ନେଇ ଫେରାର ହୋଇଯାଇଛନ୍ତି। ବେଗୁନିଆ ଥାନା ଅନ୍ତର୍ଗତ ଖଣତି ନୂଆସାହିର ପ୍ରିୟମ୍ବଦା ମହାନ୍ତି ପରିଛଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ବିଦ୍ୟାଳୟରୁ ଘରକୁ ଫେରୁଥିବା ବେଳେ ଡିଙ୍ଗର ଚାରିଛକଠାରୁ ମାନପୁର ଯିବା ରାସ୍ତାରେ ମହାନ୍ତିଙ୍କୁ ନିଛାଟିଆ ସ୍ଥାନର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦୁଇଟି ବାଇକ୍‌ରେ ଆସି ବେକରୁ ସୁନାଚେନ ଛଡାଇ ଫେରାର ହୋଇଯାଇଥିଲେ। ଏଥିରେ ଶିକ୍ଷୟିତ୍ରୀ ଜଣଙ୍କ ଭୟଭୀତ ହୋଇ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

## ଟାଙ୍ଗୀ ମଣ୍ଡଳ ସଭାପତି ଭାବେ ଶିବ ପ୍ରସାଦ ପରିଡ଼ା ମନୋନୀତ

**ଟାଙ୍ଗୀ,୨।୮ (ରଘୁନାଥ ସାହୁ)**



ଓଡ଼ିଶା ପ୍ରଦେଶ ଭାରତୀୟ ଜନତା ପାର୍ଟି ସଭାପତିଙ୍କ ଅନୁମୋଦନକ୍ରମେ ଖୋର୍ଦ୍ଧା ଜିଲା ଭାରତୀୟ ଜନତା ପାର୍ଟି ସଭାପତି ବିଶ୍ୱରଞ୍ଜନ ବଡଜେନା ଟାଙ୍ଗୀ ମଣ୍ଡଳ ସଭାପତି ଭାବେ ଶିବ ପ୍ରସାଦ ପରିଡ଼ାଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥି ସହିତ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ଏନ୍ଏସି ମଣ୍ଡଳ ସଭାପତି ଭାବେ ରବି ନାରାୟଣ ମିଶ୍ର, ବରକୂଳ ମଣ୍ଡଳ ସଭାପତି ଭାବେ ପ୍ରଶାନ୍ତ କୁମାର ପ୍ରଧାନ, ଭଗବତୀ ମଣ୍ଡଳ ସଭାପତି ଭାବେ କାହ୍ନୁ ଚରଣ ପ୍ରଧାନ, ବାଲୁଗାଁ ଏନ୍ଏସି ମଣ୍ଡଳ ସଭାପତି ଭାବେ ସନ୍ତୋଷ ପାଇକରାୟଙ୍କୁ ନିଯୁକ୍ତି ମିଳିଥିବା ଜଣାପଡ଼ିଛି। ମଣ୍ଡଳ ସଭାପତି ଭାବେ ବିଭିନ୍ନ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ସମନ୍ୱୟରେ ଏକନିଷ୍ଠା ଓ ଶୃଙ୍ଖଳା ସହିତ ସଙ୍ଗଠନକୁ ଶକ୍ତିଶାଳୀ କରିବାକୁ ସଭାପତି ଆହ୍ୱାନ ଦେଇଛନ୍ତି।

## କ୍ରୀଡ଼ା ଶିକ୍ଷୟିତ୍ରୀ, ହିନ୍ଦୀ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ରେଣୁବାଳା ଦାଶ ନିଜ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ସେ ଦୀର୍ଘ ୩୦ବର୍ଷ ଧରି ଗୋଟିଏ ସ୍କୁଲରେ ଶିକ୍ଷକତା କରି ଅବସର ନେଇଛନ୍ତି। ଶନିବାର ବିଦ୍ୟାଳୟ ପକ୍ଷରୁ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ଦାସ ଯୋଗଦେଇ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ତିଳୋତ୍ତମା ପଟ୍ଟନାୟକ ଯୋଗ ଦେଇ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରୀମାନେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ଓ ରାଜ୍ୟ ବାହାରେ ବିଦ୍ୟାଳୟ ପାଇଁ ଅନେକ ସୁନାମ ଅର୍ଜନ କରିଛନ୍ତି। ଅନୁରୂପ ଭାବେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଘନଶ୍ୟାମ ନନ୍ଦଙ୍କୁ ମଧ ଶନିବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭା ଗୃହରେ ସ୍କୁଲ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।


ସହକର୍ମୀଙ୍କ ଗହଣରେ ଅବସରନେଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ।

## ଜିଲାରେ ଅତିରିକ୍ତ ୪୪ ନୂତନ ମତଦାନ କେନ୍ଦ୍ର ପାଇଁ ସୁପାରିସ


ନିର୍ବାଚନ ସଂକ୍ରାନ୍ତୀୟ ବୈଠକରେ ଅତିରିକ୍ତ ଜିଲାପାଳ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)**

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ନିର୍ବାଚନ ସଂକ୍ରାନ୍ତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଏବଂ ଅତିରିକ୍ତ ଜିଲାପାଳ(ଭୁବନେଶ୍ୱର) ରୁଦ୍ର ନାରାୟଣ ମହାନ୍ତି ଯୋଗଦେଇ ଖୋର୍ଦ୍ଧା ଜିଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନୂତନଭାବେ ଖୋଲାଯିବାକୁ ଥିବା ବୁଥ୍‌ଗୁଡ଼ିକ ଉପରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲାରେ ୪୪ ଅତିରିକ୍ତ ନୂତନ ମତଦାନ କେନ୍ଦ୍ର ପାଇଁ ନିର୍ବାଚନ କମିଶନଙ୍କୁ ସୁପାରିସ କରାଯାଇଛି। ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ପଞ୍ଜୀକରଣ ଅଧିକାରୀଙ୍କଠାରୁ ପ୍ରସ୍ତାବ ପାଇବାପରେ ସେଗୁଡିକ ନିର୍ବାଚନ କମିଶନଙ୍କ ନିକଟକୁ ପଠାଯିବ। ଏଥିପ୍ରତି ରାଜନୈତିକ ଦଳର ପ୍ରତିନିଧିମାନେ ଦୃଷ୍ଟିଦେବା ସହ ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇବେ ବୋଲି ବୈଠକରେ କୁହାଯାଇଛି।

### ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଆଲୋଚନା

ପ୍ରକାଶଥାଉ କି, ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୨, ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ୪, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ୨୦ ଏବଂ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ୧୮ ଟି ନୂଆ ବୁଥ୍ କରିବା ନେଇ ଆଲୋଚନା ହୋଇଛି। ଏହି ବର୍ଦ୍ଧିତ ୪୪ ବୁଥକୁ ମିଶାଇଲେ ବର୍ତ୍ତମାନ ଖୋର୍ଦ୍ଧା ଜିଲାରେ ଚୂଡ଼ାନ୍ତ ବୁଥ୍ ସଂଖ୍ୟା ୨,୪୨୫ ହେବ। ବୈଠକରେ ଭୁବନେଶ୍ୱର କେନ୍ଦ୍ର ବିଧାନସଭା ନିର୍ବାଚନମଣ୍ଡଳୀର ଇଆର୍‌ଓ ଧନଞ୍ଜୟ ମହାନ୍ତି, ଭୁବନେଶ୍ୱର ମଧ୍ୟ ବିଧାନସଭା ମଣ୍ଡଳୀର ଇଆରଓ ମନ୍ମଥ କୁମାର ନାୟକ, ଡେପୁଟି କଲେକ୍ଟର ରାଜେଶ କୁମାର ମହାନ୍ତି, ଡେପୁଟି କଲେକ୍ଟର (ନିର୍ବାଚନ) ମନୋଜ କୁମାର ସେନାପତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ବରିଷ୍ଠ ଓ କନିଷ୍ଠ ସହାୟକ, ସହାୟିକା ଯୋଗଦେଇଥିଲେ। ଏଥିରେ ଏଏପିର ପ୍ରଶାନ୍ତ କୁମାର ରଣସିଂହ, କଂଗ୍ରେସର ସୌମ୍ୟ ପଟ୍ଟନାୟକ, ଭାଜପାର ବଦ୍ରି ନାରାୟଣ ଦାଶ ଏବଂ ବିଜେଡିର ହେମନ୍ତ କୁମାର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ମୁକ୍ତେଶ୍ୱରଦେବ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ଟାଙ୍ଗୀ,୨।୮ (ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନୂଆପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ କ୍ଲଷ୍ଟରସ୍ତରୀୟ ଦ୍ୱିତୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରିୟମ୍ବଦା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ଆୟେଶା ତନୱିର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ପ୍ରିୟଙ୍କା ମହାପାତ୍ର, କବିତା ମହାପାତ୍ର, ଅମିତ ଚକ୍ରବର୍ତ୍ତୀ, ପ୍ରକାଶ ବେହେରା, ଦୀପୁନ ପରିଡା, କୁନ୍ତଳା ସାହୁ, ମଞ୍ଜୁ ଦେଇ, ମୋନାଲିସା ବେହେରା, ସବିତା ପୃଷ୍ଟି, ରୂପାଲି ପାତ୍ର, ଦୀପିକା ମଣ୍ଡଲ, ରସ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଶିଶୁବାଟିକା ଶ୍ରେଣୀ ଶିକ୍ଷାଦାନ, ଏଫ୍‌ଏଲ୍‌ଏନ୍, ବହୁଶ୍ରେଣୀ ଶିକ୍ଷାଦାନ, ପାଠଟିକା, ମାସିକ ଶୈକ୍ଷିକ କ୍ୟାଲେଣ୍ଡର ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ହୋଇଥିବାରୁ ଏହା ମଡେଲ ସ୍କୁଲ ଅନ୍ୟମାନେ ଏହି ସ୍କୁଲଠାରୁ ପ୍ରେରଣା ପାଇବେ ବୋଲି ତନୱିର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଇତିଶ୍ରୀ ରାଉତ, ବିଷ୍ଣୁପ୍ରିୟା ସେଠୀ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଷୟରେ ଆଦର୍ଶ ଶ୍ରେଣୀ ଶିକ୍ଷାଦାନ ଦେଇଥିଲେ। ନିଳାମ୍ବର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



କ୍ଲଷ୍ଟରସ୍ତରୀୟ ମାସିକ ବୈଠକରେ ଉପସ୍ଥିତ ଅଧିକାରୀ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତିର ଦାବିପତ୍ର

**ଟାଙ୍ଗୀ,୨।୮ (ରଘୁନାଥ ସାହୁ)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ବିଭିନ୍ନ ଦାବି ନେଇ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ବେହେରାଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ସଚିବ ଓ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନଭୁକ୍ତ କରିବା, ଅବସର ନେଇଥିବା କିମ୍ବା ନେବାକୁ ଥିବା ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନ୍‌ସନ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ କର୍ମଚାରୀଙ୍କ ଗ୍ରେଡ ପେ'ରେ ଥିବା ଅସଙ୍ଗତି ଦୂର କରିବା,୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନ୍ୟାଶନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନ୍‌ସନ ପରିବର୍ତ୍ତେ ପୁରାତନ ପେନ୍‌ସନ ଲାଗୁ କରିବା ପ୍ରମୁଖ ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ଓଷ୍ଟାର ରାଜ୍ୟ ସମ୍ପାଦକ ରମାକାନ୍ତ ମହାପାତ୍ର, ଟାଙ୍ଗୀ ବ୍ଲକ ସଭାପତି ବଳରାମ ପାଇକରାୟ, ଟାଙ୍ଗୀ ବ୍ଲକ ସମ୍ପାଦକ ଅଜୟ ପରିଡା, ପୂର୍ବତନ କର୍ମକର୍ତ୍ତା ପଦ୍ମନାଭ ବିଶ୍ୱାଳ, ଲକ୍ଷ୍ମୀଧର ପାତ୍ର, ଆଶିଷ କୁମାର ବିଶ୍ୱାଳ, ମାନସ ରଞ୍ଜନ ମହାରଣା, ତିଳୋତ୍ତମା ଜେନା, ପ୍ରତାପ କେଶରୀ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହିଥିଲେ।


ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ବେହେରାଙ୍କୁ ଦାବିପତ୍ର ଦେଉଛନ୍ତି।

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା**

## ଶିକ୍ଷକଙ୍କୁ ପ୍ରଶ୍ନ ପଚାରିବା ଅଭ୍ୟାସ କର

**ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀର ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା। ବରିଷ୍ଠ ଶିକ୍ଷାବିତ୍ କିଶୋର ଚନ୍ଦ୍ର ବରାଳ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ଉପସଭାପତି ପ୍ରଭାତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ତାପସ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ପୁସ୍ତକଗତ ଅଧ୍ୟୟନ ଜ୍ଞାନର ପରିସୀମା ବୃଦ୍ଧି କରିଥାଏ। ଆଗକୁ ବଢ଼ିବାକୁ ହେଲେ ଜୀବନରେ ଶୃଙ୍ଖଳାଜ୍ଞାନ ଜରୁରୀ। ସ୍ୱାମୀ ବିବେକାନନ୍ଦଙ୍କ ଆତ୍ମଜୀବନୀ, ପିମ୍ପୁଡ଼ି ଉପାଖ୍ୟାନ, ଗୋଲାପ ଫୁଲ ଏବଂ ନାଗଫେଣୀର ସମ୍ପର୍କ ପ୍ରଭୃତି ଉଦାହରଣ ଦେଇ ପିଲାଙ୍କୁ ଶୃଙ୍ଖଳିତ ଜୀବନଶୈଳୀ, ସ୍ୱଚ୍ଛତା, ଅଧ୍ୟବସାୟ, ଏକାଗ୍ରତା, ଧ୍ୟାନ ଉପରେ ଗୁରୁତ୍ୱ ଦେଇଥିଲେ। କ୍ଲାସରୁମରେ ଗୁରୁମା'ଗୁରୁଜୀଙ୍କୁ ପ୍ରଶ୍ନ ପଚାରିବା ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ପିଲାଙ୍କୁ ଗୁରୁଜନ, ଶିକ୍ଷକଙ୍କ ମାର୍ଗଦର୍ଶନ, ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଓକିଲ ସଂଘ ସମ୍ପାଦକ କ୍ଷୀରୋଦ ମହାନ୍ତି, ପରିଚାଳନା କମିଟି କୋଷାଧ୍ୟକ୍ଷ ଶିକ୍ଷାବିତ୍ ନୃସିଂହଚରଣ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଶିକ୍ଷାବିତ ଲୋକନାଥ ମିଶ୍ର, ରବୀନ୍ଦ୍ର ନାଥ ଶତପଥୀ, ଉପେନ୍ଦ୍ର କରନ୍, ବିକୁଡିଆ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ନିରୁପମା ରାଉତରାୟ, ସରସ୍ୱତୀ ଶିଶୁମନ୍ଦିର ଖୋର୍ଦ୍ଧା ଗୁରୁଜୀ ପ୍ରଶାନ୍ତ କୁମାର ଜତି ଓ ସଞ୍ଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ପିଲାଙ୍କ ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ। ପ୍ରଧାନାଚାର୍ଯ୍ୟ ଦୁଷ୍ମନ୍ତ କୁମାର ପରିଡ଼ା ସଂଯୋଜନା କରିଥିବାବେଳେ ସମସ୍ତ ଗୁରୁମା'ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ପିଲାଙ୍କ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ୧.୬୦ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୨୦ତମ କିସ୍ତି

**ପୁରୀ/ସାକ୍ଷୀଗୋପାଳ,୨।୮(ଅଜିତ କୁମାର ମହାନ୍ତି/କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନର ୨୦ତମ କିସ୍ତି ଲୋକାର୍ପଣ ଉପଲକ୍ଷେ ସିଧା ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ସାକ୍ଷୀଗୋପାଳସ୍ଥିତ ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ ଜିଲାସ୍ତରୀୟ ସମାନ୍ତରାଳ ପି.ଏମ କିଷାନ ଉତ୍ସବ ପ୍ରସାରଣ କରାଯାଇଥିଲା। ଉତ୍ସବର ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କୃଷି ଓ କୃଷକମାନଙ୍କର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି ବୋଲି କହିଥିଲେ। ଧାନ ସଂଗ୍ରହ ବେଳେ କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କାର ଅତିରିକ୍ତ ସହାୟତା ରାଶି ମଧ୍ୟ ପ୍ରଦାନ କରିଛନ୍ତି। ଚାଷଙ୍କୁ ଦ୍ୱିଗୁଣିତ କରିବା ସହ କୃଷକ ଭାଇର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ନିରନ୍ତର କାର୍ଯ୍ୟ କରିଚାଲିଛନ୍ତି ବୋଲି ସେ କହିଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜଣେ ଚାଷୀଙ୍କୁ ପିଏମ୍ କିଷାନ ଟଙ୍କା ପ୍ରଦାନ କରୁଛନ୍ତି ।

ପୁରୀ ଜିଲାର ମୋଟ ୧ ଲକ୍ଷ ୬୦ହଜାର ୫୨୬ ଜଣ କୃଷକ ଏହି ୨୦ତମ କିସ୍ତି ୨ହଜାରଟଙ୍କା ଲେଖାଏଁ ପି.ଏମ କିଷାନ ସମ୍ମାନ ନିଧି ସହାୟତା ପାଇଛନ୍ତି। ଏ ବାବଦରେ ମୋଟ ୩୨କୋଟି ୧୦ଲକ୍ଷ ୫୨ହଜାର ଟଙ୍କା ପ୍ରଦାନ କରାଯାଇଛି। ଉତ୍ସବର ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଓୟୁଏଟିର ଡିନ୍ ଡ. ପ୍ରସନ୍ନଜିତ ମିଶ୍ର, ମୁଖ୍ୟ ଜିଲା କୃଷି ଅଧିକାରୀ ତପନ କୁମାର ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ସୂର୍ଯ୍ୟ କୁମାର ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୃଷି ଓ କୃଷକର ବିକାଶ, ସେମାନଙ୍କ ପାଇଁ ଥିବା ବ୍ୟବସ୍ଥା, ସହାୟତା ଓ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରିହାତି ଦରରେ ବିଭିନ୍ନ କୃଷି ଉପକରଣ ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଅଗ୍ରଗତି ପ୍ରମାଣପତ୍ର ବଣ୍ଟନ କରିଥିଲେ। କୃଷି ଆନୁଷଙ୍ଗିକ ବିଭାଗ ତଥା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ପ୍ରକଳ୍ପ, ସହକାରୀ ଜିଲା ମତ୍ସ୍ୟ ଅଧିକାରୀ, ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ, ଜିଲା କୃଷି ଅଧିକାରୀ, ସମସ୍ତ ବ୍ଲକସ୍ତରୀୟ ଓ ଜିଲ୍ଲା ସ୍ତରୀୟ କୃଷି ଅଧିକାରୀ ଓ କର୍ମଚାରୀ ଓ ୨୦୦ରୁ ଊର୍ଦ୍ଧ୍ୱ କୃଷକ ଉପସ୍ଥିତ ଥିଲେ।

**ପୁରୀ ଜିଲାସ୍ତରୀୟ ପିଏମ୍ କିଷାନ ପ୍ରଦାନ ସମାରୋହ**

# ୟୁଏଏସ୍‌କୁ ବିରୋଧ କଲା ଶିକ୍ଷକ ସମନ୍ୱୟ ସମିତି



ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆଗରେ ଶିକ୍ଷକ ସମନ୍ୱୟ ସମିତିର ବିକ୍ଷୋଭ ।

**ଗୋପ,୨।୮(ଭାରତୀ ଭୂଷଣ ଉପାଧ୍ୟାୟ)**

ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ (ୟୁଏଏସ୍)କୁ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପ୍ରତ୍ୟାହାର ଦାବି କରିଛି। ଶୁକ୍ରବାର ଅପରାହ୍ନରେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଅଜୟ କୁମାର ରଥ ଓ ସାଧାରଣ ସମ୍ପାଦକ ସରୋଜ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ କୁସୁପୁର ସ୍ଥିତ ଶିକ୍ଷକ ଭବନ ଠାରୁ ଶୋଭାଯାତ୍ରାରେ ଯାଇ ଗୋପ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭୌତିକ ତଥା ଶୈକ୍ଷିକ ଭିତ୍ତିଭୂମିରେ ସୁଧାର ନ ଆଣି ସରକାର ୟୁଏଏସ୍ ଲାଗୁ କରିବା କ୍ଷୋଭ ତଥା ପରିତାପର ବିଷୟ। ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ, ମୋବାଇଲ ନେଟୱର୍କ ସମସ୍ୟା, ଶିକ୍ଷକଙ୍କ ଦୀର୍ଘଦିନର ଦାବିପ୍ରତି ସରକାରଙ୍କ ଉଦାସୀନତା ପ୍ରଭୃତି ମୂଳଭୂତ ସମସ୍ୟା ଦୂର ନ ହେବା ଯାଏଁ ୟୁଏଏସ୍ ଲାଗୁ କରିବା ପ୍ରକ୍ରିୟାକୁ ଶିକ୍ଷକ ସଂଘ ବିରୋଧ କରିବାକୁ ନିଷ୍ପତ୍ତି ନେଇଥିବା ପୁରୀ ଜିଲା ପ୍ରାଥମିକ ଶିକ୍ଷକ ୟୁନିୟନର ସାଧାରଣ ସମ୍ପାଦକ ଶିବଦତ୍ତ ନାୟକ ପ୍ରକାଶ କରିଛନ୍ତି। ତୃଣମୂଳସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବିରୋଧ କରି ଗୋପ ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ଜିଲା ସମ୍ପାଦକ ଶିବଦତ୍ତ ନାୟକ, ସରୋଜ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକ, ସିଆରସିସି ରବୀନ୍ଦ୍ରନାଥ ବାହିନୀପତି, ଲିଙ୍ଗରାଜ ସ୍ୱାଇଁ, ଦିବାକର ପରିଡ଼ା, ଶିକ୍ଷକ ନେତା ଜଳନ୍ଧର ବେହେରା, ସନ୍ତୋଷ କୁମାର ବିଶ୍ୱାଳ, ସନ୍ତୋଷୀ ନନ୍ଦ, ହରପ୍ରିୟା ଦାସଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

**ଅସ୍ତରଙ୍ଗ,୨।୮(ପ୍ରଦୀପ୍ତ କୁମାର ଦୀକ୍ଷିତ୍)**

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସର୍ବଶିକ୍ଷା ଅଭିଯାନ ତରଫରୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାଏକ, ମଣ୍ଡଳ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସାଧନ ସଂଯୋଜକ ରବୀନ୍ଦ୍ର ପରିଡ଼ା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୨୪-୨୫ ବର୍ଷରେ ଚିହ୍ନଟକରଣ କରାଯାଇଥିବା ୩୪ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ନୂତନ ଭାବେ ୨୫-୨୬ ବର୍ଷ ପାଇଁ ଚିହ୍ନଟ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ମମତା ପାଲ୍, ରାମଚନ୍ଦ୍ର ପ୍ରଧାନ, ଭଲ୍ୟୁଣ୍ଟିୟର ଅଧିରାଜ ଲେଙ୍କା, ଦୀପକ ନାୟକ, ହରପ୍ରିୟା ନାୟକ ଉପକରଣଗୁଡ଼ିକୁ କିପରି ବ୍ୟବହାର କରାଯିବ ସେନେଇ ବୁଝାଇଥିଲେ।


ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଉଛି ।

# ନିମାପଡ଼ା ମେଡିକାଲର ସାମଗ୍ରିକ ବିକାଶ ପାଇଁ ମୁଁ ସଦା ଚେଷ୍ଟିତ



ରୋଗୀ କଲ୍ୟାଣ ସମିତି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ଅତିଥି ବୃନ୍ଦ।

**ନିମାପଡ଼ା,୨।୮(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସାମଗ୍ରିକ ବିକାଶ ପାଇଁ ମୁଁ ସଦାଚେଷ୍ଟିତ ଓ ଦୃଢ଼ ସଂକଳ୍ପବଦ୍ଧ। ମେଡିକାଲ୍‌ରେ ଥିବା ବିଭିନ୍ନ ସମସ୍ୟା ଓ ଅଭାବ ଅସୁବିଧାର ଖୁବ୍‌ଶୀଘ୍ର ପ୍ରତିକାର କରାଯିବ, ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆମ ସରକାରଙ୍କର ପ୍ରାଥମିକତା ବୋଲି ନିମାପଡ଼ାର ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆୟୋଜିତ ରୋଗୀକଲ୍ୟାଣ ସମିତିର ପରିଚାଳନା କମିଟି ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରାଯିବା, ଓ. ପି. ଡି. ରେ ଡାକ୍ତରଙ୍କୁ ପାଳର ଅନ୍ତର ନ କରାଯିବା, ରୋଗୀମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ଉପକରଣ, ଜେନେରେଟର, ଇନଭର୍ଟର କ୍ରୟ କରାଯିବା, ନିରାମୟ ଔଷଧ ବିତରଣ କେନ୍ଦ୍ର ଅଧିକ ସମୟ ଖୋଲାଯାଇ ରୋଗୀମାନଙ୍କୁ ସୁଚାରୁରୂପେ ଔଷଧ ବିତରଣ କରାଯିବା, ମହିଳା ଓ ପ୍ରସୂତିମାନଙ୍କ ବେଡ୍‌ରେ ପୁରୁଷମାନେ ବସା ଉଠା ନ କରିବା ଦିଗରେ ଉପମୁଖ୍ୟମନ୍ତ୍ରୀ ପରିଡା ଗୁରୁତ୍ୱାରୋପ କରିଥିଲେ। ମେଡିକାଲରେ ପାନୀୟ ଜଳର ସୁବ୍ୟବସ୍ଥା ପାଇଁ ମେଡିକାଲ ପରିସରରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ପାଣିଟାଙ୍କି ନିର୍ମାଣ କରାଯିବା, ମେଡିକାଲ ପରିସରରେ ଥିବା ସୁଲଭ ଶୌଚାଳୟ ମରାମତି ଓ ପୁନରୁଦ୍ଧାର ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ କୁମାର ଶତପଥି, ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା ସୁବ୍ରତ ମହାପାତ୍ର, ଡା. ଆଶୁତୋଷ ଜେନା, ଚାରିଛକ ମେଡିକାଲ୍‌ର ମୁଖ୍ୟ ଚିକିତ୍ସାଧିକାରୀ ପ୍ରଶାନ୍ତ କୁମାର ସାମନ୍ତରାୟ. ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, କାଉନସିଲର ନିରଞ୍ଜନ ନାୟକ, ନର୍ସିଂ ଅଫିସର ସାଧନା ମହାପାତ୍ର, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର, ହେଲ୍‌ଥ ଏଟିଏମ କମ୍ପାନୀର ସିଇଓ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ନିମାପଡ଼ା ମେଡିକାଲ ଓ ରୋଗୀ କଲ୍ୟାଣ ସମିତି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଓଷ୍ଟା ଅସ୍ତରଙ୍ଗ ଶାଖାର ୬ ଦଫା ଦାବି ନେଇ ଧାରଣା

**ଅସ୍ତରଙ୍ଗ, ୨।୮ (ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ୍)**

ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବା ଓଷ୍ଟାର ଅସ୍ତରଙ୍ଗ ଶାଖା ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବିଭିନ୍ନ ସମସ୍ୟାକୁ ନେଇ ଶିକ୍ଷକମାନେ ଦୀର୍ଘବର୍ଷ ହେବ ସରକାରଙ୍କୁ ୬ ଦଫା ଦାବି ବିଷୟରେ ଅବଗତ କରାଇ ଆସୁଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ପୂର୍ବ ସରକାର ହେଉ କି ଚଳିତ ସରକାର ଏମାନଙ୍କ ଦାବିକୁ ଗ୍ରହଣ କରୁନାହାନ୍ତି। ଫଳରେ ଏମାନେ ସାରା ରାଜ୍ୟରେ ବିଭିନ୍ନ ବ୍ଲକସ୍ତରୀୟ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଏହି ନୂତନ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଅବସର ନେଇଥିବା, ଅବସର ନେବାକୁ ଯାଉଥିବା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନ୍‌ସନ ଓ ଅବସରକାଳୀନ ସୁବିଧାସୁଯୋଗ ପ୍ରଦାନ, ଅବସର ବୟସସୀମା ୬୦ ପରିବର୍ତ୍ତେ ୬୨ ବର୍ଷକୁ ବୃଦ୍ଧି, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁମୋଦିତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟକୁ ସରକାରୀକରଣ ଆଦି ୬ ଦଫା ଦାବିରେ ଧାରଣା ଦେଇଥିଲେ। ଆଗାମୀ ୮ରେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ସଂଘ ଚେତାବନୀ ଦେଇଛି।

# ଜିଜ୍ଞାସା ଭାବ ରଖି ଆଗକୁ ବଢ଼

**ଅସ୍ତରଙ୍ଗ, ୨।୮(ପ୍ରଦୀପ୍ତ କୁମାର ଦୀକ୍ଷିତ୍)**

**ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା**

ଅସ୍ତରଙ୍ଗ ବ୍ଲକ କୁଅଁରପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଶନିବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାକୁ ପରିଚାଳନା କମିଟି ସମ୍ପାଦକ ବିଜୟ କୁମାର ଭଞ୍ଜ ପ୍ରାରମ୍ଭରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଶିଶୁମାନଙ୍କୁ ୩ଟି ବର୍ଗ ଶିଶୁ ବର୍ଗ, ବାଲ୍ ବର୍ଗ ଓ କିଶୋର ବର୍ଗରେ ବିଭକ୍ତ କରାଯାଇ ୧୭୦ଟି ପ୍ରକଳ୍ପ ଓ ୪୨ଟି କନିଷ୍ଠ, ସର୍ବକନିଷ୍ଠ ବର୍ଗର ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦ କୁମାର ନାୟକ, ମୁଖ୍ୟବକ୍ତା ବିଜୟ ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜ୍ଞାନର ଉପଯୋଗିତା ସମ୍ବନ୍ଧରେ ପିଲାଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଚାରକ ଭାବେ ଲକ୍ଷ୍ମୀଧର ମହାନ୍ତି, ଆଲୋକ ଗୁରୁଜୀ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶୋକ ପରିଡ଼ା ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରକଳ୍ପ ଆଦି ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ୩୮୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।


ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

# ଶିକ୍ଷା ଦ୍ୱାରା ଛାତ୍ରୀଛାତ୍ର ପରିବର୍ତ୍ତନ ହୋଇଥାନ୍ତି

**ଗୋପ, ୨।୮ (ଭାରତୀ ଭୂଷଣ ଉପାଧ୍ୟାୟ)**

ଶିକ୍ଷା ଏପରି ଏକ ଶବ୍ଦ, ଯାହା ଛାତ୍ରୀଛାତ୍ରଙ୍କୁ ପରିବର୍ତ୍ତନ କରିଥାଏ ବୋଲି ଗୋପ ମହାବିଦ୍ୟାଳୟ ଅର୍ଥଶାସ୍ତ୍ର ଅଧ୍ୟାପକ ଅରୁଣ ଚନ୍ଦ୍ର ମିଶ୍ରଙ୍କ ଅବସର ସମ୍ବର୍ଦ୍ଧନା ସମାରୋହରେ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡା କହିଛନ୍ତି। ଗୋପ ମହାବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଅବସର ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କଲେଜରେ ନିଜର ଅନନ୍ୟ ପଢ଼ାଶୈଳୀକୁ ଛାତ୍ରୀଛାତ୍ରମାନେ ମଧ୍ୟ ବେଶ୍ ପସନ୍ଦ କରିଥାନ୍ତି। ମିଶ୍ର ଜଣେ ଛାତ୍ରବତ୍ସଳ, ମିଷ୍ଟଭାଷୀ, ପରୋପକାରୀ ଓ ଉଦାର ହୃଦୟର ମଣିଷ ଭାବେ ସମଗ୍ର ଗୋପ ଅଞ୍ଚଳରେ ବେଶ୍ ଜଣାଶୁଣା। ଗୋପ କଲେଜ ପକ୍ଷରୁ କଲେଜ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମିଶ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଅରୁଣ ଚନ୍ଦ୍ର ମିଶ୍ରଙ୍କ ଉଦ୍ଦେଶ୍ୟରେ ନିଜ ନିଜର ଭାବର ଆଦାନପ୍ରଦାନ କରି କିଛି ମୁହୂର୍ତ୍ତ ପାଇଁ ଭାବବିହ୍ୱଳ ହୋଇପଡ଼ିଥିଲେ। ଶେଷ ଦିବସରେ ନିଜ ପ୍ରିୟ ସାର୍‌ଙ୍କୁ ଛାଡ଼ିବା ପାଇଁ ଗୋପ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀବୃନ୍ଦ ତାଙ୍କ ଘରକୁ ଆସିଥିଲେ ଏବଂ ସେଠାରେ ମଧ୍ୟ ମିଶ୍ରଙ୍କ ପରିବାର ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଅବସର ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ।

# ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ


ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଉଛି ।

**ସାକ୍ଷୀଗୋପାଳ,୨।୮(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ଘାଣିଭବାନୀପୁର ଗ୍ରାମରେ ଅଗ୍ନିବିପନ୍ନ ପରିବାରକୁ ସତ୍ୟବାଦୀ ବ୍ଲକ କଂଗ୍ରେସ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଖବରପାଇ ପ୍ରସାଦ ହରିଚନ୍ଦନ ପୀଡ଼ିତ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ପ୍ରତି ବିପନ୍ନ ପରିବାରକୁ ପାଲ, ଲଣ୍ଠନ, ଛତା, ଲୁଙ୍ଗି, ଗାମୁଛା, ବାଲ୍ଟି, ମଗ, ପ୍ଲେଟ ଓ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ସତ୍ୟବାଦୀ ବ୍ଲକ କଂଗ୍ରେସ ସଭାପତି ସୁବାସ ମହାପାତ୍ର, ଲିପ୍ତି ରଞ୍ଜନ ପ୍ରଧାନ, ଆଦର୍ଶ ମିଶ୍ର, ତପନ କୁମାର ବେଜ, ଅମୂଲ୍ୟ ଜେନା, ନନ୍ଦୁ ଶତପଥି, ଉତ୍ତମ ମହାପାତ୍ର, ରବି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ନେତା ମନୋଜ ରଥ ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ପାଲ, ଛତା ଓ ପିଲାଙ୍କ ପାଇଁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ।

# ଅଷ୍ଟାଦଶତମ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ

**ପୁରୀ,୨।୮(ଅଜିତ୍ କୁମାର ମହାନ୍ତି)**

ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଅଷ୍ଟାଦଶତମ ବାର୍ଷିକ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ପ୍ରଧାନଆଚାର୍ଯ୍ୟ ସୁରେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଲିଗୁଆଳି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ସହ ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି, ପରିଚାଳନା ସମିତିର ସମ୍ପାଦକ ପୁରୁଷୋତ୍ତମ ନାୟକ, ସଭାପତି ସୁନୀଲ ଚକ୍ରବର୍ତ୍ତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସହ ପ୍ରଧାନଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଅଭିଭାଷଣ ପ୍ରଦାନ କରିବା ସହ ବିଦ୍ୟାଳୟର ନବଗଠିତ ବିଦ୍ୱତ ପରିଷଦ ଟିମ୍ ଘୋଷଣା କରିଥିଲେ। ମେଳାରେ ବିଜ୍ଞାନ ପ୍ରକଳ୍ପରେ ୧୦୦ ଜଣ, ବିଜ୍ଞାନ ପ୍ରୟୋଗରେ ୧୨ ଜଣ, ବିଜ୍ଞାନ ପତ୍ର ବାଚନରେ ୯ ଜଣ ଏହିପରି ସର୍ବମୋଟ ୧୨୧ ଜଣ ଶିଶୁ ପ୍ରତିଭାଗୀ ଅଂଶଗ୍ରହଣ କରିଥିବା ବେଳେ ଗଣିତ ପ୍ରକଳ୍ପରେ ୨୩ ଜଣ, ଗଣିତ ପ୍ରୟୋଗରେ ୧୧ ଜଣ, ଗଣିତ ପତ୍ରବାଚନରେ ୪ ଜଣ, ଗଣିତ ପ୍ରଶ୍ନମଞ୍ଚରେ ୧୭ ଜଣ, ବିଜ୍ଞାନ ପ୍ରଶ୍ନମଞ୍ଚରେ ୧୮ ଜଣ ଏବଂ ସଂସ୍କୃତି ଜ୍ଞାନ ପ୍ରତିଯୋଗିତାରେ ୪୦ରୁ ଅଧିକ ଛାତ୍ରୀ ଯୋଗଦାନ କରିଥିଲେ। ସର୍ବମୋଟ ୨୩୦ ଜଣ ପ୍ରତିଯୋଗୀ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଦିଗମ୍ବର ପ୍ରଧାନ, ବନମାଳୀ କର, ବିନୋଦ କୁମାର ମୁଦୁଲି ଯୋଗଦାନ କରି କାର୍ଯ୍ୟ ତୁଲାଇଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ମହେଶ୍ୱର ଜେନା ବିଜ୍ଞାନ ମେଳାର ବିବରଣୀ ପାଠ କରିଥିଲେ। ଶେଷରେ ବରିଷ୍ଠ ଆଚାର୍ଯ୍ୟା ବନିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।


ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ।

# ବର୍ଷା ନାହିଁ, ଚାଷଜମି ଫାଟି ଆଁ

**ଅସ୍ତରଙ୍ଗ,୨।୮(ପ୍ରଦୀପ୍ତ କୁମାର ଦୀକ୍ଷିତ୍)**



**ଆଗେଇପାରୁନି ଖରିଫ୍ ଚାଷ**

କେନାଲ ମରାମତି ଆଳରେ ପ୍ରତିବର୍ଷ ସରକାରୀ ଅର୍ଥ ବ୍ୟୟବରାଦ ହେଉଛି। ସରକାରୀ ଅର୍ଥରେ କେନାଲ ଉଭୟ ପାର୍ଶ୍ୱରେ 'ର' ଠ ହୋଇ କଂକ୍ରିଟ ଢଳେଇ ଓ ତଳେ ପ୍ୟାକିଙ୍ଗ ହୋଇଛି ଏବଂ ଘାସ ସଫେଇ ନାଁରେ ବି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀନ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା କେନାଲରେ ପାଣି ଆସୁ ନ ଥିବା ସ୍ଥାନୀୟ ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି।

ଶ୍ରାବଣ ସରିବାକୁ ବସିଲାଣି। ଅସ୍ତରଙ୍ଗ ଅଞ୍ଚଳରେ ଚାଷକାର୍ଯ୍ୟ କରିବାକୁ ବର୍ଷାର ଦେଖାନାହିଁ। ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଷଜମି ଫାଟି ଆଁ କଲାଣି। ଅନ୍ୟପଟେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର କିଛି ପଞ୍ଚାୟତରେ ଜଳସମ୍ପଦ ବିଭାଗ ତରଫରୁ ଦୀର୍ଘବର୍ଷ ହେବ କେନାଲ ନିର୍ମାଣ ହୋଇଛି ସତ, କିନ୍ତୁ କେନାଲରେ ପାଣି ନାହିଁ। ମାଣ୍ଡୁକି ପଞ୍ଚାୟତ ଚାଷୀ କୈଳାସ ନାୟକ କହିଛନ୍ତି, ଜଳସମ୍ପଦ ବିଭାଗ ଲୋକଦେଖାଣିଆ ପ୍ରତିବର୍ଷ କେନାଲ ସଫେଇ କରି ଧର୍ମକୁ ଆଖିଠାର ଭଳି ପେଟି କଣ୍ଟ୍ରାକ୍ଟର ପୋଷା ନୀତି ଆପଣାଇଛି। କିନ୍ତୁ ଅସ୍ତରଙ୍ଗ ଅଞ୍ଚଳର ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର କେନାଲ ଦ୍ୱାରା ଜମିକୁ ପାଣି ପହଞ୍ଚାଇବାକୁ ବ୍ୟବସ୍ଥା କରିଛନ୍ତି, ହେଲେ ସେଥିରେ ପାଣି ଆସୁନାହିଁ। ତେଣୁ ଚାଷକାମ କରିପାରୁନାହୁଁ ବୋଲି ସେ କହିଛନ୍ତି। ଚକରପଡ଼ା ଅଞ୍ଚଳର ଚାଷୀ ପ୍ରକାଶ ନାୟକ କହିଛନ୍ତି, ଖରିଫ୍ ସମୟ ଆସିଲେ ଜଳସମ୍ପଦ ବିଭାଗ ସଫେଇ ନାଁରେ ଲକ୍ଷାଧିକ ଟଙ୍କା ହରିଲୁଟ୍ କରୁଛି। ଦୀର୍ଘ ୧୦ବର୍ଷ ହେବ ମାଣ୍ଡୁକି, ଚକରପଡ଼ା ଦେଇ ଯାଇଥିବା କେନାଲରେ ପାଣି ଆସୁନାହିଁ। ହେଲେ ପ୍ରତ୍ୟେକ ବର୍ଷ ସରକାରଙ୍କୁ ଚାଷୀମାନେ ଜଳକର ଦେଉଛନ୍ତି। ଅନେକ ସ୍ଥାନରେ ଘାସ ଓ ବୁଦାମାନ ଉଠି କେନାଲଟି ସତ୍ତା ହରାଇବାକୁ ବସିଲାଣି। ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀ ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେଇ କେନାଲରେ ପାଣି ଛାଡ଼ିବାକୁ ଦାବି କରିଛନ୍ତି।

## ୱାରେଣ୍ଟ ଥିବା ଅଭିଯୁକ୍ତଙ୍କୁ ଗିରଫ ପ୍ରକ୍ରିୟା ଆରମ୍ଭ

ସାକ୍ଷୀଗୋପାଳ,୨।୮(ଭରତ ରାଉତ)

ପୋଲିସ ଡିଜି ୱାଇ ବି ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ସାରା ଓଡ଼ିଶାରେ ୧ରୁ ୮ ତାରିଖ ପର୍ଯ୍ୟନ୍ତ ୱାରେଣ୍ଟ ଥିବା ଅଭିଯୁକ୍ତମାନଙ୍କୁ ଧରପଗଡ଼ ଆରମ୍ଭ ହୋଇଛି। ଏହି ଆଧାରରେ ସତ୍ୟବାଦୀ ପୋଲିସ ଜେଏମ୍ଏଫସି ପୁରୀ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏନ୍‌ବିଡବ୍ଲ୍ୟୁ ବଳରେ ଜଣେ ମୁଦାଲାଙ୍କୁ ଧରିବାରେ ସଫଳ ହୋଇଛି। ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଭଙ୍ଗପୁରର ହଟ ଛାଟୋଇ ବୋଲି ସତ୍ୟବାଦୀ ଥାନାଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

# ‘ହର୍ ଘର୍ ତିରଙ୍ଗା’ ଅଭିଯାନରେ ସାମିଲ ହେବେ ସ୍କୁଲ ପିଲା

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)

### ସ୍ୱାଧୀନତା ଦିବସରେ ସ୍କୁଲରେ ପାଳନ ହେବ ପତାକା ଉତ୍ତୋଳନ ଉତ୍ସବ

‘ଆଜାଦୀ କା ଅମୃତ ମହୋତ୍ସବ’ ଅଧୀନରେ ‘ହର ଘର ତିରଙ୍ଗା’ ଅଭିଯାନ ପାଳନ କରି ନାଗରିକମାନଙ୍କୁ ଘରେ ଜାତୀୟ ପତାକା ତିରଙ୍ଗା ଉତ୍ତୋଳନ କରିବାକୁ ଉତ୍ସାହିତ କରାଯାଉଛି। ଚଳିତବର୍ଷ ‘ହର ଘର ତିରଙ୍ଗା’ ଅଭିଯାନ ଅଗଷ୍ଟ ୨ରୁ ୧୫ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଆୟୋଜିତ ହେବ। ପ୍ରଥମ ପର୍ଯ୍ୟାୟ ଅଗଷ୍ଟ ୨ରୁ ୮, ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ୯ରୁ ୧୨ ଏବଂ ତୃତୀୟ ପର୍ଯ୍ୟାୟ ଅଗଷ୍ଟ ୧୩ରୁ ୧୫ ଯାଏ ଅନୁଷ୍ଠିତ ହେବ। ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ସ୍କୁଲର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ସମୟରେ ତିରଙ୍ଗା ସହ ଏକ ସେଲ୍‌ଫି ଉଠାଇ www.harghartiranga.com ୱେବ୍‌ସାଇଟରେ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ଚିଠି ଲେଖିଛି। ଏଥିଓହ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ ଉତ୍ସବ ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ଜାତୀୟ ପତାକା ପ୍ରଦର୍ଶନ ସମୟରେ ଭାରତର ପତାକା ସଂହିତା ୨୦୦୨ ଅନୁସରଣ କରାଯିବ। ତିରଙ୍ଗା ସହ ସେଲ୍‌ଫି, ପ୍ରଭାତଫେରି, ତିରଙ୍ଗା ରାଲି (ତିରଙ୍ଗା ସହ ବାଇକ ଓ ସାଇକେଲ ରାଲି), ତିରଙ୍ଗା ପ୍ରଦର୍ଶନୀ ଏବଂ ଅନ୍ୟାନ୍ୟ ଗ୍ରାମାଞ୍ଚଳସ୍ତରୀୟ ଜନଭାଗୀଦାରି ପଦକ୍ଷେପ ଗ୍ରହଣ କରାଯାଇ ସ୍ୱାଧୀନତା ଦିବସକୁ ଅଧିକ ବ୍ୟାପକ ଭାବେ ପାଳନ କରାଯାଇପାରିବ। ଏହି ଅଭିଯାନରେ କରାଯାଉଥିବା କାର୍ଯ୍ୟକ୍ରମଗୁଡ଼ିକୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଅପ୍‌ଲୋଡ୍ କରାଯିବ ଏବଂ ଏହା ସମ୍ବନ୍ଧୀୟ ନିଆଯାଇଥିବା ପଦକ୍ଷେପର ବିବରଣୀ ee1.sectione-du@gov.inରେ ପ୍ରଦାନ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ଉଚ୍ଚଶିକ୍ଷା ବିଭାଗ, ବିଶ୍ୱବିଦ୍ୟାଳୟ କମିଟିର ତଦନ୍ତ

### ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଘଟଣା

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)




ଉତ୍କଳ ବିଶ୍ୱବିଦ୍ୟାଳୟରେ କର୍ମକ୍ଷେତ୍ରରେ ନିର୍ଯାତନା ଅଭିଯୋଗ ଘଟଣାକୁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇଛି। ଶୁକ୍ରବାର ଜଣେ ମହିଳା ବିତ୍ତ ଅଧିକାରିଣୀ କୁଳସଚିବ ଡ. ସ୍ୱାତୀ ମିଶ୍ରଙ୍କ ବିରୋଧରେ ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ସେ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଲିଖିତ ଭାବେ ଜଣାଇ ନ୍ୟାୟ ନିବେଦନ କରିଥିଲେ। ଶନିବାର ତଦନ୍ତ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଠିତ ୩ ଜଣିଆ ତଥ୍ୟ ଅନୁସନ୍ଧାନକାରୀ କମିଟି ଅଭିଯୋଗକାରିଣୀ ମହିଳା ଅଧିକାରୀଙ୍କୁ ପଚରାଉଚରା କରିଥିଲା। ପରେ କୁଳସଚିବ ଡ. ମିଶ୍ରଙ୍କ ପକ୍ଷ ଶୁଣିଥିଲା। ସେହିପରି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ବିଶ୍ୱବିଦ୍ୟାଳୟ ଯାଇ ଘଟଣା ଅନୁଧ୍ୟାନ କରିଥିଲେ। ପରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଓ କୁଳପତି ପ୍ରଫେସର ଦଣ୍ଡପାଟଙ୍କ ଉପସ୍ଥିତରେ ୩ ଜଣିଆ କମିଟି ଉଭୟଙ୍କୁ ଡାକି ମତ ନେଇଥିଲା। ମତ ନେବା ପରେ ଉଭୟଙ୍କ ମଧ୍ୟରେ ସହମତି କରିବା ପୂର୍ବକ ଆପୋସ ସମାଧାନ ପାଇଁ ପ୍ରଚେଷ୍ଟା କରାଯାଇଥିଲା। ଅଧିକାରୀଙ୍କ ଉପସ୍ଥିତିରେ ସମାଧାନ ପାଇଁ ଉଭୟ ପକ୍ଷ ରାଜି ଥିବା ପ୍ରକାଶ କରିଥିଲେ। ଏହି ଘଟଣାକୁ ଉଚ୍ଚଶିକ୍ଷା ବିଭାଗ ଗମ୍ଭୀରତାର ସହ ନେଇଥିବାବେଳେ ନିର୍ଦ୍ଦେଶକ କୁଳପତିଙ୍କ ସହ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମାତ୍ର ଖବର ଲେଖାହେବା ପର୍ଯ୍ୟନ୍ତ ଅଭିଯୋଗକାରୀ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରି ନ ଥିଲେ।

# ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶାରେ ନୂଆ ଟିମ୍: ମନମୋହନ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

ରାଜ୍ୟରେ ଶାସକ ଭାଜପାର ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ ଉପରେ ସମସ୍ତଙ୍କ ନଜର ରହିଛି। ୪ର୍ଥ ଥର ଲାଗି ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ହେବା ପରେ ତାଙ୍କ ଟିମ୍‌ରେ କେଉଁମାନଙ୍କୁ ସ୍ଥାନ ମିଳୁଛି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ମନମୋହନ ସଭାପତି ନିଯୁକ୍ତ ହେବାର ଇତିମଧ୍ୟରେ ଗୋଟିଏ ମାସ ପୂରଣ ହେବାକୁ ବସିଲାଣି। ତେବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ନୂଆ କମିଟି ଘୋଷଣା ହେବ ବୋଲି ଶନିବାର ମନମୋହନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ହେଉଛି ଆମର ସାମ୍ବିଧାନିକ ବ୍ୟବସ୍ଥା। ନିଗମ ଓ ବୋର୍ଡ ନେଇ ବୈଠକ ବସିଲା ପରେ ନିଷ୍ପତ୍ତି ହେବ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମନମୋହନ ସଭାପତି ଦାୟିତ୍ୱ ନେବା ପରେ ନିକଟରେ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରୁ ଆସିବା ପରେ ସେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ହେବା ସମ୍ଭାବନା ନାହିଁ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଦଳର ନୂଆ କମିଟି ହେବ ବୋଲି ସେ ସୂଚନା ଦେଇଥିଲେ। ନୂଆ କମିଟିରେ ୨୫% ନୂଆ ଚେହେରା ରହିବେ ବୋଲି କହିଥିଲେ। ଅନ୍ୟପଟେ ରାଜ୍ୟରେ ଭାଜପା ସରକାର ହେବା ପରେ ଦଳର ବହୁ ନେତା ନିଗମ ଓ ବୋର୍ଡରେ ନିଯୁକ୍ତି ପାଇବାକୁ ଅପେକ୍ଷା କରି ରହିଥିବା ଚର୍ଚ୍ଚା ହେଉଛି।

# ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ମିଳିତ ବୈଠକ ଜରୁରୀ

ଭୁବନେଶ୍ୱର, ୨।୮ (ବନ୍ଦନା ସେଠୀ)

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ମହାନଦୀ ବଞ୍ଚାଅ ଆନ୍ଦୋଳନ

ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ସମସ୍ତ ରାଜନୈତିକ ଦଳ, ନଦୀ ଓ ଜଳ ବିଶେଷଜ୍ଞ, ନଦୀ ଆନ୍ଦୋଳନର ପ୍ରମୁଖ ନେତୃତ୍ୱ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ଡାକିବାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦାବି ହୋଇଛି। ଏହି କ୍ରମରେ ଶନିବାର ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଆନ୍ତଃନଦୀ ଜଳ ବିବାଦ ଏକ ଜଟିଳ ସମସ୍ୟା ଏବଂ ସେଥିପାଇଁ ବିଭିନ୍ନ ବର୍ଗଙ୍କ ଭିତରେ ସହମତି ଅତ୍ୟନ୍ତ ଜରୁରୀ। ମହାନଦୀକୁ ନେଇ ଓଡ଼ିଶାର କେଉଁ ସବୁ ଦାବି ରହିବା ଆବଶ୍ୟକ, ସେସବୁ ସହମତିଭିତ୍ତିରେ ନିର୍ଦ୍ଧାରଣ ହେବା ଉଚିତ। ଏଥିସହ ମହାନଦୀ ରିଭର ବୋର୍ଡ ଗଠନ ମାଧ୍ୟମରେ ମହାନଦୀର ସୁରକ୍ଷା ଏବଂ ବିକାଶ ସମ୍ଭବ ହୋଇ ପାରିବ ବୋଲି ଉଲ୍ଲେଖ କରାଯାଇଛି। ଜଳ ବିବାଦର ସମାଧାନ ଏକ ଜଟିଳ ପ୍ରସଙ୍ଗ ହୋଇଥିବାରୁ ଏଥିପାଇଁ ସମନ୍ୱିତ ଆଭିମୁଖ୍ୟ ଆବଶ୍ୟକ ଥିବାରୁ ଏହି ପ୍ରସ୍ତାବିତ ବୈଠକ ଅତ୍ୟନ୍ତ ଜରୁରୀ ବୋଲି ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଶୋଇ କହିଛନ୍ତି।



ନୃତ୍ୟମ୍ କଳାଶ୍ରୀକ୍ଷେତ୍ର ପକ୍ଷରୁ ଭୁବନେଶ୍ୱର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ଘୁଙ୍ଗୁରୁ ଉତ୍ସବର ଶନିବାର ଉଦ୍‌ଯାପନୀ ଅବସରରେ ଓଡ଼ିଶୀ ନୃତ୍ୟ ଗୁରୁ ସରିତା ମିଶ୍ରଙ୍କୁ ଅତିଥିମାନେ ‘ ଘୁଙ୍ଗୁରୁ ସମ୍ମାନ’ ପ୍ରଦାନ କରୁଛନ୍ତି। (ଫଟୋ– ବିକାଶ ନାୟକ)

# ଛାତ୍ରୀମାନେ ଶିକ୍ଷା, ବ୍ୟକ୍ତିଗତ ବିକାଶର ଅନୁସନ୍ଧାନ କରନ୍ତୁ

ଭୁବନେଶ୍ୱର,୨।୮(ସୁଚିସ୍ମିତା ସାହୁ)

### ରମାଦେବୀରେ ଇଣ୍ଡକ୍ସନ କାର୍ଯ୍ୟକ୍ରମ

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଇଣ୍ଡକ୍ସନ କାର୍ଯ୍ୟକ୍ରମ ଶୁକ୍ରବାର ନୂତନ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ଛାତ୍ରୀଙ୍କ ମାର୍ଗଦର୍ଶନ ଓ ପ୍ରେରଣା ଦେବା ସହିତ ସ୍ୱାଗତ କରାଯାଇଥିଲା। ଛାତ୍ରୀ କଲ୍ୟାଣର ନିର୍ଦ୍ଦେଶକ ପ୍ରଫେସର ଅପରାଜିତା ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହିତ ବିଶ୍ୱବିଦ୍ୟାଳୟରେ ସେମାନଙ୍କ ସମୟର ସର୍ବାଧିକ ଉପଯୋଗ କରିବାକୁ ଉତ୍ସାହିତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ୍ ଅଧ୍ୟକ୍ଷା ପ୍ରଫେସର ମିତାଲି ଚିନାରା ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁସ୍ମିତା ଦାସ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଐତିହ୍ୟ ଉପରେ ପ୍ରେରଣାଦାୟକ କଥା କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଛାତ୍ରୀଙ୍କୁ ସମର୍ପଣ, ଶୃଙ୍ଖଳା ଏବଂ ଉତ୍କର୍ଷତାର ମୂଲ୍ୟବୋଧକୁ ବଜାୟ ରଖିବାକୁ ଅନୁରୋଧ କରିଥିଲେ। ଛାତ୍ରୀଙ୍କୁ ଶିକ୍ଷା ଏବଂ ବ୍ୟକ୍ତିଗତ ବିକାଶର ନୂତନ କ୍ଷେତ୍ର ଅନୁସନ୍ଧାନ କରିବା ପାଇଁ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଏବଂ ଶୈକ୍ଷିକ ସମ୍ବଳର ପୂର୍ଣ୍ଣ ଲାଭ ନେବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମନସ୍ୱିନୀ ସାହୁ ଏବଂ ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ଶିଖା ସିଂହଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

# ୭ ଯାଏ ବଜ୍ରପାତ ଆଶଙ୍କା

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)

ରାଜ୍ୟରେ ବର୍ଷା ଧୀରେ ଧୀରେ କମିଥିବାବେଳେ ଏବେ ଅଧିକାଂଶ ଜିଲାରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ରବିବାର ଆଭ୍ୟନ୍ତରୀଣ ଓଡ଼ିଶା ସହ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ମାତ୍ର ୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ହେବା ଆଶଙ୍କା ରହିଛି। ଏଥିପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସେସବୁ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ବିଜୁଳି ଏବଂ ଘଡ଼ଘଡ଼ି ଆଶଙ୍କା ଥିବାରୁ ସତର୍କ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କୁକୁନ୍



@ ମନୋଜ



@ ନିହାର



@ ପ୍ରଶାନ୍ତ



@ ଉତ୍ତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିର୍ବାଚନ ବେଳେ ମିଥ୍ୟା ସତ୍ୟପାଠ ଦେଇଛନ୍ତି ମନ୍ତ୍ରୀ: କଂଗ୍ରେସ

### ମନ୍ତ୍ରୀଙ୍କ ବିଧାନସଭା ସଦସ୍ୟତା ରଦ୍ଦ ହେବା ଉଚିତ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀର ବରିଷ୍ଠ ନେତା ଦେବାଶିଷ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

୨୦୨୪ ସାଧାରଣ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଇସ୍ତଫା ଦିଅନ୍ତୁ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଦାବି କରାଯାଇଛି। ଶନିବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ଦେବାଶିଷ ପଟ୍ଟନାୟକ କହିଛନ୍ତି, ୨୦୨୧ରେ ଏକ ଜମି କିଣିବା ବାବଦରେ ନିରଞ୍ଜନ ଶତପଥୀ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ୨୫ ଲକ୍ଷ ଟଙ୍କାର ଠକେଇର ଶିକାର ହେବା ନେଇ ମନ୍ତ୍ରୀ ପାତ୍ର ନିକଟରେ ଏତଲା ଦେଇଛନ୍ତି। ଏଥିରୁ ମନ୍ତ୍ରୀଙ୍କ ମିଥ୍ୟା ସତ୍ୟପାଠ ପ୍ରଘଟ ହୋଇଛି । ସମ୍ବିଧାନର ଧାରା ୨୩୪ ଅନୁସାରେ ତଥା ୧୯୫୧ ଜନ ପ୍ରତିନିଧି ଆଇନର ଉପଧାରା ୩୩/୩୬ ଅନୁସାରେ ନିର୍ବାଚନ ଆୟୋଗ ମନ୍ତ୍ରୀ ପାତ୍ରଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବା ଉଚିତ। ସେହିଭଳି ମିଥ୍ୟା ସତ୍ୟପାଠ କରିଥିବା ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କିଭଳି ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି। ଗତ ନିର୍ବାଚନରେ ମନ୍ତ୍ରୀ ନିଜ ସତ୍ୟପାଠରେ ମୋଟ ୭ ଲକ୍ଷ ୩୫ ହଜାର ୯୦ ଟଙ୍କା ଥିବା ଏବଂ କିଛି ଋଣ କରି ନ ଥିବା ଦର୍ଶାଇଥିଲେ। ବାର୍ଷିକ ୨୦ ଲକ୍ଷ ଟଙ୍କା ଉପାର୍ଜନ କରୁଥିବା ସେ ଦର୍ଶାଇଛନ୍ତି। କିନ୍ତୁ ସତ୍ୟପାଠରେ ଜମିକିଣା ଅଗ୍ରିମ ୨୫ ଲକ୍ଷ ଟଙ୍କାର ଉଲ୍ଲେଖ କରିନାହାନ୍ତି। ତେବେ ଏଠାରେ ସତ୍ୟପାଠକୁ ନେଇ ସାମ୍ବିଧାନିକ ବିରୋଧାଭାଷ ସ୍ପଷ୍ଟ ହୋଇଛି। ଭାରତୀୟ ଜନ ପ୍ରତିନିଧି ୧୯୫୧ ଆଇନର ଉପଧାରା ୩୬ କ୍ଲଜ୍–୨ ଉପଧାରା–ବି ଅନୁସାରେ ଯଦି ଜଣେ ପ୍ରାର୍ଥୀ ନିର୍ବାଚନ ସମୟରେ ତାଙ୍କର ସ୍ଥାବର, ସ୍ଥାବର ଏବଂ ଋଣର ତାଲିକା ସମ୍ପୂର୍ଣ୍ଣ ରୂପେ ଦାଖଲ ନ କରନ୍ତି ଏବଂ ଲୁଚେଇ ରଖନ୍ତି, ତା’ହେଲେ ତାଙ୍କ ବିଧାନସଭା ପଦ ଅସିଦ୍ଧ କରିବାର ନିୟମ ଅଛି। ଭାରତୀୟ ସମ୍ବିଧାନ ଧାରା ୩୨୪ ଏବଂ ସୁପ୍ରିମକୋର୍ଟଙ୍କ ଅନୁସାରେ ମୁକ୍ତ ଏବଂ ସ୍ୱଚ୍ଛ ନିର୍ବାଚନ ପାଇଁ ନିବାଚନ ଆୟୋଗକୁ ଉକ୍ତ ଧାରା ଅନୁଯାୟୀ କ୍ଷମତା ପ୍ରଦାନ କରାଯାଉଛି। ଯେହେତୁ ମନ୍ତ୍ରୀ ନିର୍ବାଚନ ସତ୍ୟପାଠରେ ଜମିକିଣା ବାବଦ ୨୫ ଲକ୍ଷ ଟଙ୍କା ପଇଠ କରିଥିବା ଘୋଷଣା କରିନାହାନ୍ତି, ତେଣୁ ସତ୍ୟପାଠର ଖିଲାପ ହୋଇଛି। ମନ୍ତ୍ରୀ ଖୋଦ ୨୫ ଲକ୍ଷ ଟଙ୍କା ଅଗ୍ରିମ ଦେଇ ଠକେଇର ଶିକାର ହୋଇଥିବା ଏତଲା ଦେଇଛନ୍ତି ଏବଂ ଏହା ଗଣମାଧ୍ୟମ ତଥା ରାଜ୍ୟର ରାଜନୀତିରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି। ତେଣୁ ନିର୍ବାଚନ ଆୟୋଗ ଏହାକୁ ନିଜ ସଂଜ୍ଞାନକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ବୋଲି ଦେବାଶିଷ କହିଛନ୍ତି।

# ଅପିଲ ମାମଲାର ତ୍ୱରିତ ସମାଧାନ ପାଇଁ ନଗର ଉନ୍ନୟନ ବିଭାଗର କ୍ୟାମ୍ପ କୋର୍ଟ

ଭୁବନେଶ୍ୱର,୨।୮(ବନ୍ଦନା ସେଠୀ)

### ୧୩୯ ମାମଲା ଗ୍ରହଣ, ସମାଧାନ ହେଲା

ନାଗରିକ କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଶନିବାର ଉନ୍ନତି ଭବନରେ ଏହି ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ଓଡ଼ିଶା ଓଡିଶା ବିକାଶ ପ୍ରାଧିକରଣ (ଓଡିଏ) ଆଇନ ୧୯୮୨ ଅନୁଯାୟୀ ଦାଏର ଅପିଲ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହ ଜଡିତ ଅପିଲ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଅପିଲ କର୍ତ୍ତୃପକ୍ଷଙ୍କ ପ୍ରମୁଖ ସଚିବ ଏହି ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ଏହି କ୍ରମରେ ୭୦୦ରୁ ଅଧିକ ବିଚାରାଧୀନ ଅପିଲ ମାମଲା ମଧ୍ୟରୁ ମୋଟ ୧୩୯ଟି ମାମଲା ଗ୍ରହଣ ଏବଂ ସମାଧାନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡ଼ିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୋଧରେ ନାଗରିକଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ। ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଆଇନ ଅନୁଯାୟୀ ଅପିଲ ମାମଲା ପରିଚାଳନା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସ୍ୱତନ୍ତ୍ର ସଚିବ ଓ ଅତିରିକ୍ତ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

## ୱାରେଣ୍ଟ ଥିବା ଅଭିଯୁକ୍ତଙ୍କୁ ଗିରଫ ପ୍ରକ୍ରିୟା ଆରମ୍ଭ

ସାକ୍ଷୀଗୋପାଳ,୨।୮(ଭରତ ରାଉତ)

ପୋଲିସ ଡିଜି ୱାଇ ବି ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ସାରା ଓଡ଼ିଶାରେ ୧ରୁ ୮ ତାରିଖ ପର୍ଯ୍ୟନ୍ତ ୱାରେଣ୍ଟ ଥିବା ଅଭିଯୁକ୍ତମାନଙ୍କୁ ଧରପଗଡ଼ ଆରମ୍ଭ ହୋଇଛି। ଏହି ଆଧାରରେ ସତ୍ୟବାଦୀ ପୋଲିସ ଜେଏମ୍ଏଫସି ପୁରୀ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏନ୍‌ବିଡବ୍ଲ୍ୟୁ ବଳରେ ଜଣେ ମୁଦାଲାଙ୍କୁ ଧରିବାରେ ସଫଳ ହୋଇଛି। ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଭଇପୁରର ହଟ ଛାଟୋଇ ବୋଲି ସତ୍ୟବାଦୀ ଥାନାଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

# ‘ହର୍ ଘର୍ ତିରଙ୍ଗା’ ଅଭିଯାନରେ ସାମିଲ ହେବେ ସ୍କୁଲ ପିଲା

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)

### ସ୍ୱାଧୀନତା ଦିବସରେ ସ୍କୁଲରେ ପାଳନ ହେବ ପତାକା ଉତ୍ତୋଳନ ଉତ୍ସବ

‘ଆଜାଦୀ କା ଅମୃତ ମହୋତ୍ସବ’ ଅଧୀନରେ ‘ହର ଘର ତିରଙ୍ଗା’ ଅଭିଯାନ ପାଳନ କରି ନାଗରିକମାନଙ୍କୁ ଘରେ ଜାତୀୟ ପତାକା ତିରଙ୍ଗା ଉତ୍ତୋଳନ କରିବାକୁ ଉତ୍ସାହିତ କରାଯାଉଛି। ଚଳିତବର୍ଷ ‘ହର ଘର ତିରଙ୍ଗା’ ଅଭିଯାନ ଅଗଷ୍ଟ ୨ରୁ ୧୫ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଆୟୋଜିତ ହେବ। ପ୍ରଥମ ପର୍ଯ୍ୟାୟ ଅଗଷ୍ଟ ୨ରୁ ୮, ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ୯ରୁ ୧୨ ଏବଂ ତୃତୀୟ ପର୍ଯ୍ୟାୟ ଅଗଷ୍ଟ ୧୩ରୁ ୧୫ ଯାଏ ଅନୁଷ୍ଠିତ ହେବ। ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ସ୍କୁଲର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ସମୟରେ ତିରଙ୍ଗା ସହ ଏକ ସେଲ୍‌ଫି ଉଠାଇ www.harghartiranga.com ୱେବ୍‌ସାଇଟରେ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ଚିଠି ଲେଖିଛି। ଏଥିସହ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ ଉତ୍ସବ ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ଜାତୀୟ ପତାକା ପ୍ରଦର୍ଶନ ସମୟରେ ଭାରତର ପତାକା ସଂହିତା ୨୦୦୨ ଅନୁସରଣ କରାଯିବ। ତିରଙ୍ଗା ସହ ସେଲ୍‌ଫି, ପ୍ରଭାତଫେରି, ତିରଙ୍ଗା ରାଲି (ତିରଙ୍ଗା ସହ ବାଇକ ଓ ସାଇକେଲ ରାଲି), ତିରଙ୍ଗା ପ୍ରଦର୍ଶନୀ ଏବଂ ଅନ୍ୟାନ୍ୟ ଗ୍ରାମାଞ୍ଚଳସ୍ତରୀୟ ଜନଭାଗୀଦାରି ପଦକ୍ଷେପ ଗ୍ରହଣ କରାଯାଇ ସ୍ୱାଧୀନତା ଦିବସକୁ ଅଧିକ ବ୍ୟାପକ ଭାବେ ପାଳନ କରାଯାଇପାରିବ। ଏହି ଅଭିଯାନରେ କରାଯାଉଥିବା କାର୍ଯ୍ୟକ୍ରମଗୁଡ଼ିକୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଅପ୍‌ଲୋଡ୍ କରାଯିବ ଏବଂ ଏହା ସମ୍ବନ୍ଧୀୟ ନିଆଯାଇଥିବା ପଦକ୍ଷେପର ବିବରଣୀ ee1.sectione-du@gov.inରେ ପ୍ରଦାନ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।



ନୃତ୍ୟମ୍ କଳାଶ୍ରୀକ୍ଷେତ୍ର ପକ୍ଷରୁ ଭୁବନେଶ୍ୱର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ଘୁଙ୍ଗୁରୁ ଉତ୍ସବର ଶନିବାର ଉଦ୍‌ଯାପନୀ ଅବସରରେ ଓଡ଼ିଶୀ ନୃତ୍ୟ ଗୁରୁ ସରିତା ମିଶ୍ରଙ୍କୁ ଅତିଥିମାନେ ‘ ଘୁଙ୍ଗୁରୁ ସମ୍ମାନ’ ପ୍ରଦାନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶାରେ ନୂଆ ଟିମ୍: ମନମୋହନ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

ରାଜ୍ୟରେ ଶାସକ ଭାଜପାର ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ ଉପରେ ସମସ୍ତଙ୍କ ନଜର ରହିଛି। ୪ର୍ଥ ଥର ଲାଗି ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ହେବା ପରେ ତାଙ୍କ ଟିମ୍‌ରେ କେଉଁମାନଙ୍କୁ ସ୍ଥାନ ମିଳୁଛି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ମନମୋହନ ସଭାପତି ନିଯୁକ୍ତ ହେବାର ଇତିମଧ୍ୟରେ ଗୋଟିଏ ମାସ ପୂରଣ ହେବାକୁ ବସିଲାଣି। ତେବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ନୂଆ କମିଟି ଘୋଷଣା ହେବ ବୋଲି ଶନିବାର ମନମୋହନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ହେଉଛି ଆମର ସାମ୍ବିଧାନିକ ବ୍ୟବସ୍ଥା। ନିଗମ ଓ ବୋର୍ଡ ନେଇ ବୈଠକ ବସିଲା ପରେ ନିଷ୍ପତ୍ତି ହେବ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମନମୋହନ ସଭାପତି ଦାୟିତ୍ୱ ନେବା ପରେ ନିକଟରେ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରୁ ଆସିବା ପରେ ସେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ହେବା ସମ୍ଭାବନା ନାହିଁ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଦଳର ନୂଆ କମିଟି ହେବ ବୋଲି ସେ ସୂଚନା ଦେଇଥିଲେ। ନୂଆ କମିଟିରେ ୨୫% ନୂଆ ଚେହେରା ରହିବେ ବୋଲି କହିଥିଲେ। ଅନ୍ୟପଟେ ରାଜ୍ୟରେ ଭାଜପା ସରକାର ହେବା ପରେ ଦଳର ବହୁ ନେତା ନିଗମ ଓ ବୋର୍ଡରେ ନିଯୁକ୍ତି ପାଇବାକୁ ଅପେକ୍ଷା କରି ରହିଥିବା ଚର୍ଚ୍ଚା ହେଉଛି।

# ଉଚ୍ଚଶିକ୍ଷା ବିଭାଗ, ବିଶ୍ୱବିଦ୍ୟାଳୟ କମିଟିର ତଦନ୍ତ

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)

### ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଘଟଣା

ଉତ୍କଳ ବିଶ୍ୱବିଦ୍ୟାଳୟରେ କର୍ମକ୍ଷେତ୍ରରେ ନିର୍ଯାତନା ଅଭିଯୋଗ ଘଟଣାକୁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇଛି। ଶୁକ୍ରବାର ଜଣେ ମହିଳା ବିତ୍ତ ଅଧିକାରିଣୀ କୁଳସଚିବ ଡ. ସ୍ୱାତୀ ମିଶ୍ରଙ୍କ ବିରୋଧରେ ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ସେ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଲିଖିତ ଭାବେ ଜଣାଇ ନ୍ୟାୟ ନିବେଦନ କରିଥିଲେ। ଶନିବାର ତଦନ୍ତ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଠିତ ୩ ଜଣିଆ ତଥ୍ୟ ଅନୁସନ୍ଧାନକାରୀ କମିଟି ଅଭିଯୋଗକାରିଣୀ ମହିଳା ଅଧିକାରୀଙ୍କୁ ପଚରାଉଚରା କରିଥିଲା। ପରେ କୁଳସଚିବ ଡ. ମିଶ୍ରଙ୍କ ପକ୍ଷ ଶୁଣିଥିଲା। ସେହିପରି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ବିଶ୍ୱବିଦ୍ୟାଳୟ ଯାଇ ଘଟଣା ଅନୁଧ୍ୟାନ କରିଥିଲେ। ପରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଓ କୁଳପତି ପ୍ରଫେସର ଦଣ୍ଡପାଟଙ୍କ ଉପସ୍ଥିତରେ ୩ ଜଣିଆ କମିଟି ଉଭୟଙ୍କୁ ଡାକି ମତ ନେଇଥିଲା। ମତ ନେବା ପରେ ଉଭୟଙ୍କ ମଧ୍ୟରେ ସହମତି କରିବା ପୂର୍ବକ ଆପୋସ ସମାଧାନ ପାଇଁ ପ୍ରଚେଷ୍ଟା କରାଯାଇଥିଲା। ଅଧିକାରୀଙ୍କ ଉପସ୍ଥିତିରେ ସମାଧାନ ପାଇଁ ଉଭୟ ପକ୍ଷ ରାଜି ଥିବା ପ୍ରକାଶ କରିଥିଲେ। ଏହି ଘଟଣାକୁ ଉଚ୍ଚଶିକ୍ଷା ବିଭାଗ ଗମ୍ଭୀରତାର ସହ ନେଇଥିବାବେଳେ ନିର୍ଦ୍ଦେଶକ କୁଳପତିଙ୍କ ସହ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମାତ୍ର ଖବର ଲେଖାହେବା ପର୍ଯ୍ୟନ୍ତ ଅଭିଯୋଗକାରୀ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରିନ ଥିଲେ।

# ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ମିଳିତ ବୈଠକ ଜରୁରୀ

ଭୁବନେଶ୍ୱର, ୨।୮ (ବନ୍ଦନା ସେଠୀ)

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ମହାନଦୀ ବଞ୍ଚାଅ ଆନ୍ଦୋଳନ

ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ସମସ୍ତ ରାଜନୈତିକ ଦଳ, ନଦୀ ଓ ଜଳ ବିଶେଷଜ୍ଞ, ନଦୀ ଆନ୍ଦୋଳନର ପ୍ରମୁଖ ନେତୃତ୍ୱ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ଡାକିବାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦାବି ହୋଇଛି। ଏହି କ୍ରମରେ ଶନିବାର ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଆନ୍ତଃନଦୀ ଜଳ ବିବାଦ ଏକ ଜଟିଳ ସମସ୍ୟା ଏବଂ ସେଥିପାଇଁ ବିଭିନ୍ନ ବର୍ଗଙ୍କ ଭିତରେ ସହମତି ଅତ୍ୟନ୍ତ ଜରୁରୀ। ମହାନଦୀକୁ ନେଇ ଓଡ଼ିଶାର କେଉଁ ସବୁ ଦାବି ରହିବା ଆବଶ୍ୟକ, ସେସବୁ ସହମତିଭିତ୍ତିରେ ନିର୍ଦ୍ଧାରଣ ହେବା ଉଚିତ। ଏଥିସହ ମହାନଦୀ ରିଭର ବୋର୍ଡ ଗଠନ ମାଧ୍ୟମରେ ମହାନଦୀର ସୁରକ୍ଷା ଏବଂ ବିକାଶ ସମ୍ଭବ ହୋଇ ପାରିବ ବୋଲି ଉଲ୍ଲେଖ କରାଯାଇଛି। ଜଳ ବିବାଦର ସମାଧାନ ଏକ ଜଟିଳ ପ୍ରସଙ୍ଗ ହୋଇଥିବାରୁ ଏଥିପାଇଁ ସମନ୍ୱିତ ଆଭିମୁଖ୍ୟ ଆବଶ୍ୟକ ଥିବାରୁ ଏହି ପ୍ରସ୍ତାବିତ ବୈଠକ ଅତ୍ୟନ୍ତ ଜରୁରୀ ବୋଲି ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଶୋଇ କହିଛନ୍ତି।

# ସହକାରୀ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ




ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ସହକାରୀ ଶିକ୍ଷକ ଗୋଲକ ବିହାରୀ ସାହୁ।

ବେଗୁନିଆ,୨।୮(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିଆପଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋଲକ ବିହାରୀ ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଆଶିଷ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ଶିକ୍ଷାବିତ୍ ଲଛମନ ପରିଡ଼ା, ବିଷ୍ଣୁ ପ୍ରସାଦ ମିଶ୍ର, ଦିଲୀପ କୁମାର ମହାପାତ୍ର, ରାଜ କିଶୋର ପାଣିଗ୍ରାହୀ, ସାମାଜିକ କର୍ମୀ ଭିକାରୀ ଚରଣ ସାହୁ, ଭାରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ ପ୍ରଭା ଦେବୀ, ପରିଚାଳନା କମିଟି ସଭାପତି ଅଜୟ କୁମାର ପ୍ରଧାନ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର କୁମାର ମହାପାତ୍ର, ସମ୍ପାଦକ ଦାଶରଥି ବେହେରା, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଉପସଭାପତି ମାନସ କୁମାର ବେହେରା, ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଗୁଣଗାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୭ ଯାଏ ବଜ୍ରପାତ ଆଶଙ୍କା

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)

ରାଜ୍ୟରେ ବର୍ଷା ଧୀରେ ଧୀରେ କମିଥିବାବେଳେ ଏବେ ଅଧିକାଂଶ ଜିଲାରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ରବିବାର ଆଭ୍ୟନ୍ତରୀଣ ଓଡ଼ିଶା ସହ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ମାତ୍ର ୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ହେବା ଆଶଙ୍କା ରହିଛି। ଏଥିପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସେସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ବିଜୁଳି ଏବଂ ଘଡ଼ଘଡ଼ି ଆଶଙ୍କା ଥିବାରୁ ସତର୍କ କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କୁକୁନ୍



@ ମନୋଜ



@ ନିହାର



@ ପ୍ରଶାନ୍ତ



@ ଉତ୍ତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

# ନିର୍ବାଚନ ବେଳେ ମିଥ୍ୟା ସତ୍ୟପାଠ ଦେଇଛନ୍ତି ମନ୍ତ୍ରୀ: କଂଗ୍ରେସ

### ମନ୍ତ୍ରୀଙ୍କ ବିଧାନସଭା ସଦସ୍ୟତା ରଦ୍ଦ ହେବା ଉଚିତ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀର ବରିଷ୍ଠ ନେତା ଦେବାଶିଷ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

୨୦୨୪ ସାଧାରଣ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଇସ୍ତଫା ଦିଅନ୍ତୁ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଦାବି କରାଯାଇଛି। ଶନିବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ଦେବାଶିଷ ପଟ୍ଟନାୟକ କହିଛନ୍ତି, ୨୦୨୧ରେ ଏକ ଜମି କିଣିବା ବାବଦରେ ନିରଞ୍ଜନ ଶତପଥୀ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ୨୫ ଲକ୍ଷ ଟଙ୍କାର ଠକେଇର ଶିକାର ହେବା ନେଇ ମନ୍ତ୍ରୀ ପାତ୍ର ନିକଟରେ ଏତଲା ଦେଇଛନ୍ତି। ଏଥିରୁ ମନ୍ତ୍ରୀଙ୍କ ମିଥ୍ୟା ସତ୍ୟପାଠ ପ୍ରଘଟ ହୋଇଛି । ସମ୍ବିଧାନର ଧାରା ୨୩୪ ଅନୁସାରେ ତଥା ୧୯୫୧ ଜନ ପ୍ରତିନିଧି ଆଇନର ଉପଧାରା ୩୩/୩୬ ଅନୁସାରେ ନିର୍ବାଚନ ଆୟୋଗ ମନ୍ତ୍ରୀ ପାତ୍ରଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବା ଉଚିତ। ସେହିଭଳି ମିଥ୍ୟା ସତ୍ୟପାଠ କରିଥିବା ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କିଭଳି ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି। ଗତ ନିର୍ବାଚନରେ ମନ୍ତ୍ରୀ ନିଜ ସତ୍ୟପାଠରେ ମୋଟ ୭ ଲକ୍ଷ ୩୫ ହଜାର ୯୦ ଟଙ୍କା ଥିବା ଏବଂ କିଛି ଋଣ କରି ନ ଥିବା ଦର୍ଶାଇଥିଲେ। ବାର୍ଷିକ ୨୦ ଲକ୍ଷ ଟଙ୍କା ଉପାର୍ଜନ କରୁଥିବା ସେ ଦର୍ଶାଇଛନ୍ତି। କିନ୍ତୁ ସତ୍ୟପାଠରେ ଜମିକିଣା ଅଗ୍ରିମ ୨୫ ଲକ୍ଷ ଟଙ୍କାର ଉଲ୍ଲେଖ କରିନାହାନ୍ତି। ତେବେ ଏଠାରେ ସତ୍ୟପାଠକୁ ନେଇ ସାମ୍ବିଧାନିକ ବିରୋଧାଭାଷ ସ୍ପଷ୍ଟ ହୋଇଛି। ଭାରତୀୟ ଜନ ପ୍ରତିନିଧି ୧୯୫୧ ଆଇନର ଉପଧାରା ୩୬ କ୍ଲଜ୍-୨ ଉପଧାରା-ବି ଅନୁସାରେ ଯଦି ଜଣେ ପ୍ରାର୍ଥୀ ନିର୍ବାଚନ ସମୟରେ ତାଙ୍କର ସ୍ଥାବର, ସ୍ଥାବର ଏବଂ ଋଣର ତାଲିକା ସମ୍ପୂର୍ଣ୍ଣ ରୂପେ ଦାଖଲ ନ କରନ୍ତି ଏବଂ ଲୁଚେଇ ରଖନ୍ତି, ତା’ହେଲେ ତାଙ୍କ ବିଧାନସଭା ପଦ ଅସିଦ୍ଧ କରିବାର ନିୟମ ଅଛି। ଭାରତୀୟ ସମ୍ବିଧାନ ଧାରା ୩୨୪ ଏବଂ ସୁପ୍ରିମକୋର୍ଟଙ୍କ ଅନୁସାରେ ମୁକ୍ତ ଏବଂ ସ୍ୱଚ୍ଛ ନିର୍ବାଚନ ପାଇଁ ନିବାଚନ ଆୟୋଗକୁ ଉକ୍ତ ଧାରା ଅନୁଯାୟୀ କ୍ଷମତା ପ୍ରଦାନ କରାଯାଉଛି। ଯେହେତୁ ମନ୍ତ୍ରୀ ନିର୍ବାଚନ ସତ୍ୟପାଠରେ ଜମିକିଣା ବାବଦ ୨୫ ଲକ୍ଷ ଟଙ୍କା ପଇଠ କରିଥିବା ଘୋଷଣା କରିନାହାନ୍ତି, ତେଣୁ ସତ୍ୟପାଠର ଖିଲାପ ହୋଇଛି। ମନ୍ତ୍ରୀ ଖୋଦ ୨୫ ଲକ୍ଷ ଟଙ୍କା ଅଗ୍ରିମ ଦେଇ ଠକେଇର ଶିକାର ହୋଇଥିବା ଏତଲା ଦେଇଛନ୍ତି ଏବଂ ଏହା ଗଣମାଧ୍ୟମ ତଥା ରାଜ୍ୟର ରାଜନୀତିରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି। ତେଣୁ ନିର୍ବାଚନ ଆୟୋଗ ଏହାକୁ ନିଜ ସଂଜ୍ଞାନକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ବୋଲି ଦେବାଶିଷ କହିଛନ୍ତି।

# ଅପିଲ ମାମଲାର ତ୍ୱରିତ ସମାଧାନ ପାଇଁ ନଗର ଉନ୍ନୟନ ବିଭାଗର କ୍ୟାମ୍ପ କୋର୍ଟ

ଭୁବନେଶ୍ୱର,୨।୮(ବନ୍ଦନା ସେଠୀ)

### ୧୩୯ ମାମଲା ଗ୍ରହଣ, ସମାଧାନ ହେଲା

ନାଗରିକ କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଶନିବାର ଉନ୍ନତି ଭବନରେ ଏହି ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ଓଡ଼ିଶା ଓଡିଶା ବିକାଶ ପ୍ରାଧିକରଣ (ଓଡିଏ) ଆଇନ ୧୯୮୨ ଅନୁଯାୟୀ ଦାଏର ଅପିଲ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହ ଜଡିତ ଅପିଲ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଅପିଲ କର୍ତ୍ତୃପକ୍ଷଙ୍କ ପ୍ରମୁଖ ସଚିବ ଏହି ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ଏହି କ୍ରମରେ ୭୦୦ରୁ ଅଧିକ ବିଚାରାଧୀନ ଅପିଲ ମାମଲା ମଧ୍ୟରୁ ମୋଟ ୧୩୯ଟି ମାମଲା ଗ୍ରହଣ ଏବଂ ସମାଧାନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୋଧରେ ନାଗରିକଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ। ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଆଇନ ଅନୁଯାୟୀ ଅପିଲ ମାମଲା ପରିଚାଳନା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସ୍ୱତନ୍ତ୍ର ସଚିବ ଓ ଅତିରିକ୍ତ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୮।୨୦୨୫

| ୫,୭୮,୮୫୮ ଟଙ୍କା | |
|---|---|
| ସୁନା | ୧୩.୬୬୦ ଗ୍ରାମ୍ |
| ରୁପା | ୩୫.୫୦୦ ଗ୍ରାମ୍ |

# 'ହର୍ ଘର୍ ତିରଙ୍ଗା' ଅଭିଯାନରେ ସାମିଲ ହେବେ ସ୍କୁଲ ପିଲା

**ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)**

### ସ୍ୱାଧୀନତା ଦିବସରେ ସ୍କୁଲରେ ପାଳନ ହେବ ପତାକା ଉତ୍ତୋଳନ ଉତ୍ସବ

'ଆଜାଦୀ କା ଅମୃତ ମହୋତ୍ସବ' ଅଧୀନରେ 'ହର ଘର ତିରଙ୍ଗା' ଅଭିଯାନ ପାଳନ କରି ନାଗରିକମାନଙ୍କୁ ଘରେ ଜାତୀୟ ପତାକା ତିରଙ୍ଗା ଉତ୍ତୋଳନ କରିବାକୁ ଉତ୍ସାହିତ କରାଯାଉଛି। ଚଳିତବର୍ଷ 'ହର ଘର ତିରଙ୍ଗା' ଅଭିଯାନ ଅଗଷ୍ଟ ୨ରୁ ୧୫ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଆୟୋଜିତ ହେବ। ପ୍ରଥମ ପର୍ଯ୍ୟାୟ ଅଗଷ୍ଟ ୨ରୁ ୮, ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ୯ରୁ ୧୨ ଏବଂ ତୃତୀୟ ପର୍ଯ୍ୟାୟ ଅଗଷ୍ଟ ୧୩ରୁ ୧୫ ଯାଏ ଅନୁଷ୍ଠିତ ହେବ। ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ସ୍କୁଲର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ସମୟରେ ତିରଙ୍ଗା ସହ ଏକ ସେଲ୍‌ଫି ଉଠାଇ www.harghartiranga.com ୱେବ୍‌ସାଇଟରେ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ଚିଠି ଲେଖିଛି। ଏଥିସହ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ ଉତ୍ସବ ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ଜାତୀୟ ପତାକା ପ୍ରଦର୍ଶନ ସମୟରେ ଭାରତର ପତାକା ସଂହିତା ୨୦୦୨ ଅନୁସରଣ କରାଯିବ। ତିରଙ୍ଗା ସହ ସେଲ୍‌ଫି, ପ୍ରଭାତଫେରି, ତିରଙ୍ଗା ରାଲି (ତିରଙ୍ଗା ସହ ବାଇକ ଓ ସାଇକେଲ ରାଲି), ତିରଙ୍ଗା ପ୍ରଦର୍ଶନୀ ଏବଂ ଅନ୍ୟାନ୍ୟ ଗ୍ରାମାଞ୍ଚଳସ୍ତରୀୟ ଜନଭାଗୀଦାରି ପଦକ୍ଷେପ ଗ୍ରହଣ କରାଯାଇ ସ୍ୱାଧୀନତା ଦିବସକୁ ଅଧିକ ବ୍ୟାପକ ଭାବେ ପାଳନ କରାଯାଇପାରିବ। ଏହି ଅଭିଯାନରେ କରାଯାଉଥିବା କାର୍ଯ୍ୟକ୍ରମଗୁଡ଼ିକୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଅପ୍‌ଲୋଡ୍ କରାଯିବ ଏବଂ ଏହା ସମ୍ବନ୍ଧୀୟ ନିଆଯାଇଥିବା ପଦକ୍ଷେପର ବିବରଣୀ ee1.sectione-du@gov.inରେ ପ୍ରଦାନ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।



ନୃତ୍ୟମ୍ କଳାଶ୍ରୀକ୍ଷେତ୍ର ପକ୍ଷରୁ ଭୁବନେଶ୍ୱର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ଘୁଙ୍ଗୁରୁ ଉତ୍ସବର ଶନିବାର ଉଦ୍‌ଯାପନୀ ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ସରିତା ମିଶ୍ରଙ୍କୁ ଅତିଥିମାନେ 'ଘୁଙ୍ଗୁରୁ ସମ୍ମାନ' ପ୍ରଦାନ କରୁଛନ୍ତି। (ଫଟୋ- ବିକାଶ ନାୟକ)

## ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶାରେ ନୂଆ ଟିମ୍: ମନମୋହନ

**ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)**

ରାଜ୍ୟରେ ଶାସକ ଭାଜପାର ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ ଉପରେ ସମସ୍ତଙ୍କ ନଜର ରହିଛି। ୪ର୍ଥ ଥର ଲାଗି ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ହେବା ପରେ ତାଙ୍କ ଟିମ୍‌ରେ କେଉଁମାନଙ୍କୁ ସ୍ଥାନ ମିଳୁଛି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ମନମୋହନ ସଭାପତି ନିଯୁକ୍ତ ହେବାର ଇତିମଧ୍ୟରେ ଗୋଟିଏ ମାସ ପୂରଣ ହେବାକୁ ବସିଲାଣି। ତେବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ନୂଆ କମିଟି ଘୋଷଣା ହେବ ବୋଲି ଶନିବାର ମନମୋହନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ହେଉଛି ଆମର ସାମ୍ବିଧାନିକ ବ୍ୟବସ୍ଥା। ନିଗମ ଓ ବୋର୍ଡ ନେଇ ବୈଠକ ବସିଲା ପରେ ନିଷ୍ପତ୍ତି ହେବ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମନମୋହନ ସଭାପତି ଦାୟିତ୍ୱ ନେବା ପରେ ନିକଟରେ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରୁ ଆସିବା ପରେ ସେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ହେବା ସମ୍ଭାବନା ନାହିଁ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଦଳର ନୂଆ କମିଟି ହେବ ବୋଲି ସେ ସୂଚନା ଦେଇଥିଲେ। ନୂଆ କମିଟିରେ ୨୫% ନୂଆ ଚେହେରା ରହିବେ ବୋଲି କହିଥିଲେ। ଅନ୍ୟପଟେ ରାଜ୍ୟରେ ଭାଜପା ସରକାର ହେବା ପରେ ଦଳର ବହୁ ନେତା ନିଗମ ଓ ବୋର୍ଡରେ ନିଯୁକ୍ତି ପାଇବାକୁ ଅପେକ୍ଷା କରି ରହିଥିବା ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ଆଜି ବାଡ଼ି ନୃସିଂହଙ୍କ ୪ ଆଶ୍ରମ ବିଜେ

**ପୁରୀ,୨।୮(ଅଜିତ୍ କୁମାର ମହାନ୍ତି)**

ଶ୍ରାବଣ ମାସ ଶୁକ୍ଳପକ୍ଷ ନବମୀ ତିଥି ରବିବାର ଅବସରରେ ବାଡ଼ି ନୃସିଂହ ଶ୍ରୀମନ୍ଦିରରୁ ବାହାରି ଶ୍ରୀକ୍ଷେତ୍ରର ୪ ଆଶ୍ରମ ବିଜେ କରିବେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡିଏ ଅଧିକ ମାଳ ଲାଗି କରାଯିବ। ପରେ ବାଡ଼ି ନୃସିଂହ ଦକ୍ଷିଣୀ ଘରୁ ମହାଜନସେବକଙ୍କ ହାତରେ ଭିତରକୁ ବିଜେ କରିବେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ନିକଟରେ ଥିବା ବିମାନକୁ ବିଜେ କରିବେ। ସେଠାରେ ଠାକୁରଙ୍କ ରୁନ୍ଧା କାର୍ଯ୍ୟ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବା ପରେ ଘଣ୍ଟ ଛତା କାହାଳି ଏବଂ ସେବାୟତଙ୍କ ସହ ବିମାନବଡୁ ସେବକମାନେ ବାଡ଼ି ନୃସିଂହଙ୍କୁ ଶ୍ରୀକ୍ଷେତ୍ରରେ ଥିବା ମହର୍ଷି ମାର୍କଣ୍ଡେୟ, ମହର୍ଷି କଣ୍ଡୁ, ମହର୍ଷି ଭୃଗୁ ଓ ମହର୍ଷି ଅଙ୍ଗିରାଙ୍କ ଆଶ୍ରମକୁ ବିଜେ କରାଇବେ। ସେଠାରେ ଠାକୁରଙ୍କ ବିଭିନ୍ନ ନୀତି ହୋଇ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା ଅନୁଷ୍ଠିତ ହେବ। ଏହା ସହ ନଗର ପରିକ୍ରମା ସମୟରେ ବିଭିନ୍ନ ମଠ, ଆଖଡ଼ା, ଦେବାଳୟ ଆଦି ସ୍ଥାନରେ ନୃସିଂହ ଦେବଙ୍କୁ ପନ୍ତିଭୋଗ କରାଯିବ। ନଗର ପରିକ୍ରମା କରି ନୃସିଂହ ଦେବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

### ୱାରେଣ୍ଟ ଥିବା ଅଭିଯୁକ୍ତମାନଙ୍କ ଗିରଫ ପ୍ରକ୍ରିୟା ଆରମ୍ଭ

**ସାକ୍ଷୀଗୋପାଳ,୨।୮(ଭରତ ରାଉତ)**

ପୋଲିସ ଡିଜି ୱାଇ ବି ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ସାରା ଓଡ଼ିଶାରେ ୧ରୁ ୮ ତାରିଖ ପର୍ଯ୍ୟନ୍ତ ୱାରେଣ୍ଟ ଥିବା ଅଭିଯୁକ୍ତମାନଙ୍କୁ ଧରପଗଡ଼ ଆରମ୍ଭ ହୋଇଛି। ଏହି ଆଧାରରେ ସତ୍ୟବାଦୀ ପୋଲିସ ଜେଏମ୍‌ଏଫସି ପୁରୀ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏନ୍‌ବିଡବ୍ଲ୍ୟୁ ବଳରେ ଜଣେ ମୁଦାଲାଙ୍କୁ ଧରିବାରେ ସଫଳ ହୋଇଛି। ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଭଙ୍ଗପୁରର ହଟ ଛାଟୋଇ ବୋଲି ସତ୍ୟବାଦୀ ଥାନାଧିକାରୀ ବିଜୟକେତନବେହେରା ସୂଚନା ଦେଇଛନ୍ତି।

### ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ

**ପୁରୀ,୨।୮(ଅଜିତ୍ କୁମାର ମହାନ୍ତି)**

ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଶନିବାର କମଳାଦେବୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭା କାର୍ଯ୍ୟରେ ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଗର୍ଭବତୀ ଓ ପ୍ରସୂତୀ ମହିଳାମାନେ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା. ସୂର୍ଯ୍ୟନାରାୟଣ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ତନ୍ୟପାନର ଉପକାରିତା, ସଠିକ୍ ସ୍ତନ୍ୟପାନ କରାଇବା ପାଇ ମାର୍ଗଦର୍ଶିକା, କକ୍ଷକ୍ଷୀର, ପରିପୂରକ ଖାଦ୍ୟ ଉପରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଶିଶୁ ଜନ୍ମରୁ ୬ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଖାଇବା ଦରକାର। ମାଆ କ୍ଷୀରରୁ ବଞ୍ଚିତ ରହିଲେ ଶିଶୁ କୁପୋଷଣ ତଥା ବିଭିନ୍ନ ରୋଗର ଶିକାର ହୁଅନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ସାହୁ, ବେଣୁଧର ନାୟକ, କିଶୋର ଚନ୍ଦ୍ରଶେଖର ପ୍ରସାଦ ଦାସ, ସନ୍ଦୀପ ବରଣ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ରବୀନ୍ଦ୍ର କୁମାର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଉଚ୍ଚଶିକ୍ଷା ବିଭାଗ, ବିଶ୍ୱବିଦ୍ୟାଳୟ କମିଟିର ତଦନ୍ତ

**ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)**

### ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଘଟଣା

ଉତ୍କଳ ବିଶ୍ୱବିଦ୍ୟାଳୟରେ କର୍ମକ୍ଷେତ୍ରରେ ନିର୍ଯାତନା ଅଭିଯୋଗ ଘଟଣାକୁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇଛି। ଶୁକ୍ରବାର ଜଣେ ମହିଳା ବିତ୍ତ ଅଧିକାରିଣୀ କୁଳସଚିବ ଡ. ସ୍ୱାତୀ ମିଶ୍ରଙ୍କ ବିରୋଧରେ ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ସେ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଲିଖିତ ଭାବେ ଜଣାଇ ନ୍ୟାୟ ନିବେଦନ କରିଥିଲେ। ଶନିବାର ତଦନ୍ତ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଠିତ ୩ ଜଣିଆ ତଥ୍ୟ ଅନୁସନ୍ଧାନକାରୀ କମିଟି ଅଭିଯୋଗକାରିଣୀ ମହିଳା ଅଧିକାରୀଙ୍କୁ ପଚରାଉଚରା କରିଥିଲା। ପରେ କୁଳସଚିବ ଡ. ମିଶ୍ରଙ୍କ ପକ୍ଷ ଶୁଣିଥିଲା। ସେହିପରି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ବିଶ୍ୱବିଦ୍ୟାଳୟ ଯାଇ ଘଟଣା ଅନୁଧ୍ୟାନ କରିଥିଲେ। ପରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଓ କୁଳପତି ପ୍ରଫେସର ଦଣ୍ଡପାଟଙ୍କ ଉପସ୍ଥିତରେ ୩ ଜଣିଆ କମିଟି ଉଭୟଙ୍କୁ ଡାକି ମତ ନେଇଥିଲା। ମତ ନେବା ପରେ ଉଭୟଙ୍କ ମଧ୍ୟରେ ସହମତି କରିବା ପୂର୍ବକ ଆପୋସ ସମାଧାନ ପାଇଁ ପ୍ରଚେଷ୍ଟା କରାଯାଇଥିଲା। ଅଧିକାରୀଙ୍କ ଉପସ୍ଥିତିରେ ସମାଧାନ ପାଇଁ ଉଭୟ ପକ୍ଷ ରାଜି ଥିବା ପ୍ରକାଶ କରିଥିଲେ। ଏହି ଘଟଣାକୁ ଉଚ୍ଚଶିକ୍ଷା ବିଭାଗ ଗମ୍ଭୀରତାର ସହ ନେଇଥିବାବେଳେ ନିର୍ଦ୍ଦେଶକ କୁଳପତିଙ୍କ ସହ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମାତ୍ର ଖବର ଲେଖାହେବା ପର୍ଯ୍ୟନ୍ତ ଅଭିଯୋଗକାରୀ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରି ନ ଥିଲେ।

# ଶିଶୁବାଟିକାରେ ଶିକ୍ଷଣ ପ୍ରକ୍ରିୟାକୁ ଗୁରୁତ୍ୱ

**କୋଣାର୍କ,୨।୮ (ଜ୍ୟୋତିରାଜ ମହାନ୍ତି)**

### ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କୋଣାର୍କ ଭୈରବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଶିଶୁ ବାଟିକାରେ ଶିକ୍ଷଣ ପ୍ରକ୍ରିୟା ପ୍ରସଙ୍ଗକୁ ନେଇ ସ୍ୱତନ୍ତ୍ର ଆଲୋଚନା ହୋଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ରନାଥ ବାହିନୀପତିଙ୍କ ସଂଯୋଜନାରେ ଆୟୋଜିତ ବୈଠକର ୨ଟି ଅଧିବେଶନରେ ଶିଶୁ ବାଟିକା ଶିକ୍ଷକ ସହାୟକ ପୁସ୍ତିକା, କାର୍ଯ୍ୟପୁସ୍ତିକା, ଶିଶୁ ବାଟିକାରୁ ୩ୟ ଶ୍ରେଣୀ ନିମନ୍ତେ ଉର୍ଦ୍ଦିଷ୍ଟ ଅଗଷ୍ଟ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷଣ ସମ୍ପର୍କିତ ବହୁଶ୍ରେଣୀ ପରିଚାଳନା, ନମୁନା ପାଠ୍ୟଟୀକା ଓ ଶିକ୍ଷକଙ୍କ ଗତିବିଧି, ୪ର୍ଥ ଓ ୫ମ ଶ୍ରେଣୀ ଆଧାରିତ ଗଣିତ ଶିକ୍ଷଣ କାର୍ଯ୍ୟ ଓ ସାମଗ୍ରିକ ପ୍ରଗତି ପତ୍ର ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଗୋପ ଏବିଇଓ ସମ୍ରାଟ ଭଞ୍ଜ ଭୋଇ ବୈଠକରେ ଉପସ୍ଥିତ ରହି ମନିଟରିଂ କରିଥିଲେ। ଭୈରବ ନୋଡାଲ ୟୁପିଏସ୍ ପ୍ରଧାନଶିକ୍ଷୟିତ୍ରୀ କାଜଲାଲା ପରିଡ଼ା, ଆମ୍ବିଳିଗାଁ ୟୁଜିୟୁପିଏସ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶ, ବାନାମ୍ବର ପରିଡ଼ା, ସରୋଜିନୀ ପୃଷ୍ଟି, ପ୍ରତିମା ସେଠୀ, କାଳନ୍ଦୀ ଚରଣ ଜେନା, ଗଙ୍ଗାଧର ରାଉତ, ପ୍ରମୋଦ କୁମାର ବେହେରା, ସୁଶାନ୍ତ କୁମାର ବେହେରା, ରେଖା ଦେଈ, ଅଜିତ କୁମାର ମଲ୍ଲିକ, ପ୍ରୀତିଶତପଥୀ, ଜଗତ୍‌ଜନୀନ ଲେଙ୍କା ଓ ସ୍ୱର୍ଣ୍ଣଲତା ବେହେରାଙ୍କ ସମେତ ୧୩ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲଏନ ଶିକ୍ଷୟିତ୍ରୀ, ଶିକ୍ଷକ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।





ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ।

# ରଙ୍ଗଲତାଙ୍କ ସ୍ମୃତିରେ 'ମା' ପାଇଁ ଗଛଟିଏ'

**ଅସ୍ତରଙ୍ଗ, ୨।୮(ମମତା ଜେନା)**

କାକଟପୁର ବ୍ଲକ ଅନ୍ତର୍ଗତ ଅବଦାନ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅଞ୍ଚଳର ସାମାଜିକ କର୍ମୀ ବିଚିତ୍ରାନନ୍ଦ ଦାଶଙ୍କ ମା' ସ୍ୱର୍ଗତ ରଙ୍ଗଲତା ଦାଶଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ଉତ୍ସବ ସ୍ଥାନୀୟ କୋତାଙ୍ଗ ଗ୍ରାମରେ ପାଳିତ ହୋଇଯାଇଛି। ଉତ୍ସବରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୋଖରୀ ଚାରିପଟେ ଦାଶଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କିସମ ଝାଉଁ, ପଟାସ, ଗମ୍ଭାରୀ, ଶିଶୁ, ଶାଗୁଆନ, ପଣସ, ବରକୋଳି, ପେସ୍ତାବାଦାମ ପ୍ରଭୃତି ଗଛ ଲଗାଯାଇଥିଲା। ଉତ୍ସବରେ ଅତିଥି ଭାବେ କାକଟପୁର ବ୍ଲକ କଂଗ୍ରେସ ସଭାପତି ଯଶୋବନ୍ତ ନାରାୟଣ ମହାନ୍ତି, ଅବଦାନ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଜେନା, ଗୋପ ବ୍ଲକର ବରିଷ୍ଠ କଂଗ୍ରେସ ନେତା ବ୍ରଜକିଶୋର ରାଉତରାୟ, କାକଟପୁର ପଞ୍ଚାୟତ ସଭାପତି ନଳିନୀକାନ୍ତ ଦୀକ୍ଷିତ, ଅବଧୂତ ସ୍ୱାଇଁ, ସେକ୍ ଲିଆକତ୍, ଆଇନଜୀବୀ ପ୍ରଫୁଲ୍ଲ ନାୟକ, ଅମରେଶ୍ୱର ନାୟକ, ବିଷ୍ଣୁ ରାଉତ, ଧରଣୀଧର ବିଶ୍ୱାଳ, କୃଷ୍ଣଚନ୍ଦ୍ର ପଣ୍ଡା, ବିଜୟ କୁମାର ସାହୁ, ନବଘନ ଦାଶ, ସର୍ବେଶ୍ୱର ଦାଶଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।



ଚାରାରୋପଣ କରାଯାଉଛି ।

# ବିଭିନ୍ନ ଦାବିନେଇ ବିଇଓଙ୍କୁ ଦାବିପତ୍ର

**ପୁରୀ,୨।୮(ଅଜିତ୍ କୁମାର ମହାନ୍ତି)**

ପୁରୀ ସଦର ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଭିନ୍ନ ଦାବିନେଇ ଶନିବାର ପୁରୀ ସଦର ବ୍ଲକ ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ ସହିତ ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରୁ ଅବସର ନେଇଥିବା ଏବଂ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରିବା। ଯଦି ଏନେଇ ଦାବିପୂରଣ କରା ନ ଯାଏ ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ନିର୍ବାଚନ କାର୍ଯ୍ୟ ବନ୍ଦ କରିବା ସହିତ ଭୋଟ ବର୍ଜନ କରାଯିବ ବୋଲି ସଦର ବ୍ଲକର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମଣ୍ଡଳ ସଭାପତି ଦିବାକର ପ୍ରଧାନ, ସମ୍ପାଦକ ହରିହର ତ୍ରିପାଠୀ, ପ୍ରାକ୍ତନ ସମ୍ପାଦକ ରମେଶ ଚନ୍ଦ୍ର ପତି, ପ୍ରାକ୍ତନ ସଭାପତି ବାଳକୃଷ୍ଣ ବାହିନୀପତି, ମୋହନ ସାହୁ, କୃଷ୍ଣଚନ୍ଦ୍ର ମହାନ୍ତି, ସୁଲେଖା ମିଶ୍ର, ଗଡିଶ୍ୱର ମହାପାତ୍ର, ସୁଧାକର ସାହୁ, ସଦାଶିବ ବିଶ୍ୱାଳ, ମନୋଜ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।





ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଇଓ ଅଫିସ ଆଗରେ ଧାରଣା ଦିଆଯାଇଛି ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କୁକୁନ୍



@ ମନୋଜ



@ ନୀହାର



@ ପ୍ରଶାନ୍ତ



@ ଉତ୍ତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିବିରରେ ୨୦୫ ଜଣଙ୍କ ଚକ୍ଷୁ ପରୀକ୍ଷା

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକା ୧୦ନଂ. ୱାର୍ଡସ୍ଥିତ ଯାଯାତି କେଶରୀ କ୍ଲବ ପରିସରରେ ଭୁବନେଶ୍ୱର କେୟାର ନେତ୍ରମ ଓ ଯାଯାତି କେଶରୀ କ୍ଲବ ଆନୁକୂଲ୍ୟରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଞ୍ଚଳର ୨୦୫ଜଣ ଚକ୍ଷୁପରୀକ୍ଷା କରାଇବା ସହିତ ୨୨ଜଣ ମୋତିଆବିନ୍ଦୁ ଅପରେଶନ ପାଇଁ ଚିହ୍ନଟ ହୋଇଥିଲେ। ପୌର ଉପାଧ୍ୟକ୍ଷ ତଥା ପୌରପାଳିକାର ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ବିଜୟ କୁମାର ମଲ୍ଲିକ, କାଉନସିଲର ସୁବ୍ରତ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନେତ୍ରମ ଅନୁଷ୍ଠାନର ଜଗନ୍ନାଥ ବାରିକ୍ ଶିବିର ପରିଚାଳନା କରିଥିଲେ। ମୀନକେତନ ପଣ୍ଡା, ବିରଜା ପ୍ରସାଦ ଦାସ, ସ୍ମିତିଶ୍ରୀ ଜଗଦେବ, ରଞ୍ଜନ କୁମାର ବାରିକଙ୍କ ସମେତ ଯଯାତି କେଶରୀ କ୍ଲବର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଂକ୍ଷେପରେ

## 'ଚିର ସ୍ମରଣୀୟ ବ୍ୟକ୍ତିତ୍ୱ ପଣ୍ଡିତ ନୀଳକଣ୍ଠ ରାଉତ'

କଟକ,୨।୮(କାର୍ତ୍ତିକ ସାହୁ)

ଶିକ୍ଷାବିତ୍ ତଥା ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ରାଉତଙ୍କର ବିୟୋଗରେ ଚେତନା ଚକ୍ର ପକ୍ଷରୁ ସିଡିଏସ୍ଥିତ କାର୍ଯ୍ୟାଳୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚେତନା ଚକ୍ରର ସଭାପତି ବଂଶୀମୋହନ ଶତପଥୀଙ୍କ ଅଧ୍ୟକ୍ଷତାରେ ପୂର୍ବତନ ସଭାପତି ଇଂ. ରଘୁ ପ୍ରସାଦ ଦାସ, ସମ୍ପାଦିକା ମଞ୍ଜୁଲତା ଦାସ, କାର୍ଯ୍ୟକାରୀ ସଭାପତି ତାପସ କୁମାର ଦ୍ୱିବେଦୀଙ୍କ ସମେତ ପତିତପାବନ ମହାପାତ୍ର, କାଞ୍ଚି ନାରାୟଣ ମହାନ୍ତି, ନମିତା ମହାନ୍ତି, ଅରୁଣ ଅଗ୍ରୱାଲ, ମୀରା ବେଉରା, ପ୍ରମୋଦା ଦାସ ଓ ସଂଯୁକ୍ତା ବେହେରା ପ୍ରମୁଖ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିଥିଲେ। ଆଧ୍ୟାତ୍ମିକ ଚେତନାର ବାର୍ତ୍ତା ଦେଇ ଜନମାନସରେ ପଣ୍ଡିତ ନୀଳକଣ୍ଠ ଚିର ସ୍ମରଣୀୟ ବ୍ୟକ୍ତିତ୍ୱ ହୋଇରହିଛନ୍ତି ବୋଲି ବକ୍ତାମାନେ କହିଥିଲେ। ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

## ପାଲା ମହୋତ୍ସବ ପ୍ରସ୍ତୁତି ବୈଠକ

ଚୌଦ୍ୱାର,୨।୮(ଆଶୁତୋଷ ଦାସ)

ଚୌଦ୍ୱାର ଐତିହାସିକ ପାଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ବଡବଜାରସ୍ଥିତ ସତ୍ୟନାରାୟଣ ପାଲା ମଣ୍ଡପ ପରିସରରେ ସତ୍ୟନାରାୟଣ ପାଲା ସମିତି ସଭାପତି ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଗଷ୍ଟ ୧୬ରୁ ପାଲା ଆରମ୍ଭ ହୋଇ ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୫ଜଣ ସୁନାମଧନ୍ୟ ଗାୟକ ଓ ଗାୟିକା କଳ୍ପନା ନାୟକ ପାଲା ପରିବେଷଣ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ସମିତି ବରିଷ୍ଠ ସଦସ୍ୟ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ଧୀରେନ୍ଦ୍ର ଚୈଧୁରୀ, ଶରତ ଚନ୍ଦ୍ର ସ୍ୱାଇଁ, ଗଗନ ବିହାରୀ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, କୁଳମଣୀ ସାହୁ, ଦୀପକ ସ୍ୱାଇଁ, ମଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ମଙ୍ଗରାଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ହରେକୃଷ୍ଣ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ଅଜୟ କୁମାର ବେହେରା ଗତବର୍ଷର ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ଅନୁଷ୍ଠାନ ଉପସଭାପତି ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିନେତା ଥିଲେ ଆଧୁନିକ ଓଡ଼ିଶା ଗଠନର ଆଲୋକବର୍ତ୍ତିକା

କଟକ,୨।୮(କାର୍ତ୍ତିକ ସାହୁ)

କଟକ କାଠଗଡାସାହିସ୍ଥ କାୟସ୍ଥ ବୋର୍ଡିଂ ପରିସରରେ ଗୌରୀଶଙ୍କର ସ୍ମୃତିସଦନରେ ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ଡ. ବାବାଜୀ ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ୧୫୦ତମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ଉତ୍ସବ ବିଶିଷ୍ଟ ଆୟୁର୍ବେଦ ଗବେଷକ ଡାକ୍ତର ଦୀନବନ୍ଧୁ ମହାରଣା ଉଦ୍‌ଘାଟନ କରିଥିବାବେଳେ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ପ୍ରଭାସ ଆଚାର୍ଯ୍ୟ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦିନେତା ହିଁ ଆଧୁନିକ ଓଡ଼ିଶା ଗଠନର ଆଲୋକବର୍ତ୍ତିକା ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଓ ସ୍ତମ୍ଭକାର ସୌମେନ୍ଦ୍ର ଜେନା କହିଥିଲେ ଯେ ଚଳିତବର୍ଷଠାରୁ ୨ବର୍ଷ ଧରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଆଦିନେତାଙ୍କ ସ୍ମୃତିଚାରଣ ପାଇଁ ଆମର ପ୍ରସ୍ତାବକୁ ସରକାର ଗ୍ରହଣ କରିନେଇଛନ୍ତି। ଏହାଛଡା ଓଡ଼ିଶାର ୩ଟି ସ୍ଥାନ ଯାଜପୁର, କଟକ ଓ ଭୁବନେଶରଠାରେ ଆଦିନେତାଙ୍କ ପ୍ରତିମୂର୍ତ୍ତି ସ୍ଥାପନର ମଧ୍ୟ ବ୍ୟବସ୍ଥା ରହିଛି। ଏହି ସଭାରେ ଗୌରୀଶଙ୍କର ସ୍ମୃତି ସଂସଦର ସମ୍ପାଦକ ଇନ୍ଦ୍ରଜିତ ଘୋଷ ସ୍ୱାଗତ ଭାଷଣ, ରାଜୀବ ଷଡଙ୍ଗୀ ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରବୀନ୍ଦ୍ର ବିହାରୀ, ନମିତା ମହାନ୍ତି, ଚିତ୍ରଶିଳ୍ପୀ ରବି ରଥ, ସଙ୍ଗଠକ ବ୍ରହ୍ମାନନ୍ଦ ବିଶ୍ୱାଳ, ଅଧ୍ୟାପକ ଡଃ ଅକ୍ଷୟ କୁମାର ଭଦ୍ର, ଅଧିବକ୍ତା ସୁରଜିତ ନାଥ ପ୍ରମୁଖ ଅଦିନେତାଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସ୍ମୃତି ସଂସଦ ସମ୍ପାଦକ ଅଜିତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଷଘର କାର୍ଯ୍ୟ, ଖାଦ୍ୟ ମାନ ଯାଞ୍ଚ କଲା କମିଟି

କଟକ,୨।୮(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି, ସିଟି ହସ୍ପିଟାଲ ପରିଦର୍ଶନ କଲା ହାଇକୋର୍ଟ ଆଡ୍‌ଭୋକେଟ କମିଟି**

**ହେମାଟୋଲୋଜି ବିଭାଗ ସହ ସିଟି ହସ୍ପିଟାଲରେ ମାନବ ସମ୍ବଳ, ଭିତ୍ତିଭୂମି ସୁଦୃଢ଼ କରିବାକୁ ନିର୍ଦ୍ଦେଶ**

ହାଇକୋର୍ଟ ଆଡ୍‌ଭୋକେଟ କମିଟି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି) ଓ କଟକ ଜିଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ) ପରିଦର୍ଶନ କରି ମେଡିକାଲ ସ୍ଥିତି ଯାଞ୍ଚ କରିଛି। ଶନିବାର ପୂର୍ବାହ୍ନରେ କମିଟି ଏସ୍‌ସିବି ମେଡିକାଲରେ ପହଞ୍ଚି ରୋଗୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେଉଥିବା ରୋଷଘର କାର୍ଯ୍ୟର ଯାଞ୍ଚ କରିଥିଲା। ଏହା ପୂର୍ବ ଗସ୍ତ ସମୟରେ ରୋଷଘର ସ୍ଥିତି ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲା କମିଟି। ପରେ ମେଡିକାଲ କର୍ତ୍ତୃପକ୍ଷ ଏହାର କାର୍ଯ୍ୟ କରିବା ସହ ରୁଟି ମେଶିନ ଅଣାଯାଇ ରୋଗୀଙ୍କ ପାଇଁ ସେଥିରେ ରୁଟି ତିଆରି କରାଯାଉଛି। ଏହାସହ ରୋଷଘରେ ପ୍ରସ୍ତୁତ ହେଉଥିବା ସମସ୍ତ ଖାଦ୍ୟର ମାନ ଯାଞ୍ଚ କରିଛି କମିଟି। ଏହାସହ ଯେଉଁ ସଂସ୍ଥା ଖାଦ୍ୟ ତିଆରି କରୁଛି ସେଥିରେ କେତେ ସଦସ୍ୟ ରହିଛନ୍ତି, ସେମାନେ ରୋଷେଇ ସମୟରେ ସଚେତନତା ଅବଲମ୍ବନ କରୁଛନ୍ତି ନା ନାହିଁ ଇତ୍ୟାଦି ତଦନ୍ତ କରି କମିଟି ଯାଞ୍ଚ କରି ସମାନ୍ୟ ସନ୍ତୋଷ ବ୍ୟକ୍ତ କରିଥିବା ସୂଚନା ମିଳିଛି। କମିଟି ମେଡିକାଲର ହେମାଟୋଲୋଜି ବିଭାଗ ପରିଦର୍ଶନ କରିଥିବାବେଳେ ବୋନ ମ୍ୟାରୋ ପ୍ରତିରୋପଣ ପାଇଁ ଥିବା ରୋଗୀ ଚଟାଣରେ ଶୋଇବା, ଆବଶ୍ୟକ ବେଡ୍ ନ ଥିବା ବେଳେ ଭିତ୍ତିଭୂମି ଅଭାବ ଦେଖି କମିଟି ଅସନ୍ତୋଷ ପ୍ରକାଶ କରିଥିଲା। ସେହିପରି କମିଟି ସିଟି ହସ୍ପିଟାଲ ଗସ୍ତ କରିଥିବାବେଳେ ସେଠାରେ ଜିପ୍ଲସ୍-୬ କୋଠାର ନିର୍ମାଣ ବିଳମ୍ବ, ଡାକ୍ତର ଅଭାବ ସମେତ ଅର୍ଥୋପେଡିକ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଓ ଚକ୍ଷୁ ବିଭାଗରେ ଯନ୍ତ୍ରାଂଶ ଅଭାବ ଥିବା ଦେଖିବା ସହ ଏଠାରେ ଭିତ୍ତିଭୂମି ଓ ମାନବ ସମ୍ବଳ ଥିବାରୁ କମିଟି ଅସନ୍ତୋଷ ପ୍ରକାଶ କରିଛି। ଏ ନେଇ କମିଟି ସଦସ୍ୟ ସରୋଜ ପାଢ଼ୀ କହିଛନ୍ତି, ରୋଷଘରେ ଏବେ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଛି। ଖାଦ୍ୟ ପ୍ରସ୍ତୁତି ପାଇଁ ଥିବା କର୍ମଚାରୀ ହାତରେ ଗ୍ଲୋଭ୍ସ, ମୁଣ୍ଡରେ କ୍ୟାପ, ମୁହଁରେ ମାସ୍କ ବ୍ୟବହାର କରୁଛନ୍ତି। ଶନିବାର ଖାଦ୍ୟର ମାନ ଯାଞ୍ଚ କରାଯାଇଛି ଏବଂ ତାହା ଠିକ୍ ରହିଛି। ହେଲେ ଅକସ୍ମାତ ଭାବେ ଗସ୍ତ କରି ଯାଞ୍ଚ କଲେ ପ୍ରକୃତରେ ମାନ ଜାଣି ହେବ। ରୋଷଘର ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ ପରିବେଶରେ ଏବେ ଯାଏ ଖାଦ୍ୟ ପ୍ରସ୍ତୁତ ହେଉଥିବା କୁହାଯାଇ ପାରିବନାହିଁ, ଆଗାମୀ ୧୫ଦିନରେ ଏହି କାର୍ଯ୍ୟ ସରିବ ଏବଂ ସେବେ ହିଁ ଏହାର ସ୍ୱଚ୍ଛତା ନେଇ କହିହେବ। ସେହିପରି ସିଟି ହସ୍ପିଟାଲରେ ରୋଗୀ ସଂଖ୍ୟା ମୁତାବକ ଡାକ୍ତର ନାହାନ୍ତି। ଏପରିକି ଯନ୍ତ୍ରାଂଶ ଅଭାବ ରହିଛି ବୋଲି ପାଢ଼ୀ କହିଛନ୍ତି। ପରିଦର୍ଶନ ବେଳେ ଆଇନଜୀବୀ ତଥା ଆମିକସ୍‌କ୍ୟୁରି ବିଜୟ କୁମାର ଦାସ, ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ହାଇକୋର୍ଟ ଆଡ୍‌ଭୋକେଟ୍ କମିଟି ଏସ୍‌ସିବି ମେଡ଼ିକାଲର ରୋଷଘର ପରିଦର୍ଶନ କରୁଛନ୍ତି।

# ସେପ୍ଟେମ୍ବର ୧୦ ସୁଦ୍ଧା ଜଗମୋହନ ମଣ୍ଡପ କାର୍ଯ୍ୟ ଶେଷ କର


ଚଣ୍ଡୀମନ୍ଦିର ନବୀକରଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି ବିଧାୟିକା ଓ କଂଗ୍ରେସର ବରିଷ୍ଠ ନେତୃମଣ୍ଡଳୀ।

କଟକ,୨।୮(ଶିଳ୍ପା ପ୍ରିୟଦର୍ଶିନୀ)

**ଚଣ୍ଡୀମନ୍ଦିର ନବୀକରଣ କାର୍ଯ୍ୟ ସମୀକ୍ଷା କଲେ ବିଧାୟିକା**

କଟକ ଚଣ୍ଡୀ ମନ୍ଦିର ନବୀକରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଓ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଶନିବାର ଅପରାହ୍ନରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମନ୍ଦିର କାର୍ଯ୍ୟର ସମୀକ୍ଷା କରିଛନ୍ତି। କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀଙ୍କ ସହ ବିଧାୟିକା ଆଲୋଚନା କରିଥିଲେ। ମନ୍ଦିରରେ ପାର୍କିଂ ସୁବିଧା ନ ଥିବା ସହ ରାସ୍ତା ସଂକୀର୍ଣ୍ଣ ଥିବାରୁ ଟ୍ରାଫିକ ଜାମ ହେବାର ସମ୍ଭାବନା ଦିଗରେ ଗୁରୁତ୍ୱ ଦେଇ ଏ ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି। ଏହାସହ ଦୁର୍ଗାପୂଜାରେ ମା'ଙ୍କ ଦର୍ଶନ କରିବାରେ ଶ୍ରଦ୍ଧାଳୁଙ୍କ ଯେପରି କୌଣସି ଅସୁବିଧା ନ ହେବ ତାହାକୁ ଗୁରୁତ୍ୱ ଦିଆଯାଇଛି। ସେପ୍ଟେମ୍ବର ୧୦ ତାରିଖ ସୁଦ୍ଧା ଜଗମୋହନ ମଣ୍ଡପ କାର୍ଯ୍ୟ ଶେଷ କରିବା ସହ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋଫିଆ କହିଛନ୍ତିଯେ, ମା'ଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ବହୁ ବିଳମ୍ବ କରାଯାଉଛି। କାମ ଠିକ୍ ଢ଼ଙ୍ଗରେ କରାଯାଉ ନାହିଁ। ଦୁର୍ଗାପୂଜା ପାଖେଇ ଆସୁଥିବାବେଳେ ଶ୍ରଦ୍ଧାଳୁ ସୁରୁଖୁରୁରେ ଦର୍ଶନ କରି ପାରିବେ ସେ ନେଇ ଆଲୋଚନା କରିଛୁ ଏବଂ ଦଶହରା ପୂର୍ବରୁ ଜଗମୋହନ କାମ ସାରିବାକୁ କୁହାଯାଇଛି। ଉନ୍ନତମାନର କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଫିର୍ଦ୍ଦୋଷ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓବିସିସିର ଯନ୍ତ୍ରୀମାନେ ରହିଥିବା ବେଳେ କର୍ପୋରେଟର ସନ୍ତୋଷ ଭୋଳ, ଶୁଭାଶିଷ ପଟ୍ଟନାୟକ, ଲିଜାରାଣୀ ରାଉତ, ଶେଖ ବଜାର ପୂଜା କମିଟି ସମ୍ପାଦକ କିଶୋର କୁମାର ବେହେରା, ଶୈଳବାଳା ଜେନା, ଶରତ ଚନ୍ଦ୍ର ସେଠୀ, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଂସର, ବାଉଁଶ ଟାଙ୍ଗରରେ ଚୋରା ଦେଶୀ ମଦ ଭାଟି ଉପରେ ଚଢ଼ାଉ

**ମଦ ଭାଟି ଭାଙ୍ଗିଲେ: ଲକ୍ଷାଧିକ ଟଙ୍କାର ଦେଶୀମଦ, ପୋଚ ନଷ୍ଟ କଲେ**

ଖୁଣ୍ଟୁଣୀ,୨।୮(ସଚ୍ଚିଦାନନ୍ଦପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ କଂସର ଓ ବାଉଁଶ ଟାଙ୍ଗରଠାରେ ଦେଶୀ ମଦ ଭାଟି ଉପରେ ପୋଲିସ ପକ୍ଷରୁ ଶନିବାର ମଧ୍ୟାହ୍ନରେ ଚଢ଼ାଉ କରାଯାଇଥିଲା। ପ୍ରଥମେ ଖୁଣ୍ଟୁଣୀ ଥାନା ଇଲାକାର କଂସର ଓ ପରେ ବାଉଁଶ ଟାଙ୍ଗର ଜଙ୍ଗଲରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଓ ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ଗୁଡ଼, ବାଖର ଓ ସାର ମିଶ୍ରିତ ପୋଚ ନଷ୍ଟ କରାଯାଇଛି। ବେପାରୀମାନେ ଜଙ୍ଗଲ ମଧ୍ୟରେ କରିଥିବା ଭାଟି ଓ ଘରକୁ ପୋଲିସ ଭାଙ୍ଗି ଦେଇଥିଲା। ଆନୁମାନିକ ୪ ଲକ୍ଷ ଟଙ୍କାର ମଦ ଓ ମଦ ପ୍ରସ୍ତୁତ ସାମଗ୍ରୀ ଚୌଦ୍ୱାର ଏସ୍‌ଡିପିଓ ଓ ଆଇଆଇସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ଓ ଫରେଷ୍ଟ କର୍ମଚାରୀମାନଙ୍କ ଦ୍ୱାରା ନଷ୍ଟ କରାଯାଇଛି। କଂସର ଡାଲୁଆ, ଖଣ୍ଡୁଆଳି, କୃଷ୍ଣପୁର ବାଉଁଶ ଟାଙ୍ଗର, ଖୁଣ୍ଟୁଣୀ ଆଦି ଅଞ୍ଚଳରେ ବ୍ୟାପକ ଦେଶୀ ମଦ ପ୍ରସ୍ତୁତ କରାଯାଇ ଗ୍ରାମାଞ୍ଚଳର ନିରୀହ ଆଦିବାସୀ ପରିବାରଙ୍କୁ ସର୍ବଶାନ୍ତ କରାଯାଉଥିବା କେତେଜଣ ବାରିଷ୍ଠ ନାଗରିକ କହିଛନ୍ତି। ସବୁଠାରୁ ଅଧିକ କଂସର ମୁଣ୍ଡା ସାହି ଓ ଡାଲୁଆ ଆଦିବାସୀ ସାହିରେ ଦେଶୀ ମାଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଖୁବଶୀଘ୍ର ସେମାନଙ୍କ ଉପରେ ଚଢ଼ାଉ କରାଯିବ ବୋଲି ଆଇଆଇସି ରଞ୍ଜନ ପ୍ରଧାନ କହିଛନ୍ତି। କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଅଧିକାରୀ ପ୍ରଧାନ ଏବଂ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କୁକୁନ୍


@ ମନୋଜ


@ ନିହାର


@ ପ୍ରଶାନ୍ତ


@ ଉତ୍ତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## 'ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାର ଆବଶ୍ୟକତା ରହିଛି'

କଟକ,୨।୮(କାର୍ତ୍ତିକ ସାହୁ)

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ଦ୍ୱାରା ପରିଚାଳିତ ଜନଶିକ୍ଷଣ ସଂସ୍ଥାନ ପରିସରରେ ସ୍କିଲ ଇଣ୍ଡିଆ ମିଶନର ୧୦ ବର୍ଷ ପୂର୍ତ୍ତି ଓ ୨ ସପ୍ତାହ ଧରି ଚାଲିଥିବା ସ୍ୱଚ୍ଛତା ପକ୍ଷରୁ ଉଦ୍‌ଯାପନୀ ହୋଇଯାଇଛି। ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଓ ସାର୍ଟିଫିକେଟ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି କଟକ ଜିଲା ୟୁକୋ ବ୍ୟାଙ୍କର ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର ସତ୍ୟରଞ୍ଜନ ମହାନ୍ତି ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାର ଆବଶ୍ୟକତା ଓ ସେଥିପ୍ରତି ସମସ୍ତେ ସଚେତନ ହୋଇ ନିଜ ଅଞ୍ଚଳରେ ସଚେତନତାର ବାର୍ତ୍ତା ପହଞ୍ଚାଇବେ ଉପରେ ଦିଗଦର୍ଶନ ଦେଇଥିଲେ। ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ସମ୍ବିଦ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସହ କାର୍ଯ୍ୟକ୍ରମ ଅଧିକାରୀ ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ତିଳତର୍ପଣ

କଟକ,୨।୮(କାର୍ତ୍ତିକ ସାହୁ)

ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୫୦ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମହାନଦୀ ଗଡ଼ଗଡ଼ିଆ ଘାଟଠାରେ ଶନିବାର ତିଳତର୍ପଣ କରାଯାଇଛି। ଭାଗିରଥୀ ମହାପାତ୍ର ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ପ୍ରଥମ ସାଧାରଣ ସମ୍ପାଦକ, କଟକ ମ୍ୟୁନିସିପାଲଟିର ପ୍ରଥମ ନିର୍ବାଚିତ ଅଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି ଭାବେ ଓଡ଼ିଶା ପାଇଁ କରିଯାଇଥିବା କାର୍ଯ୍ୟ ଅତୁଳନୀୟ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଟ୍ରଷ୍ଟ ସଭାପତି ଆଇନଜୀବୀ ନିରଞ୍ଜନ ପଣ୍ଡା, ସମ୍ପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ରଙ୍କ ସମେତ ଜ୍ଞାନ ରଞ୍ଜନ ସାମନ୍ତରାୟ, ପତିତପାବନ ମହାପାତ୍ର, ସି କସ୍ତୁରୀ, ଶଶିଭୂଷଣ ଦାସ, ବିଶ୍ୱଜିତ ପାଣି, ଅସିତ କୁମାର ଜେନା, ସୁଶ୍ରୀ ସୁସ୍ମିତା ପଟ୍ଟନାୟକ, ଜଗନ୍ନାଥ ମହାନ୍ତି, ମନୋଜ କୁମାର ପଣ୍ଡା, ପଦ୍ମାଳୟା ମହାପାତ୍ର, ଦେବୀ ପ୍ରସନ୍ନ ମହାପାତ୍ର, ସୁଶାନ୍ତ କୁମାର ବରାଳ, ଡ. ବିଶ୍ୱଜିତ ରାୟ, ସସ୍ମିତା ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ବରାଳ ପ୍ରମୁଖ ଭାଗୀରଥିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ମହାନଦୀ ଗଡ଼ଗଡ଼ିଆ ଘାଟରେ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ତିଳତର୍ପଣ।

# 'ସରକାର କୃଷି-କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି'

କଟକ,୨।୮(କାର୍ତ୍ତିକ ସାହୁ)

**ଜିଲାସ୍ତରୀୟ ପିଏମ୍ କିଷାନ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମ**

ପିଏମ କିଷାନ ସମ୍ମାନନିଧି ଯୋଜନାର ୨୦ତମ କିସ୍ତି ପ୍ରଦାନ ଅବସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ସାରଳା ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାର ମୋଟ ୧ ଲକ୍ଷ ୫୭ ହଜାର ୯୪୭ଜଣ ଚାଷୀଙ୍କୁ ୩୧,୫୮,୯୪,୦୦୦ ଟଙ୍କା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରାଣସୀଠାରେ ପିଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ହିସାବରେ ସମୁଦାୟ ୨୦ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ସାରଳା ଭବନଠାରେ ଆଭାସି ମାଧ୍ୟମରେ ପିଏମ୍ କିଷାନ ସମ୍ମାନନିଧି ରାଶି ବଣ୍ଟନ କାର୍ଯ୍ୟକ୍ରମର ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କହିଥିଲେ। ପିଏମ୍ କିଷାନ ସମ୍ମାନିନିଧି ଯୋଜନାର ଅର୍ଥ ରାଶି ଚାଷୀ ପରିବାର ନିମନ୍ତେ ବେଶ ସହାୟକ ହୋଇପାରୁଛି ବୋଲି ସେ ମତବ୍ୟକ୍ତ କରିଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଜିଲାର ସମସ୍ତ ଯୋଗ୍ୟ ଚାଷୀ ଏହି ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ଏହି କିସ୍ତି ରାଶି କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଆହୁରି ସଶକ୍ତ କରିପାରୁଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା କୃଷି ଅଧିକାରୀ ରାଜଶ୍ରୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ଯୋଗଦେଇ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ।



ସାରଳା ଭବନଠାରେ ଆୟୋଜିତ ଜିଲାସ୍ତରୀୟ ପିଏମ୍ କିଷାନ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମରେ ମନ୍ତ୍ରୀ, ଜିଲାପାଳ ଏବଂ ଅନ୍ୟମାନେ।



# ଆଖି ବୁଜିଲେ ବଲଙ୍ଗା ପୀଡ଼ିତା



ଦିଲ୍ଲୀ ଏମ୍ସରେ ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପରେ ତାଙ୍କ ବାୟାବରସ୍ଥିତ ଘର ଆଗରେ ପୋଲିସ ମୁତୟନ କରାଯାଇଛି।



ଶନିବାର ରାତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଆଗରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

**୧୫ ଦିନର ସଂଘର୍ଷ ପରେ ଶନିବାର ରାତିରେ ଆଖି ବୁଜିଛନ୍ତି ବଲଙ୍ଗା ପୀଡ଼ିତା ସମିଦା ଖାତୁନ୍। ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସମିଦାଙ୍କ ମୃତ୍ୟୁକୁ ନେଇ ଏବେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ନାରୀଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ସମିଦାଙ୍କ ମୃତ୍ୟୁ ଘଟିବା ଏହାର ଜ୍ୱଳନ୍ତ ଉଦାହରଣ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ସେହିପରି ପୀଡିତାଙ୍କୁ ନ୍ୟାୟ ନ ମିଳିଲେ ବିଜେଡି ରାସ୍ତାରେ ଲଢ଼େଇ କରିବ ବୋଲି କହିଛି। ଅପରପକ୍ଷରେ ଝିଅ ମାନସିକ ଦୁଶ୍ଚିନ୍ତାରୁ ଜୀବନ ହାରିଛି। ଝିଅକୁ ବଞ୍ଚାଇବାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଏହାକୁ ନେଇ ରାଜନୀତି ନ କରାଯାଉ ବୋଲି ବାପା ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି।**

## ୭ ଦିନରେ ଦୁର୍ବୃତ୍ତ ଧରା ନ ପଡ଼ିଲେ ଡିଜିପି ଅଫିସ ଘେରାଉ: ଭକ୍ତ

### ବଲଙ୍ଗା ପୀଡ଼ିତା ମୃତ୍ୟୁ ଘଟଣା

ଭୁବନେଶ୍ୱର,୨।୮ (ସୁନିତ୍ ମିଶ୍ର)

ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ବଲଙ୍ଗା ପୀଡ଼ିତାଙ୍କ ଦେହାନ୍ତ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ବୋଲି କହିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନାକରି ପିସିସି ସଭାପତି ଭକ୍ତ ଚରଣ ଦାସ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭକ୍ତ କହିଛନ୍ତି, ବଲଙ୍ଗା ପୀଡ଼ିତାଙ୍କ ଘଟଣା ଆଜିକୁ ୨ ସପ୍ତାହ ହେଲା। ଶେଷରେ ତାଙ୍କ ମୃତ୍ୟୁ ହେଲା । ଶନିବାର ଘଟଣା ଘଟିଥିଲା। ଆଜି ସେଇ ଶନିବାର ତାଙ୍କର ମୃତ୍ୟୁ ହୋଇଛି। ଦୀର୍ଘ ୧୫ ଦିନ ହେଲା ଏତେ ବଡ଼ ଚର୍ଚ୍ଚିତ ଘଟଣାର ଅଭିଯୁକ୍ତଙ୍କୁ ଆଧୁନିକ ଯୁଗରେ ପୋଲିସ ଧରିପାରିଲା ନାହିଁ । ଏଥରୁ ପୋଲିସ ବିଭାଗ କେମିତି ଚାଲିଛି ତାହା ଅନୁମେୟ। ପୀଡ଼ିତାଙ୍କ ବୟାନ ପୋଲିସ ରେକର୍ଡ କରିଛି, କିନ୍ତୁ ଲୋକଲୋଚନକୁ ଅଣାଯାଉ ନାହିଁ । ଗୋଟିଏ ଗୋଟିଏ ଘଟଣା କେମିତି ଚପାଇ ଦିଆଯାଉଛି ତାହା ସ୍ପଷ୍ଟ ଜଣାପଡୁଛି। ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦରକାର। ଯଦି ୭ ଦିନରେ ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲା ତେବେ ଆମେ ଧରିନେବୁ ସରକାର ପୋଲିସ ବିଭାଗ ଚଳାଇ ପାରୁନାହାନ୍ତି । ଆମେ ଡିଜିପି ଅଫିସ ଘେରାଉ କରିବୁ ବୋଲି ସେ ଘୋଷଣା କରିଛନ୍ତି।



ଭକ୍ତ ଚରଣ ଦାସ

ଭକ୍ତ କହିଛନ୍ତି, ଏଫ୍‌ଏମ୍ ଛାତ୍ରୀ ପୋଡ଼ି ଘଟଣାରେ ପେଟ୍ରୋଲ କିଏ ଆଣିଲା,ମ୍ୟାଚିସ୍ କିଏ ଦେଲା ଏବଂ କେଉଁମାନେ ଉପସ୍ଥିତ ଥିଲେ କ୍ରାଇମ ବ୍ରାଞ୍ଚ ରିପୋର୍ଟ ଆସିଲା, କିନ୍ତୁ ଅପରାଧୀ ମାନେ ଏ ପର୍ଯ୍ୟନ୍ତ ଧରାହୋଇନାହାନ୍ତି। ସରକାର ସବୁ କ୍ଷେତ୍ରରେ ନିଜେ ଅପରାଧ କଲା ଭଳି ବ୍ୟବହାର କାହିଁକି କରୁଛନ୍ତି ଜଣାପଡୁନାହିଁ। ଚୋରଙ୍କୁ ନ ଧରି ଚୋରଙ୍କ ଭଳିଆ ସରକାର ହେଉଛି। ଏଭଳି ଦୁର୍ବଳ ପ୍ରଶାସନ ଆମେ କେବେ ଦେଖି ନ ଥିଲୁ, ଆମର ଦୁର୍ଭାଗ୍ୟ ଏଭଳି ଏକ ସରକାର ଆମେ ପାଇଛୁ । ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଅପରାଧୀ ଧରିବାରେ ବିଫଳ । ସରକାରଙ୍କ ଉପରେ ରାଜ୍ୟବାସୀଙ୍କ ସନ୍ଦେହ ଆସିଲାଣି । କୌଣସି ଷଡ଼ଯନ୍ତ୍ର ଥିବା ଭଳି ଲାଗୁଛି। ଅନ୍ୟ ସାଧାରଣ ମାମଲାରେ ପୋଲିସ ଯେପରି ତତ୍ପରତା ଦେଖାଉଛି ଏଫ୍ ଏମ୍ କଲେଜ ଏବଂ ବଲଙ୍ଗା କେସ୍‌ରେ କାହିଁକି ସେମିତି ଦେଖାଇଲାନାହିଁ। ବଲଙ୍ଗା ଛାତ୍ରୀ ଘଟଣା ଉପ ମୁଖ୍ୟମନ୍ତ୍ରୀଙ୍କ ନିଜ ଅଞ୍ଚଳରେ ଘଟିଛି। ଏଭଳି ଅପରାଧୀମାନଙ୍କୁ ବାରମ୍ବାର ଛାଡୁଛନ୍ତି ବା ଘଣ୍ଟ ଘୋଡ଼ାଉଛନ୍ତି। ତେଣୁ ନାରୀ ଅତ୍ୟାଚାର ବଢ଼ିଚାଲିଛି ବୋଲି ଭକ୍ତ କହିଛନ୍ତି।

**Mohan Charan Majhi**
@MohanMOdisha
Translate post

ବଲଙ୍ଗା ଘଟଣାରେ ପୀଡ଼ିତା ଝିଅଟିର ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ। ସରକାରଙ୍କ ସମସ୍ତ ପ୍ରୟାସ ଏବଂ ଏମ୍ସ ଦିଲ୍ଲୀରେ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅହୋରାତ୍ର ଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ।

ମୁଁ ଝିଅଟିର ଅମର ଆତ୍ମାର ସଦଗତି କାମନା କରୁଛି ଏବଂ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ତାଙ୍କ ପରିବାରକୁ ଶକ୍ତି ମିଳୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।

**Odisha Police**
@odisha_police
Follow
Translate post

ବଲଙ୍ଗା ଘଟଣାରେ ପୀଡିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ । ଏହି ଘଟଣାରେ ପୋଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଏହି ଘଟଣାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଯେ,ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ। @CMO_Odisha @DGPOdisha
Last edited 21:29 · 02 Aug 25

## ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ରାସ୍ତାରେ ଲଢ଼େଇ କରିବ ବିଜେଡି

ପୁରୀ,୨।୮ (ଅଜିତ୍ କୁମାର ମହାନ୍ତି)

ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ବଲଙ୍ଗା ପୀଡ଼ିତାଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। ଏହାକୁ ନେଇ ରାଜନୀତି ଜୋର ଧରିଛି। ବିଜୁ ଜନତା ଦଳ(ବିଜେଡି) ଏହି ଘଟଣାକୁ ନେଇ ଶୋକ ପ୍ରକାଶ କରିବା ସହ ସରକାର ଓ ପୋଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛି । ଶନିବାର ରାତିରେ ବିଜେଡି ପକ୍ଷରୁ ପୁରୀର ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରାଯାଇ ପୀଡ଼ିତାଙ୍କୁ ସରକାର ନ୍ୟାୟ ପ୍ରଦାନ କରିବା ସହ ତାଙ୍କ ପରିବାର ଲୋକଙ୍କୁ ୨ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ଦଳ ଦାବି କରିଛି। ସେହିପରି ପୋଲିସ ତଦନ୍ତ ଏବଂ ପୀଡ଼ିତାଙ୍କ ମୃତ୍ୟୁ ପରେ ପୋଲିସ ବିଭାଗ ସୋସିଆଲ ମିଡିଆ 'X' ରେ ଦେଇଥିବା ମତକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ବିଜେଡି ଉପସଭାପତି ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଓ ବିଜେଡି ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ ଉପସ୍ଥିତ ଥିଲେ। ଦାସବର୍ମା କହିଥିଲେ, ନୂତନ ସରକାର ଆସିବା ପରେ ରାଜ୍ୟବାସୀଙ୍କୁ ଆଶ୍ୱାସନା ଦିଆଯାଇଥିଲା କି ରାଜ୍ୟରେ ଏକ ଲୋକାଭିମୁଖୀ ସରକାର ସହ ନାରୀଙ୍କୁ ସୁରକ୍ଷା ପ୍ରଦାନ କରିବେ। ହେଲେ ସୌମ୍ୟାଶ୍ରୀଙ୍କ ଘଟଣା ମନରୁ ନ ଲିଭୁଣୁ ବଲଙ୍ଗା ପୀଡ଼ିତା ଶେଷରେ ଆଖି ବୁଜିଛନ୍ତି। ପୀଡ଼ିତା ଯେଉଁ ସମୟରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିଲେ ସେହି ସମୟରେ ପୀଡ଼ିତାଙ୍କ ନିର୍ବାଚନମଣ୍ଡଳୀର ଜନପ୍ରତିନିଧି ହୋଇ ମଧ୍ୟ ଉପମୁଖ୍ୟମନ୍ତ୍ରୀ ତାଙ୍କୁ ଭେଟିଲେ ନାହିଁ। ବିଜେଡି ଦାବି କଲାପରେ ପୀଡ଼ିତାଙ୍କୁ ଅଧିକ ଚିକିତ୍ସା ଦେବା ପାଇଁ ଦିଲ୍ଲୀକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଆଜି ଯାଏ ଦୋଷୀଙ୍କୁ ଚିହ୍ନଟ କରିପାରିଲା ନାହିଁ; ଯାହା ସରକାର ଓ ପୋଲିସ ପ୍ରଶାସନର ଚରମ ବିଫଳତା ବୋଲି ଦାସବର୍ମା କହିଛନ୍ତି। ସେହିପରି ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଭାଜପା ସରକାର ପୀଡ଼ିତାଙ୍କୁ ମାରିଦେଲେ ବୋଲି ଅଭିଯୋଗ କରିଛନ୍ତି। ସେ ପୁଣି କହିଛନ୍ତି, ଯେଉଁଦିନ ଯାଏ ସୌମ୍ୟାଶ୍ରୀ ଏବଂ ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଛି ଓ ଦୋଷୀ ଗିରଫ ହୋଇନାହାନ୍ତି, ସେତେଦିନ ଯାଏ ବିଜେଡି ସଂଗ୍ରାମ ଜାରି ରଖି ରାସ୍ତାକୁ ଓହ୍ଲାଇବ। ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ କହିଛନ୍ତି, ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବା ଯାଏ ବିଜେଡି ରାସ୍ତାରେ ଲଢ଼େଇ ଜାରି ରଖିବ।



ବିଜେଡି ପକ୍ଷରୁ ପୁରୀଠାରେ କରାଯାଇଥିବା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

## ରାଜ୍ୟ ଖବର

### ରଣପୁର ଏନ୍‌ଏସି ଅଧ୍ୟକ୍ଷା ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୨।୮( ସୁନିତ ମିଶ୍ର): ରଣପୁର ଏନ୍‌ଏସି ଅଧ୍ୟକ୍ଷା ରଙ୍ଗିନ ମହାନ୍ତିଙ୍କୁ ବିଜେଡି ଶନିବାର ଦଳରୁ ନିଲମ୍ବନ କରିଛି। ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗରେ ନିଲମ୍ବନ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଦଳର ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ଏନେଇ ଚିଠି ଜାରି କରାଯାଇଛି।

### ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର) ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଶନିବାର ଅଦଳବଦଳ କରିଛନ୍ତି। ବରିଷ୍ଠ ଓଏଏସ୍ ଅଫିସର ପ୍ରଫୁଲ୍ଲ କୁମାର ସ୍ୱାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଭାବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ କାର୍ଯ୍ୟରତ ଥିଲେ। ଶନିବାର ତାଙ୍କୁ ସେଠାରୁ ହଟାଇ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ସଚିବ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସେହିପରି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅତିରିକ୍ତ ସଚିବ ଥିବା ସୁଚାରୁ କୁମାର ବଳଙ୍କୁ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଏଡିଏମ୍ ଭାବେ ନିଯୁକ୍ତି ମିଳିଛି। ବିନୋଦ କୁମାର ସେନାପତିଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଯୁଗ୍ମ ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି।

### ଓଡ଼ିଆ ଯୁବକ ଭେଙ୍କଟ ସୁରକ୍ଷିତ, ଦୂତାବାସରୁ ଆସିଲା ମେଲ୍

**ମାଲିରେ ୩ ଭାରତୀୟଙ୍କୁ ଅପହରଣ ଘଟଣା**

ବ୍ରହ୍ମପୁର, ୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ପଶ୍ଚିମ ଆଫ୍ରିକାର ମାଲିରେ ୩ଜଣ ଭାରତୀୟଙ୍କୁ ଏକ ଆତଙ୍କବାଦୀ ସଙ୍ଗଠନ ଅପହରଣ କରି ନେଇଥିଲେ। ତନ୍ମଧ୍ୟରେ ଓଡିଶାର ଗଞ୍ଜାମ ଜିଲା ସମରଝୋଳ ଗ୍ରାମର ପି.ଭେଙ୍କଟ ରମଣା (୨୮) ରହିଛନ୍ତି। ଏହି ଘଟଣାକୁ ଏବେ ମାସେ ପୂରିଛି। ପରିବାରବର୍ଗ ମାସେ ଧରି ପୁଅ ସମ୍ପର୍କରେ କେଣସି ସୂଚନା ପାଇ ପାରି ନ ଥିଲେ। ଶନିବାର ମାଲିରେ ଥିବା ଭାରତୀୟ ଦୂତାବାସରୁ ପରିବାରବର୍ଗଙ୍କୁ ଏକ ମେଲ୍ ଆସିଛି। ସେଥିରେ ଭେଙ୍କଟ ସୁରକ୍ଷିତ ଥିବା କୁହାଯାଇଛି। ଏହା ସହିତ ତାଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ମାଲି ସରକାର ଉଦ୍ୟମ ଆରମ୍ଭ କରିଥିବା କୁହାଯାଇଛି। ଏଭଳି ମେଲ୍ ପାଇବା ପରେ ଭେଙ୍କଟଙ୍କ ପରିବାରବର୍ଗ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି।

ସମରଝୋଳ ଗ୍ରାମର ସ୍ୱର୍ଗତ ପି.ନାରାୟଣଙ୍କ ପୁଅ ଭେଙ୍କଟ ମୁମ୍ବାଇ ସ୍ଥିତ ବ୍ଲୁ-ଷ୍ଟାର୍ ନାମକ ଏକ ଘରୋଇ କମ୍ପାନୀରେ ଗତ ୭ମାସ ହେଲା କାମ କରୁଥିଲେ। କମ୍ପାନୀ ତରଫରୁ ତାଙ୍କୁ ପଶ୍ଚିମଆଫ୍ରିକାର ମାଲିରେ ଥିବା ଡାଇମଣ୍ଡ ସିମେଣ୍ଟ କମ୍ପାନୀକୁ ପଠାଯାଇଥିଲା। ସେଠାରେ ଗତ ଜୁଲାଇ ୧ତାରିଖରେ ଅଲ୍‌କାଏଦା ସହ ସମ୍ପୃକ୍ତି ଏକ ଆତଙ୍କବାଦୀ ସଂଗଠନ ୩ଜଣ ଭାରତୀୟଙ୍କୁ ଅପହରଣ କରି ନେଇଥିଲା। ସେମାନଙ୍କ ମଧ୍ୟରେ ଭେଙ୍କଟ ରହିଛନ୍ତି। ଏହି ଘଟଣା ପରେ ମୁମ୍ବାଇସ୍ଥିତ ବ୍ଲୁ-ଷ୍ଟାର୍ କମ୍ପାନୀରୁ ଜଣେ ଅଧିକାରୀ ଭେଙ୍କଟଙ୍କ ପରିବାରବର୍ଗଙ୍କୁ ଫୋନ କରିଥିଲେ। 'ମାଲିରେ କିଛି ଅଘଟଣ ହୋଇଛି, ଆପଣଙ୍କ ପୁଅ ସେଠାରେ ସୁରକ୍ଷିତ ଅଛନ୍ତି, ବ୍ୟସ୍ତ ହୁଅନ୍ତୁ ନାହିଁ' ବୋଲି କହିଥିଲେ। ପରିବାରବର୍ଗ ତୁରନ୍ତ ଭେଙ୍କଟଙ୍କୁ କଲ କରିଥିଲେ ହେଁ, ତାଙ୍କ ମୋବାଇଲ ସ୍ୱିଚଅଫ ରହିଥିଲା। ଏ ନେଇ ଭେଙ୍କଟଙ୍କ ମା' ପି.ନାର୍ସାମ୍ମା ହିଂଜିଳିକାଟୁ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ପୁଅକୁ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଜିଲାପାଳ ଓ ଏସ୍‌ପିଙ୍କୁ ମଧ୍ୟ ପରିବାରବର୍ଗ ଅବଗତ କରି ଭେଙ୍କଟଙ୍କୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଗୁହାରି କରିଥିଲେ। ଦୀର୍ଘଦିନ ପରେ ମଧ୍ୟ ଭେଙ୍କଟଙ୍କ କୌଣସି ଖବର ଆସି ନ ଥିଲା। ଏଣୁ ଦିଲ୍ଲୀରେ ରହୁଥିବା ଭେଙ୍କଟଙ୍କ ସାଙ୍ଗ ଏମ୍.ରାମକୃଷ୍ଣ ଭାରତୀୟ ଦୂତାବାସକୁ ମେଲ୍ ଯୋଗେ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ।

### ଆଇନଜୀବୀ ଲାଇସେନ୍ସ ପାଇଁ ଅନ୍‌ଲାଇନ ଆବେଦନ ଆରମ୍ଭ

କଟକ,୨।୮ (କାର୍ତ୍ତିକ ସାହୁ)

ରାଜ୍ୟ ଆଇନଜୀବୀ ପରିଷଦରେ ଆଇନଜୀବୀଙ୍କ ଲାଇସେନ୍ସ ପାଇଁ ଆବେଦନ ପ୍ରକ୍ରିୟାକୁ ସରଳୀକରଣ କରାଯାଇଛି। ଅନ୍‌ଲାଇନ ଜରିଆରେ ଆଇନଜୀବୀ ପଞ୍ଜୀକରଣର ଆବେଦନ ପ୍ରକ୍ରିୟା ଅଗଷ୍ଟ ୧ରୁ ଆରମ୍ଭ ହୋଇଯାଇଛି। ବିଭିନ୍ନ ଆଇନ କଲେଜରୁ ଆଇନରେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ଏବେ ରାଜ୍ୟ ବାର କାଉନ୍‌ସିଲକୁ ଆସି ଆଇନଜୀବୀ ପଞ୍ଜୀକରଣ ଫର୍ମ ଦାଖଲ କରିବା ପରିବର୍ତ୍ତେ ରାଜ୍ୟ ବାର କାଉନ୍‌ସିଲ ୱେବସାଇଟ https://barcouncilofodisha.org ଜରିଆରେ ଆବେଦନ ଫର୍ମ ଦାଖଲ କରିପାରିବେ। ଏହି ଅନ୍‌ଲାଇନ ପଞ୍ଜୀକରଣ ବ୍ୟବସ୍ଥାକୁ ସକ୍ରିୟ ଭାବେ ଚାଲୁ ରଖିବା ପାଇଁ ଡିଜିଟାଇଜେସନ ମାଧ୍ୟମରେ ରାଜ୍ୟ ବାର କାଉନସିଲ ଭବିଷ୍ୟତରେ ଅନେକ ପ୍ରଗତିଶୀଳ ଓ ଅଭିନବ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ପରିଷଦ ସଚିବ ଯଯାତି କେଶରୀ ସାମନ୍ତସିଂହାର ଶନିବାର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

### ନିଯୁକ୍ତ ହେବେ ନିୟମିତ ସହକାରୀ ଶିକ୍ଷକ

**ରହିବନି ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା**

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

**୪୪,୪୩୩ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ସୁପାରିସ**

ଓଡ଼ିଶାରେ ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ଉନ୍ନତି ପାଇଁ ୪୪,୪୩୩ ଶିକ୍ଷକ ନିଯୁକ୍ତି ପାଇଁ ସୁପାରିସ କରାଯାଇଛି। ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ) ୨୦୦୯ ଅନୁଯାୟୀ ଶିକ୍ଷକ ଯୋଗାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ଶିଶୁ ବାଟିକା ପାଇଁ ଅତିରିକ୍ତ ଶିକ୍ଷକ ଆବଶ୍ୟକତାକୁ ମଧ ଗଣନା କରାଯାଇଛି। ରାଜ୍ୟରେ ମୋଟ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୪୫,୨୧୨ ଥିବାବେଳେ ଆର୍‌ଟିଇ ନିୟମ ଅନୁଯାୟୀ ଆବଶ୍ୟକ ପ୍ରାଥମିକ ଶିକ୍ଷକ ସଂଖ୍ୟା ୧,୯୯,୬୮୫ ରହିଛି। ବର୍ତ୍ତମାନ ୧,୬୦,୩୧୯ ପ୍ରାଥମିକ ଶିକ୍ଷକ କାର୍ଯ୍ୟରତ ଥିବାବେଳେ ୩୯,୩୬୬ ପ୍ରାଥମିକ ଶିକ୍ଷକ ପଦ ଖାଲି ପଡିଛି। ଡିସେମ୍ବର ସୁଦ୍ଧା ୫,୦୬୭ଜଣ ଶିକ୍ଷକ ଅବସର ନେବାକୁ ଥିବାରୁ ମୋଟ ପ୍ରାଥମିକ ଶିକ୍ଷକ ନିଯୁକ୍ତି ଆବଶ୍ୟକତା ସଂଖ୍ୟା ୪୪,୪୩୩ ହୋଇଛି। ଉପରୋକ୍ତ ତଥ୍ୟ ଅନୁଯାୟୀ ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତ କରାଯିବା ଆବଶ୍ୟକ। ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୪ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା ଏବଂ 'ବିକଶିତ ଓଡ଼ିଶା ୨୦୩୬'ର ଲକ୍ଷ୍ୟ ହାସଲ କରିବା ପାଇଁ ଏହି ଶିକ୍ଷକ ନିଯୁକ୍ତିକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ସୁପାରିସ କରିଛନ୍ତି।

ରାଜ୍ୟ ସରକାର ଶିକ୍ଷାର ମାନ ବୃଦ୍ଧି ସହ ଦୃଢ଼ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରାଥମିକ କ୍ୟାଡରରେ ଜୁନିୟର ଶିକ୍ଷକ (ଚୁକ୍ତିଭିତ୍ତିକ) ପରିବର୍ତ୍ତେ ସହକାରୀ ଶିକ୍ଷକ (ନିୟମିତ) ନିଯୁକ୍ତ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏଥିସହ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ସ୍ଥାୟୀ କରାଯିବା ଉପରେ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଜାତୀୟ ଶିକ୍ଷାନୀତି ୨୦୨୦, ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ୨୦୦୯ (ଆର୍‌ଟିଇ ଆଇନ) ଏବଂ ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ସମ୍ବନ୍ଧୀୟ ନୀତି ପ୍ରସଙ୍ଗରେ ରାଜ୍ୟରେ ପର୍ଯ୍ୟାପ୍ତ ଶିକ୍ଷକ ଯୋଗାଣ ଉପରେ ଆଲୋଚନା କରାଯାଇ ଏକାଧିକ ପ୍ରସ୍ତାବର ଅନୁମୋଦନ ପାଇଁ ସୁପାରିସ କରାଯାଇଛି। ବୈଠକରେ ବିଭାଗର ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀଙ୍କ ସହ ଅର୍ଥ ବିଭାଗ ଓ ଆଇନ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ରହି ଏକାଧିକ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ଜୁନିୟର ଶିକ୍ଷକ (ଚୁକ୍ତିଭିତ୍ତିକ)/ଜୁନିୟର ଶିକ୍ଷକ ଭାବେ କାର୍ଯ୍ୟରତ ଶିକ୍ଷକମାନେ ନିୟମିତ ଶିକ୍ଷକ ଭାବେ ସ୍ଥାୟୀ ହେବେ। ପ୍ରାଥମିକ ବିଦ୍ୟାଳୟରେ ସମସ୍ତ ଶିକ୍ଷକଙ୍କ ଚୁକ୍ତିଭିତ୍ତିକ/ଯୋଜନାଗତ ଅବଧିକୁ ଅବସର ସୁବିଧା ପାଇଁ ଯୋଗ୍ୟତା ସେବା ଅବଧି ଭାବେ ଗଣନା କରାଯିବ। ତେବେ ସେମାନେ ଚୁକ୍ତିଭିତ୍ତିକ/ଯୋଜନାଗତ ଅବଧି ପାଇଁ ବକେୟା ଆର୍ଥିକ ସୁବିଧା ଦାବି କରିପାରିବେ ନାହିଁ। ସ୍ଥାୟୀକରଣର ତାରିଖରୁ ଶିକ୍ଷକମାନଙ୍କୁ ସେମାନଙ୍କ ନିଯୁକ୍ତି ବର୍ଷର ମେରିଟ ତାଲିକା ଅନୁଯାୟୀ ବରିଷ୍ଠତା ପ୍ରଦାନ କରାଯିବ ଏବଂ ପରବର୍ତ୍ତୀ ବ୍ୟାଚ୍/ନିଯୁକ୍ତି ବର୍ଷରେ ନିଯୁକ୍ତ ଶିକ୍ଷକଙ୍କ ତୁଳନାରେ ସେମାନେ ବରିଷ୍ଠ ରହିବେ। ଉପରୋକ୍ତ ଜୁନିୟର ଶିକ୍ଷକ (ଯୋଜନାଗତ)/ଜୁନିୟର ଶିକ୍ଷକଙ୍କ ସ୍ଥାୟୀକରଣ ପାଇଁ ଓଆର୍‌ଭି ନିୟମ ଅନୁସାରେ ବିଭିନ୍ନ ଶ୍ରେଣୀରେ ନିୟମିତ ପଦ ସୃଷ୍ଟି କରାଯିବ। ଭବିଷ୍ୟତରେ ପ୍ରାଥମିକ ଶିକ୍ଷକଙ୍କ ସମସ୍ତ ନିଯୁକ୍ତି ନିୟମିତ କରାଯିବ। ବହୁଭାଷୀ ଶିକ୍ଷା, ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି, ଓସେପା କର୍ମଚାରୀଙ୍କ ବେତନ ଅନ୍‌ଫ୍ରିଜ୍ ଏବଂ ବ୍ଲକ ସ୍ତରୀୟ କର୍ମଚାରୀଙ୍କ ଏକୀକୃତ ବେତନରୁ ୧୩% ନିଯୁକ୍ତିଦାତାଙ୍କ ଇପିଏଫ୍ ଅଂଶଦାନ ବାଦ୍ ଦେବା ଆଦି ବିଷୟରେ ଆଲୋଚନା କରାଯାଇଛି।

**ସରକାରୀ ବଙ୍ଗଳା ଛାଡ଼ିଲେ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼**

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶନିବାର ସରକାରୀ ବଙ୍ଗଳା ଖାଲି କରିଛନ୍ତି। ୫୦ତମ ସିଜେଆଇ ଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ ୨୦୨୪ ନଭେମ୍ବର ୮ରେ ଅବସର ନେଇଥିଲେ। ତେବେ ସେ ଅଧିକ ଦିନ ଧରି ନୂଆଦିଲ୍ଲୀର ୫, କ୍ରିଷ୍ଣ ମେନନ ମାର୍ଗ ସରକାରୀ ବାସଭବନରେ ରହିଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା।



# ଦେଶର ନିର୍ବାଚନ ବ୍ୟବସ୍ଥା ମୃତ: ରାହୁଲ

## ୨୦୨୪ ଲୋକ ସଭା ନିର୍ବାଚନରେ ଜାଲିଆତି ହୋଇଥିବା ଅଭିଯୋଗ

ନୂଆଦିଲ୍ଲୀ,୨।୮ (ପି.ଟି.)

ଦେଶର ନିର୍ବାଚନ ବ୍ୟବସ୍ଥା ମରିଯାଇଥିବା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଶନିବାର କହିବା ସହ ୨୦୨୪ ଲୋକ ସଭା ଭୋଟରେ ଜାଲିଆତି ହୋଇଥିବା ଅଭିଯୋଗ ଆଣି ନିର୍ବାଚନ କମିଶନଙ୍କୁ କଡ଼ା ସମାଲୋଚନା କରିଛନ୍ତି। 'ସାମ୍ବିଧାନିକ ଆହ୍ୱାନ: ଦୃଷ୍ଟିକୋଣ ଓ ମାର୍ଗ' ଶୀର୍ଷକ ଉପରେ ଆୟୋଜିତ ନ୍ୟାୟିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା କହିଛନ୍ତି, ପ୍ରଧାନମନ୍ତ୍ରୀ ସ୍ୱଳ୍ପ ସଂଖ୍ୟାଗରିଷ୍ଠତାର ସହ ଆସନରେ ବସିଛନ୍ତି। ଅଳ୍ପ କେତୋଟି ଆସନ ଅନ୍ତର ହୋଇଥିଲେ ସେ ସେଠାରେ ନ ଥାନ୍ତେ।

କର୍ନାଟକର ଏକ ବିଧାନସଭା କ୍ଷେତ୍ରରୁ କଂଗ୍ରେସ ସଂଗୃହୀତ କରିଥିବା ତଥ୍ୟ ଉପସ୍ଥାପନ କରି ସେ କହିଛନ୍ତି, ମୋଟ ୬.୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୧.୫ ଲକ୍ଷ ଭୋଟର ଜାଲ୍ ଥିଲେ। ଭୋଟରମାନଙ୍କ ଫଟୋ ଓ ନାମ ଯାଞ୍ଚରୁ ଏହା ଜଣାପଡ଼ିଛି। ଏଭଳି ଅନେକ ତଥ୍ୟ ରହିଛି, ଯାହାକୁ ପ୍ରଘଟ କଲେ ନିର୍ବାଚନ ବ୍ୟବସ୍ଥାରେ ପରମାଣୁ ବୋମା ବିସ୍ଫୋରଣ ଭଳି କମ୍ପନ ସୃଷ୍ଟି ହେବ ବୋଲି କଂଗ୍ରେସ ନେତା ଦାବି କରିଛନ୍ତି। ସତ କଥା ହେଲା ଭାରତର ନିର୍ବାଚନ ବ୍ୟବସ୍ଥା ମରିଯାଇଛି। ଯଦି ୧୦ରୁ ୧୫ ଆସନରେ ଜାଲିଆତି ହୋଇ ନ ଥାନ୍ତା, ତେବେ ମୋଦି ପ୍ରଧାନମନ୍ତ୍ରୀ ଆସନରେ ନ ଥାନ୍ତେ। ୭୦-୮୦ରୁ ୧୦୦ ଆସନରେ ଜାଲିଆତି ହୋଇଥିବା ଆମେ ସନ୍ଦେହ କରୁଛୁ। ଲୋକ ସଭା ନିର୍ବାଚନରେ କିପରି ଜାଲିଆତି ହୋଇଥିଲା, ସେ ସମ୍ପର୍କିତ ଯେକୌଣସି ସନ୍ଦେହକୁ ଆମେ ଆଗାମୀ ଦିନରେ ପ୍ରମାଣିତ କରିବାକୁ ଯାଉଛୁ ବୋଲି ରାହୁଲ କହିଛନ୍ତି।

ଲୋକ ସଭାର ବିରୋଧୀ ଦଳ ନେତା ଆହୁରି କହିଛନ୍ତି, ପୂର୍ବରୁ ତାଙ୍କ ପାଖରେ ପ୍ରମାଣ ନ ଥିବାରୁ ସେ ଏଭଳି ବୟାନ ଦେଇପାରି ନ ଥିଲେ। ଏବେ ୧୦୦ ପ୍ରତିଶତ ପ୍ରମାଣ ମିଳିଥିବାରୁ ସେ ଦୃଢ଼ତାର ସହ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହାକୁ ସେ ଯାହାକୁ ଦେଖାଇବେ, ତାଙ୍କ ପାଦତଳୁ ମାଟି ଖସିଯିବ। ତାହା କିପରି ସମ୍ଭବ ବୋଲି ସେମାନେ ଭାବିବେ। ତେବେ ଏହା ସମ୍ଭବ ଓ ଘଟିଥିବା ରାହୁଲ ଦାବି କରିଛନ୍ତି।


ରାହୁଲ ଗାନ୍ଧୀ

## ସଂକ୍ଷେପରେ

### ଶିବୁ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ



ନୂଆଦିଲ୍ଲୀ,୨।୮

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ଶିବୁ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଶନିବାର ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରରେ ରଖାଯାଇଛି। କିଡ୍‌ନୀ ସମ୍ବନ୍ଧୀୟ ସମସ୍ୟା ପାଇଁ ୮୧ ବର୍ଷୀୟ ଶିବୁ ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀର ଶ୍ରୀ ଗଙ୍ଗାରାମ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜେଏମ୍‌ଏମ୍‌ର ପ୍ରତିଷ୍ଠାତା ଶିବୁ ସୋରେନ୍ ୩୮ ବର୍ଷ ଧରି ଏହାର ନେତୃତ୍ୱ ନେଇଥିଲେ। ଶନିବାର ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ୍‌ଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ହେବାରୁ ତାଙ୍କୁ ଦିଲ୍ଲୀସ୍ଥିତ ଆପୋଲୋ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି।

### ଆଇଆଇଟି ବମ୍ବେ ଛାତ୍ରଙ୍କ ଆତ୍ମହତ୍ୟା

ମୁମ୍ବାଇ, ୨।୮

ଆଇଆଇଟି ବମ୍ବେର ଜଣେ ୨୨ ବର୍ଷୀୟ ଛାତ୍ର ଶନିବାର ସକାଳେ ହଷ୍ଟେଲ ବିଲ୍ଡିଂର ୧୦ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ନିକଟରେ ମେଟା ସାଇନ୍ସରେ ବି.ଟେକ୍ ଶେଷ କରିଥିଲେ ଏବଂ ଜବ୍ ପ୍ଲେସମେଣ୍ଟ ପାଇଁ କଲେଜ ହଷ୍ଟେଲରେ ରହୁଥିଲେ। ତାଙ୍କ ରୁମରୁ କୌଣସି ସୁଇସାଇଡ ନୋଟ୍ ହସ୍ତଗତ ହୋଇନାହିଁ ବୋଲି ପୋଲିସ ସୂଚନା ଦେଇଛି। ମୃତ ଛାତ୍ର ଜଣଙ୍କ ଦିଲ୍ଲୀ ନିବାସୀ ରୋହିତ ସିହ୍ନା ହୋଇଥିବା ଜଣାପଡ଼ିଛି। ରୋହିତଙ୍କ ଆତ୍ମହତ୍ୟାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି। ଘଟଣାକୁ ନେଇ ଆଇଆଇଟି ବମ୍ବେ ପ୍ରଶାସନ ଶୋକପ୍ରକଟ କରିଛି।

# ଆଣବିକ ବୁଡ଼ାଜାହାଜ ପଠାଇବାକୁ ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶ



ୱାଶିଂଟନ,୨।୮

ପରମାଣୁ ଅସ୍ତ୍ର ରଖିଥିବା ବିରୋଧୀଙ୍କ ସହ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଥିବା ରୁଷିଆର ପୂର୍ବତନ ରାଷ୍ଟ୍ରପତି ଡିମିଟ୍ରି ମେଡ୍‌ଭେଡେଭ୍ ମନ୍ତବ୍ୟ ଦେବା ପରେ ଏହାର ଜବାବରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨ଟି ଆଣବିକ ବୁଡ଼ାଜାହାଜ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୁଡ଼ାଜାହାଜ ଉପଯୁକ୍ତ ଷ୍ଟ୍ରାଟେଜିକ୍ ସ୍ଥିତିରେ ଅବସ୍ଥାନ କରିବ ବୋଲି ଜଣାପଡ଼ିଛି। ତେବେ ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ମସ୍କୋ ସହ ବୟାନବାଜି ବଢ଼ାଇବ ବୋଲି ସୁରକ୍ଷା ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ପୂର୍ବରୁ ମୁତୟନ ହୋଇଛି, ଯାହା ରୁଷିଆ ଉପରେ ଆକ୍ରମଣ କରିବାକୁ ସମର୍ଥ। ସୂଚନାଯୋଗ୍ୟ, ଟ୍ରମ୍ପ୍ ରୁଷିଆକୁ ମୃତ ଅର୍ଥନୀତି କହିବା ପରେ ଏହାର ଜବାବରେ ମେଡ୍‌ଭେଡେଭ୍ ତାଙ୍କୁ ଶୀତଳ ଯୁଦ୍ଧ ସମୟର ସ୍ୱୟଂକ୍ରିୟ ଏବଂ ଅର୍ଦ୍ଧସ୍ୱୟଂକ୍ରିୟ ଅଣୁଅସ୍ତ୍ର ନିୟନ୍ତ୍ରଣ ସିଷ୍ଟମ୍‌ର ସାମର୍ଥ୍ୟ ବିଷୟ ମନେ ପକାଇଦେଇଥିଲେ।

**ରୁଷିଆର ଉତ୍ତେଜକ ମନ୍ତବ୍ୟ**

ଟ୍ରମ୍ପ୍ ୨ଟିଆଣବିକ ବୁଡ଼ାଜାହାଜ ପଠାଇବାକୁ ନିର୍ଦ୍ଦେଶ ଦେବା ପରେ କ୍ରେମ୍‌ଲିନ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ତେବେ ରୁଷିଆର ବରିଷ୍ଠ ଆଇନ ପ୍ରଣେତା ଭିକ୍ଟର ଭୋଡୋଲାଟ୍‌ସ୍କି ଆମେରିକାକୁ ସତର୍କ କରାଇଦେଇ କହିଛନ୍ତି, ମସ୍କୋ ପାଖରେ ସର୍ବାଧିକ ଆଣବିକ ବୁଡ଼ାଜାହାଜ ରହିଛି ଯାହାକି ଯୁକ୍ତରାଷ୍ଟ୍ର ତୁଳନାରେ ବହୁ ଅଧିକ।



ସ୍ପେନ୍‌ର ସେଭିଲେସ୍ଥିତ ଏୟାରବସ୍ ଡିଫେନ୍ସ ଆଣ୍ଡ ସ୍ପେସ୍ ଆସେମ୍ବ୍ଲିଠାରେ ୧୬ତମ ଏୟାରବସ୍ ସି-୨୯୫ ସାମରିକ ପରିବହନ ବିମାନ ଗ୍ରହଣ କରିବା ଅବସରରେ ସେଠାର ଭାରତୀୟ ରାଷ୍ଟ୍ରଦୂତ ଦିନେଶ କେ. ପଟ୍ଟନାୟକଙ୍କ ସହ ବାୟୁସେନାର ବରିଷ୍ଠ ଅଧିକାରୀମାନେ ଗ୍ରୁପ୍ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

# ଛତିଶଗଡ଼ରେ ଗିରଫ କେରଳର ୨ ନନ୍‌ଙ୍କୁ ଜାମିନ

ବିଳାସପୁର, ୨।୮

ଛତିଶଗଡ଼ର ଦୁର୍ଗରେ ମାନବ ଚାଲାଣ ଏବଂ ଧର୍ମାନ୍ତରୀକରଣ ଅଭିଯୋଗରେ ଗିରଫ ହୋଇଥିବା କେରଳର ୨ ନନ୍‌ଙ୍କୁ ଶନିବାର ବିଳାସପୁରସ୍ଥିତ ଏନ୍‌ଆଇଏ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ପ୍ରିନ୍ସିପାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ ଜଜ୍ (ଏନ୍‌ଆଇଏ କୋର୍ଟ) ସିରାଜୁଦ୍ଦିନ କୁରେଶୀ ୨ ନନ୍ ପ୍ରୀତି ମେରି ଏବଂ ବନ୍ଦନା ଫ୍ରାନ୍ସିସ୍‌ଙ୍କ ସହ ଅନ୍ୟ ଜଣେ ଯୁବକ ସୁକମାନ ମାଣ୍ଡବୀଙ୍କୁ ଜାମିନ ଦେଇଛନ୍ତି। ଗିରଫ ପରେ ସେମାନଙ୍କୁ ଦୁର୍ଗସ୍ଥିତ ସେଣ୍ଟ୍ରାଲ ଜେଲରେ ରଖାଯାଇଥିଲା। ଗତ ଜୁଲାଇ ୨୫ରେ ସ୍ଥାନୀୟ ନାରାୟଣପୁର ନିବାସୀ ୩ ଜଣ ଯୁବତୀଙ୍କୁ ନେଇ ସୁକମାନ ଦୁର୍ଗ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ୨ ଅଭିଯୁକ୍ତ ନନ୍ ଉକ୍ତ ୩ ଯୁବତୀଙ୍କୁ ନେବା ପାଇଁ ପହଞ୍ଚିଥିଲେ ବୋଲି ବଜରଙ୍ଗ ଦଳର ସଦସ୍ୟମାନେ ଅଭିଯୋଗ କରିଥିଲେ। ଉଭୟେ ମିଶି ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଆଦିବାସୀ ଯୁବତୀମାନଙ୍କର ଧର୍ମାନ୍ତରୀକରଣ କରାଉଥିବା ନେଇ ବଜରଙ୍ଗ ଦଳ ଅଭିଯୋଗ କରିଥିଲା।

# ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର,୨।୮

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲା ଅନ୍ତର୍ଗତ ଅଖଲ ଜଙ୍ଗଲରେ ଶନିବାର ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟ ବେଳେ ଟିଆର୍‌ଏଫ୍ (ଦି ରେଜିଷ୍ଟାନ୍ସ ଫ୍ରଣ୍ଟ)ର ୩ ଆତଙ୍କବାଦୀ ନିହତ ହେବା ସହ ଜଣେ ଗିରଫ ହୋଇଛନ୍ତି। ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତ ଆତଙ୍କବାଦୀଙ୍କ ସମ୍ପର୍କିତ ସୂଚନା ଆଧାରରେ ସୁରକ୍ଷା ବଳ ପକ୍ଷରୁ 'ଅପରେଶନ ଅଖଲ' ଜାରି ରହିଥିବାବେଳେ ଶନିବାରର ଏନ୍‌କାଉଣ୍ଟର ଏହାର ଅଂଶବିଶେଷ। ସେନା, ଅର୍ଦ୍ଧସାମରିକ ବାହିନୀ ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ମିଳିତ ତଲାସି ଅଭିଯାନ ବେଳେ ଏହି ସଫଳତା ମିଳିଛି। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ଯବାନମାନେ ପାଲଟା ଗୁଳିଚାଳନା କରିଥିଲେ। ଟିଆର୍‌ଏଫ୍ ହେଉଛି ନିଷିଦ୍ଧ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନର ଶାଖା। ପହଲଗାମ୍ ଆକ୍ରମଣ ସହ ଏହି ସଂଗଠନ ଜଡ଼ିତ ଥିଲା। ଆତଙ୍କବାଦୀମାନେ ଶ୍ରୀନଗର ନିକଟ ଡଚିଗାମ୍ ଜାତୀୟ ଉଦ୍ୟାନ ମଧ୍ୟରେ ଆତ୍ମଗୋପନ କରିଥିବା ବିଶ୍ୱାସ କରାଯାଉଛି ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ୪ ଦିନ ପୂର୍ବରୁ ଅପରେଶନ ମହାଦେବରେ ପାକିସ୍ତାନର ୩ ଟିଆର୍‌ଏଫ୍ ଆତଙ୍କବାଦୀ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ପହଲଗାମ୍ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଲଶ୍କରର ଶୀର୍ଷ କମାଣ୍ଡର ସୁଲେମାନ୍ ଶାହ ଓରଫ ମୁସା ଫୌଜି ଥିଲେ। ସେମାନଙ୍କ ଗୁପ୍ତ ଆଡ୍ଡାରୁ ୧୭ଟି ଗ୍ରେନେଡ୍, ୨ଟି ଏକେ-୪୭ ରାଇଫଲ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା।

**ମାଲେଗାଁଓ ବିସ୍ଫୋରଣ ମାମଲା**

### ମୋଦିଙ୍କ ନାଁ ନେବାକୁ ନିର୍ଯାତନା ଦିଆଯାଇଥିଲା: ସାଧ୍ୱୀ ପ୍ରଜ୍ଞା

ନୂଆଦିଲ୍ଲୀ,୨।୮

୨୦୦୮ର ମାଲେଗାଁଓ ବିସ୍ଫୋରଣ ମାମଲାରେ ପ୍ରମାଣ ଅଭାବରୁ ନିକଟରେ ନିର୍ଦ୍ଦୋଷରେ ଖଲାସ ହୋଇଥିବା ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ଶନିବାର କହିଛନ୍ତି, ଉକ୍ତ ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଓ ଅନ୍ୟମାନଙ୍କ ନାଁ ନେବା ପାଇଁ ତାଙ୍କୁ ବାଧ୍ୟ କରାଯିବା ସହ ନିର୍ଯାତନା ଦିଆଯାଇଥିଲା। ମିଛ କହିବା ପାଇଁ ତାଙ୍କୁ ବିବଶ କରିବା ନିମନ୍ତେ ଏହା ଏକ ସ୍ପଷ୍ଟ ଉଦ୍ୟମ ଥିଲା। ତେବେ ସେ କାହା ନାଁ ନେଇ ନ ଥିଲେ ବୋଲି ଭୋପାଳର ପୂର୍ବତନ ଭାଜପା ଏମ୍‌ପି ପ୍ରଜ୍ଞା କହିଛନ୍ତି। ବିସ୍ଫୋରଣର ପ୍ରାୟ ୧୭ ବର୍ଷ ପରେ ଗତ ଜୁଲାଇ ୩୧ରେ ମୁମ୍ବାଇର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ପ୍ରଜ୍ଞାଙ୍କ ସମେତ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ।

# ଚାଇନା ନିର୍ମିତ ଜେ-୧୦ସି ଦ୍ୱାରା ରାଫାଲକୁ ଖସାଇଥିଲା ପାକିସ୍ତାନ



ଇସ୍‌ଲାମାବାଦ,୨।୮

ମେ' ୭ ମଧ୍ୟରାତ୍ର ପରେ ପାକିସ୍ତାନ ବାୟୁସେନାର ଅପରେଶନ ରୁମ୍ ସ୍କ୍ରିନ୍ ଲାଲ୍ ହୋଇଯାଇଥିଲା। ଭାରତ ସୀମା ଅତିକ୍ରମ କରି ଶତ୍ରୁପକ୍ଷର ବହୁ ଉଡନ ବିମାନ ପୋଜିଶନ୍‌ରେ ଥିଲେ। ସେତେବେଳେ ବାୟୁସେନା ମୁଖ୍ୟ ମାର୍ଶାଲ ଜହିର ସିଧୁ ଉକ୍ତ ରୁମ୍‌ରେ ଶୋଇଥିଲେ। ଭାରତ ଆକ୍ରମଣ ଆରମ୍ଭ କରିଥିବା ଜାଣିବା ପରେ ସିଧୁ ତୁରନ୍ତ ଚାଇନା ନିର୍ମିତ ଜେ-୧୦ସି ଜେଟ୍‌ରେ ପିଛା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ବାୟୁସେନାରେ ଥିବା ଫ୍ରାନ୍ସ ନିର୍ମିତ ରାଫାଲକୁ ଟାର୍ଗେଟ କରିବା ପାଇଁ ସେ କହିଥିଲେ। ଏହି ସଂଘର୍ଷରେ ୧୧୦ଟି ଯୁଦ୍ଧବିମାନ ସାମିଲ ହୋଇଥିଲା, ଯାହାକି ବହୁ ଦଶକ ମଧ୍ୟରେ ବିଶ୍ୱର ସର୍ବବୃହତ୍ ଆକାଶମାର୍ଗ ଆକ୍ରମଣ। ଜେ-୧୦ ଅନ୍ୟୂନ ଗୋଟିଏ ରାଫାଲ ଜେଟ୍‌କୁ ଖସାଇଥିବା ମେ' ମାସରେ ରଏଟର ଆମେରିକୀୟ ଅଧିକାରୀଙ୍କ ସୂଚନା ଆଧାରରେ ଖବର ପ୍ରକାଶ କରିଥିଲା। ଏହା ସାମରିକ ମହଲରେ ବିସ୍ମୟ ସୃଷ୍ଟି କରିବା ସହ ଅଣପରୀକ୍ଷିତ ଚାଇନା ବିମାନ ତୁଳନାରେ ପାଶ୍ଚାତ୍ୟ ସାମରିକ ହାର୍ଡୱେରର ସାମର୍ଥ୍ୟକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ଘଟଣା ପରେ ରାଫାଲ ଯୁଦ୍ଧବିମାନ କିଣିବାକୁ ଅର୍ଡର କରିଥିବା ଇଣ୍ଡୋନେସିଆ ଏବେ ଚାଇନାର ଜେ-୧୦ ଜେଟ୍ କିଣିବାକୁ ବିଚାର କରୁଛି।

# ଭୋଟର ତାଲିକାରେ ନାଁ ନ ଥିବା ତେଜସ୍ୱୀଙ୍କ ଅଭିଯୋଗକୁ ଇସିଙ୍କ ଖଣ୍ଡନ

ନୂଆଦିଲ୍ଲୀ,୨।୮

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବଙ୍କ ନାମ ବିହାର ଭୋଟର ତାଲିକାରେ ନ ଥିବା ସେ ଶନିବାର ଅଭିଯୋଗ କରିବା ପରେ ଏହାକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ତାଙ୍କ ପାଖରେ ବୈଧ ଭୋଟର ପରିଚୟପତ୍ର (ଇପିଆଇସି) ନମ୍ବର ସତ୍ତ୍ୱେ ସ୍କ୍ରିନ୍‌ରେ 'କୌଣସି ରେକର୍ଡ ମିଳୁନାହିଁ' ବାର୍ତ୍ତା ଆସିଥିଲା ବୋଲି ତେଜସ୍ୱୀ ଏକ ଖବରଦାତା ସମ୍ମିଳନୀରେ କହିବା ସହ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ (ଇସି) ବଡ଼ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ କରିଥିଲେ। ତେବେ ତେଜସ୍ୱୀଙ୍କ ଅଭିଯୋଗକୁ ତଥ୍ୟଗତ ଭୁଲ୍ କହି ଇସି ଖଣ୍ଡନ କରିଛନ୍ତି। ଭୋଟର ତାଲିକାର କ୍ରମିକ ସଂଖ୍ୟା ୪୧୬ରେ ତେଜସ୍ୱୀଙ୍କ ନାମ ରହିଥିବା ଇସି କହିଛନ୍ତି।


ତେଜସ୍ୱୀ ଯାଦବ

ପ୍ରତି ନିର୍ବାଚନ ମଣ୍ଡଳୀରେ ୨୦ରୁ ୩୦ ହଜାର ଭୋଟରଙ୍କ ନାଁ କଟିଛି ଏବଂ ମୋଟ ୬୫ ଲକ୍ଷ ମତଦାତାଙ୍କ ନାଁ ଭୋଟର ତାଲିକାରେ ନାହିଁ ବୋଲି ତେଜସ୍ୱୀ ଅଭିଯୋଗ କରିଥିଲେ, ଯାହାକି ମୋଟ ଭୋଟର ସଂଖ୍ୟାର ପ୍ରାୟ ୮.୫ ପ୍ରତିଶତ। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଥିଲା ଅନେକ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବାବେଳେ ବହୁ ଲୋକଙ୍କ ମୃତ୍ୟୁ ଘଟିଛି। ଡୁପ୍ଲିକେଟ୍ ନାଁରେ କେତେଜଣଙ୍କ ନାଁ ଭୋଟର ତାଲିକାରେ ଥିଲା। ତେବେ ଇସିଙ୍କ ପକ୍ଷରୁ ଜାରି ଚିଠା ଭୋଟର ତାଲିକାରେ ମତଦାତାଙ୍କ ଠିକଣା, ଇପିଆଇସି ନମ୍ବର ଏବଂ ବୁଥ୍ ନମ୍ବର ଦିଆଯାଇ ନାହିଁ। ତେଣୁ କେଉଁମାନଙ୍କ ନାଁ କଟିଛି, ତାହା ଖୋଜି ବାହାର କରିପାରୁ ନାହୁଁ ବୋଲି ତେଜସ୍ୱୀ କହିଥିଲେ। ତେବେ ତେଜସ୍ୱୀ ବ୍ୟବହାର କରିଥିବା ଇପିଆଇସି ନମ୍ବର ଆର୍‌ଏବି୨୯୧୬୧୨୦ ଭୋଟର ତାଲିକାରେ ନ ଥିବାରୁ ସେ ଆଉ ଏକ ଡୁପ୍ଲିକେଟ ନମ୍ବର ବାହାର କରିଥାଇ ପାରନ୍ତି ବୋଲି ନିର୍ବାଚନ କମିଶନ ସନ୍ଦେହ ପ୍ରକଟ କରିଛନ୍ତି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି।

### ଟ୍ରମ୍ପ୍‌ଙ୍କ ୨୫% ଟାରିଫ୍ ପରେ 'ସ୍ୱଦେଶୀ' କିଣିବାକୁ ମୋଦିଙ୍କ ଆହ୍ୱାନ

ବାରାଣସୀ,୨।୮

ରୁଷିଆରୁ ତୈଳ କିଣୁଥିବା ଭାରତ ଉପରେ ୨୫% ଶୁଳ୍କ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି, ବିଶ୍ୱ ଏବେ ଏକ ଅନିଶ୍ଚିତ ସମୟ ମଧ୍ୟରେ ଗତି କରୁଛି। ଏବେ ସ୍ୱଦେଶୀ (ଭାରତ ନିର୍ମିତ) ସାମଗ୍ରୀ ବ୍ୟବହାର ଉପରେ ଜୋର୍ ଦେବାକୁ ସେ ବାରାଣସୀଠାରେ ଏକ ରାଲିକୁ ସମ୍ବୋଧନ କରି କହିଛନ୍ତି। ଭାରତକୁ ଏହାର ଅର୍ଥନୈତିକ ପ୍ରାଥମିକତା ଉପରେ ଫୋକସ୍ କରିବାକୁ ପଡ଼ିବ। ପ୍ରତ୍ୟେକ ନାଗରିକ 'ସ୍ୱଦେଶୀ' କିଣିବାକୁ ସଂକଳ୍ପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି। ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାକୁ ଯାଉଛି। ସେଥିପାଇଁ ଏହାର ଅର୍ଥନୈତିକ ସ୍ୱାର୍ଥ ପ୍ରତି ସତର୍କ ରହିବାକୁ ହେବ। ଆମ କୃଷକ, ଶିଳ୍ପସଂସ୍ଥା, ଯୁବବର୍ଗଙ୍କ ନିଯୁକ୍ତି ଓ ସେମାନଙ୍କ ସ୍ୱାର୍ଥ ସବୁକିଛି ଆମ ପାଇଁ ସର୍ବୋପରି। ସରକାର ଏଦିଗରେ ସବୁପ୍ରକାର ଉଦ୍ୟମ ଚଳାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# 'ବଳାତ୍କାରରୁ ବର୍ତ୍ତିବା ପାଇଁ ଘରେ ରୁହ'

## ଗୁଜରାଟ ଟ୍ରାଫିକ୍ ପୋଲିସର ପୋଷ୍ଟରକୁ ନେଇ ବିବାଦ

ଅହମଦାବାଦ, ୨।୮

ବଳାତ୍କାର କିମ୍ବା ଗଣବଳାତ୍କାରରୁ ରକ୍ଷା ପାଇବାକୁ ଚାହୁଁଥିଲେ ମହିଳାମାନେ ବିଳମ୍ବିତ ରାତ୍ରି ଯାଏ ପାର୍ଟି ନ କରି ଘରେ ରୁହନ୍ତୁ। ନିଜ ବନ୍ଧୁଙ୍କ ସହ ଅନ୍ଧକାର ଏବଂ ନିର୍ଜନ ଅଞ୍ଚଳକୁ ଯାଆନ୍ତୁ ନାହିଁ। ଗୁଜରାଟର ଅହମଦାବାଦର ବିଭିନ୍ନ ରାସ୍ତାରେ ଏପରି ଅନେକ ପୋଷ୍ଟର ଲଗାଯାଇଥିବାର ଗତ କିଛିଦିନ ହେବ ଦେଖିବାକୁ ମିଳିଛି। ପୋଷ୍ଟରଗୁଡ଼ିକରେ ଅହମଦାବାଦ ଟ୍ରାଫିକ୍ ପୋଲିସକୁ ପ୍ରାୟୋଜକ ଭାବେ ଉଲ୍ଲେଖ କରାଯାଇଛି। ଟ୍ରାଫିକ୍ ସଚେତନତାର ପ୍ରଚାରପ୍ରସାର ପାଇଁ ସହରର ବିଭିନ୍ନ ସ୍ଥାନରେ କିଛି ପୋଷ୍ଟର ଏବଂ ବ୍ୟାନର ଲଗାଇବାକୁ 'ସତର୍କତା' ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଅହମଦାବାଦ ଟ୍ରାଫିକ ପୋଲିସଠାରୁ ଅନୁମତି ନେଇଥିଲା ବୋଲି ଅହମଦାବାଦ ଡିସିପି (ଟ୍ରାଫିକ୍ ବ୍ରାଞ୍ଚ) ସାଫିନ ହାସନ ସୂଚନା ଦେଇଛନ୍ତି। ତେବେ 'ସତର୍କତା'ର କର୍ମୀମାନେ ଟ୍ରାଫିକ୍ ସଚେତନାର ପରିସର ବାହାରକୁ ଯାଇ ବଳାତ୍କାର ସମ୍ପର୍କିତ ବିଭିନ୍ନ ପୋଷ୍ଟର ଲଗାଇଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଉକ୍ତ ପୋଷ୍ଟରଗୁଡ଼ିକୁ କାଢ଼ି ଦିଆଯାଇଥିବା ସାଫିନ୍ କହିଛନ୍ତି। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।




### ସହଯାତ୍ରୀଙ୍କୁ ଚାପୁଡ଼ା ମାରିଥିବା ବ୍ୟକ୍ତିଙ୍କ ଉପରେ ଇଣ୍ଡିଗୋର କଟକଣା

ନୂଆଦିଲ୍ଲୀ, ୨।୮

କିଛିଦିନ ତଳେ ଇଣ୍ଡିଗୋର ମୁମ୍ବାଇ-କୋଲକାତା ଫ୍ଲାଇଟ୍ ୬ଇ ୧୩୮ର ଉଡ଼ାଣ ସମୟରେ ଜଣେ ବ୍ୟକ୍ତି ନିଜ ସହଯାତ୍ରୀଙ୍କୁ ଚାପୁଡ଼ା ମାରିଥିଲେ। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଥିଲା। ଘଟଣାକୁ ନେଇ ଇଣ୍ଡିଗୋ ଏୟାରଲାଇନ୍ସ ଶନିବାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଅଭିଯୁକ୍ତଙ୍କୁ ନୋ ଫ୍ଲାଏ ଲିଷ୍ଟରେ ସାମିଲ କରିଛି। ଅଭିଯୁକ୍ତ ଜଣକ ଆଗକୁ ଇଣ୍ଡିଗୋର କୌଣସି ବିମାନରେ ଯାତ୍ରା କରିପାରିବେ ନାହିଁ। ବିମାନରେ ସହଯାତ୍ରୀଙ୍କୁ ଚାପୁଡ଼ା ମାରିବା ଏକ ଅସଭ୍ୟ ଆଚରଣ। ଏହା ଗ୍ରହଣୀୟ ନୁହେଁ। ଉପଯୁକ୍ତ ତଦନ୍ତ ପରେ ଘଟଣାର କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ନେଇ ଇଣ୍ଡିଗୋ ପକ୍ଷରୁ ସୂଚନା ଦିଆଯାଇଛି।

# 'ରୁଷିଆରୁ ତେଲ ଆମଦାନୀ ଜାରି ରହିବ'

## ତେଲ କିଣା ବନ୍ଦ ନେଇ ଟ୍ରମ୍ପ୍‌ଙ୍କ ଦାବିକୁ କେନ୍ଦ୍ରର ଖଣ୍ଡନ

ୱାଶିଂଟନ/ନୂଆଦିଲ୍ଲୀ,୨।୮

ଭାରତ ରୁଷିଆରୁ ଆଉ ତେଲ କିଣିବ ନାହିଁ ବୋଲି ଶୁଣିବାକୁ ପାଉଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର କହିବା ସହ ଏହାକୁ ଭଲ ପଦକ୍ଷେପ କହି ପ୍ରଶଂସା କରିଥିଲେ। ତେବେ ଏନେଇ ସେ ସ୍ପଷ୍ଟ ନୁହନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ୍‌ଙ୍କ ଏହି ଦାବିକୁ ସରକାରୀ ସୂତ୍ର ଖଣ୍ଡନ କରିଛି। ରୁଷିଆ ଯୋଗାଣକାରୀ ସଂସ୍ଥାଗୁଡ଼ିକରୁ ଭାରତର ରିଫାଇନେରିଗୁଡ଼ିକ ତେଲ କିଣିବା ଜାରି ରଖିଛନ୍ତି। ସେମାନଙ୍କ ଯୋଗାଣ ନିଷ୍ପତ୍ତି ମୂଲ୍ୟ, ଅଶୋଧିତ ତୈଳର ଗ୍ରେଡ୍, ଲଜିଷ୍ଟିକ୍ସ ଏବଂ ଅନ୍ୟ ଆର୍ଥିକ କାରଣ ଆଧାରରେ ନିଷ୍ପତ୍ତି ନିଆଯାଇଥାଏ। ଭାରତର ଇନ୍ଧନ ନିଷ୍ପତ୍ତି ଜାତୀୟ ସ୍ୱାର୍ଥ ଦ୍ୱାରା ନିର୍ଦ୍ଧାରିତ ହୋଇଆସୁଛି ଏବଂ ବୈଶ୍ୱିକ ଶକ୍ତି ସ୍ଥିରତା କ୍ଷେତ୍ରରେ ଏହାର ସକାରାତ୍ମକ ଅବଦାନ ରହିଛି। ରୁଷିଆରୁ ଭାରତୀୟ କମ୍ପାନୀଗୁଡ଼ିକ ତୈଳ କିଣା ବନ୍ଦ କରିଥିବା ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲଙ୍କୁ ଶୁକ୍ରବାର ପ୍ରଶ୍ନ ହେବାରୁ ସେ କହିଛନ୍ତି, ତୈଳ ଦର ଏବଂ ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧତା ଏବଂ ବୈଶ୍ୱିକ ସ୍ଥିତି ଆଧାରରେ ଆମେ ନିଷ୍ପତ୍ତି ନେଉଛୁ। ରୁଷିଆରୁ ତେଲ କିଣା ବନ୍ଦ ନେଇ ତାଙ୍କ ପାଖରେ ସବିଶେଷ ତଥ୍ୟ ନ ଥିବା ସେ କହିଥିଲେ।


ଡୋନାଲ୍ଡ ଟ୍ରମ୍ପ୍

ରୁଷିଆରୁ ଇନ୍ଧନ କ୍ରୟ ଜାରି ରଖିବା ନେଇ ଭାରତର ନିଷ୍ପତ୍ତି ଉପରେ ସୂତ୍ର ପକ୍ଷରୁ କୁହାଯାଇଛି, ରୁଷିଆ ବିଶ୍ୱର ଦ୍ୱିତୀୟ ବୃହତ୍ ତୈଳ ଉତ୍ପାଦନକାରୀ। ଏହାର ଦୈନିକ ଅଶୋଧିତ ତୈଳ ଉତ୍ପାଦନ ୯.୫ ନିୟୁତ ବ୍ୟାରେଲ୍, ଯାହାକି ବିଶ୍ୱ ଚାହିଦାର ପାଖାପାଖି ୧୦ ପ୍ରତିଶତ। ଏଥିସହିତ ରୁଷିଆ ଦ୍ୱିତୀୟ ସର୍ବାଧିକ ତୈଳ ରପ୍ତାନିକାରୀ। ଏହା ଦୈନିକ ୪.୫ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ଏବଂ ୨.୩ ନିୟୁତ ବ୍ୟାରେଲ୍ ବିଶୋଧିତ ତୈଳ ରପ୍ତାନି କରିଥାଏ। ଭାରତ ରୁଷିଆରୁ ସର୍ବାଧିକ ଅଶୋଧିତ ତୈଳ କିଣୁଛି।

# ତରଭା ଜେଏନ୍‌ଭିର ଛାତ୍ରଙ୍କୁ ଝାଡ଼ଖଣ୍ଡରେ ମାଡ଼

- ପ୍ରବାସନ ପଲିସିରେ ରିଖିଆ ଜେଏନ୍‌ଭିରେ ପାଠ ପଢୁଛନ୍ତି
- ମୂଳ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଛାତ୍ରଙ୍କ ନିବେଦନ
- ରିଖିଆ ବିଦ୍ୟାଳୟର ୪ ଛାତ୍ର ନିଲମ୍ବିତ

ସୋନପୁର,୨।୮ (ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁର ଜିଲା ତରଭା ପିଏମ୍‌ଶ୍ରୀ ଜେଏନ୍‌ଭି।

ସୁବର୍ଣ୍ଣପୁର ଜିଲା ତରଭା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ(ଜେଏନ୍‌ଭି)ର ୧୧ଛାତ୍ରଙ୍କୁ ଝାଡ଼ଖଣ୍ଡରେ ନିର୍ଯାତନା ସହ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ତରଭା ଜେଏନ୍‌ଭିର ନବମ ଶ୍ରେଣୀରେ ପଢୁଥିବା ୨୧ଛାତ୍ରୀଛାତ୍ର ମାଇଗ୍ରେଶନ(ପ୍ରବାସନ) ପଲିସିରେ ଝାଡ଼ଖଣ୍ଡର ଦେଓଘର ଜିଲା ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିରେ ରହି ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୧୦ଛାତ୍ରୀ ଓ ୧୧ଛାତ୍ର ଅଛନ୍ତି। ଜୁଲାଇ ୩ରୁ ଛାତ୍ରୀଛାତ୍ର ସେଠାରେ ରହି ପଢୁଥିବା ଜଣାପଡ଼ିଛି। ତେବେ ରିଖିଆ ଜେଏନ୍‌ଭିର ସିନିୟର ଛାତ୍ରମାନେ ଗତ ୯ତାରିଖ ରାତିରେ ସୁବର୍ଣ୍ଣପୁର ଜିଲାର ୧୧ଛାତ୍ରଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଛାତ୍ରମାନେ ଭିଡିଓକରି ସେମାନଙ୍କୁ ସେଠାରୁ ନେଇ ଆସିବାକୁ ସୋସିଆଲ ମିଡିଆରେ ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଜାଣିବା ପରେ ୧୧ତାରିଖରେ ତରଭା ଜେଏନ୍‌ଭି ଅଧ୍ୟକ୍ଷ ନିଶିକାନ୍ତ କେଶାଓ ସମକୁରାଓଙ୍କୁ ଲିଖିତଭାବେ ଜଣାଇଥିଲେ। ପରେ ଅଭିଭାବକମାନେ ନବୋଦୟ ବିଦ୍ୟାଳୟ ସମିତି(ଏନ୍‌ଭିସ)ର ଭୋପାଳସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ, ସୁବର୍ଣ୍ଣପୁର ଜିଲାପାଳ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ଏମ୍‌ପି ସିଂଦେଓଙ୍କ ହସ୍ତକ୍ଷେପ ପରେ ଉଭୟ ଜେଏନ୍‌ଭି ଅଧ୍ୟକ୍ଷଙ୍କ ମଧ୍ୟରେ ଏକାଧିକ ବାର ବାର୍ତ୍ତାଳାପ ଓ ପତ୍ର ବିନିମୟ ହୋଇଥିଲା। ତେବେ ତରଭା ଜେଏନ୍‌ଭିର ଛାତ୍ରୀଛାତ୍ର ଝାଡ଼ଖଣ୍ଡରେ ଭୟର ବାତାବରଣରେ ରହୁଛନ୍ତି। ତେଣୁ ସେମାନଙ୍କୁ ମୂଳ ବିଦ୍ୟାଳୟ ତରଭାକୁ ଫେରାଇ ଆଣିବା ପାଇଁ ଅଭିଭାବକ ଦାଶରଥୀ ନାୟକ ଦାବି କରିଛନ୍ତି। ଏ ସମ୍ପର୍କରେ ତରଭା ଜେଏନ୍‌ଭିର ଅଧ୍ୟକ୍ଷ ନିଶିକାନ୍ତ କେଶାଓ ସମକୁରାଓ କହିଛନ୍ତି, ଘଟଣା ସମ୍ପର୍କରେ ଏନ୍‌ଭିଏସ୍‌ର ମୁଖ୍ୟଙ୍କୁ ଅବଗତ କରାଯାଇଛି। ଯାହା ନିର୍ଦ୍ଦେଶ ଆସିବ ତାହା କାର୍ଯ୍ୟକାରୀ କରାଯିବ।

ଅନ୍ୟପକ୍ଷେ ଅଭିଯୋଗ ପରେ ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିର ଅଧ୍ୟକ୍ଷା ତଦନ୍ତ କରି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ନିଜ ବିଦ୍ୟାଳୟର ୪ଛାତ୍ରଙ୍କୁ ନିଲମ୍ବନ କରିବା ସହ ସେମାନଙ୍କ ଘରକୁ ପଠାଇଦେଇଥିବା ସୂଚନା ଦେଇଛନ୍ତି। ତେବେ ଗତବର୍ଷ ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିର ଛାତ୍ରୀଛାତ୍ର ତରଭାରେ ରହି ପାଠ ପଢୁଥିବା ସମୟରେ ସେମାନଙ୍କୁ ଏଠାକାର ସିନିୟର ଛାତ୍ରମାନେ ନିର୍ଯାତନା ଦେଇଥିଲେ। ଏହି କାରଣକୁ ନେଇ ସେଠାକାର ସିନିୟର ଛାତ୍ରମାନେ ତରଭା ଛାତ୍ରଙ୍କୁ ଚଳିତ ବର୍ଷ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ନବୋଦୟ ବିଦ୍ୟାଳୟ ସମିତିର ନିୟମ ଅନୁଯାୟୀ ଅଣ ହିନ୍ଦୀ ଭାଷାଭାଷୀ ରାଜ୍ୟର ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ମୋଟ ଛାତ୍ରୀଛାତ୍ରଙ୍କ ୩୦% ପ୍ରବାସନ ପଲିସିରେ ହିନ୍ଦୀ ଭାଷାଭାଷୀ ରାଜ୍ୟର ଜେଏନ୍‌ଭିରେ ରହି ପାଠ ପଢ଼ନ୍ତି। ସେହିପରି ହିନ୍ଦୀ ଭାଷାଭାଷୀ ରାଜ୍ୟର ବିଦ୍ୟାଳୟରେ ନବମ ଶ୍ରେଣୀର ଛାତ୍ରୀଛାତ୍ର ୧ବର୍ଷ ପାଇଁ ଅଣ ହିନ୍ଦୀ ଭାଷାଭାଷୀ ରାଜ୍ୟର ଜେଏନ୍‌ଭିରେ ରହି ପାଠ ପଢ଼ିଥାନ୍ତି। ଜାତୀୟ ଏକୀକରଣ ଲକ୍ଷ୍ୟ ରଖି ଏଭଳି କରାଯାଇଥାଏ।

# ଭୁବନେଶ୍ୱର ବିମାନ ବନ୍ଦରରୁ ୮କୋଟିର ବିଦେଶୀ ଗଞ୍ଜେଇ ଜବତ

**ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା ଡିଆର୍‌ଆଇ**

ଭୁବନେଶ୍ୱର,୨।୮ (ସତ୍ୟଜିତ ରାଉତ)






ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଗଞ୍ଜେଇ ଚାଲାଣର ହବ୍ ପାଲଟିଛି। ବିଦେଶରୁ ବିମାନ ଯୋଗେ ଚୋରା ଚାଲାଣରେ ଗଞ୍ଜେଇ ଆଣି ବହୁ ନିଶା ବେପାରୀ ଧରାପଡୁଛନ୍ତି। ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଶନିବାର ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ୮କେଜି ଓଜନର ବିଦେଶୀ ଗଞ୍ଜେଇ (ହାଇଡ୍ରୋପୋନିକ ଉଇଡ୍) ଜବତ କରିଛି। ଏହି ମାମଲାରେ ଜଣେ ଯାତ୍ରୀଙ୍କୁ ଡିଆର୍‌ଆଇ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮କୋଟି ଟଙ୍କା ହେବ। ଗିରଫ ଅଭିଯୁକ୍ତଙ୍କ ଘର ଗୁଜରାଟ ଅହମ୍ମଦାବଦରେ ବୋଲି ଜଣାପଡ଼ିଛି। ଏହି ମାଦକ ଦ୍ରବ୍ୟ ଥାଇଲାଣ୍ଡରୁ ଇଣ୍ଡିଗୋ ବିମାନ ଜରିଆରେ ଚୋରାଚାଲାଣ କରି ଆଣିଥିଲେ। ଭୋର ପ୍ରାୟ ୫ଟାବେଳେ ବ୍ୟାଗ୍ ଯାଞ୍ଚବେଳେ ଗୁମର ଧରାପଡ଼ିଥିଲା। ଖାଦ୍ୟ ପ୍ୟାକେଟରେ ଏହି ଗଞ୍ଜେଇକୁ ଅତି ଚତୁରତାର ସହ ଭର୍ତ୍ତି କରାଯାଇ ଅଣାଯାଇଥିଲା। ଡିଆରଆଇ ବିମାନବନ୍ଦରରେ ନିୟମିତ ଯାଞ୍ଚ ସମୟରେ ଏହି ଗଞ୍ଜେଇକୁ ଜବତ କରିଥିଲା। ଡିଆର୍‌ଆଇ ଏହି ଚାଲାଣ ନେଟ୍‌ୱର୍କର ଚେର ଖୋଜିବାକୁ ପ୍ରୟାସ କରୁଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ମଙ୍ଗଳବାର କଷ୍ଟମ୍ସ ବିଭାଗ ଭୁବନେଶ୍ୱରର ବିମାନବନ୍ଦରରୁ ୩୦କୋଟି ଟଙ୍କାରୁ ଅଧିକ ମୂଲ୍ୟର ହାଇଡ୍ରୋପୋନିକ ମାରିଜୁଆନା ଜବତ କରିଥିଲା। ବାଙ୍କକରୁ ଆସୁଥିବା ଏକ ବିମାନରେ ୬ଟି ବ୍ୟାଗରେ ଜଣେ ଯାତ୍ରୀ ଏହା ଭର୍ତ୍ତି କରି ଆଣିଥିଲେ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା ଅଭିଯୋଗ

ଯାଜପୁରରୋଡ୍,୨।୮ (ପବିତ୍ର ରଞ୍ଜନ ମହାନ୍ତି)


ଜୀବନ ମଲିକ

ଯାଜପୁର ଜିଲା ବ୍ୟାସନଗର ସହରର ଷ୍ଟେଶନ ବଜାରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଫକୀରପୁର ଅଞ୍ଚଳର ସୁଦାମ ମଲିକଙ୍କ ପୁଅ ଜୀବନ ମଲିକ(୨୫)। ଜୀବନଙ୍କୁ କେନ୍ଦ୍ରର କର୍ମଚାରୀମାନେ ମାରି ଦେଇଥିବା ସୁଦାମ ଯାଜପୁରରୋଡ୍ ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୫୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଜୀବନ ଶୋଇଥିଲେ। ହେଲେ ଶନିବାର ସକାଳୁ ଉଠି ନ ଥିଲେ। କେନ୍ଦ୍ରର ମାଲିକ ବିକାଶ ସାହୁ ଏକଥା ଜାଣିବା ପରେ ଜୀବନଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୀବନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି।

ଜୀବନଙ୍କ ପରିବାର ଲୋକଙ୍କ କହିବା ମୁତାବକ, ସେ କୁସଙ୍ଗରେ ପଡ଼ି ନିଶାଗ୍ରସ୍ତ ରହୁଥିଲେ। ନିଶା ଛଡ଼ାଇବା ପାଇଁ ସେମାନେ ଗତ ସପ୍ତାହରେ ଉକ୍ତ ନିଶା ନିବାରଣ କେନ୍ଦରେ ଜୀବନଙ୍କୁ ଛାଡ଼ିଥିଲେ। ସେଥିପାଇଁ ମାସକୁ ୯ ହଜାର ହିସାବରେ ୪ ମାସ ପାଇଁ ଅଗ୍ରିମ ଟଙ୍କା ପୈଠ କରିଥିଲେ। ପୁଅ ଖୁବଶୀଘ୍ର ଭଲ ହୋଇଯିବ ବୋଲି କେନ୍ଦ୍ରର ମାଲିକ ଜୀବନଙ୍କ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପୁଅର ମୃତ୍ୟୁ ହୋଇଥିବା କଥାକୁ ସେମାନେ ବିଶ୍ୱାସ କରି ପାରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ମଧ୍ୟ ଉକ୍ତ ନିଶା ନିବାରଣ କେନ୍ଦ୍ର ନାମରେ ଅନ୍ତେବାସୀଙ୍କୁ ଅମାନୁଷିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଏହି ସଂସ୍ଥା ଖୋଲିବାକୁ ହେଲେ ଜିଲା ପ୍ରଶାସନ ଅନୁମତି ବାଧ୍ୟତାମୂଳକ। ମାତ୍ର ଯାଜପୁରରୋଡ୍ ସହରରେ ଏଭଳି ୩ରୁ ଊର୍ଦ୍ଧ୍ୱ ନିଶା ନିବାରଣ କେନ୍ଦ୍ର ରହିଛି। ହେଲେ ଏଗୁଡ଼ିକ ଜିଲା ପ୍ରଶାସନର ଅନୁମତିପ୍ରାପ୍ତ ହୋଇଛି କି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ବାଲେଶ୍ୱର, ୨।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଶନିବାର ଜବତ କରିଛି। ମୃତ ଛାତ୍ରଙ୍କ ଘର ବାସୁଦେବପୁର ଅଞ୍ଚଳରେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଜାରି ରଖିଛି। ଏହି ଥାନା ଅଧୀନ ମହାବୀରନଗରଠାରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ହଷ୍ଟେଲରେ ରହି ସମ୍ପୃକ୍ତ ଛାତ୍ର ଜଣକ ଅଧ୍ୟୟନ କରିଥିଲେ। ସେ ତୃତୀୟ ବର୍ଷର ଛାତ୍ର ଅଟନ୍ତି। ଶନିବାର ସମସ୍ତ ସହପାଠୀ କଲେଜ ଯିବା ପରେ ସେ ହଷ୍ଟେଲରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। କ୍ଲାସ୍‌କୁ ଯାଇ ନଥିବାରୁ କଲେଜ କର୍ତ୍ତୃପକ୍ଷ ହଷ୍ଟେଲ ଆସି ସେ ଫାଶୀ ଦେଇଥିବା ଦେଖିବାକୁ ପାଇଥିଲେ।

# ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ଆହତ

- ପୋଲିସ ଉପରକୁ ୨ ରାଉଣ୍ଡ ଗୁଳିଚାଳନା
- ବନ୍ଧୁକ, ୩ ଜୀବନ୍ତ ଗୁଳି ଓ ଟଙ୍କା ଜବତ
- ଘଟଣାସ୍ଥଳରୁ ଚମ୍ପଟ ମାରିଲେ ସହଯୋଗୀ

ଗୋପାଳପୁର,୨।୮ (ନବୀନ ରାଜ ଆଚାରୀ)


ଆହତ ଅବସ୍ଥାରେ ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନା ପୋଲିସ ପିତାତଳି-ସୋର୍ଲା ରାସ୍ତାରେ ଶନିବାର ଭୋର ସମୟରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗୁଳି କରିଛି। ସେ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ସୁନୀଲ ନାହାକ ଓରଫ ମାଲ୍ଲ। ଏଥିରେ ସୁନୀଲ ଆହତ ହୋଇଛନ୍ତି। ତାଙ୍କଠାରୁ ୭.୬୫ ଏମ୍‌ଏମ୍ ବନ୍ଧୁକ, ତିନୋଟି ଜୀବନ୍ତ ଗୁଳି, ୨୧ ହଜାର ଟଙ୍କା ଓ ବାଇକ୍ ଜବତ ହୋଇଛି। ଘଟଣା ପରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଏନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଏସ୍‌ପି କହିଛନ୍ତି, ବ୍ରହ୍ମପୁର ପୋଲିସ ଜିଲାରେ ଗତ ଏକ ସପ୍ତାହରୁ ୧୦ ଦିନ ମଧ୍ୟରେ ଏକାଧିକ ଚେନ୍ ସ୍ନାଚିଂ ଅଭିଯୋଗ ହୋଇଥିଲା। ନିମଖଣ୍ଡି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଉପରକୁ ଗୁଳି କରି ତାଙ୍କ ସୁନାହାର ଲୁଟି ନେବା ଓ ଗୋପାଳପୁର ଥାନା ଅଞ୍ଚଳରୁ ମଧ୍ୟ ସମାନ ଢଙ୍ଗରେ ସୁନାଚେନ୍ ଲୁଟ୍ ନେଇ ଏକାଧିକ ଅଭିଯୋଗ ଥାନାକୁ ଆସିଥିଲା। ପୋଲିସ ଅଭିଯୁକ୍ତ ସୁନୀଲଙ୍କୁ ଚିହ୍ନଟ କରିବା ପରେ ତାଙ୍କୁ ଧରିବା ପାଇଁ ବ୍ରହ୍ମପୁର ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ ହୋଇଥିଲା।

ଶନିବାର ଭୋର ସମୟରେ ସୁନୀଲ ଓ ଅନ୍ୟ ସହଯୋଗୀ ବାଇକ୍ ଯୋଗେ ପିତାତଳି -ସୋର୍ଲା ରାସ୍ତା ଦେଇ ଆସୁଥିବା ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ତଥା ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ତାଙ୍କ ଟିମ୍ ଅଭିଯୁକ୍ତମାନଙ୍କୁ ଧରିବାକୁ ପାଇଁ ଜାଲ ବିଛାଇଥିଲେ। ଏରେଣ୍ଡ୍ରା ରାସ୍ତା ନିକଟରେ ପୋଲିସ ଗାଡି ଦେଖି ସୁନୀଲ ଗାଡ଼ି ବୁଲାଇ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେ ପୋଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ତେବେ ପୋଲିସ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଏହି ଗୁଳି ପୋଲିସର ବୋଲେରୋରେ ବାଜିଥିଲା। ତତ୍‌କ୍ଷଣାତ୍ ଡିଏସ୍‌ପି ସ୍ୱାଇଁ ପାଲଟା ଗୁଳି ଚଳାଇଥିଲେ। ଏହି ଗୁଳି ସୁନୀଲଙ୍କ ବାମଗୋଡ଼ ଆଣ୍ଠୁ ତଳକୁ ବାଜିଥିଲା। ସେ ଆହତ ହୋଇ ତଳେ ପଡି ଯାଇଥିଲେ। ତେବେ ଘଟଣାସ୍ଥଳରୁ ତାଙ୍କ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ପୋଲିସ ଆହତ ସୁନୀଲଙ୍କୁ କାବୁ କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ମେଡିକାଲରୁ ଡିସ୍‌ଚାର୍ଜ ହେବା ପରେ ତାଙ୍କୁ କୋର୍ଟଚାଲାଣ କରାଯିବ। ଏହି ମାମଲା ବ୍ରହ୍ମପୁର ସଦର ଏସ୍‌ଡିପିଓ ତଦନ୍ତ କରିବେ। ଅନ୍ୟପକ୍ଷରେ ସୁନୀଲଙ୍କ ନାଁରେ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି, ଦାଦାବଟି ଆଦାୟ, ଲୁଟ, ଗୁଳି କରିବା ଆଦି ଅଭିଯୋଗକୁ ଭିତ୍ତିକରି ବିଭିନ୍ନ ଥାନାରେ ୨୦ଟି ସଙ୍ଗିନ ମାମଲା ରହିଛି। ଏସବୁର ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି।

ଶନିବାରର ଘଟଣା ନେଇ ଥାନା ଅଧିକାରୀ ତଥା ଡିଏସ୍‌ପି ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନଂ. ୩୨୭/୨୫ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଖୋକା ଓ ଅନ୍ୟ ନମୁନା ସଂଗ୍ରହ କରିଛି। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଡିଏସ୍‌ପି ସ୍ୱାଇଁ, ଏସ୍‌ଆଇ ସିଲୁ ଧଳ, ଗଗନ ବେହେରା, ଏଏସ୍‌ଆଇ ରମେଶ ଚୌଧୁରୀ, ଗୁଣନିଧି ରାଉତ ଉପସ୍ଥିତ ଥିଲେ।

# କଲେଜ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର ଅଭିଯୋଗ

**ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ**

ଦେଓଗାଁ/ବଲାଙ୍ଗୀର, ୨।୮ (କୃଷ୍ଣପ୍ରସାଦ ପାଣିଗ୍ରାହୀ/ବୀରେନ୍ଦ୍ର କୁମାର ଝାଙ୍କର)

ଜଣେ କଲେଜ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇଯାଇ ବଳାତ୍କାର କରିବା ପରେ ଅନ୍ତରଙ୍ଗ ସମୟର ଭିଡିଓ ଭାଇରାଲ କରିବା ଘଟଣା ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି କାଣ୍ଡ ଘଟାଇଥିବା ଯୁବକ ଜଣକ ପୂର୍ବରୁ ଏକ ବଳାତ୍କାର ମାମଲାରେ ଜେଲ ଯାଇ ନିକଟରେ ଜାମିନରେ ଆସିଥିବା କୁହାଯାଉଛି। ପୀଡ଼ିତାଙ୍କ ବାପା ଶନିବାର ନ୍ୟାୟ ପାଇଁ ଦେଓଗାଁ ଥାନାର ଦ୍ୱାରସ୍ଥ ହେବା ପରେ ଘଟଣା ସାମ୍ନାକୁ ଆସିଛି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ବୁଧବାର ଝିଅ ବାହାରକୁ ଯାଇଥିବାବେଳେ ଜଣେ ଯୁବକ ତାଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଯୁବକ ଜଣକ ଏହାର ଭିଡିଓ ମୋବାଇଲରେ କରିଥିଲା ବେଳେ କାହାକୁ ଘଟଣା ନେଇ କହିଲେ ଜୀବନରେ ମାରି ଦେବାର ଧମକ ଝିଅକୁ ଦେଇଥିଲେ। ଫଳରେ ଝିଅ ଘଟଣା ନେଇ କାହାକୁ କହି ନ ଥିଲେ। ଶୁକ୍ରବାର ଭିଡିଓ ଭାଇରାଲ ହେବା ପରେ ସେ ଏହା ଜାଣି ଏନେଇ ଝିଅକୁ ପଚାରି ସବୁ କଥା ବୁଝିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରିଛି। ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ଡିଏସ୍‌ପି ସମର୍ଥ କେ. ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ଅଭିଯୁକ୍ତ ଯୁବକ ଆକାଶ ବିଶ୍ୱାଳଙ୍କୁ ଗିରଫ କରାଯିବା ପରେ ଘଟଣା ବିଷୟରେ ସବିଶେଷ ତଥ୍ୟ ମିଳିବ ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ବଲାଙ୍ଗୀର ଏସପି ଅଭିଲାଷ ଜିଙ୍କୁ ପଚାରିବାରୁ ବଳାତ୍କାର ଓ ଅଶ୍ଳୀଳ ଭିଡିଓ ଭାଇରାଲ ନେଇ ଅଭିଯୋଗ ହେବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବା ଉଦ୍ୟମ କରାଯାଉଛି। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ମାମଲା ରହିଛି କି ନାହିଁ ସେନେଇ ତଦନ୍ତ କରାଯିବ। ସାମାଜିକ ଗଣମାଧ୍ୟମରୁ ଅଶ୍ଳୀଳ ଭିଡିଓକୁ ହଟାଯିବ ବୋଲି ସେ କହିଛନ୍ତି।



# ଭାରତୀୟ ପର୍ଯ୍ୟଟକଙ୍କୁ କଙ୍ଗନାଙ୍କ ସମାଲୋଚନା

ଶିମ୍‌ଲା

ହିମାଚଳ ପ୍ରଦେଶର ଏକ ଝରଣାରେ ପଡ଼ି ରହିଥିବା ବିଭିନ୍ନ ଅଳିଆ ଆବର୍ଜନାକୁ ଜଣେ ବିଦେଶୀ ପର୍ଯ୍ୟଟକ ଗୋଟାଇ ସେଗୁଡ଼ିକୁ ଡଷ୍ଟବିନ୍‌ରେ ପକାଉଥିବାବେଳେ ତାଙ୍କ ନିକଟରେ କେତେଜଣ ଭାରତୀୟ ପର୍ଯ୍ୟଟକ ଥିଲେ ମଧ୍ୟ ତାଙ୍କୁ ସାହାଯ୍ୟ ନ କରି ଝରଣାକୁ ଉପଭୋଗ କରୁଥିବାର ଦେଖିବାକୁ ମିଳିଛି। ଭିଡିଓରେ ବିଦେଶୀ ପର୍ଯ୍ୟଟକ ଜଣକ କହିଛନ୍ତି, ଯଦି ତାଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ଥାନ୍ତା, ତେବେ ସେ ଏହି ଝରଣା ନିକଟରେ ବସି ଅଳିଆ ଆବର୍ଜନା ନ ପକାଇବାକୁ ଲୋକଙ୍କୁ ତାଗିଦା କରନ୍ତେ। ବଲିଉଡ୍ ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାଓ୍ୱତ ଏହି ଭିଡିଓକୁ ଶନିବାର ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରି ଭାରତୀୟ ପର୍ଯ୍ୟଟକଙ୍କୁ ସମାଲୋଚନା କରିଛନ୍ତି। ସେ ଲେଖିଛନ୍ତି "ଏହା ଅତ୍ୟନ୍ତ ଲଜ୍ଜାକର ଘଟଣା। କେବେ ଆମେମାନେ ସୁଧୁରିବା। ଯେପରି ଆମେ ନିଜ ଘରକୁ ସଫାସୁତରା ରଖୁଛେ, ସେହିପରି ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ସଫାସୁତରା ରଖିବା ମଧ୍ୟ ଆମମାନଙ୍କର ଦାୟିତ୍ୱ।"

**ରାଜ୍ୟ ଖବର**

# 'ଅପରେଶନ ସିନ୍ଦୂର' ମାଧ୍ୟମରେ ବିଶ୍ୱ ଭାରତର ସାମର୍ଥ୍ୟ ଦେଖିଛି: ଯୋଗୀ

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)


ବାରାଣସୀର ସେବାପୁରୀ ଅଞ୍ଚଳର ଗ୍ରାମ ସଭା-ବାନାଉଲି (କାଳିକା ଧାମ)ରେ ଆୟୋଜିତ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ଅନ୍ୟ ନେତୃବୃନ୍ଦ।

'ଅପରେଶନ ସିନ୍ଦୂର' ମାଧ୍ୟମରେ ବିଶ୍ୱ ଭାରତର ଶକ୍ତି ଓ ସାମର୍ଥ୍ୟ ଦେଖିଛି। ନୂଆ ଭାରତ ପହଲଗାମ୍‌ର ଅପରାଧୀମାନଙ୍କୁ ନିପାତ କରିବା ସହ ଶତ୍ରୁଙ୍କୁ ସେମାନଙ୍କ ନିଜ ଅଞ୍ଚଳରେ ମଧ୍ୟ ନିଶ୍ଚିହ୍ନ କରିବାର କ୍ଷମତା ରଖିଛି। ବାରାଣସୀର ସେବାପୁରୀ ଅଞ୍ଚଳର ଗ୍ରାମ ସଭା-ବାନାଉଲି (କାଳିକା ଧାମ)ରେ ଆୟୋଜିତ ଉଦ୍‌ଘାଟନ ଓ ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହା କହିଛନ୍ତି। ସେ କହିଲେ, ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା। ଗତ ୧୧ ବର୍ଷରେ ୫୦ରୁ ଅଧିକ ଦେଶ ତାଙ୍କୁ ସେମାନଙ୍କ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି। ପ୍ରଧାନମନ୍ତ୍ରୀ କାଶୀକୁ ସନାତନ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ ଭାବେ ଦେଖନ୍ତି। ଗତ ୧୧ ବର୍ଷରେ କାଶୀ ଐତିହ୍ୟ ଓ ଆଧୁନିକତାର ଅନୁପମ ସମ୍ମିଶ୍ରଣ ହୋଇ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ପ୍ରଥମଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀକୁ ୫୧ ଥର ପରିଦର୍ଶନ କରିଛନ୍ତି। ବାରାଣସୀ ପାଇଁ ୫୧ହଜାର କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦିତ ହୋଇଛି। ଏଥିରୁ ୩୪ହଜାର କୋଟି ଟଙ୍କାର ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ କାଶୀକୁ ନୂଆ ପରିଚୟ ଦେଇଛି। ବର୍ତ୍ତମାନ ୧୬ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଚାଲୁ ରହିଛି। ଏଥର ପ୍ରଧାନମନ୍ତ୍ରୀ କାଶୀକୁ ୨,୨୦୦ କୋଟି ଟଙ୍କାର ପ୍ରକଳ୍ପ ଉପହାର ଦେଉଛନ୍ତି, ଯାହା ସଂଯୋଗ, ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ଓ ସାଂସ୍କୃତିକ ପୁନରୁଦ୍ଧାର ଉପରେ କେନ୍ଦ୍ରୀଭୂତ। ପୂର୍ବରୁ ଅନେକ କୃଷକ କୃଷି ଛାଡୁଥିଲେ ଓ କେତେଜଣ ଆତ୍ମହତ୍ୟା କରିଥିଲେ। ମାତ୍ର ୧୧ ବର୍ଷରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପିଏମ ଫସଲ ବୀମା, ପିଏମ ସିଞ୍ଚାଇ ଯୋଜନା ଓ ବିହନରୁ ବଜାର ପର୍ଯ୍ୟନ୍ତ ସମର୍ଥନ ଭଳି ପଦକ୍ଷେପ ଏକ ଦୃଢ଼ ବ୍ୟବସ୍ଥା ଗଢ଼ିଛି ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କାଶୀରୁ ପ୍ରାୟ ୧୦ କୋଟି କୃଷକଙ୍କୁ ପିଏମ୍ କିଶାନ ଯୋଜନାର ଲାଭ ପ୍ରଦାନ କରିଥିଲେ। ଉତ୍ତରପ୍ରଦେଶରେ ୨.୩ କୋଟି କୃଷକ ପିଏମ-କିଶାନର ୨୦ତମ କିସ୍ତି ପାଉଛନ୍ତି, ଯେଉଁଥିରେ କାଶୀର ୨.୨୧ ଲକ୍ଷ ପରିବାର ରହିଛନ୍ତି। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକ, ଭାଜପା ରାଜ୍ୟ ସଭାପତି ଚୌଧୁରୀ ଭୂପେନ୍ଦ୍ର ସିଂହ ଏବଂ ରାଜ୍ୟ ମନ୍ତ୍ରୀ ସୂର୍ଯ୍ୟପ୍ରତାପ ଶାହୀ, ସୁରେଶ ଖନ୍ନା, ଅନିଲ ରାଜଭର, ରବୀନ୍ଦ୍ର ଜୟସୱାଲ ଓ ଦୟାଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଷିକ ଆଧାରରେ ସୁନା ଚାହିଦା ୩% ବୃଦ୍ଧି

ଭୁବନେଶ୍ୱର,୨।୮

କ୍ରମାଗତ ଭାବେ ସୁନାର ଚାହିଦା ବୃଦ୍ଧି ପାଇଛି। ଚଳିତ ବର୍ଷର ମୋଟ ତ୍ରୈମାସିକ ସୁନା ଚାହିଦା (ଓଟିସି ସମେତ) ୧୨୪୯ ଟନ୍‌ରେ ପହଞ୍ଚିଛି। ଏହା ଉଚ୍ଚ ମୂଲ୍ୟ ପରିବେଶରେ ଅଭିବୃଦ୍ଧି ସହ ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇଛି। ୱାର୍ଲ୍ଡ ଗୋଲ୍ଡ କାଉନସିଲ (ଡବ୍ଲ୍ୟୁଜିସି)ର ୨୦୨୫ କ୍ୟୁ୨ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟରେ ଉପରୋକ୍ତ ତଥ୍ୟରୁ ଏହା ଜଣାପଡ଼ିଛି। ଏପରିକି ସୁଦୃଢ଼ ସୁନା ନିବେଶ ପ୍ରବାହ ତ୍ରୈମାସିକ ଅଭିବୃଦ୍ଧିକୁ ବହୁମାତ୍ରାରେ ପ୍ରୋତ୍ସାହିତ କରିଛି। ଗୋଲ୍ଡ ଇଟିଏଫ୍ ନିବେଶ ମୋଟ ଚାହିଦାର ଏକ ପ୍ରମୁଖ ପରିଚାଳକ ଭାବେ ବଜାୟ ରହିଥିବାବେଳେ ୨୦୨୪ର ୨ୟ ତ୍ରୈମାସିକରେ ସ୍ୱଳ୍ପ ରପ୍ତାନି ତୁଳନାରେ ଚଳିତ ବର୍ଷ ୨ୟ ତ୍ରୈମାସିକରେ ୧୭୦ ଟନର ସୁନା ଆମଦାନୀ ହୋଇଛି। ପ୍ରଥମ ତ୍ରୈମାସିକରେ ରେକର୍ଡ ଇନ୍‌ଫ୍ଲୋ ସହ ମିଳିତ ହୋଇ ଗ୍ଲୋବାଲ ଗୋଲ୍ଡ ଇଟିଏଫ ଚାହିଦା ୩୯୭ ଟନରେ ପହଞ୍ଚିଛି; ଯାହାକି ୨୦୨୦ ପରଠାରୁ ପ୍ରଥମ ୬ ମାସରେ ସର୍ବାଧିକ ବୋଲି କୁହାଯାଉଛି। ସେହିଭଳି ମୋଟ ବାର୍ ଓ କଏନ ନିବେଶ ମଧ୍ୟ ବାର୍ଷିକ ଆଧାରରେ ୧୧% ବୃଦ୍ଧି ପାଇ ୩୦୭ ଟନ ରହିଛି। ଏହାର ମଧ୍ୟରେ ଭାରତୀୟ ନିବେଶକମାନେ ନିଜର ହୋଲ୍ଡିଂ ବଢାଇବା ଜାରି ରଖିଛନ୍ତି, ଯାହା ୨ୟ ତ୍ରୈମାସିକରେ ମୋଟ ୪୬ ଟନ ରହିଛି। ୨୦୨୫ର ୨ୟ ତ୍ରୈମାସିକରେ କେନ୍ଦ୍ରୀୟ ବ୍ୟାଙ୍କଗୁଡିକର କ୍ରୟ ୧୬୬ ଟନ୍ ରହିଛି। ଏହି ହ୍ରାସ ସତ୍ତ୍ୱେ କେନ୍ଦ୍ରୀୟ ବ୍ୟାଙ୍କର କ୍ରୟ ବର୍ତ୍ତମାନ ଜାରି ରହିଥିବା ଅର୍ଥନୈତିକ ଓ ଭୂରାଜନୈତିକ ଅନିଶ୍ଚିତତା କାରଣରୁ ଯଥେଷ୍ଟ ଉଚ୍ଚସ୍ତରରେ ରହିଛି।

ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନସିଲର ବରିଷ୍ଠ ବଜାର ବିଶେଷଜ୍ଞ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ଚଳିତ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ଭାବେ ଆମେ ଦେଖିଥିବା ମଜଭୁତ ନିବେଶ ଗତିବିଧି, ଏକ ଅର୍ଥନୈତିକ ଓ ଭୂରାଜନୈତିକ ବିପଦ ବିରୋଧରେ ଏକ ସୁରକ୍ଷାକବଚ ଭାବେ ସୁନାର ଭୂମିକାକୁ ସୂଚିତ କରୁଛି। ଗତ କିଛି ମାସରେ ସୁନାର ପ୍ରଭାବଶାଳୀ ପ୍ରଦର୍ଶନ ସହ ମିଳିତ ଭାବେ ବିଦ୍ୟମାନ ବଜାର ଅସ୍ଥିରତା ବିଶ୍ୱବ୍ୟାପୀ ନିବେଶକଙ୍କଠାରୁ ପୁଞ୍ଜି ଆକର୍ଷିତ କରିବା ସହ ଗୁରୁତ୍ୱପୂର୍ଣ୍ଣ ବେଗ ସୃଷ୍ଟି କରିଛି। ଡଲାର ଦୃଷ୍ଟିରେ ସୁନା ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଏକ ଉଲ୍ଲେଖନୀୟ ୨୬% ବୃଦ୍ଧି ହାସଲ କରିଛି, ଯାହା ଅନେକ ପ୍ରମୁଖ ସମ୍ପତ୍ତି ଶ୍ରେଣୀକୁ ପଛରେ ପକାଇଛି। ବିଶ୍ୱ ଅର୍ଥନୀତି କିମ୍ବା ଭୂରାଜନୈତିକ ସ୍ଥିତିରେ କୌଣସି ପ୍ରକାର ସାମଗ୍ରିକ ଅବନତି, ସୁନାର ସୁରକ୍ଷିତ ଆକର୍ଷଣକୁ ବହୁଗୁଣିତ ଏବଂ ଯାହା ଏହାର ମୂଲ୍ୟକୁ ଆହୁରି ବୃଦ୍ଧି କରିପାରେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ ଇଣ୍ଡିଆର ରିଜିଓନାଲ ସିଇଓ ସଚିନ ଜୈନ କହିଛନ୍ତି, ଭାରତରେ ସୁନାର ଚାହିଦା ରହିଛି। ଗତ ବର୍ଷର ୧୪୯.୭ ଟନ୍ ସୁନା ଚାହିଦା ତୁଳନାରେ ଚଳିତ ବର୍ଷ ସୁନା ଚାହିଦା ପରିମାଣରେ ୧୦%ର ହ୍ରାସ ହୋଇ ୧୩୪.୯ ଟନ ରହିଥିବା ସତ୍ତ୍ୱେ ଏହି ଚାହିଦାର ମୂଲ୍ୟ ୩୦% ବୃଦ୍ଧି ପାଇଛି। ସୁନାର ହାରାହାରି ତ୍ରୈମାସିକ ଅନ୍ତର୍ଜାତୀୟ ମୂଲ୍ୟ ପ୍ରତି ଆଉନ୍ସ ୩୨୮୦.୪ ଡଲାରରେ ପହଞ୍ଚିଛି ଏବଂ ଘରୋଇ ମୂଲ୍ୟ ୧୦ଗ୍ରାମ ପିଛା ୯୦,୩୦୬.୮ ଟଙ୍କା ରହିଛି। ଏହା ଏକ ସୁରକ୍ଷିତ ସମ୍ପତ୍ତି ଭାବେ ସୁନାର ସ୍ଥାୟୀ ଆକର୍ଷଣ ସ୍ପଷ୍ଟ ସୂଚକ ରହିଛି। ନିବେଶ ଦୃଷ୍ଟିରୁ ଚାହିଦା ପରିମାଣ ୭% ବୃଦ୍ଧି ହୋଇ ୪୬.୧ଟନରେ ପହଞ୍ଚିଛି ଏବଂ ମୂଲ୍ୟ ୫୪% ବୃଦ୍ଧି ହୋଇ ୪୧,୬୫୦କୋଟି ଟଙ୍କା ରହିଛି। ଭାରତକୁ ଆମଦାନୀ ହୋଇଥିବା ସୁନା ପରିମାଣ ୩୪% ହ୍ରାସ ହୋଇ ୧୦୨.୫ ଟନ ରହିଥିବାବେଳେ ସୁନା ରିସାଇକ୍ଲିଂ ସ୍ଥିର ରହିଛି; ଯାହା ୧% ବୃଦ୍ଧି ହୋଇ ୨୩.୧ ଟନରେ ପହଞ୍ଚିଛି। ସାମଗ୍ରିକ ଭାବେ ଚଳିତ ବର୍ଷର ୨ୟ ତ୍ରୈମାସିକ ସୁଦ୍ଧା ଭାରତରେ ସୁନାର ମୌଳିକ ଭୂମିକାକୁ ଶକ୍ତିଶାଳୀ କରିଛି। ୨୦୨୫ ଜାନୁଆରୀରୁ ଜୁନ୍ ମଧ୍ୟରେ ମୋଟ ସୁନା ଚାହିଦା ହାରାହାରି ୨୫୩ ଟନ ରହିଥିବାବେଳେ ଆମେ ସମ୍ପୂର୍ଣ୍ଣ ବର୍ଷର ଚାହିଦା ୬୦୦ରୁ ୭୦୦ ଟନ୍ ମଧ୍ୟରେ ରହିବ ବୋଲି ଆକଳନ କରୁଛୁ।

# ଅଫ୍‌ଲାଇନ ପାର୍ଟନର ପ୍ରୋଗ୍ରାମ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨।୮

ଫୋନ୍‌ପେର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଅଫ୍‌ଲାଇନ ପାର୍ଟନର ପ୍ରୋଗ୍ରାମ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ସେବା ପ୍ରଦାନକାରୀଙ୍କ ମାଧ୍ୟମରେ ଭାରତରେ ମର୍ଚ୍ଚାଣ୍ଟ ଇକୋସିଷ୍ଟମକୁ ଶକ୍ତିଶାଳୀ କରିବା ପାଇଁ ଉଦ୍ଦିଷ୍ଟ ଏକ କୌଶଳଗତ ପଦକ୍ଷେପ ବୋଲି କୁହାଯାଉଛି। ଏହି ପ୍ରୋଗ୍ରାମଟି ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ବିଲିଂ ସଫ୍ଟୱେର, ଏଣ୍ଟରପ୍ରାଇଜ ରିସୋର୍ସ ପ୍ଲାନିଂ (ଇଆରପି) ସଫ୍ଟୱେର, ଭେଣ୍ଡିଂ ମେସିନ ଏବଂ ସେଲ୍ଫ-ସର୍ଭିସ କିଓସ୍କ ସମେତ ବିଭିନ୍ନ ସେବା ପ୍ରଦାନ କରୁଥିବାବେଳେ ସେବା ପ୍ରଦାନକାରୀମାନଙ୍କୁ ସେମାନଙ୍କର ଗ୍ରାହକମାନଙ୍କୁ ଫୋନ୍‌ପେ'ର ସମନ୍ୱିତ ସଲ୍ୟୁସନଗୁଡ଼ିକ ରେଫର କରିବା ଏବଂ କଷ୍ଟମାଇଜ କରାଯାଇଥିବା କମିଶନ ବା ରୋଜଗାର କରିବାର ବିଶେଷ ସୁଯୋଗ ପ୍ରଦାନ କରିଥାଏ। ସେହିଭଳି ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ସେବା ପ୍ରଦାନକାରୀ (ପାର୍ଟନର) ଓ ସେମାନଙ୍କର ମର୍ଚ୍ଚାଣ୍ଟ (କ୍ଲାଏଣ୍ଟ)ଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ବିଲିଂ ଏବଂ ଇଣ୍ଟିଗ୍ରେଟେଡ୍ ପେମେଣ୍ଟ ସଲ୍ୟୁସନ ପ୍ରଦାନ କରିପାରିବେ। ଏହି ସୁବିଧା ମର୍ଚ୍ଚାଣ୍ଟଙ୍କ ପାଇଁ ପେମେଣ୍ଟ ମ୍ୟାନେଜମେଣ୍ଟକୁ ସରଳ କରିବାରେ ସାହାଯ୍ୟ କରିବ, ଯାହା ସେମାନଙ୍କ ଷ୍ଟୋରର କାର୍ଯ୍ୟ ସଞ୍ଚାଳନକୁ ସୁଗମ କରିବ।

# ସନ୍ ଅଫ୍ ସର୍ଦ୍ଦାର ୨ ସହ ପେଟ୍‌ସଫାର ବୁଝାମଣା

ଭୁବନେଶ୍ୱର,୨।୮




ବିଜିଆ ହର୍ବାଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରମୁଖ ଆୟୁର୍ବେଦ ବ୍ରାଣ୍ଡ ତଥା ପେଟସଫା ଏବଂ ବଲିଉଡ୍ ଚଳଚ୍ଚିତ୍ର 'ସନ୍ ଅଫ୍ ସର୍ଦ୍ଦାର ୨' ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ ପକ୍ଷଙ୍କ ପ୍ରଚାର ଓ ପ୍ରସାର ସହ ସ୍ୱାସ୍ଥ୍ୟ ଏବଂ ମନୋରଞ୍ଜନ ପାଇଁ ଏହି ବୁଝାମଣା ହୋଇଛି ବୋଲି କୁହାଯାଉଛି। ସେହିଭଳି ଉଦ୍ୟୋଗୀ ତଥା ନିବେଶକ ଡ. ସଞ୍ଜୀବ ଜୁନେଜା ଚଳଚ୍ଚିତ୍ରର ସଫଳତା ପାଇଁ ତାଙ୍କ ଶୁଭେଚ୍ଛା ଜଣାଇଛନ୍ତି। ଏହି ଚଳଚ୍ଚିତ୍ରର ଶୁଟିଂ ସମୟରେ ଅଜୟ ଦେବଗନ କହିଥିଲେ, ଉଦରଗୁଡ଼ିକ ସର୍ବଦା ମହାନ୍ ହେବା ଉଚିତ, କାରଣ ଯେତେବେଳେ ତୁମର ପେଟ ହାଲୁକା ଅନୁଭବ ହୁଏ, ଜୀବନ ଚିନ୍ତାମୁକ୍ତ ଅନୁଭବ ହୋଇଥାଏ। ସେଥିପାଇଁ ମୁଁ ପେଟ୍‌ସଫାକୁ ସୁପାରିସ୍ କରୁଛି। ଏହା କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଏସିଡିଟି ଦୂର କରିବାରେ ବେଶ୍ ସାହାଯ୍ୟ କରିଥାଏ। ବିଜିଆ ହର୍ବାଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିନିଧି କହିଛନ୍ତି, ଫିଲ୍ମର ଶକ୍ତି ଏବଂ ବ୍ୟାପକ ଦର୍ଶକଙ୍କ ସହ ସଂଯୋଗ ସ୍ଥାପନ କରିବାର କ୍ଷମତାକୁ ବିଚାରକୁ ନେଇ ଆମେ ଆମର ପ୍ରମୁଖ ଉତ୍ପାଦ ପେଟ ସଫା ଆୟୁର୍ବେଦିକ ଲାକ୍ସିଭ୍ ଗ୍ରୀନ୍ ଟି ପାଇଁ ସନ୍ ଅଫ୍ ସର୍ଦ୍ଦାର ୨କୁ ପ୍ରମୋସନାଲ୍ ପାର୍ଟନର ଭାବେ ଚୟନ କରିଛୁ। ଯଦି ସକାଳେ ଆପଣଙ୍କ ପେଟ ସମ୍ପୂର୍ଣ୍ଣ ସଫା ଅନୁଭବ ହେଉନାହିଁ, ତେବେ ରାତିରେ କେବଳ ଗୋଟିଏ କପ୍ ପେଟ୍‌ସଫା ଗ୍ରୀନ୍ ଟି' ପିଅନ୍ତୁ। ସକାଳ ସୁଦ୍ଧା ଆପଣ ଆପଣଙ୍କ ଦିନ ସମ୍ପୂର୍ଣ୍ଣ ସତେଜ ଏବଂ ହାଲୁକା ଅନୁଭବ କରି ଆରମ୍ଭ କରିବେ ବୋଲି ପ୍ରତିନିଧି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଆଇସିଏଲ୍ ଫିନ୍‌କର୍ପର ନୂତନ ଏନ୍‌ସିଡି

ଭୁବନେଶ୍ୱର,୨।୮

ଆଇସିଏଲ ଫିନ୍‌କର୍ପ ଲିମିଟେଡ୍ (ଆଇସିଏଲ ଫିନ୍‌କର୍ପ) ନୂତନ ଉତ୍ପାଦ ତଥା ଏକ ସାର୍ବଜନୀନ ଇସ୍ୟୁ ସିକ୍ୟୁର୍ଡ ରିଡିମେବଲ୍ ନନ୍-କନ୍‌ଭର୍ଟିବଲ୍ ଡିବେଞ୍ଚର(ଏନ୍‌ସିଡି)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଇସ୍ୟୁ ୨୦୨୫ ଅଗଷ୍ଟ ୧୩ରେ ବନ୍ଦ ହେବ। ବିଶେଷ କରି ୧୨.୬୨% ପର୍ଯ୍ୟନ୍ତ ପ୍ରଭାବଶାଳୀ ଲାଭ ସହ ଏହି ଅଫରିଂ ନମନୀୟ ଅବଧି ଖୋଜୁଥିବା ଲୋକଙ୍କ ପାଇଁ ଏକ ଆକର୍ଷଣୀୟ ଏବଂ ସୁରକ୍ଷିତ ନିବେଶ ସୁଯୋଗ ପ୍ରଦାନ କରୁଛି। ସେହିଭଳି ଏହାକୁ କ୍ରିସିଲ ବିବିବି-/ଷ୍ଟାବଲ ରେଟିଂ ଦିଆଯାଇଛି। ଏହାର ପ୍ରତ୍ୟେକ ଏନ୍‌ସିଡିର ମୂଲ୍ୟ ପ୍ରାୟ ୧,୦୦୦ ଟଙ୍କା ସହ ଏହି ଇସ୍ୟୁ ୧୦ଟି ବିକଳ୍ପ(୧୦ ଆଇଏସ୍‌ଆଇଏନ୍) ଏବଂ ୧୦ଟି ଯୋଜନା ପ୍ରଦାନ କରିଥାଏ। ଏହାର ସୁଧହାର ୧୦.୫୦%ରୁ ୧୨.୦୦% ପର୍ଯ୍ୟନ୍ତ ରହିଛି। ଏହାର ସର୍ବନିମ୍ନ ଆବେଦନ ପରିମାଣ ପ୍ରାୟ ୧୦,୦୦୦ ଟଙ୍କା ରହିଛି, ଯାହା ଏହାକୁ ବିଭିନ୍ନ ନିବେଶକଙ୍କ ପାଇଁ ଉପଲବ୍ଧ କରିଥାଏ। ସେହିପରି ଏହି ଇସ୍ୟୁରୁ ପ୍ରାପ୍ତ ଅର୍ଥକୁ ଆଇସିଏଲ ଫିନ୍‌କର୍ପର ଅଭିବୃଦ୍ଧି ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ଏବଂ ସାରା ଭାରତରେ ପ୍ଲାଟଫର୍ମ ଗ୍ରାହକ ଓ ଅଂଶୀଦାରମାନଙ୍କୁ ପ୍ରଦାନ କରାଯାଉଥିବା ସେବାର ଗୁଣବତ୍ତା ବୃଦ୍ଧି କରିବା ପାଇଁ ରଣନୀତିକ ଭାବେ ନିୟୋଜିତ କରାଯିବ। ଅପରପକ୍ଷରେ କମ୍ପାନୀର ଏହି ପଦକ୍ଷେପ ନିର୍ଭରଯୋଗ୍ୟ, ଅଭିନବ ଏବଂ ଗ୍ରାହକ-କେନ୍ଦ୍ରିକ ଆର୍ଥିକ ସମାଧାନ ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥାଏ। ଦୀର୍ଘ୩୪ବର୍ଷର ଐତିହ୍ୟସହିତ ଆଇସିଏଲ ଫିନ୍‌କର୍ପର ସିଏମଡି ଆଡଭୋକେଟ ଅନିଲ କୁମାରଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଏହା ଏକ ବିଶ୍ୱସ୍ତ ଆର୍ଥିକ ଅଂଶୀଦାର ଭାବେ କାର୍ଯ୍ୟ କରିଆସୁଛି।

# ଦକ୍ଷତା ବିକାଶ ଜରିଆରେ ସାମୁଦାୟିକ ସଫଳତା



କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨।୮

ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ବେଦାନ୍ତ ଆଲୁମିନିୟମର ଟ୍ରେନିଂ ସେଣ୍ଟର ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏପରିକି କମ୍ପାନୀର ଲାଞ୍ଜିଗଡ଼ ୟୁନିଟ୍ ଜରିଆରେ ପରିଚାଳିତ ସ୍କିଲ ଟ୍ରେନିଂ ସେଣ୍ଟର ପ୍ରାୟ ୯୨% ନିଯୁକ୍ତି ହାର ହାସଲ କରିଛି। କମ୍ପାନୀର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ଏହି ସଫଳତା ମିଳିଛି। ବିଶେଷକରି ଏହାର ପ୍ରଥମ ବ୍ୟାଚ୍ ବା ଖାଦ୍ୟ ଏବଂ ପାନୀୟ ବର୍ଗର ତାଲିମ ସଫଳତାର ସହ ଶେଷ ହୋଇଛି। ସେଣ୍ଟରର ଏହି ମାଇଲଖୁଣ୍ଟ ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତା ସହିତ ସଜ୍ଜିତ କରିବା ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି।

ସେହିଭଳି ଚାକିରି ସ୍ଥାନ ବ୍ୟତୀତ ଏହି କାର୍ଯ୍ୟକ୍ରମ ଡିଜିଟାଲ ଶିକ୍ଷାରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଏହି କାର୍ଯ୍ୟକ୍ରମର ସମସ୍ତ ଅଂଶଗ୍ରହଣକାରୀ ପ୍ରଶିକ୍ଷାର୍ଥୀ ୪୦ ଘଣ୍ଟାର ଆଇଟି ସାକ୍ଷରତା ତାଲିମ ସମାପ୍ତ କରିଛନ୍ତି। ଏହା ଡିଜିଟାଲ ସଶକ୍ତୀକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ୯୦% ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏହା ଡିଜିଟାଲ ଶିକ୍ଷା ପ୍ରତି ସେମାନଙ୍କର ପ୍ରଥମ ଅଭିଜ୍ଞତା ଥିଲା। ଏହା ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ସହ ଦକ୍ଷତା ପ୍ରଦାନ କରିଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନାର ସିଇଓ (ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ କଳାହାଣ୍ଡିର ଯୁବପିଢ଼ିଙ୍କ ଆକାଂକ୍ଷାକୁ ସକ୍ଷମ କରିବା ପାଇଁ ଗଭୀର ଭାବେ ପ୍ରତିବଦ୍ଧ ଅଛୁ।

# ସାଇଟ୍ ସ୍କିମ୍ ଅଧୀନରେ ଏସିଏମ୍‌ଇକୁ ଏଲ୍‌ଓଏ

ଭୁବନେଶ୍ୱର,୨।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏସିଏମ୍‌ଇ ଗ୍ରୁପ୍‌କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ସୋଲାର ଏନର୍ଜି କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏସ୍‌ଇସିଆଇ) ଦ୍ୱାରା କମ୍ପାନୀକୁ ଗ୍ରୀନ୍ ଆମୋନିଆ ଉତ୍ପାଦନ ପ୍ରକଳ୍ପ ପାଇଁ ଲେଟର ଅଫ୍ ଆୱାର୍ଡ (ଏଲ୍‌ଓଏ) ପ୍ରଦାନ କରାଯାଇଛି। ବିଶେଷକରି ଷ୍ଟ୍ରାଟେଜିକ ଇଣ୍ଟରଭେନଶନ ଫର୍ ଗ୍ରୀନ୍ ହାଇଡ୍ରୋଜେନ ଟ୍ରାଞ୍ଜିସନ (ଏସ୍‌ଆଇଜିଏଚ୍‌ଟି/ସାଇଟ) ସ୍କିମ୍ ମୋଡ୍-୨ଏ, ଟ୍ରାଚ୍-ଆଇ ଅଧୀନରେ କମ୍ପାନୀ ଏହି ଲେଟର ଗ୍ରହଣ କରିଛି। ସେହିଭଳି ଏହା ଅଧୀନରେ କମ୍ପାନୀ କାର୍ଯ୍ୟ କରିବ ଏବଂ ଏସିଏମ୍‌ଇ ଗ୍ରୁପ୍ ଦ୍ୱାରା ଭାରତର ଅନ୍ୟତମ ସର୍ବବୃହତ୍ କେମିକାଲ ଓ ଫର୍ଟିଲାଇଜର କମ୍ପାନୀ ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍‌କୁ ଏହାର ପାରାଦୀପସ୍ଥିତ କାରଖାନା ପାଇଁ ୧୦ବର୍ଷ ଅବଧି ଲାଗି ୭୫,୦୦୦ ମେଟ୍ରିକ୍ ଟନର ଗ୍ରୀନ୍ ଆମୋନିଆ ଯୋଗାଣ କରିବ। ସେହିପରି ଏସିଏମ୍‌ଇ ଗ୍ରୁପ୍ ଏହାର ସହାୟକ ସଂସ୍ଥା ଏସିଏମ୍‌ଇ କ୍ଲିନ୍‌ଟେକ ସଲ୍ୟୁଶନ୍ସ ମାଧ୍ୟମରେ ସେବା ଯୋଗାଇବ। ଏ ସମ୍ପର୍କରେ ଏସିଏମ୍‌ଇ ଗ୍ରୁପ୍‌ର ଗ୍ରୀନ୍ ହାଇଡ୍ରୋଜେନ ଆଣ୍ଡ ଆମୋନିଆ ଏସ୍‌ବିୟୁର ମୁଖ୍ୟ ପରିଚାଳନା ଅଧିକାରୀ ଅନିଲ କୁମାର ଟାପରିଆ କହିଛନ୍ତି, ସାଇଟ ସ୍କିମ ଅଧୀନରେ ଏସ୍‌ଇସିଆଇଠାରୁ ଏହି ଲେଟର ଅଫ୍ ଆୱାର୍ଡ ମିଳିଥିବାବେଳେ ଭାରତର ଶକ୍ତି ରୂପାନ୍ତରଣକୁ ସକ୍ଷମ କରିବା ଦିଗରେ ଆମର ଯାତ୍ରା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି।

# ବଜାରରେ କ୍ୟୁରିଅସ୍ ଚିଜ୍ ରେଞ୍ଜ

ଭୁବନେଶ୍ୱର,୨।୮

ଭାରତର ପ୍ରଥମ ପ୍ରୋବାୟୋଟିକ୍ ଚିଜ୍ ବ୍ରାଣ୍ଡ 'କ୍ୟୁରିଅସ୍ ଚିଜ୍'ର ଶୁଭାରମ୍ଭ ଶୁକ୍ରବାର ଓଡ଼ିଶା ବଜାର (ଭୁବନେଶ୍ୱର)ରେ ହୋଇଯାଇଛି। ବିଶେଷକରି ଭୁବନେଶ୍ୱରରୁ ଏହି ବ୍ରାଣ୍ଡ ଯାତ୍ରା ଆରମ୍ଭ କରିଛି। ଏହା ଭାରତର ସୁସ୍ଥତା-ଆଗକୁ ଖାଦ୍ୟ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ଭାବେ ଚିହ୍ନିତ ହେବ। ଏହା ଓଡ଼ିଶାକୁ ଦୁଗ୍ଧ କ୍ଷେତ୍ରରେ ନବସୃଜନ ସହ ଜାତୀୟ ମାନଚିତ୍ରରେ ମଧ୍ୟ ସ୍ଥାନିତ କରୁଛି।

ଅପରପକ୍ଷରେ ହାର୍ଭାର୍ଡ ମେଡିକାଲ ସ୍କୁଲ ପ୍ରମାଣିତ ନ୍ୟୁଟ୍ରିସନ୍ ଏକ୍ସପର୍ଟ ତଥା ମହିଳା ଉଦ୍ୟୋଗୀ ପ୍ରିୟଙ୍କା ଅଗ୍ରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବ୍ରାଣ୍ଡ ବିଜ୍ଞାନ, ପରମ୍ପରା ଏବଂ ସ୍ୱାଦକୁ ମିଶ୍ରଣକରି ଚିଜ୍ ତିଆରି କରୁଛି।

ବିଶେଷକରି ଏହା ସ୍ୱାଦ ସହ କୌଣସି ପ୍ରକାର ବୁଝାମଣା ନ କରି ସ୍ୱାସ୍ଥ୍ୟକୁ ବେଶ୍ ଗୁରୁତ୍ୱ ଦେଉଛି। ଏହି ଚିଜ୍ ତିନୋଟି ବର୍ଗରେ ମୋଜାରେଲା, ଓଆକ୍ସାକା ଏବଂ ଏଡାମ୍ ଅନ୍ତର୍ଭୁକ୍ତ ରହିଛି। ଏପରିକି ପ୍ରତି ବର୍ଗ ବା ପ୍ରତ୍ୟେକଟି ପ୍ୟାକ ପ୍ରୋଟିନ୍, କ୍ୟାଲସିୟମ ଏବଂ ଜୀବନ୍ତ ପ୍ରୋବାୟୋଟିକ୍ସରେ ଭରପୂର ରହିଛି।

ଏ ନେଇ ଅଗ୍ରୱାଲ କହିଛନ୍ତି, କ୍ୟୁରିଅସ୍ ଚିଜ୍ ବ୍ରାଣ୍ଡ ଓଡ଼ିଶାରେ ନୂଆ ବିପ୍ଲବ ଆଣିବ। ଆମେ ପ୍ରଥମ ପର୍ଯ୍ୟାୟରେ ନାଓ ଗ୍ରୋସରି ସହ ବ୍ୟବସାୟ ଆରମ୍ଭ କରିଛୁ।


**GOVERNMENT OF ODISHA** No.O-511
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, CUTTACK**
e-mail : serw_ctc@yahoo.com

No. Tender Online RWC-13/2025 — **e-Procurement NOTICE** — Letter No. 2625 Date : 26.07.2025

1. **Name of the work** : Construction of Road, Bridge & Building works.
2. **Class of contractor**
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-13/25 | 04.08.2025 at 11.30 A.M. | 25.08.2025 up to 05.00 P.M. | 25.08.2025 up to 02.00 P.M. | 26.08.2025 at 11.30 A.M. | Will be intimated later |

Further details can be seen from the website **www.tendersodisha.gov.in**

Sd./- Chief Construction Engineer
Rural Works Circle, Cuttack
OIPR-25097/11/0025/2526



Government of Odisha "e" procurement Notice
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
Bid Identification No. S.E (R&B)KPT - 09/2025-26
No.B-347

1. Name of the work : **Building works**
2. Total No. of works : 05 Nos.
3. Estimated cost : **Rs.5.04 to 48.35** Lakhs
4. Period of completion : 01 (One) Month to 04 (Four) Months
5. Date & Time of availability of bid document in the portal : From **05.08.2025** at 11.00 hours to **16.08.2025** upto 17.00 hours
6. Last date / Time for receipt of bids in the portal : **16.08.2025** upto 17.00 hours
7. Date of opening of Tender : **18.08.2025** at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

**Further details can be seen from the e-procurement portal https://tendersorissa.gov.in**

Sd./- Superintending Engineer
Koraput (R&B) Division
OIPR-34096/11/0027/2526



**OFFICE OF THE DEAN & PRINCIPAL, VSS INSTITUTE OF MEDICAL SCIENCES & RESEARCH, BURLA, (SAMBALPUR)**
No.5442/VIMSAR/DEAN/INDENT Dated, Burla, the 1st, August, 2025
**TENDER CALL NOTICE**

**No.E-285** : Sealed Tenders are invited from the interested firms for purchase of Chemicals, Glass wares, Plastic wares and consumables during the financial year 2025-26. The detail terms and conditions & make is available in this college website i.e. www.vimsar.ac.in and district website i.e. www.sambalpur.odisha.gov.in. which can be downloaded for necessary participation. The last date of receipt of tenders will be on **01.09.2025** latest **by 5.30 PM** which will be **opened on 02.09.2025 at 11.30 AM** in the Conference Hall of Dean & Principal, VIMSAR Burla.

Sd./- Dean & Principal
VSS Institution of Medical Sciences & Research, Burla
OIPR-10187/11/0041/2526



**OFFICE OF THE PRINCIPAL GOPABANDHU AYURVEDA MAHAVIDYALAYA**
V.I.P. ROAD, PURI (ODISHA)-752002
Tel : 06752-222072 (O) / E mail : principalgampuri@gmail.com
No.3111/GAM Dated : 02.08.2025
**Walk-in-Interview**

**No.E-283** : Walk in Interview for temporary and co-terminus post of One AYUSH Doctor (Ayurveda) and One MPHW for one year at Gopabandhu Ayurveda Mahavidyalaya, Puri for Central Sector Scheme for implementation of National programme on Osteoarthritis and other musculoskeletal disorders in Brahmagiri Block of Puri district and public health programme on AYUSH Geriatric Health Care Services - Vayomitra will be held in the office of the Principal of this institution on 11.08.2025 (Monday) at 11.00 A.M.
Details are available on website i.e. www.gampuri.nic.in

Sd./- Principal
Gopabandhu Ayurveda Mahavidyalaya, Puri
OIPR-10044/11/0006/2526



OFFICE OF THE SUPERINTENDENT
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL**
BERHAMPUR-760004, GANJAM, ODISHA
Tel.0680-2292624, FAX. : 0680-2292752//
E.mail : supdtmkcg@gmail.com, supdtmkcg-bam@gov.in
No. 16442 MCH/CS/XIX/2025 Date : 02.08.2025
**TENDER CALL NOTICE**

**No.E-281** : The Superintendent, MKCG Medical College Hospital Berhampur- 760004, Dist. Ganjam, Odisha Invites sealed tenders in the prescribed Proforma from the for **"Supply of Medicine & Surgical items" through Empanelled Store for M.K.C.G Medical College Hospital, Berhampur**. The tenderer should submit the tender in two Bids (i) Technical Bid and (ii) Price Bid. The Technical bid shall contain (1) Tender Cost (2) valid PAN CARD, (3) Valid GSTN Certificate as per the Govt. rule, (4) Valid Drug License issued by the Competitive Authority, (5) Valid ISI, ISO,GMP Certificate & (6) E-mail ID & Contact No. The Price bid should be submitted as per Proforma enclosed. The intending tenderers should submit their tenders separately in two sealed covers duly superscribed as Technical Bid for **"Supply of Medicine & Surgical items" through Empanelled Store with address & Price Bid for "Supply of Medicine & Surgical items"** through Empanelled Store with address putting in a single sealed cover.

The bidders may download the tender papers from websites: www.ganjam.odisha.gov.in. & www.mkcg.nic.in. The last date of receipt of tenders through Regd. Post / Speed post/ Courier is on or before **20.08.2025 at 05.00 PM** and will be opened on **22.08.2025 at 12:30 PM.** The date of opening may be differed/postponed in case of unavoidable circumstances.

The Superintendent, M.K.C.G Medical College Hospital, Berhampur reserves right to accept /reject/ cancel any or all the tenders in full or part without assigning any reason thereof.

Sd./- Superintendent
MKCG Medical College Hospital, Berhampur
OIPR-10028/11/0049/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ**
Tel. No. (06792)260788, e-Mail ID : mi.mayurbhanj@yahoo.co.in
**"e" Procurement Notice**
No.2859 Dated 01.08.2025
Identification No. - S.E.M.I.D. MBJ. No. - 05/MID, MBJ/2025-26

**No.A-457** : The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the website |
| 2 | Total No. of work | 7 Nos |
| 3 | Tender amount | 12.71 lakh to 33.89 lakh (Detail of work Annexed) |
| 4 | Class of Contractor | As Mentioned against Work |
| 5 | Period of Completion | As Mentioned against Work |
| 6 | Date & time of Availability of Bid Document in the Portal | 11.08.2025 at 10.00 A.M. to 22.08.2025 up to 5.00 P.M. |
| 7 | Last Date / Time for receipt of Bids in the Portal | 22.08.2025 up to 5.00 P.M. |
| 8 | Date/Time of Opening of Technical Bid | 25.08.2025 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I.Division, Mayurbhanj |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Sd./- Superintending Engineer
Minor Irrigation Division, Mayurbhanj
OIPR-32041/11/0012/2526



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
**ଜଟଣୀ ପୌରପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL : JATANI**
ସ୍ଥାନ – ଜଟଣୀ, ଜିଲ୍ଲା – ଖୋର୍ଦ୍ଧା, ୭୫୨୦୫୦
At/PS - Jatani, Dist. - Khordha (Odisha), Pin - 752050
E-mail : municipalityjatni@gmail.com, Phone No. 0674-2490826
No.4443 / Jatni, Date - 01.08.2025
**QUOTATION CALL NOTICE**

**No.C-802** : Sealed quotations are invited from registered Contractors/ Reputed Firms/ manufactures/ Suppliers having valid Income Tax and GST Registration Certificates for **Supplying & Spreading of Quarry Rubbish (Crusher Stone Dust) in various places for convenient to public in the eve of Ganesh Puja under Jatni Municipality** in two cover bid. The cover - 1 will contains technical bids and the cover 2 will contains the price bid. After evaluation of technical bid the financial bid of qualified bidders will be opened. The rate should be inclusive of all taxes, conveyance etc. complete in all respect. The tender paper will be available in Jatni Municipality Office on payment of Rs.2000/- (Rupees Two Thousand) and EMD of Rs.5,000/- (Rupees Five Thousand) in shape of Bank Draft/ Cheque in favour of Executive Officer, Jatni Municipality. The Quotation will be received on or before **dt. 11.08.2025 at 1:00 pm** and the bid will be opened on same date at 3:30 pm in the presence of the bidders or their authorized representative. The detailed Quotation Call Notice is also available in **www.khordha.nic.in (District Portal)** and **www.jatnimunicipality.in (Office Portal)**. The undersigned reserves all rights to accept / reject any or all quotations without assigning any reason thereof.

Sd./- Executive Officer
Jatni Municipality
OIPR-13041/11/0040/2526



[GOVERNMENT OF ODISHA] No.i-259
**OFFICE OF THE BLOCK DEVELOPMENT OFFICER, MUNIGUDA**
E-mail : ori-muniguda@nic.in
**INVITATIONS FOR BIDS (I.F.B.)**
**e-Procurement Notice**
**IDENTIFICATION NO.IFB-RC (BDO) MUNIGUDA 02/2025-26, DT.02.08.2025**
No.2527/2025 Dated - 02/08/2025

1. The Panchayat Samiti, Muniguda invites Percentage Rate bid in Single Cover System in **ONLINE MODE** for the construction of Building works (Civil + EI) as detailed in the Detailed Tender Call Notice **(D.T.C.N)** from the eligible class of contractors.
2. No. of works : **06 (Six) Nos.**
3. Cost of Tender Paper : **Rs.6,000/- (Rupees Six thousand) only**
4. Class of contractor : **"C" & "D" Class**
5. Date & Time of available in website & receipt online : **11:00 Hrs. of 06.08.2025 to 17:00 Hrs. of 20.08.2025.**
6. The Bidders have to participate in ONLINE bidding only. Further details can be seen from the State Govt. Portal website : https://tendersodisha.gov.in
7. Any corrigendum / Addendum will be displayed in the website https://tendersodisha.gov.in only

Sd./- Block Development Officer, Muniguda
OIPR-19042/11/0005/2526



**GOVERNMENT OF ODISHA** No.O-531
**OFFICE OF THE SUPERINTENDING ENGINEER, RURAL WORKS DIVISION, CUTTACK**
E-mail I.D. : rw_cuttack@yahoo.co.in, Ph. No. 0671-2440662
**2nd Corrigendum to Tender Call Notice No. Tender-Online-RWD Ctc-02/2025-26 dt.02.07.2025**
Due to unavoidable circumstances the dates are changing as follow :-

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| | | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| Superintending Engineer, Rural Works Divison, Cuttack | RWD Ctc-02/2025-26 | 21.07.2025 At 11.00 am | 11.08.2025 At 11.00 am | 02.08.2025 up to 5.00 pm | 20.08.2025 up to 5.00 pm | 01.08.2025 up to 5.00 pm | 19.08.2025 up to 5.00 pm | 04.08.2025 up to 11.00 am | 21.08.2025 up to 11.00 am | Will be Intimated later | Will be intimated later |

All other terms & conditions remain unchanged.

Sd./- Superintending Engineer
Rural Works Division, Cuttack
OIPR-25053/11/0035/2526

# ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅମିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖେଳାଳି, ଷ୍ଟାଫ୍‌ଙ୍କ ସହ ଚୁକ୍ତି ବାତିଲ କଲା ଓଏଫ୍‌ସି

**ଭୁବନେଶ୍ୱର,୨।୮ (ଅନାଦି କର)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ପରବର୍ତ୍ତୀ ସିଜନକୁ ନେଇ ଅନିଶ୍ଚିତତା ଜାରି ରହିଥିବା ବେଳେ ଓଡ଼ିଶା ଏଫ୍‌ସି ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି କ୍ଲବ ତା'ର ସମସ୍ତ ଖେଳାଳି ଓ ଷ୍ଟାଫ୍‌ଙ୍କ ଚୁକ୍ତିକୁ ସସ୍‌ପେଣ୍ଡ କରି ଦେଇଛି, ଯାହାକି ଆସନ୍ତା ୫ ତାରିଖରୁ ଆରମ୍ଭ ହୋଇଥାନ୍ତା। ଆଇଏସ୍ଏଲ୍‌ର ୭ ଦଳ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେଙ୍କୁ ଏକ ବୈଠକ ଲାଗି ଅନୁରୋଧ କରିଥିବା ବେଳେ ଓଡ଼ିଶା ଏଫ୍‌ସି ଲିଗ୍‌ର ପ୍ରଥମ ଦଳ ଭାବେ ଏଭଳି ନିଷ୍ପତ୍ତି ନେଇଛି। କ୍ଲବର ମାଲିକ ରୋହନ ଶର୍ମା ସୋସିଆଲ ମିଡିଆରେ ସ୍ପଷ୍ଟ କରିଛନ୍ତି ଯେ, ଓଡ଼ିଶା ଏଫ୍‌ସି ସମ୍ପୂର୍ଣ୍ଣ ରୂପେ ବନ୍ଦ ହେଉ ନାହିଁ। କ୍ଲବର କିଛି ମୁଖ୍ୟ ଷ୍ଟାଫ୍ ଏବେ ବି ଅଛନ୍ତି ଏବଂ ମହିଳା ଦଳର କାର୍ଯ୍ୟ ଜାରି ରହିବ। ଆଇଏସ୍ଏଲ୍‌ର ଭବିଷ୍ୟତକୁ ନେଇ କିଛି ସ୍ପଷ୍ଟ ହୋଇ ନ ଥିବା ବେଳେ ଅଧିକ ଟଙ୍କା ଖର୍ଚ୍ଚ କରିବା ଲାଗି ନିବେଶକାରୀଙ୍କୁ ବୁଝାଇବା କଷ୍ଟକର ହେଉଥିଲା। ଆଶା କରୁଛୁ ଆମର ଏହି ନିଷ୍ପତ୍ତି ଅନ୍ୟଙ୍କୁ ସମାଧାନ ଦିଗରେ ଯଥାଶୀଘ୍ର କାମ କରିବାକୁ ବାଧ୍ୟ କରିବ।

# ଭାରତ-ପାକିସ୍ତାନ ମ୍ୟାଚ୍ ଦୁବାଇରେ

## ଏସିଆ କପ୍ କ୍ରିକେଟ

**ଦୁବାଇ, ୨।୮ (ପି.ଟି.)**




ଆସନ୍ତା ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ସେପ୍ଟେମ୍ବର ୯ରେ ଆରମ୍ଭ ହେବ। ଏଥିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ ଦୁବାଇରେ ସେପ୍ଟେମ୍ବର ୧୪ରେ ଖେଳାଯିବ। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ତରଫରୁ ଶନିବାର ଘୋଷଣା କରାଯାଇଛି। ସେପ୍ଟେମ୍ବର ୨୧ରେ ସମାନ ଭେନ୍ୟୁରେ ଦୁଇ ଦଳ ପୁନର୍ବାର ଭେଟିବାର ସମ୍ଭବନା ରହିଛି। ଫାଇନାଲ ମଧ୍ୟ ଦୁବାଇରେ ସେପ୍ଟେମ୍ବର ୨୯ରେ ହେବ। ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତ ଓ ଶ୍ରୀଲଙ୍କାରେ ଟି୨୦ ବିଶ୍ୱକପ୍ ଖେଳାଯିବାକୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଟୁର୍ନାମେଣ୍ଟ ଅନ୍ତର୍ଜାତୀୟ ଟି୨୦ ଫର୍ମାଟରେ ଖେଳାଯିବ। କାର୍ଯ୍ୟସୂଚୀ ଜୁଲାଇ ୨୬ରେ ଘୋଷଣା କରାଯାଇଥିଲା। ହେଲେ ଏସିସି ତରଫରୁ ଭେନ୍ୟୁ ଘୋଷଣା କରାଯାଇ ନ ଥିଲା। ଟୁର୍ନାମେଣ୍ଟର ୧୯ଟି ଗେମ୍ ମଧ୍ୟରୁ ୧୧ଟି ଦୁବାଇରେ ଏବଂ ୮ଟି ଆବୁଧାବିରେ ଖେଳାଯିବ। ଭାରତ ଏହାର ଦୁଇଟି ଲିଗ୍ ଗେମ୍ ସେପ୍ଟେମ୍ବର ୧୦ (ବନାମ ୟୁଏଇ) ଓ ସେପ୍ଟେମ୍ବର ୧୪ (ବନାମ ପାକିସ୍ତାନ) ଦୁବାଇରେ ଖେଳିବାକୁ ଥିବା ବେଳେ ଓମାନ ବିପକ୍ଷ ଫାଇନାଲ ଲିଗ୍ ଗେମ୍ ସେପ୍ଟେମ୍ବର ୧୯ରେ ଆବୁଧାବିର ଶେଖ୍ ଜୟେଦ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସୁପର ସିକ୍ସରେ କେବଳ ଗୋଟିଏ ଗେମ୍ ଦୁବାଇରେ ଖେଳାଯିବ। ଭାରତ, ପାକିସ୍ତାନ, ଓମାନ ଓ ୟୁଏଇ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବାବେଳେ ଗ୍ରୁପ୍ 'ବି'ରେ ଆଫଗାନିସ୍ତାନ, ଶ୍ରୀଲଙ୍କା ବାଂଲାଦେଶ ଓ ହଂକଂ ସ୍ଥାନ ପାଇଛନ୍ତି।

## AFFIDAVIT

I **Arjoo Gattani,** W/O Saswat Routray, resident of Plot No: 31/2073, Lane No: 2A, Gangotri Nagar, Sisupal Garh, Bhubaneswar -751002, Odisha declare by this affidavit no: 41/2025 dtd. 03/05/2025 that now onwards I shall be known as **ARZOO GATTANI** for all future purposes.

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ଂନିଶି ରଞ୍ଜନ କର (ମିଲୁ)**
**ମଳାମାଛ, କାକଟପୁର**

ଆବିର୍ଭାବ: ୧୬।୦୬।୧୯୮୪
ତିରୋଧାନ: ୦୩।୦୮।୨୦୨୨

ଜୀବନରେ ସବୁ କିଛି ମିଳିଯାଇପାରେ, ହେଲେ ମୋର ସେ ପୁରୁଣା ଦିନ ଆଉ କେବେ ମିଳେନି। ତୋ ଭଲ ପାଇବାକୁ ଖୋଜୁଛି ମୋ ମନ, କେତେ କଷ୍ଟ ପାଉଛି ମୁଁ ଜାଣିଛୁ କି ଧନା ଏ ଜନ୍ମରେ ପାରିବିନି ଶୁଝି ତୋ ଋଣ, ସବୁ ଜନ୍ମରେ ଆସିବୁ ରହିଲା ମୋ ରାଣ। ହଜାର ଦୁଃଖ ଭିତରେ କେବଳ ତୁ ମୋ ଖୁସି, କିପରି ମତେ ଏକା ଛାଡ଼ି ଚାଲିଗଲୁ, ମୋ ଭାଇ ସରଗର ଶଶୀ। ପ୍ରଭୁ ଶ୍ରୀଜଗନ୍ନାଥ, ମା' ମଙ୍ଗଳାଙ୍କୁ କରୁଛି ମୁଁ ପ୍ରଣିପାତ, ତୋ ଅମର ଆତ୍ମା ଶାନ୍ତି ଲାଭ କରୁ କରୁଛି ମୁଁ କୋଟି କୋଟି ଦଣ୍ଡବତ।

ହତଭାଗିନୀ ନାନୀ
ଧ-୭୬୦୭୦

# Classified Everyday

**0674-2580101, 9692975378**



## MATRIMONIAL

## BRIDE WANTED

Bride wanted. Karan Gourbarnna lower middle class well educated 30-35 years, 5'6". Contact- 7873817735. D-1524

 କମ୍ପାନୀ ଚାକିରି ଓ ଭଲ ଆୟ ଥିବା +୨ ଶିକ୍ଷାଗତ ଯୋଗ୍ୟତାଯୁକ୍ତ ବ୍ରାହ୍ମଣ ପାତ୍ର ପାଇଁ ବ୍ରାହ୍ମଣ-ଅବଧାନ ଜାତିର ଗାଉଁଲି ପାତ୍ରୀ ଆବଶ୍ୟକ। ଯୋଗାଯୋଗ- 7750014461. D-1525

Handsome Teli Boy 1996, 5'7", B.Sc., MA Serving Airforce. "SUNASANSAR". 9937512659. D-76300

Looking for a Fair/ Slim homely Odia Khandayat/ Kshatriya bride age 22-28 from BHUBANESWAR for a fair looking handsome groom 31 years, 163 cm, 58 kg from an established/educated Kshatriya family working as permanent State Government Doctor (Medical Officer). Only Parents or bride should Contact directly with details in WhatsApp 7682077583. No middleman/ agent/ broker please. D-1477

## GROOM WANTED

ବୟସ 28, Nurse ଚାକିରି କରୁଥିବା ସୁନ୍ଦରୀ ସୁଶୀଳ କରଣ ଜାତିର ଝିଅଙ୍କ ପାଇଁ Private/ Business/ Government ବରପାତ୍ର ଆବଶ୍ୟକ। 7326056138. D-1529




## REAL ESTATE

## SALE

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

**A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452.** D-76478

ଭୁବନେଶ୍ୱର AIIMS MEDICAL ପାଖରେ B.D.A Town Planning, Road 30ft, Electricity, Yellowzone ଘରବାଡ଼ି ପାଚେରି ସହ ପ୍ଲଟ ମିଳୁଅଛି। (No broker). 9437537549, 7735595306. D- 1515

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

5-Story Building for rent approx 10,000sqft Palasuni, Bhubaneswar Spacious 1BHK & 2BHK units available. Ideal for Ladies/Gents Hostel, Tutorial Center, Bank or Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 9437468247. D-1519

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ground Floor, 02 Bed Rooms, Drawing, Dining, Kitchen, Puja Room, Washing space, 02 Toilet, Portico, entire marble floorings readily available for Family on rent @ 12,000/- PM at 1st lane, Pandav Nagar, Tankapani Road, Bhubaneswar. Contact- 8895353910, 9439263861. D-76069




Positively health benefits SPA expert female therapist homely atmosphere. 9114559830. D-1516

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open health benefits SPA special Offer @ 799 Bapujinagar. 7327058897. D-76931

Full body massage by odia therapist in homely atmosphere. 9556498382. D-75395

## AFFIDAVIT

By virtue of an affidavit sworn before the hon'ble Executive Magistrate, Bhubaneswar on dt. 02.08.2025, I, New name Turia Pradhan, Address- Pankalsahi, P.O.- Rauti, P.S.- Jagannathprasad, Dist.- Ganjam, Odisha-761121 declare that I have changed my name from Jhuria Pradhan (Old name) to Turia Pradhan (New name) for all purposes.
Turia Pradhan
D-1520

I, Arjoo Gattani, W/o- Saswat Routray, resident of Plot No.- 31/2073, Lane No.- 2A, Gangotri Nagar, Sisupal Garh, Bhubaneswar- 751002, Odisha declare by this affidavit No.- 41/2025, dtd. 03.05.2025. That I now onwards I shall be known as ARZOO GATTANI for all future purposes. D-1536

By virtue of an affidavit sworn before the Executive Magistrate, Titilagarh, No.503, date 02.08.25, I, Uttam Takri, S/o- Ramlal Takri, R/o. At- Nanajhar, P.O.- Manigaon, P.S.- Titilagarh, Dist.- Bolangir, (Odisha), PIN-767033 declare that I have changed my daughter's name from Tanishka Harpal to Tanishka Takri. Henceforth, she shall be known as Tanishka Takri for all purposes.
Uttam Takri
D-1523

By virtue of an affidavit sworn before Executive Magistrate, Rajnagar, 31.07.2025, Pabitra Kumar Swain, Balarampur, Kandira, Rajnagar, Kendrapara. I have changed the name of my daughter from Rajashree Swain to Rajshree Swain. Henceforth, she shall be known as Rajshree Swain for all purpose. D-1522

By virtue of an affidavit sworn before the Executive Magistrate, Athagarh, Dated 15.07.2025, I have changed my name from Master Kousendra Sahoo to Kousendra Kumar Sahoo. Henceforth, I shall described as Kousendra Kumar Sahoo for all purposes. D-1535

By virtue of an affidavit sworn before Executive Magistrate, Korapur, dated 30.07.2025, I, Kartika Dalapati, aged about 33 years, S/o- Gobinda Dalapati, R/o- Badagoluru, P.O.- Ampawalli, P.S.- Pottangi, PIN- 764039, Dist.- Koraput, Odisha declare that I have changed the name of my daughter from "Tamasha Dalapati" to "Samriddhi Dalapati". Henceforth, she shall be known as "Samriddhi Dalapati" for all purposes.
Gobinda Dalapati
D- 1533

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of R.P. case No.- 59/23 and 22/23 my title has been changed from Ashok Kumar Mohanty to Ashok Kumar Das, S/o- Khirod Mohan Das, Vill- Desahi, P.S.- Aul and Dist.- Kendrapara. So I will be known as Ashok Kumar Das instead of Ashok Kumar Mohanty in all purpose. D-1527

By virtue of an affidavit sworn before Executive Magistrate, Pipili, dated 08.07.2025, I, Dhirendra Jena, Address: At- Totapada, P.O./P.S.- Pipili, Dist.- Puri, PIN- 752104 declare that I have changed my daughter's name from Sai Sarita Jena to Sai Ashrita Jena. Henceforth, she shall be known as Sai Ashrita Jena for all purposes.
Dhirendra Jena
D-1518

ମୁଁ ବିଜୟନୀ ପାଣି, ପିତା- ସ୍ୱର୍ଗତ ବିଶ୍ୱନାଥ ଜେନା, ରଘୁନାଥପୁର, ଉକୁନ୍ଦରା, ଜଗତ୍‌ସିଂହପୁର, ଘୋଷଣା କରୁଅଛି କି, ମୋର ବିବାହର କିଛି ବର୍ଷ ପରେ ମୋର ସ୍ୱାମୀ ଅରୁଣ ପାଣି, ପିତା- ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଣି, କୂଳକଇଜଙ୍ଗା, ଜଗତ୍‌ସିଂହପୁରଙ୍କର ଦେହାନ୍ତ ହେଲା। ତେଣୁ ମୋର ବାପଘରେ ରହିଆସୁଛି। ମୁଁ ମୋର ଶାଶୁଘର ସଂଜ୍ଞା ଅନୁସାରେ ଜମିଜମା ରେକର୍ଡ ରଖିବାକୁ ଚାହୁଁଛି। ଧ-୧୫୩୦

By virtue of an affidavit sworn before Executive Magistrate, Rajnagar, dated 24.07.2025, I, Sima Rout, W/o- Prasanta Kumar Rout, Vill- Santhapada, P.O.- Balabhadrapur, P.S.- Rajnagar, Dist.- Kendrapara, Odisha-754217 declare that I have changed my name from Sima Tarenia (Old name) to Sima Rout. Henceforth, I shall be known as Sima Rout for all purposes.
Sima Rout
D- 1531

Anima Pandey, D/o- Lalindra Prasad Patel, W/o- Dushmanta Kumar Pandey, At- Debadihi, P.O./P.S.- Jharsuguda, Pin-768201, Odisha declare by this affidavit No.-04 on dated 02.08.2025. That now onwards I shall be known as Anima Patel for all future purposes. D-1537

By virtue of an affidavit sworn before the Executive Magistrate, Saintala, dated 02.08.2025, I, Anusuya Beska, resident of Village: At- Barahmal, P.O.- Khasbahal, P.S.- Saintala, Dist- Balangir (Odisha), Pin- 767032 declare that I have changed my name from Anusuya Bhoi to Anusuya Beska. Henceforth, I shall be known as Anusuya Beska for all purpose.
Anusuya Beska
D-1532

By virtue of an affidavit sworn in the Court of Executive Magistrate, Jajpurroad, I Mita Dhal, W/o- Surendra Dhal, At/P.O.- Ragadi, P.S.- Korai, Dist.- Jajpur my Aadhaar Card No.- XXXX XXXX 1676. My name is Mita Dhal, but in Birth Certificate of my son bearing Birth Registration No.- 101130/2011 name has been written by Sumita Dhal instead of Mita Dhal. I declare that Sumita Dhal and Mita Dhal as same and one person vide affidavit No.- 3308/29.7.2025. D-1539

By virtue of an affidavit sworn before Executive Magistrate, Bonth, dated 15.07.2025, I, Narendra Prusty, S/o- Late Bhaban Prusty, Vill/P.O.- Bangorpadi, P.S.- Bonth, Dist.- Bhadrak, PIN- 756114, Odisha declare that I have changed my name from Sukadeb Prusty to Narendra Prusty. Henceforth, I shall be known as Narendra Prusty for all purposes. D-1538

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## LEGAL NOTICE

IN THE COURT OF CIVIL JUDGE (JR. DVN) CHANDBALI
C.S No.- 259/2010

Prahallad Ch. Das & others
....Plaintiffs
Vrs.
State Representing by Collector Bhadrak & others
....Defendants

ଦେଓ୍ୱାନୀ କାର୍ଯ୍ୟବିଧି ଆଇନର ୧ ନିୟମ ୮ ଅନୁଯାୟୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖବରକାଗଜ ବିଜ୍ଞାପନ ନିମନ୍ତେ ଚିଠା ଦାଖଲ ତରଫ ବାଦୀ।

ତଫସିଲ ଚିଠା

Prahallad Ch. Das & Others
Vrs.
State Representing by Collector, Bhadrak

ଏ ତ ଦ୍ୱା ରା

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ବାଦୀ ପ୍ରହଲ୍ଲାଦ ଚନ୍ଦ୍ର ଦାସ ଓଗେର, ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ଥାନା- ବାଂଶଡା, ଥାନା ନଂ- ୧୫୨, ମୌଜା- ସାବିତ୍ରୀ ସରାଇ, ସ୍ଥିତ MS Khata- ୭୧, ଖସଡ଼ା- ୫୧/୧୪୩, ଏ୧.୩୭ଡି.

ବୃତ୍ତି ନିମିତ୍ତ ତାଙ୍କର ସ୍ୱତ୍ୱ ସାବ୍ୟସ୍ତ ଦଖଲ କାଏମ ପ୍ରାର୍ଥନାରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଉକ୍ତ ବୃତ୍ତି ସରକାରୀ ରକ୍ଷିତ ଖାତାଧୀନ ଝାଟି ଜଙ୍ଗଲ କିସମରେ ଖତିଆନ ପ୍ରସ୍ତୁତି ହୋଇଅଛି। ଯଦି କୌଣସି ବ୍ୟକ୍ତିଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ କରିପାରିବେ। ନଚେତ୍ ଆଇନ ଅନୁଯାୟୀ ମୋକଦ୍ଦମାର ବିଚାର ପୂର୍ବକ ଫଏସଲା କରାଯିବ, ଧାର୍ଯ୍ୟ ଅବଧି ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ତଫସିଲ ବୃତ୍ତି

ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ଥାନା- ବାଂଶଡା, ଥାନା ନଂ- ୧୫୨, ମୌଜା- ସାବିତ୍ରୀ ସରାଇସ୍ଥିତ MS Khata-71, ଖସଡ଼ା- ୫୧/୧୪୩, ଏ୧.୩୭ଡି, କିସମ- ଝାଟି ଜଙ୍ଗଲ

Sd./- C.J.J.D, Chandbali
D-1540

## ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ବୃକ୍ଷ ଆମର ବନ୍ଧୁ







ଆଜି ହେଉଛି ବନ୍ଧୁତ୍ୱ ଦିବସ ବା ଫ୍ରେଣ୍ଡଶିପ୍ ଡେ'। ବନ୍ଧୁତ୍ୱର ଏହି ଦିନଟିକୁ ସ୍ପେଶାଲ୍ କରିବା ଲାଗି ଅଧିକାଂଶ ଯୁବପିଢ଼ି ପରସ୍ପରକୁ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ବାନ୍ଧିବା, ଉପହାର ଦେବା, କେକ୍ କାଟିବା ସହ ପାର୍ଟିର ଆନନ୍ଦ ନେବାକୁ ବେଶ୍ ଉତ୍କଣ୍ଠିତ। ହେଲେ ଏମିତିବି କେତେଜଣ ଅଛନ୍ତି, ଯେଉଁମାନେ ବୃକ୍ଷ ହିଁ ଆମର ସବୁଠୁ ବଡ଼ ବନ୍ଧୁ, ଏହି ବାର୍ତ୍ତା ସଭିଙ୍କ ନିକଟରେ ପହଞ୍ଚାଇବାର ଉଦ୍ୟମ ଜାରି ରଖିଛନ୍ତି। ଆଉ ବନ୍ଧୁତ୍ୱ ଦିବସରେ ବୃକ୍ଷ କ୍ଷୟ ଯୋଗୁ ବଢ଼ୁଥିବା ପ୍ରଦୂଷଣ ରୋକିବା ଲାଗି ପୃଥିବୀକୁ ପୁଣିଥରେ ସବୁଜ ବନାନୀରେ ଭରିଦେବାକୁ ଆରମ୍ଭ କରିଛନ୍ତି ବୃକ୍ଷରୋପଣ ଅଭିଯାନ...

ବନ୍ଧୁତାର ସମ୍ପର୍କକୁ ଅଧିକ ନିବିଡ଼ କରିବା ଲାଗି ପାଳନ କରାଯାଏ ଫ୍ରେଣ୍ଡଶିପ୍ ଡେ'। ତେଣୁ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ନିଜ ବନ୍ଧୁଙ୍କୁ ଭେଟିବା ଲାଗି ଏକାଠି ହୁଅନ୍ତି ଏବଂ ଏହି ଦିନକୁ ବେଶ୍ ମଜାମସ୍ତିରେ ସେଲିବ୍ରେଟ୍ କରନ୍ତି। ହେଲେ ଆଉ କେତେ ଜଣଙ୍କ ପାଇଁ କେବଳ ଏତିକିରେ ସରେନି ସେଲିବ୍ରେଶନ୍। ବରଂ ସେମାନେ ଏହି ସ୍ପେଶାଲ ଦିନରେ ଏଭଳି କିଛି ନିଆରା କାର୍ଯ୍ୟକ୍ରମ କରନ୍ତି, ଯାହାକି ପାଲଟିଯାଏ ଅନ୍ୟମାନଙ୍କ ପାଇଁ ଉଦାହରଣ। ତେବେ ପରିବେଶ ସୁରକ୍ଷା ଲାଗି ବୃକ୍ଷକୁ ବନ୍ଧୁ ଭାବି ଫ୍ରେଣ୍ଡଶିପ୍ ଡେ' ଅବସରରେ ବୃକ୍ଷରୋପଣ କରିବାକୁ ଆଗେଇ ଆସିଥିବା କେତେଜଣ ଯୁବଗୋଷ୍ଠୀଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...

**ସମଗ୍ର ଜୀବଜଗତର ବନ୍ଧୁ ହେଉଛି ଗଛ**

ଜୀବନ ନିମନ୍ତେ ଗଛ ହିଁ ଅମୃତ ; ଗଛ ବିନା ଜୀବନର ସ୍ଥିତି ମୁହୂର୍ତ୍ତକ ମଧ୍ୟରେ ଅସମ୍ଭବ। ଯେପର୍ଯ୍ୟନ୍ତ ଗଛ ବଂଚିଛି, ସେ ପର୍ଯ୍ୟନ୍ତ ଜୀବନର ଅସ୍ତିତ୍ୱ ରହିଛି । ଜଣେ ସଚ୍ଚା ବନ୍ଧୁ ଯେମିତି ନିଃସର୍ତ୍ତରେ ପ୍ରତି ମୁହୂର୍ତ୍ତରେ ଆମ ସୁଖ ଦୁଃଖରେ ସାମିଲ ହୁଅନ୍ତି, ଠିକ୍ ସେମିତି ଗଛ ଜୀବନ ସାରା ନିଃସର୍ତ୍ତରେ ସମଗ୍ର ଜୀବଜଗତକୁ ଖାଦ୍ୟ, ପାଣି ଓ ପବନ ଯୋଗାଇ ବଂଚାଇ ରଖିଛି। ତେଣୁ ଗଛ ହେଉଛି ଆମର ବନ୍ଧୁ। କେବଳ ମାନବ ସମାଜର ନୁହେଁ ବରଂ ଏ ସମଗ୍ର ଜୀବଜଗତର ବନ୍ଧୁ ହେଉଛି ଗଛ। ତେଣୁ ଆମେ ଫ୍ରେଣ୍ଡଶିପ୍ ଡେ' ଗଛ ସହିତ ପାଳନ କରୁ ବୋଲି କୁହନ୍ତି ଅନୁଗୋଳରେ ଥିବା ସାଥୀ ପରିବାର ସଂଗଠନର ସଭାପତି ସିଦ୍ଧାର୍ଥ ପ୍ରଧାନ। ସେ କୁହନ୍ତି, ଫ୍ରେଣ୍ଡଶିପ୍ ଡେ' ଅଗଷ୍ଟ ମାସରେ (ବର୍ଷାଋତୁ) ପାଳନ ହେଉଥିବାରୁ ଆମେ ଏହିଦିନ ପ୍ରତି ବର୍ଷ ବିଭିନ୍ନ ହାଇସ୍କୁଲ, ମଠ ଓ ଗାଁର ଖୋଲା ସରକାରୀ ଜାଗାରେ ବୃକ୍ଷରୋପଣ କରିଥାଉ। ସ୍କୁଲ୍‌ର ପିଲାମାନଙ୍କୁ ଆମ ସହ ଯୋଗଦେବାକୁ କହିଥାଉ। ସେମାନଙ୍କୁ ଘରୋଇ ଫଳଗଛ ଚାରା ବଣ୍ଟନ କରିବା ସହ ଏହି ଚାରା ରୋପଣ କରି ଯତ୍ନ ନେଇ ତାକୁ ବଡ଼ କରିବାକୁ ପରାମର୍ଶ ଦେଇଥାଉ। ପରବର୍ତ୍ତୀ ବର୍ଷରେ ନିଜେ ଲଗେଇଥିବା ଗଛ ସହ ଫଟୋ ଉଠାଇ ଗ୍ରୁପ୍‌ରେ ଛାତ୍ରୀଛାତ୍ରମାନଙ୍କ ଫଟୋ ପଠାଇବାକୁ ଉତ୍ସାହିତ କରିଥାଉ। ହାଇସ୍କୁଲ ସ୍ତରରେ କ୍ଲାଇମେଟ୍ ଏଜୁକେଶନ୍ (ପରିବେଶ ଅନୁକୂଳ ଜୀବନଶୈଳୀ) ବିଷୟ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଏ। ହାତୀପ୍ରବଣ ଅଞ୍ଚଳରେ ସାଥୀ ନର୍ସରୀ ପ୍ରସ୍ତୁତ କରି ଶାଳିଅ ବାଉଁଶ ଚାରା ଲଗାଯାଏ। ଚଳିତବର୍ଷ ମଧ୍ୟ ଫ୍ରେଣ୍ଡଶିପ୍ ଡେ'ରେ ସାଥୀ ପରିବାର ପକ୍ଷରୁ ୧୦,୦୦୦ ବର ଅଶ୍ୱତ୍ଥ ଗଛ ସଂରକ୍ଷଣ କାର୍ଯ୍ୟକ୍ରମ ଜରିଆରେ ୫୦ଟି ବର ଅଶ୍ୱତ୍ଥ ଚାରା ରୋପଣ କରାଯିବ ।

**ବୃକ୍ଷକୁ ବନ୍ଧାଯାଏ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ୍**

ବିଶ୍ୱ ବନ୍ଧୁତା ଦିବସରେ ପ୍ରତିବର୍ଷ ବ୍ରହ୍ମପୁରରେ ଥିବା ସବୁଜ ବାହିନୀ ଯୁବ ସଂଗଠନ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗଛ ସହିତ ମିତ୍ରତା ବଢ଼େଇ ସୁସ୍ଥ ପରିବେଶ ସଚେତନତା ବୃଦ୍ଧି କରିବା। ଏହି ଅବସରରେ ସଂଗଠନର ସଦସ୍ୟମାନେ ରାଜନେତା, ପ୍ରଶାସନ, ବିଦ୍ୟାଳୟର ଶିକ୍ଷାର୍ଥୀ ଓ ସାଧାରଣ ଜନତାଙ୍କ ସହ ମିଶି ବଟ ଓ ଅଶ୍ୱତ୍ଥ ବୃକ୍ଷଗୁଡ଼ିକୁ ସୁରକ୍ଷା ଦେବା ପାଇଁ ନଡ଼ିଆ ପତ୍ର ଓ ଫୁଲରେ ତିଆରି ହୋଇଥିବା ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ବାନ୍ଧିଥାନ୍ତି ଓ ପରିବେଶ ସୁରକ୍ଷା ଲାଗି ଶପଥ ନିଅନ୍ତି। ସେମାନେ ରାଲି ମାଧ୍ୟମରେ ଲୋକମାନଙ୍କୁ ସଚେତନ କରନ୍ତି। ଏହା ଦ୍ୱାରା ଲୋକମାନେ ବୃକ୍ଷର ଉପକାରିତା ବିଷୟରେ ଅଧିକ ଜାଣି ପରିବେଶ ସହିତ ଜଡ଼ିତ ହେବେ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମାନବ ସମାଜକୁ ପ୍ରକୃତି ସହିତ ଏକତାର ବନ୍ଧନରେ ବାନ୍ଧିବା। ଏହି ଅନୁଷ୍ଠାନର ସଦସ୍ୟମାନେ ଶହ ଶହ ବର୍ଷର ପୁରୁଣା ବଟବୃକ୍ଷ, ଅଶ୍ୱତ୍ଥ ବୃକ୍ଷକୁ ସୁରକ୍ଷା ଦେବା ଓ ପ୍ରାକୃତିକ ସମ୍ପଦକୁ ନବ ଜୀବନ ଦେବା ଉଦ୍ୟମ କରନ୍ତି ଏବଂ ସବୁଜ ପରିବେଶ ଗଠନ ଦିଗରେ ନୂଆ ପଦକ୍ଷେପ ନିଅନ୍ତି। ବୃକ୍ଷକୁ ସୁରକ୍ଷା ଦେବା ଓ ଏହା ସହିତ ମିତ୍ରତା କରିବାକୁ ପ୍ରତିବଦ୍ଧ ରହିବୁ ବୋଲି ଶପଥ ଗ୍ରହଣ କରନ୍ତି। ଏହି ଅଭିଯାନକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସଦସ୍ୟମାନେ ସହରର ମୁଖ୍ୟ ରାସ୍ତାରେ ରାଲି କରନ୍ତି। ରାଲିରେ ସଚେତନତାମୂଳକ ସନ୍ଦେଶ ଦିଅନ୍ତି, 'ସବୁଜ ବାହିନୀର ନୂଆ ପ୍ରୟାସ... ଗଛ ସହ ମିତ୍ରତା କରିବା ଆସ'। ଏହି କାର୍ଯ୍ୟକ୍ରମ ଏକ ଶୁଭ ପଦକ୍ଷେପ, ଯାହା ମାନବ ଓ ପ୍ରକୃତି ମଧ୍ୟରେ ଏକ ଆଧୁନିକ ମିତ୍ରତାର ଆଧାର ସୃଷ୍ଟି କରେ। ଏହି ମାଧ୍ୟମରେ ଲୋକମାନେ ବୃକ୍ଷର ଉପକାରିତା ବିଷୟରେ ସଚେତନ ହୁଅନ୍ତି, ପରିବେଶ ସୁରକ୍ଷା ପ୍ରତି ମାନସିକତା ବିକାଶ ପାଏ ଓ ପ୍ରତିଟି ପର୍ବରେ ଅନ୍ନଦାନ ନୁହେଁ ବୃକ୍ଷରୋପଣ ଓ ପ୍ରତିପାଳନ ପାଇଁ ଲୋକମାନେ ଅଗ୍ରସର ହେଉଛନ୍ତି ବୋଲି ମତ ଦିଅନ୍ତି ସଂଘର ସଭାପତି ଶିବରାମ ପାଣିଗ୍ରାହୀ।

– ପୌର୍ଣ୍ଣମାସୀ




ସବୁଜ ବାହିନୀ ଯୁବ ସଂଗଠନର ସଦସ୍ୟମାନେ




ସାଥୀ ପରିବାରର ସଦସ୍ୟମାନେ

## ହାପି ଫ୍ରେଣ୍ଡଶିପ୍ ଡେ'

ବନ୍ଧୁତ୍ୱ, ଏକ ଏଭଳି ସମ୍ପର୍କ ଯାହାର ନିବିଡ଼ତା ମାପି ହୁଏନି, ଯାହାକୁ ଭାଷାରେ ପ୍ରକାଶ କରିବାକୁ ଶବ୍ଦ ଅଣ୍ଟେନି। ବନ୍ଧୁତ୍ୱର ଏହି ଅତୁଟ ସମ୍ପର୍କକୁ ସ୍ମରଣୀୟ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ରବିବାର ଦିନ ବିଶ୍ୱବ୍ୟାପୀ ପାଳନ କରାଯାଇଥାଏ ବନ୍ଧୁତ୍ୱ ଦିବସ ବା ଫ୍ରେଣ୍ଡଶିପ୍ ଡେ'। ତେବେ ବନ୍ଧୁମାନଙ୍କ ପାଇଁ ବହୁ ପ୍ରତୀକ୍ଷିତ ଏହି ବିଶେଷ ଅବସରରେ ବନ୍ଧୁତ୍ୱ ସମ୍ପର୍କରେ କ'ଣ କୁହନ୍ତି ଏମାନେ...

### ବନ୍ଧୁତା ଗୋଟେ ଭାବାବେଗ



ବନ୍ଧୁତ୍ୱ ଏ ପୃଥିବୀର ସବୁଠାରୁ ସୁନ୍ଦର ସମ୍ପର୍କ, ଯେଉଁଠି ନିଃସର୍ତ୍ତ ଭଲପାଇବା ହିଁ ବାଟ କଢ଼େଇ ନେଉଥାଏ। ଆମ ଜୀବନର ଅନେକ ସମ୍ପର୍କ ଜନ୍ମଗତ, କିନ୍ତୁ ବନ୍ଧୁତା ଆମେ ନିଜେ ଗଢ଼ୁ ସମୟ, ସହାନୁଭୂତି, ସମର୍ପଣକୁ ସାଥିରେ ନେଇ। ବନ୍ଧୁତା ଗୋଟେ ଭାବାବେଗ, ଗୋଟେ ଜୀବନ୍ତ ଅନୁଭବ। ବନ୍ଧୁବିହୀନ ଜୀବନଟିଏ ପରିକଳ୍ପନା କରିବା ବି ଅସମ୍ଭବ ମନେହୁଏ। ପାରସ୍ପରିକ ସୌହାର୍ଦ୍ଦ୍ୟ ଆମ ସଭିଙ୍କ ଧ୍ୟେୟ ହେଉ।

*– ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ*

### ନିଃସ୍ୱାର୍ଥପର ମନୋଭାବ ବନ୍ଧୁତାକୁ କରେ ଦିବ୍ୟ



ବନ୍ଧୁତ୍ୱ ଏକ ନିଆରା ଅନୁଭବ। ସମଗ୍ର ସଂସାରରେ କୌଣସି ସମ୍ପର୍କଠାରୁ ଏହା ଅନେକ ମହତ୍ତ୍ୱପୂର୍ଣ୍ଣ। ପରସ୍ପରର ନିକଟବର୍ତ୍ତୀ ହୋଇ ଦୁଃଖ ଏବଂ ସୁଖକୁ ସମାନ ଭାବରେ ବାଣ୍ଟିନେବା ହେଉଛି ପ୍ରକୃତ ବନ୍ଧୁତା। ନିଃସ୍ୱାର୍ଥପର ମନୋଭାବ ହିଁ ବନ୍ଧୁତାକୁ ଏକ ଦିବ୍ୟ ସମ୍ପର୍କରେ ପରିଣତ କରିଥାଏ। ଅନ୍ଧବିଶ୍ୱାସୀ ନ ହୋଇ ପ୍ରକୃତ ବନ୍ଧୁତା ବ୍ୟକ୍ତିତ୍ୱର ବିକାଶ କରିଥାଏ। ତେବେ ସମସ୍ତ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ରହି ବନ୍ଧୁତା ହିଁ ମଣିଷର ମନରେ ସ୍ନେହ, ସଦିଚ୍ଛା, ଶ୍ରଦ୍ଧା ପରି ଭାବନାର ଉଦ୍ରେକ କରିଥାଏ।

*– ଐଶ୍ୱର୍ଯ୍ୟା ରାଉତ, ଶିକ୍ଷୟିତ୍ରୀ, ମୟୂରଭଞ୍ଜ*



### ଦୁନିଆର ସବୁ ସମ୍ପର୍କଠୁ ଊର୍ଦ୍ଧ୍ୱରେ ବନ୍ଧୁତା



ବନ୍ଧୁତା ଗୋଟିଏ ଶବ୍ଦ ନୁହେଁ, ଗୋଟେ ଅନୁଭୂତି। ଦୁନିଆର ସବୁ ସମ୍ପର୍କଠୁ ଊର୍ଦ୍ଧ୍ୱରେ ଏ ସମ୍ପର୍କ, ଯାହା ରକ୍ତର ନୁହେଁ ଭଲପାଇବାର। ଯିଏ ସାଥିରେ ଥିଲେ ନୂଆ ଦୁନିଆ ହୁଏ ତିଆରି, ଯାହା ସହ କଥା ହେଲେ ସମୟ ନିଅଣ୍ଟ ହୁଏ। ହସ ହସ ମୁହଁରୁ ଦୁଃଖ ପଢ଼ିପାରୁଥିବା ସେଇ ଯାଦୁକରର ନାଁ ବନ୍ଧୁ, ଯାହାର ପାପୁଲି ସ୍ପର୍ଶରେ ଲୁହର ବି ରଙ୍ଗ ବଦଳିଯାଏ, ଯାହାର ତାଗିଦାରେ ଅସଜଡ଼ା ମଣିଷଟେ ସଜାଡ଼ି ହୁଏ, ସେଇ ବନ୍ଧୁକୁ ବନ୍ଧୁତା ଦିବସର ଅଭିନନ୍ଦନ।

*– ଲିଜା ସେନାପତି, ଛାତ୍ରୀ, ମାଲକାନଗିରି*

### ସୁସ୍ଥ ଜୀବନ ପାଇଁ ଭଲ ବନ୍ଧୁଟେ ଲୋଡ଼ା



ଆମେ ଜାଣିଛେ ଜନ୍ମରୁ ମୃତ୍ୟୁଯାଏ ମଣିଷଟେ ସମ୍ପର୍କରେ ବନ୍ଧା। ଅନେକ ସମ୍ପର୍କ ଆମେ ଜନ୍ମହେବାର ଢେର ଆଗରୁ ଆମ ସହ ଯୋଡ଼ି ହୋଇଥାଏ, ମାତ୍ର ବନ୍ଧୁତା ଏମିତି ଏକ ସମ୍ପର୍କ ଯାହା ଆପେ ଆପେ ତିଆରି ହୁଏ। ବନ୍ଧୁତା କେବଳ ମଣିଷ–ମଣିଷ ଭିତରେ ହୁଏନି, ବରଂ ବେଳେବେଳେ ମଣିଷଟେ ପଶୁପକ୍ଷୀ, ଗଛଲତା ଏବଂ ପ୍ରକୃତିକୁ ନିଜର ବନ୍ଧୁ ବୋଲି ଗ୍ରହଣ କରିପାରେ। ଏଣୁ ବନ୍ଧୁତାରେ କୌଣସି ଲିଙ୍ଗ ନ ଥାଏ ବୋଲି ମୋର ମତ। ଯେମିତି ସମାଜ ପାଇଁ ସାହିତ୍ୟ ଦର୍ପଣ, ଘର ପାଇଁ ଝିଅଟେ ସୁନ୍ଦର, ନଈ ପାଇଁ ନାଆଟେ, କ୍ଷେତ ପାଇଁ ଚଷାଟେ ସେମିତି ସୁସ୍ଥ ଜୀବନଟେ ପାଇଁ ଭଲ ବନ୍ଧୁଟେ ଲୋଡ଼ା।

କଥାରେ ଅଛି– ''ଭଲ ବନ୍ଧୁଟେ ମାଟିରୁ ଉଠେଇ ନେଇ ସୁନା କରିଦେଇପାରେ ଏବଂ କୁସଙ୍ଗତି ସୁନାମୁଣ୍ଡାକୁ ବି ଅଙ୍ଗାର କରିଦେଇପାରେ।'' ଏଣୁ ବନ୍ଧୁତା ବୟସରୁ ନୁହେଁ, ମାନସିକତାରୁ ହେଉ। ବନ୍ଧୁତା ଜଖମର ଇଲାଜ ହେଉ, ମାତ୍ର ମୁଣ୍ଡ ଉପରେ ବୋଝ ନ ହେଉ ।

**– ବୀରେନ୍ଦ୍ର ନାୟକ, ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ**

ଉପସ୍ଥାପନା: **ସୌମ୍ୟରଞ୍ଜନ ରାଉତ**

## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫ର ଥିମ୍ ............... ?
୨– ଭାରତରେ ଇନ୍‌କମ୍ ଟାକ୍ସ ଡେ' ........... ତାରିଖରେ ପାଳନ କରାଯାଏ ?
୩– ତ୍ର୍ୟମ୍ବକେଶ୍ୱର ଶିବ ମନ୍ଦିର .......... ରାଜ୍ୟରେ ଅବସ୍ଥିତ ?
୪– ଫୁଟ୍ ଆଣ୍ଡ ମାଉଥ୍ ଡିଜିଜ୍ ଏକ ............ ଜନିତ ରୋଗ ?
୫– ବକ୍ସା ଟାଇଗର ରିଜର୍ଭ .......... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ନୂଆଦିଲ୍ଲୀର ଶାସ୍ତ୍ରୀ ଭବନ
୨ ଶିକ୍ଷା ମନ୍ତ୍ରଣାଳୟ
୩ କର୍କି(ଡ୍ରାଗନଫ୍ଲାଏ)
୪ ତାମିଲନାଡୁ
୫ ଅଗଷ୍ଟ ୭

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ସନ୍ତୋଷିନୀ ପ୍ରଧାନ ଢେଙ୍କାନାଳ


ସ୍ୱସ୍ତିକ ଷଡ଼ଙ୍ଗୀ ବାଙ୍ଗାଲୋର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ଜଙ୍ଗଲ

୧– ଆମାଜନ୍ ରେନ୍‌ଫରେଷ୍ଟ ......................... ୫,୫୦୦,୦୦୦ ବର୍ଗ କିମି.
୨– ଦି କଙ୍ଗୋ ରେନ୍‌ଫରେଷ୍ଟ .........................୨,୦୦୦,୦୦୦ ବର୍ଗ କିମି.
୩– ଭାଲ୍ଡିଭିଆନ୍ ରେନ୍‌ଫରେଷ୍ଟ ......................... ୨,୪୮,୧୦୦ ବର୍ଗ କିମି.
୪– ଟାଇଗା/ବୋରିଏଲ୍ ଫରେଷ୍ଟ ................ ୧୭,୦୦୦, ୦୦୦ ବର୍ଗ କିମି.
୫– ଟ୍ରପିକାଲ୍ ଆଣ୍ଡେସ୍ ............................... ୧,୮୦୦,୦୦୦ ବର୍ଗ କିମି.
୬– ସୁନ୍ଦରବନ ........................................... ୧୦,୦୦୦ ବର୍ଗ କିମି.
୭– ସାଇବେରିଆନ୍ ଟାଇଗା ........................ ୧,୦୦୦,୦୦୦ ବର୍ଗ କିମି.
୮– ଆଟ୍‌ଲାଣ୍ଟିକ ଫରେଷ୍ଟ ........................ ୧,୫୦୦,୦୦୦୦ ବର୍ଗ କିମି.
୯– ଡେନ୍‌ଟ୍ରି ରେନ୍‌ଫରେଷ୍ଟ ......................... ୧,୨୦୦,୦୦୦ ବର୍ଗ କିମି.
୧୦– ଗ୍ରେଟ୍ ବିଅର ରେନ୍‌ଫରେଷ୍ଟ ..................... ୬୪,୦୦୦ ବର୍ଗ କିମି.

## ରାଖୀ ଗିଫ୍ଟ ଆଇଡିଆ

ଉପହାର ପାଇଲେ କାହାକୁ ବା ଖୁସି ନ ଲାଗେ! ଆଉ ରାଖୀପୂର୍ଣ୍ଣିମାରେ ଯେବେ ଭାଇଠାରୁ ଗିଫ୍ଟ ମିଳେ, ଭଉଣୀର ଖୁସିର ସୀମା ରହେନି। ଆଗକୁ ରାଖୀପୂର୍ଣ୍ଣିମା ଆସୁଥିବାରୁ ଭଉଣୀଙ୍କୁ କ'ଣ ଗିଫ୍ଟ ଦେଲେ ତାହା ସବୁଠୁ ଖାସ୍ ତଥା ସ୍ମରଣୀୟ ହୋଇପାରିବ ବୋଲି ଯଦି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, ତେବେ କେତେକ ଗିଫ୍ଟ ଆଇଡିଆ ଆପଣଙ୍କ କାମରେ ଆସିପାରେ...

**କଷ୍ଟମାଇଜ୍‌ଡ ଡ୍ରେସ୍:** ଝିଅମାନେ ନୂଆ ଡ୍ରେସ୍ ଦେଖିଲେ ବହୁତ ଖୁସି ହୁଅନ୍ତି। ଯଦିଓ ଉପହାରରେ ଦେବାକୁ ଏହା ସବୁଠୁ ସହଜ ଉପାୟ, ତଥାପି ଏହାକୁ ଅଧିକ ସ୍ପେଶାଲ କରିବା ଲାଗି ଆପଣ ଭଉଣୀ ସହିତ ନିଜର କିଛି ଭଲ ଫଟୋକୁ ଡ୍ରେସ୍‌ରେ ପ୍ରିଣ୍ଟ କରାଇପାରିବେ। ଏହା ବ୍ୟତୀତ କିଛି ମେସେଜ ମଧ୍ୟ ପ୍ରିଣ୍ଟ କରାଇପାରିବେ। ବର୍ତ୍ତମାନ ଟ୍ରାଡିଶନାଲ୍ କୁର୍ତ୍ତି କିମ୍ବା ଶାଢ଼ିରେ ଉପରେ ପଟଚିତ୍ର, ବିଭିନ୍ନ ଦେବଦେବୀଙ୍କ ଚିତ୍ରଠୁ ଆରମ୍ଭ କରି ଟ୍ରାଇବାଲ୍ ଡିଜାଇନ୍ ହ୍ୟାଣ୍ଡ ପେଣ୍ଟ କରାଯାଉଛି, ଯାହାକି ଗିଫ୍ଟ ପାଇଁ ବେଶ୍ ଡିମାଣ୍ଡରେ ରହୁଥିବା ଦେଖିବାକୁ ମିଳୁଛି। ଏଭଳି କୌଣସି ହ୍ୟାଣ୍ଡ ପେଣ୍ଟ ଆଉଟ୍‌ଫିଟ୍ ଭଉଣୀଙ୍କୁ ଗିଫ୍ଟ କରନ୍ତୁ, ଦେଖିବେ ସେ କେତେ ଖୁସିହେବେ।

**ଆସେସରିଜ୍ :** ବର୍ତ୍ତମାନ ମାର୍କେଟରେ ଅନେକ ପ୍ରକାରର ଆକର୍ଷଣୀୟ ଡିଜାଇନ୍‌ର ଜୋତା, ବ୍ୟାଗ୍, ରିଷ୍ଟୱାଚ୍ ଆଦି ମିଳୁଛି। ହେଲେ ଯଦି କିଛି ୟୁନିକ୍ ଆସେସରିଜ୍ ଦେବାକୁ ଚାହୁଁଛନ୍ତି, ତେବେ କଷ୍ଟୋମାଇଜ୍‌ଡ ଜୁଏଲାରି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏଥିପାଇଁ ଭଉଣୀଙ୍କର ହେଉ କିମ୍ବା ଭାଇ–ଭଉଣୀ ଉଭୟଙ୍କ ନାଁ ଓ ଫଟୋଥିବା



ବିଭିନ୍ନ କଷ୍ଟୋମାଇଜ୍‌ଡ ଜୁଏଲାରି ଅର୍ଡର କରି ଗିଫ୍ଟ କରିପାରିବେ।

**ମୋବାଇଲ୍ ଫୋନ୍ :** ଆଜିକାଲି ଅଧିକାଂଶ ଝିଅ ରିଲ୍ସ କରିବା, ୟୁଟ୍ୟୁବ୍ ଭିଡିଓ କରିବା ଆଦିରେ ବିଶେଷ ରୁଚି ରଖୁଛନ୍ତି। ଯଦି ଆପଣଙ୍କ ଭଉଣୀ ବି ଏଥିରେ ରୁଚି ରଖନ୍ତି, ତେବେ ଭଲ କ୍ୟାମେରା ସହ ଲାଟେଷ୍ଟ ଫିଚର୍ସ ଥିବା ଫୋନ୍ ଗିଫ୍ଟ କରନ୍ତୁ, ଦେଖିବେ ସେ ବହୁତ ଖୁସି ହେବେ। ସେହିପରି ଭଉଣୀ ଫଟୋଗ୍ରାଫିରେ ରୁଚି ରଖୁଥିଲେ ଏକ ଭଲ କ୍ୟାମେରା ଗିଫ୍ଟ କରିପାରିବେ।

**ମେକ୍‌ଅପ୍ କିଟ୍:** ମେକ୍‌ଅପ୍ ନେବା କେଉଁ ଝିଅକୁ ବା ପସନ୍ଦ ନୁହେଁ! ତେଣୁ ରାଖୀ ଗିଫ୍ଟରେ ଭଉଣୀକୁ ମେକ୍‌ଅପ୍ କିଟ୍ ଦେବା ମଧ୍ୟ ଏକ ଭଲ ଆଇଡିଆ। ହେଲେ ଏହାକୁ ଗିଫ୍ଟ କରିବା ପୂର୍ବରୁ ଯଦି ସେ କେଉଁ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ପ୍ରଡକ୍ଟ ବ୍ୟବହାର କରୁଥାନ୍ତି, ତେବେ ତା' ସମ୍ପର୍କରେ ଜାଣିନିଅନ୍ତୁ।



**ପଞ୍ଚମ ଟେଷ୍ଟ**

# ଦୃଢ଼ ସ୍ଥିତିରେ ଭାରତ



ଶତକ ହାସଲ ପରେ ଉଲ୍ଲସିତ ଯଶସ୍ୱୀ ଜୟସ୍ୱାଲ।

## ଜୟସ୍ୱାଲଙ୍କ ଶତକ, ଟଙ୍ଗ୍‌ଙ୍କୁ ୫ ଉଇକେଟ

ଲଣ୍ଡନ,୨।୮

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଦୃଢ଼ ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ୨୨୪ ରନ କରିଥିବା ଭାରତ ପ୍ରତିପକ୍ଷ ଇଂଲଣ୍ଡକୁ ୨୪୭ ରନରେ ସୀମିତ ରଖିଥିଲା। ପ୍ରଥମ ଇନିଂସ ଭିତ୍ତିରେ ୨୩ ରନରେ ପଛୁଆ ଥିବା ଭ୍ରମଣକାରୀ ଭାରତ ଦ୍ୱିତୀୟ ଇନିଂସରେ ୩୯୬ ରନ୍‌ରେ ଅଲଆଉଟ୍ ହୋଇଛି। ଫଳରେ ଘରୋଇ ଇଂଲଣ୍ଡ ଆଗରେ ୩୭୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ତୃତୀୟ ଦିନ ଶେଷ ସୁଦ୍ଧା ୧ ଉଇକେଟରେ ୫୦ ରନ କରିଛି। ଜ୍ୟାକ୍ କ୍ରଲି ୧୪ ରନ୍ କରି ମହମ୍ମଦ ସିରାଜଙ୍କ ବଲ୍‌ରେ ଆଉଟ୍ ହୋଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ବେନ ଡକେଟ ୩୪ ରନରେ ଅପରାଜିତ ଅଛନ୍ତି। ମ୍ୟାଚ୍‌ରେ ଇଂଲଣ୍ଡକୁ ଜିତିବା ପାଇଁ ୩୨୪ ରନ୍ ଓ ଭାରତକୁ ୮ ଉଇକେଟ ଦରକାର ରହିଛି। ଆହତ ସମସ୍ୟା କାରଣରୁ କ୍ରିସ ୱୋକ୍ସ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଏଣୁ ସେ ପ୍ରଥମ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟ ବ୍ୟାଟିଂ କରିବେ ନାହିଁ। ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ଓ ଜୋଶ ଟଙ୍ଗଙ୍କ ୫ ଉଇକେଟ ସଫଳତା ତୃତୀୟ ଦିନର ଖେଳର ମୁଖ୍ୟାଂଶ ଥିଲା। ମ୍ୟାଚ୍‌ର ତୃତୀୟ ଦିନ ତଥା ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୭୫/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଓ ନାଇଟ୍‌ୱାଚ ମ୍ୟାନ୍ ଭାବେ ଚତୁର୍ଥ କ୍ରମରେ ବ୍ୟାଟିଂ କରିଥିବା ଆକାଶ ଦୀପ ଧୈର୍ଯ୍ୟର ସହ ପ୍ରାୟତଃ ପ୍ରଥମ ସେସନ ଖେଳିଥିଲେ। ଜୟସ୍ୱାଲ ୧୪ ଚୌକା ଓ ୨ ଛକା ସହାୟତାରେ ୧୧୮ ରନର ଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ଷଷ୍ଠ ଓ ଚଳିତ ସିରିଜର ଦ୍ୱିତୀୟ ଶତକ ଥିଲା। ଆକାଶ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ଥିଲା। ଦୁହେଁ ଆଉଟ୍ ହେବା ପୂର୍ବରୁ ତୃତୀୟ ଉଇକେଟରେ ୧୦୭ ରନ୍ ଯୋଡ଼ିଥିଲେ। ଅଧିନାୟକ ଶୁବମନ ଗିଲ (୧୧) ଓ କରୁଣ ନାୟର (୧୭) ବିଫଳ ହୋଇଥିଲେ। ଦୁହେଁ ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇଥିଲେ। ପରେ ଜାଡେଜା ଓ ଜୁରେଲ ସପ୍ତମ ଉଇକେଟରେ ୫୦ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୩୨୩ ହୋଇଥିବା ବେଳେ ଜୁରେଲ ୩୪ ରନ କରି ପାଭିଲିଅନ ଫେରିଥିଲେ। ସେହିଭଳି ଜାଡେଜା ୫ ଚୌକା ସହିତ ୫୩ ରନ୍ କରି ଆଉଟ୍ ହୋଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୨୭ତମ ଓ ଚଳିତ ସିରିଜ୍‌ରେ ପଞ୍ଚମ ଅର୍ଦ୍ଧଶତକ ଥିଲା। ମହମ୍ମଦ ସିରାଜ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଜାଡେଜା ଓ ସିରାଜଙ୍କୁ ଟଙ୍ଗ ଗୋଟିଏ ଓଭରରେ ଆଉଟ୍ କରିଥିଲେ। ଏହିଠାରୁ ୱାଶିଂଟନ ସୁନ୍ଦର ଟି୨୦ ଷ୍ଟାଇଲରେ ବ୍ୟାଟିଂ କରି ଏକାକୀ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ସେ ୪ ଲେଖାଏ ଚୌକା ଓ ଛକା ସହିତ ୫୩ ରନ କରି ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହା ତାଙ୍କ କ୍ୟାରିୟରର ପଞ୍ଚମ ଅର୍ଦ୍ଧଶତକ ଥିଲା। ଫଳରେ ଭାରତ ୩୯୬ ରନ୍‌ରେ ଅଲଆଉଟ୍ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ ୫ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗସ ଆଟକିନସନ ୩ ଓ ଜେମି ଓଭରଟନ ୨ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍। ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍। ଭାରତ ଦ୍ୱିତୀୟ ଇନିଂସ: ୩୯୬/ଅଲଆଉଟ୍ (ଯଶସ୍ୱୀ ଜୟସ୍ୱାଲ-୧୧୮, ଆକାଶ ଦୀପ-୬୬, ରବୀନ୍ଦ୍ର ଜାଡେଜା-୫୩, ୱାଶିଂଟନ ସୁନ୍ଦର-୫୩, ଧ୍ରୁବ ଜୁରେଲ-୩୪, ଗସ ଆଟକିନସନ-୩/୧୨୭, ଜୋଶ ଟଙ୍ଗ-୫/୧୨୫, ଜେମି ଓଭରଟନ-୨/୯୮)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୩.୫ ଓଭରରେ ୫୦/୧(ଜ୍ୟାକ କ୍ରଲି-୧୪, ବେନ୍ ଡକେଟ-୩୪*, ମହମ୍ମଦ ସିରାଜ-୧/୧୧)।




# ଭାରତ ଆସିବେ ମେସି

ନୂଆଦିଲ୍ଲୀ,୨।୮(ପି.ଟି.)



ଆସନ୍ତା ଡିସେମ୍ବରରେ ଫୁଟ୍‌ବଲ ସୁପରଷ୍ଟାର ତଥା ଆର୍ଜେଣ୍ଟିନା ଦଳର ଅଧିନାୟକ ଲିଓନେଲ ମେସି ଭାରତ ଟୁର୍‌ରେ ଆସିବେ। ତାଙ୍କର ଏହି ଟୁର କୋଲକାତାରୁ ଆରମ୍ଭ ହୋଇ ଅହମ୍ମଦାବାଦ ଓ ମୁମ୍ବାଇ ଦେଇ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଠକ ପରେ ଶେଷ ହେବ। ଏହି ଗସ୍ତ ଲାଗି ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିବାବେଳେ ମେସିଙ୍କଠାରୁ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରାଯାଇଛି, ଯାହା କି ଖୁବ୍‌ଶୀଘ୍ର ହେବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ, ମେସି ଡିସେମ୍ବର ୧୨ ତାରିଖ ରାତି ପ୍ରାୟ ୧୦ଟାରେ କୋଲକାତା ବିମାନ ବନ୍ଦରରେ ପହଞ୍ଚିବେ ଏବଂ ୨ ଦିନ ଓ ଗୋଟିଏ ରାତି ରହିବେ।

ଗସ୍ତର ପ୍ରଥମ ଦିନ ଅର୍ଥାତ ୧୬ ତାରିଖରେ କୋଲକାତା ଲେକ ଟାଉନ ଶ୍ରୀଭୂମିରେ ତାଙ୍କର ଏକ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ। ଆୟୋଜକଙ୍କ ଦାବି ଅନୁଯାୟୀ, ଏହା ବିଶ୍ୱକପ୍ ବିଜୟୀ ମେସିଙ୍କର ପ୍ରଥମ ଓ ସର୍ବୋଚ୍ଚ ଷ୍ଟାଚ୍ୟୁ। ଏହାପରେ ସେ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଗୋଟ କନସର୍ଟ ଓ ଗୋଟ କପ୍‌ରେ ଭାଗ ନେବେ। ଏଥିରେ ସେ ସୌରଭ ଗାଙ୍ଗୁଲି, ଲିଆଣ୍ଡର ପେସ, ଜନ ଆବ୍ରାହମ, ବାଇଚୁଙ୍ଗ ଭୁଟିଆଙ୍କ ଭଳି ସେଲିବ୍ରିଟିଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ସେଭେନ ସାଇଡ୍-ସଫ୍ଟ ବଲ ମ୍ୟାଚ୍ ଖେଳିବେ। ଇଡେନ ଗାର୍ଡେନ୍ସରେ ମେସିଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବର୍ଦ୍ଧିତ କରିପାରନ୍ତି। ୧୩ ତାରିଖ ସନ୍ଧ୍ୟାରେ ମେସି ଆଦାନୀ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅହମଦାବାଦ ଯିବେ। ଏହାପରେ ସେ ମୁମ୍ବାଇ ଯିବେ। ସେଠାରେ ସେ ୱାଙ୍ଖେଡେ ଷ୍ଟାଡିୟମରେ ବିରାଟ କୋହଲି, ମହେନ୍ଦ୍ର ସିଂ ଧୋନୀଙ୍କ ସହ ଏକ ସେଭେନ-ଏ-ସାଇଡ୍ କ୍ରିକେଟ ମ୍ୟାଚ୍ ଖେଳିପାରନ୍ତି। ଭାରତୀୟ ଫୁଟବଲ ଦଳର ଖେଳାଳିଙ୍କ ସହ ମଧ୍ୟ ସେ ଆଲୋଚନା କରିବେ। ଡିସେମ୍ବର ୧୫ରେ ମେସି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବେ। ପରେ ଫେରୋଜ ଶାହା କୋଟଲାରେ ଗୋଟ କନସର୍ଟ ଓ ଗୋଟ କପ୍‌ରେ ଭାଗ ନେବେ। ପ୍ରତ୍ୟେକ ସହରରେ ମେସି ପରବର୍ତ୍ତୀ ପିଢ଼ିର ଭାରତୀୟ ଫୁଟବଲରଙ୍କୁ ପ୍ରେରଣା ଦେବା ପାଇଁ ଛୁଆଙ୍କର ଏକ ମାଷ୍ଟରକ୍ଲାସ ନେବେ।

## ସାଇନା-କଶ୍ୟପ ପୁଣି ଏକାଠି

**ହାଇଦ୍ରାବାଦ, ୨।୮:** ବିବାହ ବିଚ୍ଛେଦ ଘୋଷଣା କରିବାର ପାଖାପାଖି ଏକ ମାସ ପରେ ସାଇନା ନେହ୍ୱାଲ ଓ ପାରୁପଲୀ କଶ୍ୟପ ସେମାନଙ୍କ ବିବାହକୁ ଆଉ ଏକ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୮ରେ ବିବାହ କରିଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଦମ୍ପତି ଗତ ଜୁଲାଇରେ ସୋସିଆଲ ମିଡିଆ ଜରିଆରେ ଆପୋସ ବୁଝାମଣାରେ ବିବାହ ବିଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଥିଲେ। କିନ୍ତୁ ଶନିବାର ସାଇନା ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ପୋଷ୍ଟ ଫ୍ୟାନ୍ସଙ୍କୁ ଚକିତ କରି ଦେଇଛି। କଶ୍ୟପଙ୍କ ସହ ଏକ ଫଟୋ ଶେୟାର କରି କ୍ୟାପ୍‌ଶନରେ 'ବେଳେବେଳେ ଦୂରତା ତୁମ ଉପସ୍ଥିତିର ମୂଲ୍ୟ ଶିଖାଏ। ଆମେ ଏବେ ପୁଣି ଉଦ୍ୟମ କରୁଛୁ' ବୋଲି ସାଇନା ଉଲ୍ଲେଖ କରିଛନ୍ତି।

# ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର: ରାକେଶ ଚାମ୍ପିୟନ

ଭୁବନେଶ୍ୱର,୨।୮(ଅନାଦି କର)

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆଶୁତୋଷ ପାଢ଼ୀଙ୍କୁ ହରାଇ ରାକେଶ ରୋଶନ ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ଚାମ୍ପିୟନ ରାକେଶଙ୍କୁ ଟ୍ରଫି ସହିତ ୨୫ ହଜାର ଟଙ୍କା ଓ ଆଶୁତୋଷଙ୍କୁ ରନରଅପ୍ ଟ୍ରଫି ସହ ସାଢ଼େ ୧୨ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ସେମିଫାଇନାଲରେ ପରାସ୍ତ ହୋଇଥିବା ସୁବ୍ରତ ଦାସ ଓ ଅବିନାଶ ମହାପାତ୍ରଙ୍କୁ ୬ ହଜାର ଲେଖାଏ ଏବଂ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିବା ଖେଳାଳିଙ୍କୁ ୩ ହଜାର ଲେଖାଏ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ଫାଇନାଲର ପ୍ରଥମ ଫ୍ରେମରେ ଚମତ୍କାର ୭୬ ସ୍କୋର କରିଥିବା ଆଶୁତୋଷଙ୍କୁ ୫୦୦୦ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ମୋଷ୍ଟ ପ୍ରୋମିଜିଂ ପ୍ଲେୟର ସେହିଭଳି ନିଶି ପ୍ରକାଶ ଦାସଙ୍କୁ ଆୱାର୍ଡ ପ୍ରଦାନ କରାଯାଇଛି।




ଚାମ୍ପିୟନ ରାକେଶ ରୋଶନ ପ୍ରଧାନ ଓ ରନରଅପ୍ ଆଶୁତୋଷ ପାଢ଼ୀ।

**ଡୁରାଣ୍ଡ କପ୍ ଫୁଟ୍‌ବଲ**

## ନବାଗତ ଲଦାଖ ଏଫ୍‌ସିର ପ୍ରଥମ ମ୍ୟାଚ୍ ଡ୍ର

**ଜାମଶେଦପୁର, ୨।୮ (ପି.ଟି.):** ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ଗ୍ରୁପ୍ 'ସି'ରେ ନବାଗତ ଲଦାଖ ଏଫ୍‌ଏସି ଓ ନେପାଳର ତ୍ରିଭୁବନ ଆର୍ମି ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୧-୧ରେ ଅମୀମାଂସିତ ରହିଛି। ଡିଫେଣ୍ଡର ସିକୁ ୨୩ତମ ମିନିଟରେ ଲଦାଖର ପ୍ରଥମ ଖେଳାଳି ଭାବେ ଏହି ଆଇକନିକ ଟୁର୍ନାମେଣ୍ଟରେ ଗୋଲ ସ୍କୋର କରି ଇତିହାସ ସୃଷ୍ଟି କରିଥିଲେ। ମଧ୍ୟାନ୍ତର ପୂର୍ବରୁ ଅର୍ଥାତ୍ ଖେଳର ୪୦ତମ ମିନିଟ୍‌ରେ ନିରଞ୍ଜନ ଧାମି ଏକ ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇ ଆସିଥିଲେ।

## ମିକ୍ସଡ୍ ରିଲେରେ ବିଶ୍ୱ ରେକର୍ଡ

ସିଙ୍ଗାପୁର, ୨।୮ (ଏପି)

ବିଶ୍ୱ ସୁଇମିଂ ଚାମ୍ପିୟନଶିପ୍‌ରେ ଆମେରିକାର ୪x୧୦୦ ମିକ୍ସଡ ରିଲେ ଦଳ ୩ ମିନିଟ ୧୮.୪୮ ସେକେଣ୍ଡ ସହ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆ (୨୦୨୩ରେ ଟାଇମିଂ ୩:୧୮.୮୩) ନାମରେ ଥିଲା। ଚଳିତ ଚାମ୍ପିୟନଶିପ୍‌ରେ ଏହା ଦ୍ୱିତୀୟ ବିଶ୍ୱ ରେକର୍ଡ। ଏହାକୁ ମିଶାଇ ଆମେରିକାର ସନ୍ତରଣକାରୀମାନେ ଶନିବାର ୩ ସ୍ୱର୍ଣ୍ଣ ଜିତିଛନ୍ତି। କେଟି ଲେଡେକି ୮୦୦ ମିଟର ଫ୍ରିଷ୍ଟାଇଲ ଏବଂ ଗ୍ରିଚେନ୍ ୱାଲ୍ସ ୫୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣ ଜିତିଛନ୍ତି। ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହେବାକୁଥିବା ବେଳେ ଆମେରିକୀୟମାନଙ୍କ ସ୍ୱର୍ଣ୍ଣ ସଂଖ୍ୟା ୮ରେ ପହଞ୍ଚିଛି। ରିଲେ ସ୍ୱର୍ଣ୍ଣ ବ୍ୟତୀତ ଲିଡେକି ୮୦୦ମିଟର ଫ୍ରିଷ୍ଟାଇଲରେ ଅପରାଜେୟ ରହିଥିଲେ। ସେ ପ୍ରଥମେ ଏହି ରେସ୍ ୨୦୨୧ ଅଲିମ୍ପିକ୍ସରେ ଜିତିଥିଲେ।



ନାଗପୁରରେ ଶନିବାର ମହାରାଷ୍ଟ୍ର ସରକାରଙ୍କ ତରଫରୁ ଗ୍ରାଣ୍ଡମାଷ୍ଟର ତଥା ଫିଡେ ମହିଳା ବିଶ୍ୱକପ୍ ଚାମ୍ପିୟନ ଦିବ୍ୟା ଦେଶମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୩ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଦିଆଯାଇଛି।

# ଦିବ୍ୟାଙ୍କୁ ଅଭିନନ୍ଦନ ଜଣାଇଲେ ସିଜେଆଇ

ନାଗପୁର,୨।୮

ଭାରତର ମୁଖ୍ୟ ବିଚାରପତି ଭୂଷଣ ରାମକୃଷ୍ଣ ଗବଇ ଶନିବାର ନୂଆ କରି ଫିଡେ ଚେସ୍ ୱାର୍ଲ୍ଡକପ୍ ଚାମ୍ପିୟନ ତଥା ଗ୍ରାଣ୍ଡମାଷ୍ଟର ହୋଇଥିବା ଦିବ୍ୟା ଦେଶମୁଖଙ୍କୁ ତାଙ୍କ ବାସଭବନରେ ପହଞ୍ଚି ଅଭିନନ୍ଦନ ଜଣାଇଛନ୍ତି। ୧୯ ବର୍ଷୀୟା ଦିବ୍ୟା ଗତ ୨୮ ତାରିଖରେ ବାଟୁମିଠାରେ ପ୍ରଥମ ଭରତୀୟ ଭାବେ ମହିଳାଙ୍କ ବିଶ୍ୱକପ୍ ଜିତିଥିଲେ। ସିଜେଆଇଙ୍କ ଘର ଅମରାବତୀ ହୋଇଥିବା ବେଳେ ଦେଶମୁଖଙ୍କ ଜେଜେବାପା ସ୍ୱର୍ଗତ ଡ. କେଜି ଦେଶମୁଖ ସେଣ୍ଟ ଗେଜ ବାବା ଅମରାବତୀ ୟୁନିଭର୍ସିଟିର ଭିସି ଥିଲେ। ଗଣମାଧ୍ୟମ ସହ କଥା ହେଲା ବେଳେ ସିଜେଆଇ କହିଛନ୍ତି ଯେ, ତାଙ୍କ ବାପା ଓ ସ୍ୱର୍ଗତ କେଜି ଦେଶମୁଖ ଘନିଷ୍ଠ ବନ୍ଧୁ ଥିଲେ। ଆମେ ଏକ ପରିବାର ଭାବେ ବଡ଼ ହୋଇଛୁ। ଏଠାକୁ ଭିଜିଟ୍ ଯୋଗୁ ମୋର ପୁରୁଣା କଥା ମନେପଡୁଛି। ୫୦ରୁ ୫୫ ବର୍ଷ ତଳ କଥା ମନେପଡୁଛି। ଏହା ମୋ ପାଇଁ ଏକ ଖୁବ୍ ଭଲ ପୁନର୍ମିଳନ ଥିଲା। ଆମ ସଭିଙ୍କୁ ଗର୍ବିତ କରିଥିବା ଦିବ୍ୟାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ମୁଁ ଏଠାକୁ ଆସିଥିଲି।

# ହାଇଦ୍ରାବାଦରେ ଫିଫା ଟ୍ୟାଲେଣ୍ଟ ଏକାଡେମୀ

ହାଇଦ୍ରାବାଦ,୨।୮(ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଫୁଟ୍‌ବଲ ମହାସଂଘ (ଫିଫା) ଭାରତର ଯୁବ ଖେଳାଳିମାନଙ୍କ ପାଇଁ ଶନିବାର ଏକ ଟ୍ୟାଲେଣ୍ଟ ଏକାଡେମୀ ପ୍ରତିଷ୍ଠା କରିବ। ଏଥିରେ ଦେଶର ପ୍ରତିଭା ସମ୍ପନ୍ନ ଫୁଟ୍‌ବଲ ଖେଳାଳିମାନେ ଉଚ୍ଚ ସ୍ତରୀୟ ଟ୍ରେନିଂ ଯୋଗାଇ ଦିଆଯିବ। ଏହି ପରିପ୍ରେକ୍ଷୀରେ ଏଆଇଏଫ୍‌ଏଫ୍, ଫିଫା ଓ ତେଲେଙ୍ଗାନା ସରକାରଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ତୃଣମୂଳ ସ୍ତରରେ ଫୁଟବଲ ଖେଳର ପ୍ରସାର କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ। ସ୍ଥାନୀୟ ଗାଚିବାଓଲି ଷ୍ଟାଡିୟମରେ ଏକାଡମୀ ପ୍ରତିଷ୍ଠା ହେବ। ଏଥିରେ ପ୍ରତ୍ୟେକ ବର୍ଗରେ ତେଲେଙ୍ଗାନର ୧୦ ଖେଳାଳିଙ୍କ ସମେତ ୬୦ ଏଲିଟ୍ ଖେଳାଳି ଯଥା ୩୦ ବାଳକ (୧୪ବର୍ଷରୁ କମ୍) ଓ ୩୦ ବାଳିକା (୧୬ ବର୍ଷରୁ କମ୍)ଙ୍କୁ ବର୍ଷସାରା ହାଇପରଫର୍ମାନ୍ସ ଟ୍ରେନିଂ, ଆବାସିକ ସୁବିଧା, ଶିକ୍ଷା, ଚିକିତ୍ସା ସେବା, ପୃଷ୍ଟିସାର ଓ ମାନସିକ ସୁସ୍ଥତା ସମେତ ବର୍ଷସାରା ଉଚ୍ଚ ପାରଦର୍ଶିତା ତାଲିମ ପଅଦାନ କରାଯିବ ବୋଲି ଏଆଇଏଫ୍‌ଏଫ୍ ତରଫରୁ ସୂଚନା ଦିଆଯାଇଛି। ଏହି ଅବସରରେ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ସିଂ ଚୌବେ କହିଛନ୍ତି, ଭାରତରେ ଖେଳ ପାଇଁ ଏହା ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ବାଳିକା ଓ ବାଳକଙ୍କ ଲାଗି ଦୁଇଟି ପୃଥକ ଏକାଡମୀ ପ୍ରତିଷ୍ଠା କରାଯିବ। ଚୌବେ କହିଛନ୍ତି, ଭାରତ ୧୭ ବର୍ଷରୁ କମ୍ ପରୁଷ ଓ ମହିଳା ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବା ଲାଗି ସ୍ୱପ୍ନ ଦେଖୁଛି। ଏହି ଏକାଡେମୀ ସ୍ୱପ୍ନକୁ ସାକାର କରିବ ବୋଲି ଆଶା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ମଧ୍ୟ ଉପସ୍ଥିତ ଥିଲେ।




ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ